ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, April 10/2025 | Page 16 | ₹ 7.00

୫୧ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 135 | ମୂଲ୍ୟ ₹୭/-



DSPL-22

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
आयुष्मान भारत
PM-JAY

ଓଡ଼ିଶା ଶାସନ



**ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
ଓଡ଼ିଶା ସରକାର



**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ

## ଆସନ୍ତାକାଲି ଠାରୁ ଲାଗୁ ହେବାକୁ ଯାଉଛି

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା

- ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏ.ବି.ପିଏମ୍.ଜେଏ.ୱାଇ - ଜି.ଜେଏ.ୱାଇ କାର୍ଡ଼
- ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ରାଜ୍ୟର ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସେବା
- ଦେଶର ୨୯,000 ରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0045/2425

**ମେ' ୯ରେ ରୁଷିଆ ବିଜୟ ଦିବସ ପରେଡ୍: ଯୋଗଦେବା ପାଇଁ ମୋଦିଙ୍କୁ ନିମନ୍ତ୍ରଣ**

ମସ୍କୋ,୯।୪: ରୁଷିଆରେ ମେ' ୯ରେ ପାଳିତ ହେବାକୁ ଥିବା ୮୦ତମ ବିଜୟ ଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ନିମନ୍ତ୍ରଣ କରିଛି। ଏନେଇ ରୁଷିଆର ବହିର୍ବ୍ୟାପାର ଉପମନ୍ତ୍ରୀ ଆଣ୍ଡ୍ରି ରୁଡେଙ୍କୋ ବୁଧବାର ସୂଚନା ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ୧୯୪୫ ଜାନୁଆରୀରେ ସୋଭିଏଟ୍ ଆର୍ମି ଜର୍ମାନୀ ଉପରେ ଆକ୍ରମଣ କରିଥିଲା। ମେ' ୯ରେ ସୋଭିଏଟ୍ ସଂଘ ବିଜୟ ହାସଲ କରିଥିଲା।





ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ର ଛାତ ଭୁଶୁଡ଼ି ପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



ସମ୍ପର୍କୀୟଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ମହିଳା।

## ନାଇଟ୍ କ୍ଲବ୍ ଛାତ ଭୁଶୁଡ଼ିଲା: ୧୨୪ ମୃତ

ସାଣ୍ଟୋ ଡୋମିଙ୍ଗୋ, ୯।୪

କାରିବିଆନ୍ ଦେଶ ଡୋମିନିକନ୍ ରିପବ୍ଲିକର ରାଜଧାନୀ ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ର ଛାତ ମଙ୍ଗଳବାର ଅଚାନକ ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ରେ ଲାଇଭ୍ ମ୍ୟୁଜିକ ପର୍ଫମାନ୍ସ ଚାଲିଥିଲା, ଫଳରେ ସେଠାରେ ବିରାଟ ଜନସମାଗମ ରହିଥିଲା। ବୁଧବାର ସୁଦ୍ଧା ଏହି ଦୁର୍ଘଟଣାରେ ୧୨୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୫୫ ଜଣ ଅଧିକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜରୁରିକାଳୀନ ଅପରେଶନ ସେଣ୍ଟରର ନିର୍ଦ୍ଦେଶକ ଜୁଆନ୍ ମାନୁଏଲ ମେଣ୍ଡେଜ୍ କହିଛନ୍ତି। ବର୍ତ୍ତମାନ ସୁଦ୍ଧା କେବଳ ୩୨ ମୃତକଙ୍କ ପରିଚୟ ମିଳିପାରିଥିବା ସେ କହିଛନ୍ତି।

# ୨ ମହାଶକ୍ତି ମୁହାଁମୁହିଁ

### ତେଜିଲା ଚାଇନା-ଆମେରିକା ବାଣିଜ୍ୟ ଯୁଦ୍ଧ

ୱାଶିଂଟନ୍/ବେଜିଂ,୯।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠାରୁ ଜାତୀୟ ସ୍ୱାର୍ଥର ଦୁହାଇଦେଇ ନେଇଚାଲିଥିବା ପଦକ୍ଷେପଗୁଡ଼ିକ ମଧ୍ୟରୁ ରେସିପ୍ରୋକାଲ୍ ଟାରିଫ୍ ଅନ୍ୟତମ। ଆମେରିକା ଅନ୍ୟ ଦେଶଗୁଡ଼ିକ ଉପରେ ସ୍ୱଳ୍ପ ଆମଦାନୀ ଶୁଳ୍କ ଲଗାଉଥିବାବେଳେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ଅତ୍ୟଧିକ ଟିକସ କଷୁଥିବାରୁ ଆମେରିକାର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବା ଟ୍ରମ୍ପ୍ ଯୁକ୍ତି ବାଢ଼ିଥିଲେ। ତେବେ ୭୫ ଦେଶ ଉପରେ ଲଗାଇଥିବା ଟାରିଫ୍‌କୁ ସେ ବୁଧବାର ରାତିରେ ୯୦ ଦିନ ପାଇଁ ସ୍ଥଗିତ ରଖିଛନ୍ତି। କିନ୍ତୁ ଚାଇନାରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ବୁଧବାରଠାରୁ ଲାଗୁ ୧୦୪% ଟିକସକୁ ପୁଣି ୧୨୫% ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଅନ୍ୟପକ୍ଷେ ଚାଇନା ସବୁ ପ୍ରକାର ଆମେରିକୀୟ ସାମଗ୍ରୀ ଉପରେ ୮୪% ଟାରିଫ୍ ଘୋଷଣା କରିଛି, ଯାହାକି ଏପ୍ରିଲ ୧୦ ଗୁରୁବାରଠାରୁ ଲାଗୁହେବ। ଚାଇନା ଅଧିକାରୀମାନେ ଏହି ଲଢ଼େଇ ଶେଷ ପର୍ଯ୍ୟନ୍ତ ଲଢ଼ିବା ପାଇଁ ପଣ କରିଛନ୍ତି। ଏତିକି ନୁହେଁ, ଆବଶ୍ୟକ ହେଲେ ଆମେରିକା ବିରୋଧରେ ଆହୁରି କଠୋର ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ଉଭୟ ଦେଶ ପକ୍ଷରୁ ପରସ୍ପର ଉପରେ ଏପରି କାର୍ଯ୍ୟାନୁଷ୍ଠାନ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏଥିଲାଗି ବିଶ୍ୱର ପୁଞ୍ଜିବଜାର ମଧ୍ୟ ଦୋହଲିଯାଇଛି। ଘରୋଇ ହସ୍ତକ୍ଷେପ ଯୋଗୁ ଚାଇନା ବଜାରରେ କିଛିଟା ସ୍ଥିରତା ଦେଖିବାକୁ ମିଳିଥିବା ସତ୍ତ୍ୱେ ଏସିଆ ମାର୍କେଟ ତଳମୁହାଁ ହୋଇ ରହିଛି। ଏଭଳି ସ୍ଥଳେ ପେଟ୍ରୋଲ, ଡିଜେଲର ବୈଶ୍ୱିକ ଚାହିଦା ହ୍ରାସ ପାଇବା ଆଶଙ୍କାରେ ଅଏଲ୍ ପ୍ରାଇସ୍ ୨୦୨୧ ଫେବୃଆରୀ ସ୍ତରକୁ କମିଯାଇଛି।

ଏହି ବାଣିଜ୍ୟିକ ଯୁଦ୍ଧ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକରେ ମାନ୍ଦାବସ୍ଥା ଆସିବା ନେଇ ଭୟ ସୃଷ୍ଟି କରିଛି। ବିଶେଷଜ୍ଞମାନେ ଯୁକ୍ତି ବାଢ଼ିଛନ୍ତି, ଗଭୀର ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ। ଚାଇନାକୁ ସାମଗ୍ରୀ ବ୍ୟବହାର ବୃଦ୍ଧି କରିବାକୁ ପଡ଼ିବ। ସେହିପରି ଆମେରିକାକୁ ମଧ୍ୟ ବର୍ତ୍ତମାନର ବାଣିଜ୍ୟିକ ଅସନ୍ତୁଳନକୁ ଦୂର କରିବାକୁ ପଡ଼ିବ। ତେବେ ଏଭଳି ଢାଞ୍ଚାଗତ ପରିବର୍ତ୍ତନର ସୁଫଳ ମିଳିବା ପାଇଁ ସମୟ ଓ ସମନ୍ୱିତ ସଂସ୍କାର ଲୋଡ଼ା।

ଆମେରିକା ଓ ଚାଇନା ମଧ୍ୟରେ



**ଆମେରିକା ଓ ଚାଇନା ପରସ୍ପର ଉପରେ ଉଚ୍ଚ ଟାରିଫ୍ ଘୋଷଣା କରିବା ପରେ ବାଣିଜ୍ୟ ଯୁଦ୍ଧ ତେଜିଛି। ବାଣିଜ୍ୟିକ କାରବାର କ୍ଷେତ୍ରରେ ଦୁଇ ମହାଶକ୍ତି ମୁହାଁମୁହିଁ ହୋଇଥିବାରୁ ଏହାର ପ୍ରଭାବ ବୈଶ୍ୱିକ ବଜାର ଉପରେ ପଡ଼ିବ ବୋଲି ଅର୍ଥନୀତି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି।**

ବାଣିଜ୍ୟିକ ଯୁଦ୍ଧ ୨୦୧୮ ଜୁଲାଇରେ ଆରମ୍ଭ ହୋଇଥିଲା। ସେତେବେଳେ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଥିଲେ। ଚାଇନା ସାମଗ୍ରୀ ଉପରେ ଟ୍ରମ୍ପ୍ ପ୍ରଶାସନ ୫୫୦ ବିଲିୟନ୍ ଡଲାର ଟାରିଫ୍ କଷିଥିବାବେଳେ ବେଜିଂ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୧୮୫ ବିଲିୟନ୍ ଡଲାର ଶୁଳ୍କ ଲଗାଇଥିଲା। ୨୦୨୦ରେ ଟ୍ରେଡ୍ ଡିଲ୍ ସମ୍ପନ୍ନ ହୋଇଥିଲା। ଜୋ ବାଇଡେନ୍ ପ୍ରଶାସନ ବେଳେ ଦୁଇଦେଶର ସମ୍ପର୍କରେ କିଛିଟା ଉନ୍ନତି ଆସିଥିଲା। ତେବେ ରିପବ୍ଲିକାନ୍ ଟ୍ରମ୍ପ୍ ପୁନଃ ନିର୍ବାଚିତ ହୋଇ ୨୦୨୫ ଜାନୁଆରୀ ୨୦ରେ ଦ୍ୱିତୀୟ ଥର କ୍ଷମତାକୁ ଅସିବା ପରେ ଚାଇନା ସାମଗ୍ରୀ ଉପରେ ୩୪% ଟାରିଫ୍ ଘୋଷଣା କରିଥିଲେ। ଏହାର ଜବାବରେ ଚାଇନା ପ୍ରଥମେ ଆମେରିକା ଉପରେ ୫୦% ଟାରିଫ୍ ଲଗାଇଥିଲା। ଟ୍ରମ୍ପ୍ ଚାଇନା ଉପରେ ଆହୁରି ୫୦% ଟାରିଫ୍ ଲଗାଇବା ପରେ ବେଜିଂ ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ଯାଇ ଅତିରିକ୍ତ ୫୦% ଟାରିଫ୍ ଘୋଷଣା କରିଛି। ୨ ମହାଶକ୍ତିଙ୍କ ଏହି ଯେସାକୁ ତେସା ନୀତିର ଦୁଷ୍ପରିଣାମ ଏବେ ବୈଶ୍ୱିକ ଅର୍ଥନୀତିକୁ ପ୍ରଭାବିତ କରିବା ସହ ଅସ୍ଥିରତା ସୃଷ୍ଟି କରିଛି। ଇତିମଧ୍ୟରେ ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ଚାଇନା ଅଚଳାବସ୍ଥା ଦୂର ପାଇଁ ଆଲୋଚନାର ଟେବୁଲକୁ ଆସିବା ଉଚିତ। ବେଜିଂର ପଦକ୍ଷେପ ଦୁର୍ଭାଗ୍ୟଜନକ। ଟ୍ରେଡ୍ ୱାର୍‌ରେ କେହି ବିଜୟୀ ହୁଅନ୍ତି ନାହିଁ।

## ମିଚେଲଙ୍କ ସହ ଛାଡ଼ପତ୍ର ଗୁଜବ: ମୁହଁ ଖୋଲିଲେ ଓବାମା



ମିଚେଲ ଓବାମାଙ୍କ ସହ ବାରାକ ଓବାମା

ୱାଶିଂଟନ, ୯।୪

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ବୁଧବାର ନ୍ୟୁୟର୍କସ୍ଥିତ ହାମିଲଟନ କଲେଜର ଏକ କାର୍ଯ୍ୟକ୍ରମବେଳେ ସ୍ତ୍ରୀ ମିଚେଲ ଓବାମାଙ୍କ ସହ ନିଜ ସମ୍ପର୍କକୁ ନେଇ ଦୀର୍ଘ ଦିନ ପରେ ପ୍ରଥମଥର ପାଇଁ ଖୋଲାଖୋଲି ଆଲୋଚନା କରିଛନ୍ତି। ଓବାମା କହିଛନ୍ତି, ରାଷ୍ଟ୍ରପତି ଥିବା ସମୟରେ ସ୍ତ୍ରୀ ମିଚେଲଙ୍କ ସହ ତାଙ୍କ ବୈବାହିକ ଜୀବନ ପ୍ରଭାବିତ ହୋଇଥିଲା। ଅନେକ ସମୟରେ ମିଚେଲଙ୍କ ସହ ତାଙ୍କର ମତଭେଦ ହେଉଥିଲା। ତେବେ ସମ୍ପ୍ରତି ହ୍ୱାଇଟ ହାଉସରୁ ବାହାରେ ରହିବା ନିଶ୍ଚିତ ଭାବେ ତାଙ୍କ ବୈବାହିକ ସମ୍ପର୍କକୁ ଦୃଢ଼ କରିବାରେ ସାହାଯ୍ୟ କରିଛି। ହାମିଲଟନ କଲେଜର ଅଧ୍ୟକ୍ଷ ଷ୍ଟିଭେନ ଟେପରଙ୍କୁ ସାକ୍ଷାତ ଦେଇ ଓବାମା କହିଛନ୍ତି, ବର୍ତ୍ତମାନ ସେ ସକ୍ରିୟ ଭାବେ ମିଚେଲଙ୍କ ସହ ଅଧିକ ସମୟ ବିତାଇବା ପାଇଁ ପ୍ରୟାସ କରୁଛନ୍ତି। ତାଙ୍କର ୩୨ ବର୍ଷର ବୈବାହିକ ଜୀବନରେ ନିଶ୍ଚିତ ଭାବେ ଅନେକ ବାଧା ସୃଷ୍ଟି ହୋଇଛି, ଯାହାକୁ ଦୂର କରିବା ପାଇଁ ସମ୍ପ୍ରତି ସେ ପ୍ରୟାସ କରୁଛନ୍ତି ବୋଲି ଓବାମା କହିଛନ୍ତି। ଅନ୍ୟପକ୍ଷରେ, ଓବାମାଙ୍କ ସହ ତାଙ୍କ ଛାଡ଼ପତ୍ର ଖବରକୁ ବୁଧବାର ଏକ ପୋଡ୍‌କାଷ୍ଟରେ ମିଚେଲ ଓବାମା ଖଣ୍ଡନ କରିଛନ୍ତି। ମହିଳାଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ନିର୍ଣ୍ଣୟ ନେବାକୁ ନେଇ ସମାଜର ଅସହଜତାକୁ ଏହି ଗୁଜବ ପ୍ରକାଶ କରୁଛି ବୋଲି କହିଛନ୍ତି। ଗତ କିଛି ମାସ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଉତ୍ସବ, ପୂର୍ବତନ ରାଷ୍ଟ୍ରପତି ଜମି କାର୍ଟରଙ୍କ ଅନ୍ତିମ ସଂସ୍କାର କାର୍ଯକ୍ରମ ପରି କେତେକ ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟରେ ସେ ଓବାମାଙ୍କ ସହ ନଜରକୁ ଆସି ନ ଥିଲେ, ଫଳରେ ଏହି ଛାଡ଼ପତ୍ର ଗୁଜବ ସୃଷ୍ଟି ହୋଇଥିବା ମିଚେଲ କହିଛନ୍ତି।

## ବିମାନରେ ସହଯାତ୍ରୀଙ୍କ ଉପରେ ପରିସ୍ରା କଲେ

ନୂଆଦିଲ୍ଲୀ, ୯।୪

ଦିଲ୍ଲୀ–ବ୍ୟାଙ୍କକ୍ ଏୟାର ଇଣ୍ଡିଆ ଫ୍ଲାଇଟ୍‌ରେ ବୁଧବାର ଏକ ଅଦ୍ଭୁତ ଏବଂ ଲଜ୍ଜାଜନକ ଘଟଣା ଘଟିଛି। ଚଳନ୍ତା ବିମାନରେ ଜଣେ ଭାରତୀୟ ଯାତ୍ରୀ ନିଜ ସହଯାତ୍ରୀଙ୍କ ଉପରେ ପରିସ୍ରା କରିଛନ୍ତି। ଏୟାର ଇଣ୍ଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏୟାର ଇଣ୍ଡିଆର ବିମାନ ସଂଖ୍ୟା ଏଆଇ ୨୩୩୬ରେ ତୁଷାର ମସନ୍ଦ (୨୪) ନାମକ ଜଣେ ବ୍ୟକ୍ତି ମଦ୍ୟପାନ କରି ନିଶାରେ ଥିଲେ ଏବଂ ବିମାନରେ ନିଜର ଜଣେ ସହଯାତ୍ରୀ ତଥା ଏକ ବହୁରାଷ୍ଟ୍ରୀୟ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କ ଉପରେ ପରିସ୍ରା କରିଛନ୍ତି। ଘଟଣାକୁ କେନ୍ଦ୍ର କରି ଏୟାର ଇଣ୍ଡିଆ ପକ୍ଷରୁ ତୁଷାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ୩୦ ଦିନ ପାଇଁ ନୋ ଫ୍ଲାଏ ତାଲିକାରେ ରଖାଯାଇଛି। ତୁଷାର ବିମାନର ୨ଡି ସିଟ୍‌ରେ ବସିଥିଲେ। ଘଟଣା ସମ୍ପର୍କରେ ଏୟାର ଇଣ୍ଡିଆ ପକ୍ଷରୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ସୂଚିତ କରାଯାଇଛି।

## ୬%କୁ ଖସିଲା ରେପୋ ରେଟ୍

### କମିବ ଇଏମ୍ଆଇ, ଶସ୍ତା ହେବ ଗୃହଋଣ

ମୁମ୍ବାଇ,୯।୪

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବୁଧବାର ରେପୋ ରେଟ୍ (କମର୍ସିଆଲ ବ୍ୟାଙ୍କଗୁଡ଼ିକୁ ପ୍ରଦାନ କରାଯାଉଥିବା ଋଣ ଉପରେ ସୁଧ)ରେ ୦.୨୫% ଅର୍ଥାତ୍ ୨୫ ବେସିସ୍ ପଏଣ୍ଟସ (ବିପିଏସ୍) ହ୍ରାସ କରିଛି। ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ସର୍ବସମ୍ମତି କ୍ରମେ ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଛନ୍ତି। ଫଳରେ ବର୍ତ୍ତମାନ ରେପୋ ରେଟ୍ ୬.୨୫ ପ୍ରତିଶତରୁ ୬%କୁ ଖସିଆସିଛି। ରେପୋ ରେଟ୍‌ରେ ହ୍ରାସ ଘଟିବା ପରେ ଏଣିକି ସହଜ ମାସିକ କିସ୍ତି (ଇଏମ୍ଆଇ) ସମେତ ଗୃହ, କାର୍ ଓ ଅନ୍ୟ ସାମଗ୍ରୀଗୁଡ଼ିକ ପାଇଁ ନିଆଯାଇଥିବା ଋଣ ଉପରେ ସୁଧ କମିଯିବ। ଏଥିଯୋଗୁ ବ୍ୟାଙ୍କଗୁଡ଼ିକଠାରୁ ଋଣଗ୍ରହୀତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ଅନେକ ଏମ୍‌ପିସି ବୈଠକରେ ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବା ପରେ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଶେଷରେ ଗତ ଫେବୃଆରୀରେ ୨୫ ବିପିଏସ୍ ହ୍ରାସ କରିଥିଲା। ୩ ଦିନ ଧରି ଚାଲିଥିବା ସଦ୍ୟ ଏମ୍‌ପିସି ବୈଠକ ବୁଧବାର ଶେଷ ହେବା ପରେ ଏଥିରେ ଆହୁରି ୨୫ ବିପିଏସ୍ ହ୍ରାସ କରାଯାଇଥିବା ଗଭର୍ନର ମାଲହୋତ୍ରା କହିଛନ୍ତି। ବୈଶ୍ୱିକ ଅନିଶ୍ଚିତତାକୁ ନେଇ ମୁଦ୍ରାସ୍ଫୀତିଜନିତ ରିସ୍କ ଉପରେ ଆର୍‌ବିଆଇର ନଜର ରହିଛି। ଘରୋଇ ଅଭିବୃଦ୍ଧି ଉପରେ ଉଚ୍ଚ ଟାରିଫ୍‌ର ସମ୍ଭାବ୍ୟ ପ୍ରଭାବକୁ ମଧ୍ୟ ଅନୁଧ୍ୟାନ କରାଯାଉଛି। ତେବେ ଆମେରିକା ପ୍ରଶାସନ ସହ ଭାରତ ଅତ୍ୟନ୍ତ ତତ୍ପରତା ସହ ଆଲୋଚନା କରୁଛି ବୋଲି ଗଭର୍ନର ସୂଚନା ଦେଇଛନ୍ତି। ଚଳିତ ଆର୍ଥିକବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଆକଳନରେ ୨୦ ବିପିଏସ୍ କମ୍ କରାଯାଇଛି। ବାସ୍ତବ ଜିଡିପି ୬.୫% ରହିବା ଅନୁମାନ କରାଯାଉଛି।

ମନେକରାଯାଉ, ଜଣେ ବ୍ୟକ୍ତି ୮.୨୫% ସୁଧ ହାରରେ ୫୦ ଲକ୍ଷ ଟଙ୍କାର ଗୃହଋଣ ନେଇଥିଲେ। ଫେବୃଆରୀର ରେପୋ ରେଟ୍ ହ୍ରାସ ପରେ ତାଙ୍କୁ ୨୦ ବର୍ଷ ପର୍ଯ୍ୟନ୍ତ ଶୁଝିବାକୁ ଅଛି। ଏପ୍ରିଲର ରେଟ୍ କଟ୍ ପରେ ତାଙ୍କ ଋଣ ଉପରେ ସୁଧ ୮ ପ୍ରତିଶତକୁ ଖସିଆସିବ। ପୂର୍ବରୁ ସେ ୪୨,୬୦୩ ଟଙ୍କା ଇଏମ୍ଆଇ ଦେଉଥିଲେ ଏବେ ୪୧,୮୨୬ ଟଙ୍କା ଦେବାକୁ ପଡ଼ିବ। ଅର୍ଥାତ୍ ଋଣଗ୍ରହୀତା ମାସକୁ ୭୭୭ ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହେବେ।

## ବାଂଲାଦେଶକୁ ଟ୍ରାନ୍ସଶିପ୍‌ମେଣ୍ଟ ସୁବିଧା ବନ୍ଦ କଲା ଭାରତ

ନୂଆଦିଲ୍ଲୀ, ୯।୪

ବାଂଲାଦେଶକୁ ଦିଆଯାଉଥିବା ଟ୍ରାନ୍ସଶିପ୍‌ମେଣ୍ଟ ସୁବିଧାକୁ ବୁଧବାର ଭାରତ ବନ୍ଦ କରିଛି। ଏହାଦ୍ୱାରା ଭୁଟାନ, ନେପାଳ ଏବଂ ମ୍ୟାନ୍‌ମାର ସହ ବାଂଲାଦେଶର ବାଣିଜ୍ୟିକ ସମ୍ପର୍କ ବହୁଳ ଭାବେ ପ୍ରଭାବିତ ହେବ। ଭାରତୀୟ ସୀମା ଶୁଳ୍କ ବିଭାଗ ପକ୍ଷରୁ ଏନେଇ ଏକ ସର୍କୁଲାର ଜାରି କରାଯାଇଛି। ୨୦୨୦ରୁ ଭାରତ ପକ୍ଷରୁ ବାଂଲାଦେଶକୁ ପ୍ରଦାନ କରାଯାଉଥିବା ଏହି ସୁବିଧା ଅନୁଯାୟୀ, ବାଂଲାଦେଶରୁ ଆସୁଥିବା ସାମଗ୍ରୀଗୁଡ଼ିକ ଭାରତର ବିଭିନ୍ନ ବିମାନବନ୍ଦର ଏବଂ ବନ୍ଦର ଦେଇ ଅନ୍ୟ ଦେଶକୁ ପଠାଯାଇ ପାରୁଥିଲା। ଏହି ନିଷ୍ପତ୍ତି ପରେ ଭାରତ, ବାଂଲାଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ ହେବ ବୋଲି ଆଶଙ୍କା କରାଯାଉଛି।

## କେନ୍ଦ୍ରମନ୍ତ୍ରୀ ମାଝିଙ୍କ ନାତୁଣୀଙ୍କୁ ଗୁଳିକରି ହତ୍ୟାକଲେ ସ୍ୱାମୀ

ପାଟନା, ୯।୪

ପରକୀୟା ପ୍ରୀତିକୁ କେନ୍ଦ୍ରକରି କେନ୍ଦ୍ର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଝିଙ୍କ ନାତୁଣୀ ସୁଷମା ଦେବୀଙ୍କୁ ବୁଧବାର ତାଙ୍କ ସ୍ୱାମୀ ରମେଶ ଯାଦବ ଗୁଳିକରି ହତ୍ୟା କରିଛନ୍ତି। ଗୟା ଜିଲାର ଅତ୍ରୀ ବ୍ଲକ୍‌ରେ ସୁଷମା ବିକାଶ ମିତ୍ର ଭାବେ କାର୍ଯ୍ୟରତ ଥିଲେ। ସେହିପରି ତାଙ୍କ ସ୍ୱାମୀ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳେ ରମେଶଙ୍କ ଗୟା ଜିଲା ଟେଟୁଆ ଗ୍ରାମସ୍ଥିତ ଘରେ ପରକୀୟା ପ୍ରୀତିକୁ କେନ୍ଦ୍ରକରି ଏହି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ବଢ଼ିବାରୁ ରମେଶ ସୁଷମାଙ୍କୁ ଗୁଳିକରିବା ସହ ଘରୁ ଫେରାର୍ ହୋଇଯାଇଥିଲେ। ଗୁଳିଚାଳନା ସମୟରେ ସୁଷମାଙ୍କ ପିଲାଙ୍କ ସହ ତାଙ୍କ ଭଉଣୀ ପୁନମ ଘରର ଅନ୍ୟ ଏକ ବଖରାରେ ଥିଲେ। ଘଟଣାସ୍ଥଳରେ ସୁଷମାଙ୍କ ମୃତ୍ୟୁ ଘଟିଥିଲା। ପୋଲିସର ତଦନ୍ତ ଜାରି ରହିଛି। ସୁଷମାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତ ରମେଶଙ୍କୁ ଧରିବା ପାଇଁ ଏକ ସ୍ୱେଶାଲ ପୋଲିସ ଟିମ୍ ଗଠନ କରାଯାଇଛି ବୋଲି ଗୟାର ବରିଷ୍ଠ ଆରକ୍ଷୀ ଅଧୀକ୍ଷକ ଆନନ୍ଦ କୁମାର ସୂଚନା ଦେଇଛନ୍ତି। ଉଭୟ ସୁଷମା ଓ ରମେଶ ଅଲଗା ଜାତିର ହୋଇଥିବାବେଳେ ୧୪ ବର୍ଷ ତଳେ ସେମାନଙ୍କର ବିବାହ ହୋଇଥିବା ଆନନ୍ଦ କହିଛନ୍ତି। ତେବେ ଏହି ହତ୍ୟାକାଣ୍ଡକୁ ନେଇ କେନ୍ଦ୍ରମନ୍ତ୍ରୀ ମାଝିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଫ୍ରାନ୍ସରୁ ୨୬ ରାଫେଲ ଜେଟ୍ କିଣିବ ଭାରତ

ନୂଆଦିଲ୍ଲୀ, ୯।୪

ଭାରତ ଫ୍ରାନ୍ସରୁ ୨୬ଟି ରାଫେଲ ଫାଇଟର ଜେଟ୍ କିଣିବାକୁ ଯାଉଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ କମିଟି ଅନ୍ ସିକ୍ୟୁରିଟି (ସିସିଏସ୍) ଏସମ୍ପର୍କିତ ଏକ ଚୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ଉକ୍ତ ଚୁକ୍ତି ଅନୁଯାୟୀ, ଭାରତ ୬୪ ହଜାର କୋଟି ଟଙ୍କା ମୂଲ୍ୟରେ ୨୬ଟି ନାଭାଲ ରାଫେଲ ଫାଇଟର ଜେଟ୍ କିଣିବ, ଯାହାଫଳରେ ଫ୍ରାନ୍ସ ଭାରତୀୟ ନୌସେନାକୁ ୨୨ଟି ସିଙ୍ଗଲ ସିଟର ଏବଂ ୪ଟି ଟୁଇନ୍ ସିଟର ଜେଟ ହସ୍ତାନ୍ତର କରିବ।

## ଭାରତକୁ ମାଡ଼ିଆସୁଛି ଆର୍ଥିକ ଝଡ଼: ରାହୁଲ

ଅହମଦାବାଦ,୯।୪

ଭାରତକୁ ଏକ ଆର୍ଥିକ ଝଡ଼ ମାଡ଼ିଆସୁଛି ବୋଲି ଅହମଦାବାଦରେ ଚାଲିଥିବା ଏଆଇସିସି ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତର୍କ କରାଇଛନ୍ତି। ଆମେରିକା ପକ୍ଷରୁ ଭାରତ ଉପରେ



ରାହୁଲ ଗାନ୍ଧୀ

ଲଗାଯାଇଥିବା ଉଚ୍ଚ ଟାରିଫ୍ ପ୍ରସଙ୍ଗରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ମୋଦି ବନ୍ଧୁ ବୋଲି କହୁଛନ୍ତି। ମୋଦିଙ୍କ ଆମେରିକା ଗସ୍ତବେଳେ ଟ୍ରମ୍ପ୍‌ଙ୍କୁ ସେ ଆଲିଙ୍ଗନ କରିବା ସମୟରେ ଫଟୋ କେହି ଦେଖିଛନ୍ତି ? ଟ୍ରମ୍ପ୍ ମୋଦିଙ୍କୁ କହିଥିଲେ, ଏଥର ଆଲିଙ୍ଗନ ନୁହେଁ, ନୂଆ ଟାରିଫ୍ ଜାରି କରିବି। କିନ୍ତୁ ମୋଦିଙ୍କ ପାଟିରୁ ଗୋଟିଏ ବି ଶବ୍ଦ ବାହାରି ନ ଥିଲା। ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସଂସଦରେ ୨ ଦିନ ଧରି ନାଟକ ଚାଲିଥିଲା। ବାସ୍ତବ କଥା ହେଉଛି ଏକ ଆର୍ଥିକ ଝଡ଼ ଭାରତ ଉପରେ ମାଡ଼ିଆସୁଛି ବୋଲି ରାହୁଲ କହିଛନ୍ତି।

## ଇଣ୍ଡୋନେସିଆର ରାଜଧାନୀ ପରିକଳ୍ପନାକୁ ମୂଷା ବିପଦ





ନୁସ୍‌ନ୍ତାରା, ୯।୪

ବୋର୍ଣିଓ ଦ୍ୱୀପର ପୂର୍ବ ଉପକୂଳରେ ଥିବା ନୁସ୍‌ନ୍ତାରା ସହରକୁ ଇଣ୍ଡୋନେସିଆ ନିଜ ଭବିଷ୍ୟତର ରାଜଧାନୀ ଭାବେ ଗଢ଼ି ତୋଳିବାକୁ ପ୍ରୟାସ କରୁଛି। ତେବେ ସମ୍ପ୍ରତି ନୁସ୍‌ନ୍ତାରା ସହରକୁ ମୂଷା ବିପଦ ଘାରିଥିବାର ରିପୋର୍ଟ ପ୍ରକାଶ ପାଇଛି।

ନୁସ୍‌ନ୍ତାରା ରାଜଧାନୀ ପରିକଳ୍ପନା ପ୍ରାଧିକରଣର ଡେପୁଟି ମ୍ୟାନେଜର ଥୋମସ ଉମ୍ବୁ ପତି ତେନା କହିଛନ୍ତି, ନୁସ୍‌ନ୍ତାରାରେ ମୂଷାଙ୍କ ପ୍ରକୋପ ବଢ଼ୁଥିବା ନେଇ ଅଧିକାରୀମାନେ ସଚେତନ ଅଛନ୍ତି ଏବଂ ସେମାନେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଭବିଷ୍ୟତର ଇଣ୍ଡୋନେସିଆ ରାଜଧାନୀକୁ ମୂଷାଙ୍କ ଦାଉରୁ ରକ୍ଷା କରିବା ପାଇଁ ସ୍ଥାନୀୟ ଅଧିକାରୀମାନେ ନୁସ୍‌ନ୍ତାରା ସହରର ମୁଖ୍ୟ ସରକାରୀ ଅଞ୍ଚଳରେ ଶତାଧିକ ଯନ୍ତା ବସାଇଛନ୍ତି।

କିଛିଦିନ ତଳେ ଇଦ୍ ଛୁଟିରେ ଇଣ୍ଡୋନେସିଆର ବିଭିନ୍ନ ସ୍ଥାନ ସମେତ ବାହାର ଦେଶର ପର୍ଯ୍ୟଟକମାନେ ନୁସ୍‌ନ୍ତାରାକୁ ଭ୍ରମଣ ପାଇଁ ଆସିଥିବା ବେଳେ ସହରରେ ମୂଷାଙ୍କ ପ୍ରକୋପ ସାମାନ୍ୟଠାରୁ ଅଧିକ ଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଥୋମସ କହିଛନ୍ତି, ନୁସ୍‌ନ୍ତାରା ରାଜଧାନୀ ପ୍ରକଳ୍ପର ଅଧିକାଂଶ ଅଞ୍ଚଳ ପୂର୍ବରୁ ଜଙ୍ଗଲ ସହ ପାହାଡ଼ିଆ ଅଞ୍ଚଳ ଥିଲା। ସେତେବେଳେ ଏହି ଜଙ୍ଗଲ ଭୂମିରେ ମୂଷାଙ୍କ ଅନେକ ବସା ରହିଥିଲା। ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ବିଷ ଏବଂ ଯନ୍ତା ପକାଇ ସାରିଛନ୍ତି। ସେହିପରି ଖୁବ୍‌ଶୀଘ୍ର ସ୍ଥାନୀୟ ସ୍ୱାସ୍ଥ୍ୟ ଟିମ୍ ସହରରେ ଅଧିକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ।

# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ | Bhubaneswar, Thursday, April 10/2025 | ପୃଷ୍ଠା-୧




## 'ଫୁଲେ' ଫିଲ୍ମକୁ ନେଇ ବିବାଦ

ଅଭିନେତା ପ୍ରତୀକ ଗାନ୍ଧୀ ଓ ଅଭିନେତ୍ରୀ ପତ୍ରଲେଖାଙ୍କର ଫିଲ୍ମ 'ଫୁଲେ'କୁ ନେଇ ବିବାଦ ଦେଖାଦେବାରୁ ଏହାର ରିଲିଜ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

୦୨

୧୪

## ଅପରାଜିତା ମହିଳା ଫେୟାର ପ୍ଲେ ଏକ୍ସପର୍ଟ

ଫିଡେ ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଛିକାରଙ୍କୁ ସମ୍ମାନଜନକ ଫେୟାର ପ୍ଲେ ଏକ୍ସପର୍ଟ ଉପାଧିରେ ସମ୍ମାନିତ କରାଯାଇଛି।



# ତହଉର ରାଣାଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

## ଆଜି ଭାରତରେ ପହଞ୍ଚିପାରନ୍ତି

ନୂଆଦିଲ୍ଲୀ,୯।୪

୨୦୦୮ ମୁମ୍ବାଇ ଆକ୍ରମଣର ଅନ୍ୟତମ ମାଷ୍ଟରମାଇଣ୍ଡ ତହଉର ହୁସେନ୍ ରାଣାଙ୍କ ସବୁ ପ୍ରକାର ଆଇନଗତ ବିକଳ୍ପ ଶେଷ ହୋଇଯିବା ପରେ ଆମେରିକା ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିଛି। ରାଣାଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଭାରତକୁ ଅଣାଯାଉଛି। ବିମାନଟି ମଝିରେ ଇନ୍ଧନ ଭର୍ତ୍ତି କରିବାକୁ ଥିବାରୁ ଗୁରୁବାର ସକାଳେ ଭାରତରେ ଅବତରଣ କରିପାରେ ବୋଲି କୁହାଯାଉଛି। ରାଣାଙ୍କ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଆମେରିକାର ପ୍ରଧାନ ବିଚାରପତି ସୋମବାର ମନା କରିଦେଇଥିଲେ। ଏହା ପୂର୍ବରୁ ମଧ୍ୟ ସେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସତୀତ୍ୱର ବହ୍ନି**



ଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବାବେଳେ ତାତିରୁ ବର୍ତ୍ତିବା ପାଇଁ ଜଣେ ବାଳକ ଯମୁନା ନଦୀ କୂଳରେ ନିଜ ଦେହରେ କାଦୁଅ ବୋଳି ହୋଇଛନ୍ତି। (ଫଟୋ-ଗାର୍ଡିଆନ୍)

# ପାଲଟା ଶୁଳ୍କ ୩ ମାସ ସ୍ଥଗିତ

## ଚାଇନା ଉପରେ ୧୨୫% ଟାରିଫ୍

ୱାଶିଂଟନ୍,୯।୪(ଏପି/ରଏଟର୍ସ)

ଉଚ୍ଚ ଟାରିଫ୍ ଯୋଗୁ ବିଶ୍ୱ ବଜାରରେ ଅଚଳାବସ୍ଥାକୁ ଦେଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ବିଭିନ୍ନ ରାଷ୍ଟ୍ର ଉପରେ ଟ୍ରମ୍ପ୍ ଲଗାଇଥିବା ରେସିପ୍ରୋକାଲ ଟାରିଫ୍ (ପାଲଟା ଶୁଳ୍କ)କୁ ୩ ମାସ ସ୍ଥଗିତ ରଖିଛନ୍ତି। ତେବେ ବେଜିଂ କ୍ଷେତ୍ରରେ ସେ ନଇଁବା ପରିବର୍ତ୍ତେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ୧୨୫% ଆମଦାନୀ ଶୁଳ୍କ କଷିଛନ୍ତି। ଫଳରେ ବିଶ୍ୱର ସବୁଠୁ ବଡ଼ ୨ ମହାଶକ୍ତି ବସ୍ତୁତଃ 'ଟ୍ରେଡ୍ ୱାର'ରେ ସାମ୍ନାସାମ୍ନି ହୋଇଛନ୍ତି।

ଆମେରିକା ଓ ଅବଶିଷ୍ଟ ବିଶ୍ୱର ଅଧିକାଂଶ ଭାଗ ମଧ୍ୟରେ ସୃଷ୍ଟ ଅଭୂତପୂର୍ବ ବାଣିଜ୍ୟିକ ଯୁଦ୍ଧକୁ ସାମୟିକ ବିରତି ଦେବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ପଦକ୍ଷେପ ଉଦ୍ଦିଷ୍ଟ ବୋଲି ମନେକରାଯାଉଛି। ଟ୍ରମ୍ପଙ୍କ ଘୋଷଣା ପରେ ଏସ୍‌ଆଣ୍ଡପି ୫୦୦ ଷ୍ଟକ୍ ଇଣ୍ଡେକ୍ସ ପ୍ରାୟ ୭% ଉପରକୁ ଉଠିଥିଲା। କିନ୍ତୁ ଅଣଚାଇନା ବାଣିଜ୍ୟିକ ସହଯୋଗୀଙ୍କ ପୁଞ୍ଜି ବଜାରରେ ଏହାର ତତ୍କାଳ ପ୍ରଭାବର



ଡୋନାଲ୍ଡ ଟ୍ରମ୍ପ୍

ସବିଶେଷ ତଥ୍ୟ ମିଳିପାରି ନାହିଁ।

ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଲେଖିଛନ୍ତି, ରେସିପ୍ରୋକାଲ ଟାରିଫ୍ ଘୋଷଣା ପରଠୁ ୭୫ରୁ ଅଧିକ ଦେଶ ଆମେରିକା ସରକାର ସହ ବାଣିଜ୍ୟିକ ଆଲୋଚନା ପାଇଁ ହ୍ୱାଇଟ୍ ହାଉସ୍ ସହିତ ଯୋଗାଯୋଗ କରିସାରିଛନ୍ତି। ଏହି ଦେଶଗୁଡ଼ିକ ଆମେରିକା ଉପରେ ଅତିରିକ୍ତ ଟିକସ କଷିନାହାନ୍ତି। ତେଣୁ ୯୦ ଦିନ ପାଇଁ ଟାରିଫ୍‌କୁ ସ୍ଥଗିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଅବଧି ମଧ୍ୟରେ ମାତ୍ର ୧୦% ରେସିପ୍ରୋକାଲ ଟାରିଫ୍ ଲାଗୁହେବ। ☞ପୃଷ୍ଠା-୨

# ଆଧାର: ପୁଣି ନୂଆ ଆପ୍

ଡିଜିଟାଲ ସୁବିଧା ଏବଂ ବ୍ୟକ୍ତିଗତ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଆଧାରର ଏକ ନୂଆ ଆପ୍ ଉନ୍ମୋଚନ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଇବା ଲାଗି ଏବେ ଆଉ ପୂର୍ବଭଳି ପ୍ରତ୍ୟେକ ସ୍ଥାନରେ ଆଧାର କାର୍ଡ କିମ୍ବା ଏହାର ଫଟୋ କପି ଆବଶ୍ୟକ ପଡ଼ିବ ନାହିଁ। କିନ୍ତୁ ଏଥିରେ ଫେସିଆଲ୍ ରେକଗ୍ନିଶନ(ବ୍ୟକ୍ତିଙ୍କ ମୁହଁକୁ ସ୍କାନ୍ କରି ପରିଚୟ ଚିହ୍ନଟ) ବୈଶିଷ୍ଟ୍ୟକୁ ସଂଲଗ୍ନ କରାଯାଇଛି। ଡିଜିଟାଲ୍ ଭେରିଫିକେଶନ ଜରିଆରେ ସୁବିଧା ହାସଲ ପାଇଁ ୟୁପିଆଇ ଏବଂ ଅନ୍ୟ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ ଭଳି ଆଧାର ଆପ୍‌କୁ ମୋବାଇଲ ଫୋନ୍‌ରେ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଫଳରେ ଏଥିରେ ମିଳିବାକୁ ଥିବା କ୍ୟୁଆର୍ କୋଡ୍ ସାହାଯ୍ୟରେ ଜଣେ ବ୍ୟକ୍ତି ହୋଟେଲ, ଦୋକାନ, ବିମାନବନ୍ଦର ଏବଂ ଅନ୍ୟାନ୍ୟ ଆଧାର ଯାଞ୍ଚ ସ୍ଥାନରେ ସହଜରେ ତଥ୍ୟ ପ୍ରଦାନ କରିପାରିବେ ବୋଲି କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ନୂଆ ଆପ୍ ଦ୍ୱାରା ଲୋକମାନଙ୍କ ବ୍ୟକ୍ତିଗତ ତଥ୍ୟ ଅଧିକ ସୁରକ୍ଷିତ ହେବା ସହ ଡକ୍ୟୁମେଣ୍ଟ ଜାଲିଆତିକୁ ରୋକାଯାଇ ପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହାର କାର୍ଯ୍ୟକାରିତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଡାର୍କୱେବ ସମେତ ବେଆଇନ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ କେତେକ ୱେବ୍‌ସାଇଟରେ କାର୍ଡଧାରୀଙ୍କ ଠିକଣା, ଜନ୍ମ ତାରିଖ ଭଳି ବ୍ୟକ୍ତିଗତ ସୂଚନା ଉପଲବ୍ଧ ହୋଇଥିବାରୁ ନୂଆ ଆପ୍‌ରେ ଲୋକଙ୍କ ପ୍ରିଭେସି କେତେ ସୁରକ୍ଷିତ, ସେନେଇ ପ୍ରଶ୍ନ ଉଠିଲାଣି।



- **ଆବଶ୍ୟକ ହେବନାହିଁ କାର୍ଡ**
- **ଫେସିଆଲ୍ ରେକଗ୍ନିଶନ, କ୍ୟୁଆର୍ କୋଡ୍‌ରେ ହେବ ଯାଞ୍ଚ**

ଭୁବନେଶ୍ୱର,୯।୪ (ଅନୁରାଧା ମହାରଣା)

ବର୍ତ୍ତମାନ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ଆଧାର କାର୍ଡ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ଏହାର ବ୍ୟବହାରକୁ ସହଜ ଏବଂ ଅଧିକ ପ୍ରଭାବଶାଳୀ କରିବାକୁ ସରକାର ଏକ ନୂତନ ବୈଶିଷ୍ଟ୍ୟ ଆରମ୍ଭ କରିଛନ୍ତି। ଡିଜିଟାଲାଇଜେଶନ ଦିଗରେ ଏହା ଏକ ବଡ଼ ପଦକ୍ଷେପ। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଫେସ୍ ଆଇଡି ପ୍ରାମାଣିକୀକରଣ ବୈଶିଷ୍ଟ୍ୟଯୁକ୍ତ ବା ଫେସ୍ ରେକଗ୍ନିଶନ ନାମରେ ଏକ ନୂତନ ଆଧାର କାର୍ଡ ଆପ୍ ଲଞ୍ଚ କରିଛନ୍ତି। ଏହା ସାହାଯ୍ୟରେ ହୋଟେଲ କିମ୍ବା ବିମାନବନ୍ଦରରେ ପ୍ରବେଶ କରିବା ସମୟରେ ଆଧାର କାର୍ଡର ସଫ୍ଟ କିମ୍ବା ହାର୍ଡ କପି ପ୍ରଦାନ କରିବାର କୌଣସି ଆବଶ୍ୟକତା ନାହିଁ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ) ଏହି ନୂତନ ଆଧାର ଆପ୍ ବିକଶିତ କରିଛି, ଯାହା ବର୍ତ୍ତମାନ ବିଟା ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏହା ସଫଳ ହେଲେ ଲୋକମାନେ ଆଧାର କାର୍ଡ ପାଖରେ ରଖିବା ଆବଶ୍ୟକ ହେବ ନାହିଁ। କ୍ୟୁଆର୍‌କୋଡ୍ ଏବଂ ଫେସ୍ ଆଇଡି ମାଧ୍ୟମରେ ଯାଞ୍ଚ ପ୍ରକ୍ରିୟା କିଛି ମିନିଟରେ ଶେଷ ହେବ। ଆପ୍‌ର ସୁରକ୍ଷା ଏବଂ ଗୋପନୀୟତା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ସାହାଯ୍ୟ ନିଆଯାଉଛି। ଏହି ନୂତନ ଆଧାର ଆପରେ ଗୋପନୀୟତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ହେଉଛି ବ୍ୟକ୍ତିଗତ ବିବରଣୀଗୁଡ଼ିକର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବହାରକାରୀଙ୍କ ହାତରେ ରହିବ। ଯେହେତୁ ଆପ୍‌ରେ ଡେଟା ଅଂଶୀଦାର ପାଇଁ ଉପଭୋକ୍ତାଙ୍କ ସମ୍ମତି ଆବଶ୍ୟକ ହେବ, ତଥାପି ଗୋପନୀୟତା ମଧ୍ୟ ବଜାୟ ରହିବ। ଫେସ୍ ଆଇଡି ପ୍ରାମାଣୀକରଣ ହେତୁ ଆଧାର ଯାଞ୍ଚ ବର୍ତ୍ତମାନ କେବଳ ଚେହେରା ମାଧ୍ୟମରେ କରାଯିବ। ଏହି ପ୍ରକ୍ରିୟା ୟୁପିଆଇ କାରବାର ପରି ସହଜ ହେବ। ୟୁଡିଆଇ ଦାବି କରିଛି ଯେ, ଏହା ୧୦୦% ଡିଜିଟାଲ ଏବଂ ସୁରକ୍ଷିତ ଥିବାରୁ ଏଥିରେ ଥିବା ତଥ୍ୟକୁ ଟାମ୍ପରିଂ କରାଯାଇପାରିବ ନାହିଁ। ଏହା ତଥ୍ୟ ଲିକ୍ କରିବ ନାହିଁ କିମ୍ବା ଏହାର ଅପବ୍ୟବହାର ହେବାକୁ ଦେବ ନାହିଁ। ଫଟୋଶପ୍ ଭଳି ଅପବ୍ୟବହାର ମଧ୍ୟ ହେବାକୁ ଦେବ ନାହିଁ ବୋଲି ମନ୍ତ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଅପରପକ୍ଷରେ ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀଙ୍କ କହିବାନୁସାରେ, ମଣିଷ ଯେତେ ଡିଜିଟାଇଜେଶନ୍ ଯୁଗକୁ ପ୍ରବେଶ କରୁଛି, ସେମାନଙ୍କ ଗୋପନୀୟତା କିଛି ନା କିଛି ମାତ୍ରାରେ ଅସୁରକ୍ଷିତ ହେଉଛି। ଅନ୍ୟ ଆପ୍ ଭଳି ଆଧାର ଆପ୍‌ରେ ମଧ୍ୟ ବ୍ୟବହାରକାରୀ ସତର୍କ ରହିବା ଉଚିତ୍। ଆଧାର ☞ପୃଷ୍ଠା-୨

# ପାଣ୍ଡିଆନଙ୍କ ପାଇଁ ବାହାରିଲେ ନବୀନ

ଭୁବନେଶ୍ୱର, ୯।୪ (ରବିନାରାୟଣ ଜେନା)

ୱାକ୍‌ଫ ବିଲ୍‌କୁ ନେଇ ବିଜେଡିରେ ସୃଷ୍ଟି ହୋଇଥିବା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଦଳର ସଭାପତି ନବୀନ ପଟ୍ଟନାୟକ ବୁଧବାର ଭି.କେ. ପାଣ୍ଡିଆନଙ୍କ ସପକ୍ଷରେ ପୁଣି ବାହାରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ମତ ରଖି ନବୀନ କହିଛନ୍ତି, ପାଣ୍ଡିଆନ୍ ରାଜ୍ୟ ଓ ବିଜେଡି ପାଇଁ ବହୁତ ଭଲ କାମ

**ପ୍ରଭାତ ବିଜେଡିର କେହି ନୁହନ୍ତି**

କରିଛନ୍ତି। ସେ ୧୦ ମାସ ତଳୁ ଦଳ ପରିତ୍ୟାଗ କରିସାରିଛନ୍ତି। ବର୍ତ୍ତମାନ ସେ ବିଜେଡିର କୌଣସି କାର୍ଯ୍ୟରେ ଲିପ୍ତ ନାହାନ୍ତି କିମ୍ବା ଦଳୀୟ ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନାହିଁ। ତାଙ୍କୁ କୌଣସି ପ୍ରକାର ବଦ୍‌ନାମ କରିବା ଉଚିତ୍ ନୁହେଁ। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଦଳରୁ କେବେଠାରୁ ବହିଷ୍କୃତ ହୋଇସାରିଛନ୍ତି। ସେ ବିଜେଡିରେ ଏବେ ଆଉ ନାହାନ୍ତି, ଚିଟ୍‌ଫଣ୍ଡ ଠକେଇ ମାମଲାରେ ସେ ଜେଲ୍ ଯାଇଥିଲେ। ବିଜେଡି ସହିତ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ନବୀନ କହିଥିଲେ। ସେ କହିଥିଲେ ଯେ, ☞ପୃଷ୍ଠା-୨






# ମନୋଜ ପରିଡ଼ା ମୁଖ୍ୟ ସୂଚନା ଆୟୁକ୍ତ

## ପ୍ରଣବିନ୍ଦୁ, କଳ୍ପନା, ପବିତ୍ର ସୂଚନା ଆୟୁକ୍ତ ନିଯୁକ୍ତ

ଭୁବନେଶ୍ୱର, ୯।୪ (ରବିନାରାୟଣ ଜେନା)

ରାଜ୍ୟ ସୂଚନା ଆୟୋଗରେ ଖାଲିଥିବା ପଦକୁ ନେଇ ଦୀର୍ଘ ୬ ମାସ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ମୁଖ୍ୟ ସୂଚନା ଆୟୁକ୍ତଙ୍କ ସହ ୩ ନୂତନ ସୂଚନା ଆୟୁକ୍ତ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ଅବସରପ୍ରାପ୍ତ ପ୍ରଶାସକ(ଏଜିଏମ୍‌ୟୁଟି) ମନୋଜ କୁମାର ପରିଡ଼ାଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ହାଇକୋର୍ଟ ଆଇନଜୀବୀ କଳ୍ପନା ପଟ୍ଟନାୟକ ଓ ପୂର୍ବତନ ଆଇଏଏସ୍ ପବିତ୍ର ମଣ୍ଡଳଙ୍କୁ ସୂଚନା ଆୟୁକ୍ତ ସଦସ୍ୟ ଭାବେ ☞ପୃଷ୍ଠା-୨



ମନୋଜ ପରିଡ଼ା

# ଏମ୍‌ବିବିଏସ୍‌ରେ ଯାଆଁଳା ଭଉଣୀଙ୍କ ସମାନ ସ୍କୋର



ଯାଆଁଳା ଭଉଣୀ ରିବା ହାଫେଜି ଏବଂ ରାହିନ୍ ହାଫେଜି

ସୁରଟ, ୯।୪

ଗୁଜରାଟର ସୁରଟରେ ଯାଆଁଳା ଭଉଣୀ ରିବା ହାଫେଜି ଏବଂ ରାହିନ୍ ହାଫେଜି ଡାକ୍ତରୀ ପାଠ୍ୟକ୍ରମ ଏମ୍‌ବିବିଏସ୍ ପରୀକ୍ଷାରେ ସମାନ ସ୍କୋର ହାସଲ କରି ଏକ ନିଆରା ରେକର୍ଡ କରିଛନ୍ତି। ବଡ଼ୋଦରାର ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ଏହି ୨ ଭଉଣୀ ସମାନ ସ୍କୋର ସହ ନିଜ ଏମ୍‌ବିବିଏସ୍ ପାଠପଢ଼ାକୁ ଶେଷ କରିଛନ୍ତି। ପରୀକ୍ଷାରେ ଉଭୟଙ୍କ ସ୍କୋର ୯୩୫ ମାର୍କ (୬୬.୮%) ରହିଛି। ତେବେ ପ୍ରଥମଥର କୌଣସି ପରୀକ୍ଷାରେ ରିବା ଏବଂ ରାହିନ୍ ସମାନ ନମ୍ବର ରଖିନାହାନ୍ତି। ପୂର୍ବରୁ ଅନେକ ପରୀକ୍ଷାରେ ଏହି ୨ ଭଉଣୀ ପାଖାପାଖି ସ୍କୋର ରଖିଥାନ୍ତି। ୧୦ମ ବୋର୍ଡ ପରୀକ୍ଷାରେ ରିବାଙ୍କର ୯୯ ପର୍ସେଣ୍ଟାଇଲ ସ୍କୋର ଥିବାବେଳେ ରାହିନ୍‌ଙ୍କର ୯୮.୫% ପର୍ସେଣ୍ଟାଇଲ ସ୍କୋର ରହିଥିଲା। ସେହିପରି ଦ୍ୱାଦଶ ବୋର୍ଡ ପରୀକ୍ଷାରେ ରିବା ଓ ରାହିନଙ୍କୁ ଯଥାକ୍ରମେ ୯୮.୨ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶତମ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ବେଣ୍ଣୁପୁର ବାଲିକାଣ୍ଟିଆସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ପର୍ଶୁରାମ ଭେଟ', ସ୍ଥାନ: ସୀତା ରାମେଶର ମନ୍ଦିର ସମ୍ମୁଖ, ଗୋଡକବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଭରତ ମିଳନ ଓ ପାଦୁକା ପୂଜା', ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ଭରତ ମିଳନ', ସ୍ଥାନ: ବଇରୁଆ ଗ୍ରାମ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ମନ୍ଥରାର କୁମନ୍ତ୍ରଣା ଓ କୈକେୟୀର କୋପ ଭବନ ପ୍ରବେଶ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଣୁପୁର, ସମୟ: ରାତି ୧୧ଟା ୩୦।

## କଟକ

- ପଞ୍ଚ ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଡ଼ମ୍ବା ଧୋବଣୀନାଳ ନିକଟସ୍ଥ ମା' ଶ୍ୟାମାକାଳୀ ମନ୍ଦିର ନିକଟ ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀତ୍ରିନାଥଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: କନ୍ତପଡା ତ୍ରିନାଥଦେବଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଟିୟୁଏସିସି ପକ୍ଷରୁ ଗଣ ସମ୍ମେଳନ, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ଚତୁର୍ଥ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଡ. ଭୀମରାଓ ଅମ୍ବେଡକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ଚନ୍ଦନେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: ଚନ୍ଦନେଶ୍ୱର, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।
- ଭୂଷଣ୍ଡେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: କୁମ୍ଭୀରଗଡ଼ି, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।
- ଧବଳେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: କୁମ୍ଭାରମୁଳୀ, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚେକିଂ, ସ୍ଥାନ: ହଳଦୀଡିହ ବାଇପାସ୍, ଭଦ୍ରକ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବନ୍ଧଟିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ମଣ୍ଡପ, ଆଡ଼ିଆ, ବନ୍ତ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରଜତ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଖେରୱାଲ ଜୁମିଦ ସହିତ ନବଜ୍ୟୋତି ଯୁବକର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଶ୍ରୀ ହରିହର ଯଜ୍ଞାନୁଷ୍ଠାନ ପକ୍ଷରୁ ତୁଳସୀ ଦର୍ପଣ ଅଭିଷେକ, ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣ ମାଣତ୍ରୀ,ବଡ଼ସାହି,ସମୟ: ସକାଳ ୮ଟା।
- ରାଧାବଲ୍ଲଭଜୀଉ ହରିହାଟ ମହୋତ୍ସବ, ସ୍ଥାନ:ନାଖରା ବାସୁଳୀପଦା ପଡ଼ିଆ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଲୋକକଳା ଗ୍ରାମ ପରିକ୍ରମା ଓ ସାଂସ୍କୃତିକ ସଭା, ସ୍ଥାନ: ରାୟନୃସିଂହପୁର ଗ୍ରାମ, କାମାକ୍ଷାନଗର ବ୍ଲକ, ସମୟ: ସକାଳ ୮ଟା।
- ପିଏମ୍‌ଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସକାଳ ୯ ଟା।
- ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟରର ୪୧ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଶନି ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଓ କଳସଯାତ୍ରା, ସ୍ଥାନ: ଶନି ମନ୍ଦିର, ପାରାଦୀପଗଡ଼, ପାରାଦୀପ, ସମୟ: ସକାଳ ୬ ଟା।
- ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରିତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- କର୍ପୋରେଟ ହାଉସ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଓଷକଣାର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ଉତ୍ସବ, ସ୍ଥାନ: ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାତ ଶୋଭା, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦ୍ରାପଡ଼ା

- ରାଜକନିକା ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ସ୍ଥାନ: ଗିରିଆ ମେଲଣ ପଡ଼ିଆ, ରାଜକନିକା, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ପଞ୍ଚସଖା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ବାରିମୂଳ ପଞ୍ଚାୟତ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀ ଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରାଜ୍ୟସ୍ତରୀୟ ଡିଙ୍ଗା କପ୍‌ର ୨ୟ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ହେଙ୍ଗୁଳାଯାତ୍ର ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଇମାମନଗର ଗ୍ରାମ, ସମୟ: ସକାଳ ୬ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲାର ସମସ୍ତ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୯ଟା।

## ନୟାଗଡ଼

- ୭ ଦିନିଆ ଦଣ୍ଡପର୍ବର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ୧୫ ଦିନିଆ ଦଣ୍ଡପର୍ବର ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସିଦ୍ଧାମୂଳା, ରୟତ ଢ଼ୋଲମରା ଏବଂ ଗୋଡିପଡ଼ା କାମନା ମନ୍ଦିର ସାହି, ସମୟ: ଅପରାହ୍ନ ୨ଟା।
- ନୀଳମାଧବ ଜୀଉଙ୍କ ଦୟଣାଚୋରି ନୀତି, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମା' ମୁତ୍ୟାଲାମାଙ୍କ ଚଇତ୍ର ଯାତ୍ରା ଆରମ୍ଭ, ସ୍ଥାନ: ମୋତିଲାଲ ନଗର, ଗୁଣପୁର, ସମୟ: ସକାଳ ୮ ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଆଗୁଳ ପଞ୍ଚାୟତ,ପଞ୍ଚୁବାଇ ଗ୍ରାମ ଆମ୍ବତୋଟା ପରିସର, ମୁନିଗୁଡ଼ା, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ୍ ବି. ମାଲିଗୁଡ଼ା,ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଲୋକ କଳା ଦିବସ ପାଳନ, ସ୍ଥାନ: ବ୍ଲକ ଅଫିସ,ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଏମ୍‌ସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: କେଡିଙ୍ଗା ମାଳି, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୀମା ଉତ୍ପାଦ ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ହାଲ ଟାଉନଶିପ, ସୁନାବେଡା, ସମୟ: ଅପରାହ୍ନ ୨ଟା।

## ମାଲକାନଗିରି

- ଓଡିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ , ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଜିଲାପ୍ରଶାସନ ଆୟୋଜିତ ଓଡ଼ିଶା ପକ୍ଷରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଖଣ୍ଡୋକଟା ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଳାଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଖଣ୍ଡୋକଟା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା।
- ସେବା ଆୟୋଜନରେ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ଓଡ଼ିଶାର ପ୍ରାଣ, ଲୋକକଳା ଶିର୍ଷକ ସାହିତ୍ୟ ଆଲୋଚନା ଚକ୍ର,ସ୍ଥାନ: ସେକ୍ଟର-୪, ରାଉରକେଲା କଲେଜ,ସମୟ: ସନ୍ଧ୍ୟା ୭ଟା।
- ରାଉରକେଲା ହୋମିଓପାଥି ମେଡିକାଲ କଲେଜରେ ରକ୍ତଦାନ ଶିବିର,ସ୍ଥାନ:ସେକ୍ଟର--୨୧,ସମୟ:ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ରାମନବମୀର ପଞ୍ଚମ ସନ୍ଧ୍ୟାରେ ପୁରୀରୁ ଆଗତ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ:ରାମଜୀମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: କେସିଙ୍ଗା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ଼ କାମ୍ପୋରି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନିପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ପଞ୍ଚମ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡ଼ିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ପଞ୍ଚମ ଦିବସ ପାଲା, ସ୍ଥାନ:ବହିରା ରାମଲିଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଓଡ଼ିଆ ପକ୍ଷ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିନିକା ବ୍ଲକର କର୍ତ୍ତଙ୍ଗ ଗ୍ରାମ, ସମୟ: ସକାଳ ୮ଟା।
- ତରଭା ବ୍ଲକ ନକଟିକନା ଗାଁରେ ରାମଲୀଳାର ପଞ୍ଚମ ସନ୍ଧ୍ୟା ଓ ବାଳି ବଧ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

## ବରଗଡ଼

- ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀଙ୍କ ପରିଦର୍ଶନ, ସ୍ଥାନ:ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ନିୟନ୍ତ୍ରିତ ବଜାର କମିଟିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନୀ ସମାରୋହ, ସ୍ଥାନ:ନିୟନ୍ତ୍ରିତ ବଜାର କମିଟି ପରିସର, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସାହିତ୍ୟ ଓ ସଂସ୍କୃତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ ଟା ।
- ପ୍ରଭୁଦାସ ଶ୍ରୀ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସ୍ୱଧର୍ମଚେତନା ରାମକଥା କାର୍ଯ୍ୟକ୍ରମ ୪ର୍ଥ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ସାପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମାପାଲି, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଗରପାଲି ନାମ ମଣ୍ଡପ ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ, ଉନ୍ନତ ମାନର ଆଲୋଚନା ଏବଂ ପାରିବାରିକ ସଦ୍ଭାବଜନିତ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଆର୍ଥିକ ଉନ୍ନତି ସାଙ୍ଗକୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର, ଯାନ ମରାମତି, ସଭା ସମିତିରୁ ଉପକୃତ ହେବେ। ପରିବାର ସହ ଭଲ ସମ୍ପର୍କ ରଖୁ ନ ଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ଆଜି ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବିକା ଦିଗରେ ଖର୍ଚ୍ଚାନ୍ତ ସହ କ୍ଷତିରେ ପଡିପାରନ୍ତି। ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜି ଯାହା କରିବେ କ୍ଷତି ହେବନି, ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** ଅନୁକୂଳ ଗ୍ରହସ୍ଥିତିରୁ ଆଜି କୌଣସି କଥାକୁ ଖାତିର ନ କରି ଆଗକୁ ମାଡି ଚାଲିବେ। ଟଙ୍କା ପଇସା, ଦିଆ ନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିବାରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ନ ହୋଇପାରେ।

**ସିଂହ** ସବୁ କାମରେ ଜଗି ରଖି ଚଳନ୍ତୁ ଅବଶ୍ୟ କାମଗୁଡିକ ଡେରିରେ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ, ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖା ଦେଇ ପାରେ।

**କନ୍ୟା** ଅନ୍ତରରେ ସହୃଦୟତା ଭରି ରହିଥିଲେ ମଧ୍ୟ ମୁହଁରେ କଡ଼ାଭାଷାର ପରିଣାମ ଭୋଗିବାକୁ ପଡିବ। ଶତ୍ରୁତା କରୁଥିବା ଲୋକ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ରାଜନୀତି, ସଂଗଠନ, ଆଲୋଚନା, କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇପାରନ୍ତି।

**ତୁଳା** କେତେକ କ୍ଷେତ୍ରରେ ସମସ୍ୟାର ସମାଧାନଜନିତ ଟେନ୍ସନ ଲାଗିରହିବ। ଅପରାହ୍ନରେ ହାତକୁ ନେଇଥିବା କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରିବ।

**ବିଛା** ଆଜିର କର୍ମକ୍ଷେତ୍ରରେ ଅନ୍ୟକୁ ସହଜରେ ପ୍ରଭାବିତ କରି କାମ ହାସଲ କରିପାରିବେ। ଅର୍ଥଲାଭ ହେବ ଏବଂ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ପ୍ରଶାସନିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

**ଧନୁ** ଆପଣ ମନେ ମନେ ଯାହା ଭାବୁଛନ୍ତି ତାହାକୁ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିଲେ ହିଁ ଭଲ ହେବ। ପୁରାତନ ରୋଗ ପୀଡ଼ା ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମକର** ଆଜି କୌଶଳ ଓ କୂଟନୀତି ପ୍ରୟୋଗକରି ଯେମିତି ଚାହୁଁଛନ୍ତି ସେମିତି କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ଆଜିର କାମ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହେବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରି ସଫଳତା ହାସଲ କରିବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅନୁତାପ ପାଇଁ ସମୟ ପାଇବେ ନାହିଁ। ଜମିଜମା କାରବାର, ନିର୍ମାଣ ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** ଆବଶ୍ୟକତା ପୂରଣ ସକାଶେ ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ ଯୋଜନା କରିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାର ଆଶଙ୍କା ସୃଷ୍ଟି ହୋଇପାରେ। ସମସ୍ୟା ଲାଗିରହୁଥିବାରୁ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ଏପ୍ରିଲ ୧୦ ତାରିଖ, ହୋମିଓପ୍ୟାଥିକର ଜନକ ହାନିମାନ୍‌ଙ୍କ ଜୟନ୍ତୀ, ମହାବୀର ଜୀନ ଜୟନ୍ତୀ, ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗତ୍ରୟୋଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ସୀତାଚୋରି, ଦୟଣାଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ। ରାଶି/ ନକ୍ଷତ୍ର-ଦିବା ଘ.୧୨.୨୪ ପର୍ଯ୍ୟନ୍ତ-ପୂର୍ବାଫାଲଗୁନୀ/ ସିଂହ, ଅଦ୍ୟ ବ୍ରତୋପନୟନ, ଜଳାଶୟ ଖନନ ଓ ଦେବତା ଗଠନ ପାଇଁ ଶୁଭଦିନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୬ ଗତେ ଘ.୦୭.୧୫ ମଧ୍ୟେ, ଘ. ୧୦.୩୩ ଗତେ ଘ.୦୧.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୧ ଗତେ ଘ.୦୨.୫୩ ମଧ୍ୟେ ରାହୁ କାଳ ।

# 'ଫୁଲେ' ଫିଲ୍ମକୁ ନେଇ ବିବାଦ

## ରିଲିଜ୍ ତାରିଖ ଘୁଞ୍ଚିଲା

ମୁମ୍ବାଇ: ଆସନ୍ତା ୧୧ରେ ଅଭିନେତା ପ୍ରତୀକ ଗାନ୍ଧୀ ଓ ଅଭିନେତ୍ରୀ ପତ୍ରଲେଖାଙ୍କର 'ଫୁଲେ' ଫିଲ୍ମ ରିଲିଜ୍ ହେବାକୁ ଥିଲା। ତେବେ ଏହାର ୨ ଦିନ ପୂର୍ବରୁ ବୁଧବାର ଫିଲ୍ମର ରିଲିଜ୍ ତାରିଖକୁ ୨ ସପ୍ତାହ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏବେ ଏହି ଫିଲ୍ମ ଏପ୍ରିଲ ୨୫ରେ ରିଲିଜ୍ ହେବ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି। ଫିଲ୍ମକୁ ନେଇ ବିବାଦ ଦେଖାଦେବାରୁ ରିଲିଜ୍ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଅନୁମାନ କରାଯାଉଛି। 'ଫୁଲେ' ଚଳଚ୍ଚିତ୍ର ବିପ୍ଳବୀ ଜ୍ୟୋତି ସାବିତ୍ରୀବାଇ ଫୁଲେଙ୍କ ସାମାଜିକ ସଂସ୍କାର ଏବଂ ସଂଘର୍ଷ ଉପରେ ଆଧାରିତ ରହିଛି। ଫିଲ୍ମରେ ଜ୍ୟୋତି ସାବିତ୍ରୀବାଇଙ୍କ ଭୂମିକାରେ ପତ୍ରଲେଖା ଅଭିନୟ କରିଥିବାବେଳେ ତାଙ୍କ ସ୍ୱାମୀ ମହାତ୍ମା ଫୁଲେଙ୍କ ଭୂମିକାରେ ପ୍ରତୀକ ଅଭିନୟ କରିଛନ୍ତି। ତେବେ 'ଫୁଲେ' ଫିଲ୍ମର ଟ୍ରେଲର ରିଲିଜ୍ ହେବାପରେ ଏହାକୁ ନେଇ ବିବାଦ ଜାରି ରହିଛି। ଏହି ଫିଲ୍ମ ଜାତିବାଦକୁ ପ୍ରଶ୍ରୟ ଦେଉଥିବା ନେଇ ବ୍ରାହ୍ମଣ ମହାସଂଘର ଅଧ୍ୟକ୍ଷ ଆନନ୍ଦ ଦବେ ଅଭିଯୋଗ ଆଣିଛନ୍ତି। ଜାତିବାଦକୁ ନେଇ 'ଫୁଲେ' ଫିଲ୍ମର ଏକପାଖିଆ କାହାଣୀକୁ ସେ ଏବଂ ତାଙ୍କ ସଙ୍ଗଠନ ବିରୋଧ କରୁଥିବା ଆନନ୍ଦ କହିଛନ୍ତି। ଇତିମଧ୍ୟରେ ବୁଧବାର ଫିଲ୍ମ ନିର୍ଦ୍ଦେଶକ ଅନନ୍ତ ମହାଦେବନ ଏବଂ ନିର୍ମାତା ରିତେଶ କୁଡେଚା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଛଗନ ଭୁଜବଳଙ୍କୁ ଭେଟିଛନ୍ତି।



ପ୍ରଥମ ପୃଷ୍ଠାରୁ...

## ପାଲଟା ଶୁଳ୍କ ...

ଏହା ତତ୍କାଳ ଆରମ୍ଭ ହୋଇଥିବା ଟ୍ରମ୍ପ ନିଜ ସୋସିଆଲ ମିଡିଆ ସାଇଟ୍‌ରେ ଉଲ୍ଲେଖ କରିଛନ୍ତି। ଏହି ୧୦% ଟାରିଫ୍ ଭାରତ ସମେତ ଅଧିକାଂଶ ଦେଶ ପାଇଁ ବେସ୍‌ଲାଇନ୍ ଥିଲା। ଉଲ୍ଲେଖଯୋଗ୍ୟ, ଟ୍ରମ୍ପଙ୍କ ନୂଆ ଟାରିଫ୍ ଯୋଗୁ ବିଶ୍ୱର ପୁଞ୍ଜି ବଜାର ଦୋହଲିଯାଇଥିଲା। ଆମେରିକୀୟ ଷ୍ଟକ୍ ମାର୍କେଟ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା। ସବୁଠୁ ମଜ୍‌ଭୁତ ଅର୍ଥନୀତି ରୂପେ ପରିଗଣିତ ଆମେରିକା ଯେ ବଜାର ଚାପରୁ ମୁକ୍ତ ନୁହେଁ, ତାହା ମାର୍କେଟ ପତନରୁ ସ୍ପଷ୍ଟ ହୋଇଥିଲା। ଆମେରିକୀୟ ନିବେଶକମାନେ ବହୁ କ୍ଷତି ସହିଥିଲେ। ଏପରି କି ଟ୍ରମ୍ପଙ୍କ ଏଭଳି ଅପରିଣାମଦର୍ଶୀ ପଦକ୍ଷେପ ଯୋଗୁ ବିଶ୍ୱବ୍ୟାପୀ ମାନ୍ଦାବସ୍ଥାର ପଦଧ୍ୱନୀ ଅନୁଭୂତ ହୋଇଥିଲା। ଏତେ ସବୁ ଘଟଣାକ୍ରମ ପରେ ଟ୍ରମ୍ପ ବାଧ୍ୟହୋଇ ନରମି ଯାଇଥିବା ମନେକରାଯାଉଛି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲେଆଭିଟ୍ କହିଛନ୍ତି, ଟ୍ରମ୍ପଙ୍କ ଏହି ପଛଘୁଞ୍ଚା ତାଙ୍କ ମୂଳଚାଲ ରଣନୀତିର ଏକ ଅଂଶବିଶେଷ। ରାଷ୍ଟ୍ରପତି ନିଜ ଆଲୋଚନାର ପରିସରକୁ ବ୍ୟାପକ କରିବାରେ ସଫଳ ହୋଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆଧାର: ପୁଣି ...

ଆପ୍ତଙ୍କୁ ଆୟତ୍ତ କରିବା ସାଇବର ଅପରାଧୀଙ୍କ ପାଇଁ ଯଦିଓ ସହଜ ନୁହେଁ ମାତ୍ର ଅସମ୍ଭବ ମଧ୍ୟ ନୁହେଁ, କୌଣସି ସ୍ଥାନରେ କେହି ଆଧାର ମାଗିଲେ, ବ୍ୟବହାରକାରୀ ପ୍ରଥମେ ଭଲରେ ବୁଝିନେବା ଜରୁରୀ କି କେଉଁଥି ପାଇଁ ଆଧାର ତଥ୍ୟ ମଗାଯାଉଛି। ସେହିଭଳି ମୋବାଇଲ୍ କିଣିବାବେଳେ ହେଉ ବା ଅନ୍ୟାନ୍ୟ ସମୟରେ ଆଧାର ତଥ୍ୟ ନେଉଥିବା ବ୍ୟକ୍ତି ବା ଅନୁଷ୍ଠାନ ଏ ସମ୍ପର୍କରେ ଉପଭୋକ୍ତାଙ୍କୁ ଅବଗତ କରାଇବା ମଧ୍ୟ ଆବଶ୍ୟକ ବୋଲି ଲିଙ୍ଗରାଜ କହିଛନ୍ତି।।

## ପାଣ୍ଡିଆନଙ୍କ ...

ଶଙ୍ଖ ଭବନର ବିସ୍ତୃତ ଜାଗା ଅଛି। ତେଣୁ ଏଣେତେଣେ ବୈଠକକୁ ନାପସନ୍ଦ କରିଥିଲେ। ପାଣ୍ଡିଆନ୍‌ଙ୍କ ସପକ୍ଷରେ ନବୀନ ଏଭଳି ମତ ପରେ ଏବେ ଦଳରେ ବହୁ ବରିଷ୍ଠ ନେତା ପ୍ରଭାତଙ୍କ ବିରୋଧରେ ବିକ୍ଷୋଦାଗାର କରିଛନ୍ତି। ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଚାଲିଥିବା ହାଇଡ୍ରାମାକୁ ନେଇ ବୁଧବାର ବିଜେଡିର ବରିଷ୍ଠ ନେତାଙ୍କ ଘନ ଘନ ବୈଠକ ବସିବା ସହ କେତେଜଣ ବିଧାୟକ ଦଳର ସଭାପତିଙ୍କୁ ଖୋଲା ଚିଠି ଲେଖିଥିଲେ। ପୂର୍ବାହ୍ନରେ ପଟିଆସ୍ଥିତ ଏକ ହୋଟେଲରେ ବରିଷ୍ଠ ନେତାଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ବରିଷ୍ଠ ନେତା ଶଶିଭୂଷଣ ବେହେରା କହିଥିଲେ, ଦଳକୁ ଅଧିକ ଶକ୍ତିଶାଳୀ କରାଯିବ। ଯେଉଁ ବାହ୍ୟ ଶତ୍ରୁମାନେ ଦଳର ନେତା ନବୀନଙ୍କ ଉପରକୁ ଅଙ୍ଗୁଳି ଉଠାଇବେ ତାଙ୍କୁ ବରଦାସ୍ତ କରାଯିବ ନାହିଁ। ସେହିପରି ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ଦଳକୁ ସୁସଙ୍ଗଠିତ କରିବା ପାଇଁ ସବୁକିଛି କରାଯିବ ବୋଲି କହିଥିଲେ। ଏହାପରେ ଦଳର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟ ୬ଜଣ ନେତା ଦଳର ସୁପ୍ରିମୋଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ହେବାପରେ ବହୁ ବରିଷ୍ଠ ନେତା ପାଣ୍ଡିଆନଙ୍କୁ ଦାୟୀ କରିଥିଲେ। ତାଙ୍କ ଯୋଗୁଁ ଦଳ ପରାଜୟର ସମ୍ମୁଖୀନ ହେଲା ବୋଲି ପ୍ରତ୍ୟକ୍ଷ ଓ ପରୋକ୍ଷରେ କହି ବୁଲିଥିଲେ। ଏହାକୁ ନେଇ ସେତେବେଳେ ନବୀନ ଗଣମାଧ୍ୟମ ସମ୍ମୁଖକୁ ଆସି ପାଣ୍ଡିଆନ ରାଜ୍ୟ ଓ ଦଳ ପାଇଁ ଭଲ କାମ କରିଥିବା କହିଥିଲେ। ଏହାପରେ ପାଣ୍ଡିଆନ ବିଜେଡିରୁ ସନ୍ୟାସ ନେଇଥିଲେ। ସେବେଠାରୁ ପାଣ୍ଡିଆନ ଦଳର କୌଣସି ବୈଠକରେ ଦେଖାଯାଉ ନ ଥିବାବେଳେ ସାମାଜିକ କାର୍ଯ୍ୟକ୍ରମରେ କେବଳ ଦୃଶ୍ୟ ହେଉଥିଲେ। ନିକଟରେ ୱାକ୍‌ଫ ବିଲ୍‌କୁ ନେଇ ରାଜ୍ୟ ସଭାରେ ସୃଷ୍ଟି ହୋଇଥିବା ବିଭାଜିତ ମତ ପଛରେ ପାଣ୍ଡିଆନ୍‌ଙ୍କ ସମ୍ପୃକ୍ତି ଥିବା ନେଇ କେତେକ ନେତା ଟାର୍ଗେଟ କରିବା ପରେ ସ୍ଥିତି ବିଗିଡ଼ିବାରେ ଲାଗିଛି।

## ମନୋଜ ପରିଡ଼ା ...

ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ, ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ ୨୦୨୪ ଅକ୍ଟୋବର ୪ରେ ଅବସର ଗ୍ରହଣ କରିଥିଲେ। ଏହାପରେ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତିଙ୍କୁ ସୂଚନା ଆୟୋଗର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା। ସମ୍ପ୍ରତି ସୂଚନା ଆୟୋଗରେ ସୁଶାନ୍ତ କୁମାର ମହାନ୍ତି ଓ ଜଗନ୍ନାଥ ରଥ ଦୁଇଜଣ ସଭ୍ୟ(ସୂଚନା ଆୟୁକ୍ତ) ରହିଛନ୍ତି। ଏହାପୂର୍ବରୁ ପର୍ଯ୍ୟାୟକ୍ରମେ ବାଳକୃଷ୍ଣ ମହାପାତ୍ର, ଦିଲୀପ ବିଶୋଇ, ବିକ୍ରମ ସେନାପତି ଏବଂ ସଞ୍ଜୟ କୁମାର ସ୍ୱାଇଁ ଅବସର ଗ୍ରହଣ କରିଥିଲେ। ଏହାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ବିଜ୍ଞପ୍ତି ଜାରି ହୋଇଥିଲା। ମୁଖ୍ୟ ସୂଚନା କମିଶନର ପଦବୀ ଦୌଡ଼ରେ ୪୩ ଜଣ ଅଧିକାରୀ ଥିବା ବେଳେ ସୂଚନା କମିଶନର ପଦ ପାଇଁ ୧୭୯ ଜଣ ଆବେଦନ କରିଥିଲେ। ତେବେ ଏହି ଦୌଡ଼ରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ, ଶ୍ରୀକାନ୍ତ ପୃଷ୍ଟି, ମନୋଜ ପରିଡ଼ା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସନ୍ତୋଷ ଉପାଧ୍ୟାୟ, ଲଳିତ ଦାସ, ଆଇପିଏସ୍ ସଞ୍ଜୀବ ପାଣ୍ଡୋଶୀ ପ୍ରମୁଖ ସିଆଇସି ପଦ ପାଇଁ ଆବେଦନ କରିଥିଲେ। ସେହିଭଳି ୪ଟି ସୂଚନା କମିଶନ ପଦ ପାଇଁ ନଭେମ୍ବର ୧୯ରେ ବିଜ୍ଞପ୍ତି ପ୍ରକାଶ ପାଇ ଡିସେମ୍ବର ୨୪ ସୁଦ୍ଧା ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ପଦ ପାଇଁ ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ, ସୁରେଶ ଚନ୍ଦ୍ର ଦଳାଇ, ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକଙ୍କ ସମେତ ବହୁ ସାମ୍ବାଦିକ, ସୂଚନା ଅଧିକାର କର୍ମୀ ଓ ଅବସରପ୍ରାପ୍ତ କର୍ମଚାରୀ ଆବେଦନ କରିଥିଲେ। ଅନ୍ୟପଟେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ଓ ଶ୍ରୀକାନ୍ତ ପାକଳ ମଧ୍ୟ ଆବେଦନ କରିଥିଲେ।

## ଏମ୍‌ବିବିଏସ୍‌ରେ ଯାଆଁଳା ...

ଏବଂ ୯୭.୩ ପର୍ସେଣ୍ଟାଇଲ ସ୍କୋର ମିଳିଥିଲା। ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି)ରେ ରିବାଙ୍କୁ ୯୭ ପର୍ସେଣ୍ଟାଇଲ ମିଳିଥିବାବେଳେ ରିହାନଙ୍କୁ ୯୭.୭ ପର୍ସେଣ୍ଟାଇଲ ସ୍କୋର ମିଳିଥିଲା। ଉଭୟ ଭଉଣୀଙ୍କ ବୟସ ଏବେ ୨୪। ସେମାନଙ୍କର ମା' ଗୁଲଶାଦ ବାନୁ ଜଣେ ସିଙ୍ଗଲ ମଦର ହୋଇଥିବା ବେଳେ ସେ ପେସାରେ ଜଣେ ଶିକ୍ଷୟିତ୍ରୀ। ଗଣମାଧ୍ୟମ ସମ୍ମୁଖରେ ରାହିନ୍ କହିଛନ୍ତି, ସେ ଏବଂ ରିବା ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ଡାକ୍ତର। ମେଡିକାଲ କ୍ଷେତ୍ରରେ କ୍ୟାରିୟର କରିବା ପାଇଁ ଉଭୟଙ୍କୁ ତାଙ୍କ ମାମୁ ପ୍ରେରଣା ଦେଇଥିଲେ। ଏହାସହ ଉଭୟଙ୍କ ସଫଳତା ପଛରେ ମା' ଓ ଆଇଅଜାଙ୍କର ଭୂମିକା ମଧ୍ୟ ରହିଥିବା ସେ କହିଛନ୍ତି। ସବୁବେଳେ ଏକସଙ୍ଗେ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବାରୁ ଏମ୍‌ବିବିଏସ୍ ପରୀକ୍ଷାରେ ଉଭୟଙ୍କର ସମାନ ନମ୍ବର ଆସିଛି ବୋଲି ସେ କହିଛନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିବା ସତ୍ତ୍ୱେ ମଧ୍ୟ ସରକାରୀ ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ଯୋଗୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଉଭୟଙ୍କୁ କୌଣସି ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ଉଭୟ ଭଉଣୀ ଗୋଟିଏ ହଷ୍ଟେଲରେ ରହୁଥିଲେ। କ୍ଲାସ୍‌ରେ ମଧ୍ୟ ଦୁହେଁ ଏକାଠି ବସୁଥିଲେ। ଜାମନଗର ଏବଂ ଭାବନଗରସ୍ଥିତ ସରକାରୀ ମେଡିକାଲ କଲେଜରେ ରିବା ନାମ ଲେଖାଇ ପାରିଥାନ୍ତେ ବୋଲି କହିଛନ୍ତି। ତେବେ ସେ ରିହାନ୍‌ଙ୍କଠାରୁ ଅଲଗା ହେବାକୁ ଚାହୁଁ ନ ଥିଲେ। ତେଣୁ ଉଭୟ ଭଉଣୀ ଏକାଠି ମିଶି ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ନାମ ଲେଖାଇଥିଲେ। ରାହିନ୍ ପ୍ରସୂତି ଏବଂ ସ୍ତ୍ରୀ ରୋଗ ଚିକିତ୍ସାରେ ରୁଚି ରଖୁଥିବାବେଳେ ରିବା ଇଣ୍ଟରନାଲ ମେଡିସିନ କ୍ଷେତ୍ରରେ ରୁଚି ରଖୁଛନ୍ତି। ତେବେ ଆଗାମୀ ଦିନରେ ଉଭୟ ରିବା ଓ ରିହାନ୍ କୌଣସି ଏକ କଲେଜରେ ଏକାଠି ପୋଷ୍ଟ ଗ୍ରାଜୁଏଶନ ପାଇଁ ନାମ ଲେଖାଇବାକୁ ଚାହୁଁଛନ୍ତି।

## ତହଉର ରାଣାଙ୍କୁ ...

ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପିଟିଶନ ଦାଖଲ କରିଥିଲେ, ଯାହାକି ଗତ ମାର୍ଚ୍ଚରେ ଖାରଜ ହୋଇଯାଇଥିଲା। ଉକ୍ତ ପିଟିଶନରେ ସେ ଜାତୀୟତା, ଧର୍ମୀୟ ଓ ସାଂସ୍କୃତିକ ଶତ୍ରୁତାର ଶିକାର ହୋଇ ଭାରତରେ ପ୍ରାଣ ହରାଇପାରନ୍ତି ବୋଲି ଆଶଙ୍କା ପ୍ରକାଶ କରିଥିଲେ। ତେବେ ଆମେରିକା ସୁପ୍ରିମକୋର୍ଟ ଭାରତକୁ ପ୍ରତ୍ୟର୍ପଣ ବିରୋଧୀ ଆବେଦନକୁ ଖାରଜ କରିଦେବା ପରେ ତାଙ୍କ ବର୍ତ୍ତିବା ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହା ପୂର୍ବରୁ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଣାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ୨୦୦୮ ନଭେମ୍ବର ୨୬ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀମାନେ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇରେ ଅତର୍କିତ ଆକ୍ରମଣ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଣା ହେଉଛନ୍ତି ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡେଭିଡ୍ କୋଲମ୍ୟାନ୍ ହେଡ୍‌ଲିଙ୍କ ସହଯୋଗୀ। ଆକ୍ରମଣ ସମୟରେ ସେ ହେଡ୍‌ଲିଙ୍କ ସହ ୨୩୧ ଥର ଟେଲିଫୋନ୍‌ରେ କଥା ହୋଇଥିଲେ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତରୁ ଜାଣିବାକୁ ପାଇଛି। ଇତିମଧ୍ୟରେ ଉକ୍ତ ଆକ୍ରମଣରେ ପ୍ରାଣ ହରାଇଥିବା ମହାରାଷ୍ଟ୍ର ଏସ୍‌ଆର୍‌ପିଏଫ୍ କନ୍‌ଷ୍ଟେବଲ ରାହୁଲ ଶିନ୍ଦେଙ୍କ ବାପା ସୁଭାଷ ଶିନ୍ଦେ ରାଣାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି। ରାଣାଙ୍କୁ ଫାଶୀ ଦିଆଗଲେ ହିଁ ତାଙ୍କ ପୁଅଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସୁଭାଷ କହିଛନ୍ତି। ରାଣା ଜଣେ ପାକିସ୍ତାନୀ ବଂଶୋଦ୍ଭବ ବ୍ୟବସାୟୀ, ଡାକ୍ତର ଓ ଆପ୍ରବାସନ ଉଦ୍ୟୋକ୍ତା। ଏହି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ଚାଲିଥିବାବେଳେ ସେ ଏଲ୍‌ଇଟି ଏବଂ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସହ ଯୋଗସୂତ୍ରରେ ରହିଥିଲେ ବୋଲି ଭାରତ ସରକାରଙ୍କ ପକ୍ଷରୁ ଆମେରିକାକୁ ପ୍ରତ୍ୟର୍ପଣ ସକାଶେ ଦିଆଯାଇଥିବା ଡୋଜିଅରରୁ ଜଣାପଡ଼ିଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୯।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିବେ। ହେଲିକପ୍ଟର ଯୋଗେ ସକାଳ ୯ଟା ୩୦ରେ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ଓହ୍ଲାଇବେ। ସେଠାରୁ ସର୍କିଟ ହାଉସରେ ବିଶ୍ରାମ ନେଇ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ହ୍ୟାଣ୍ଡବଲ ପଡ଼ିଆ ଯାଇ ୩୯ତମ ସବ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଯୋଗଦେବେ। ପରେ ପୂର୍ବାହ୍ନ ୧୦ଟା ୪୦ରେ କାଳୀପଡ଼ିଆ ଯାଇ ସେଠାରେ ରାଜ୍ୟସ୍ତରୀୟ ଧର୍ମ ସମ୍ମିଳନୀରେ ଯୋଗଦେବା ନେଇ ସୂଚନା ମିଳିଛି। ପୂର୍ବାହ୍ନ ୧୧ଟା ୩୫ରେ ସଦର ବ୍ଲକ୍ ବୀରକିଶୋରପୁର ଗ୍ରାମର ମଣ୍ଡଳପାଟ ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ। ସେଠାରୁ ସର୍କିଟ ହାଉସ କେନ୍ଦୁଝର ଫେରି ଅପରାହ୍ନ ୪ଟା ୨୫ରେ ସରସ୍ୱତୀ ବିଦ୍ୟାମନ୍ଦିର ଝୁମ୍ପୁରାର ୩୭ତମ ବାର୍ଷିକ ଉତ୍ସବରେ ଯୋଗଦେବେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ତାରକ ଚନ୍ଦ୍ର ମିଶ୍ର
ଆବିର୍ଭାବ: ତା. ୦୧.୦୧.୧୯୪୫
ତିରୋଧାନ: ତା. ୨୧.୦୪.୨୦୨୪
ମୋତି ଭବନ ପ୍ଲଟ ନଂ-୨୨/୧୩୦/୭୮୯
ସୁବୁଦ୍ଧିପୁର, କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧୦୧୯

ଜୀବନର ରଣଶୁଝି
ରଣଭୂମେ ଯୁଝି ଯୁଝି
ବାହୁଡ଼ି ଯାଇଛ
ତୁମେ ସଂଗ୍ରାମ କେଶରୀ
ଅମର ଅକ୍ଷୟ
ସଦା ତୁମ କୀର୍ତ୍ତିଗୁଣ
ଅବିନାଶୀ ଆତ୍ମା
ତୁମ ପ୍ରଭୁ ପାଦେ ଲୀନ
ତୁମର ଆଶୀର୍ବାଦ ଆଜି
ଆମର ପାଥେୟ
ବିଭୁ ପାଦେ ତୁମ ମୁକ୍ତି
ସଦା ଥାଉ ଧେୟ

ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ଭାଇ, ବନ୍ଧୁ ଓ ପରିବାର ବର୍ଗ

ଧ-୧୧୧




# ପିସିସି ସଭାପତିଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଅଭିଯୁକ୍ତ

## ଗାନ୍ଧୀମାର୍ଗରେ କଂଗ୍ରେସ ବିକ୍ଷୋଭ ଘଟଣା

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ଉଦ୍ୟମ ସହ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ ବେଳେ ହିଂସା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଏଯାଏ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ମାମଲା ନଂ.୧୩୦/୨୦୨୫ ସମ୍ବନ୍ଧୀୟ ଏଫ୍ଆଇଆର୍ କପି ବୁଧବାର ଭାଇରାଲ ହୋଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ ଜଣଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଥିବା ଉଲ୍ଲେଖ ରହିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ବିଧାୟକ ତାରା ପ୍ରସାଦ ବାହିନୀପତି, ରମେଶ ଚନ୍ଦ୍ର ଜେନା, ପବିତ୍ର ଶାନ୍ତ, ସାଗର ଚରଣ ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ମଙ୍ଗୁ ଖିଲ୍ଲା, ସି. ଏସ୍ ରାଜିନ୍ ଏକ୍କା, ପୂର୍ବତନ ବିଧାୟକ ମହମ୍ମଦ ମୋକ୍ମିମ, ସୁରେଶ ଚନ୍ଦ୍ର ରାଉତରାୟ। ତେବେ ୧୨ନମ୍ବର ଅଭିଯୁକ୍ତ ତାଲିକାରେ ୫ହଜାରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଭିଯୁକ୍ତ ଥିବା ପୋଲିସ ଏଫ୍ଆଇଆର୍‌ରେ ଦର୍ଶାଯାଇଛି।

ସୂଚନାନୁଯୋଗ୍ୟ, ମାର୍ଚ୍ଚ ୨୭ରେ ଲୋୟର ପିଏମ୍‌ଜିରେ କଂଗ୍ରେସ ବିକ୍ଷୋଭ କରିବାବେଳେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପୋଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। କଂଗ୍ରେସ ପକ୍ଷରୁ ପୋଲିସ ଉପରକୁ ଚେୟାର, ଢେଲା, ପଥର ଆଦି ମାଡ଼ ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ଆଣିବାକୁ ପୋଲିସ ପକ୍ଷରୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ, ପାଣି ସ୍ପ୍ରେ ହୋଇଥିଲା। କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ଜଣ ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିଲେ। ଅପରପକ୍ଷରେ ପୋଲିସ ମାଡ଼ରେ ବହୁ କଂଗ୍ରେସ କର୍ମୀ ମଧ୍ୟ ଆହତ ହୋଇଥିଲେ।

# ଫୋରେନ୍‌ସିକ୍ ସେବାରେ ୨୪୭, ପବ୍ଲିକ୍ ପ୍ରସିକ୍ୟୁଶନରେ ୨୬୭ ନୂଆ ପଦବୀ ସୃଷ୍ଟି

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଫୋରେନ୍‌ସିକ୍ ସାଇନ୍ସ ସର୍ଭିସ୍‌ରେ ୨୪୭ ପଦ ସୃଷ୍ଟି କରାଯାଇଥିବାବେଳେ ପବ୍ଲିକ ପ୍ରସିକ୍ୟୁଶନ ନିର୍ଦ୍ଦେଶାଳୟରେ ୨୬୭ ପଦ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମହାଲେଖାକାରଙ୍କୁ ମଙ୍ଗଳବାର ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ପତ୍ର ଅନୁଯାୟୀ, ରାଜ୍ୟପାଳଙ୍କ ଅନୁମୋଦନ ପରେ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ସର୍ଭିସ୍ ସଙ୍ଗଠନରେ ୨୪୭ ପଦ ସୃଷ୍ଟି କରାଯାଇଛି। ସେଥିମଧ୍ୟରେ ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ ପଦ ରହିଥିବାବେଳେ ୨ଟି ଉପନିର୍ଦ୍ଦେଶକ, ୨୦ ସହନିର୍ଦ୍ଦେଶକ, ୬୫ ବରିଷ୍ଠ ସାଇନ୍ସ ଅଫିସର, ୭୧ ସାଇନ୍ସ ଅଫିସର, ୨୧ ବରିଷ୍ଠ ଫରେନ୍‌ସିକ ଆଟେଣ୍ଡାଣ୍ଟ ଓ ୬୭ କନିଷ୍ଠ ଫରେନ୍‌ସିକ ଆଟେଣ୍ଡାଣ୍ଟ ପଦ ରହିଛି। ସେହିପରି ପବ୍ଲିକ୍ ପ୍ରସିକ୍ୟୁଶନ ନିର୍ଦ୍ଦେଶାଳୟରେ ୨୬୭ ପଦ ସୃଷ୍ଟି କରାଯାଇଛି। ସେଥିମଧ୍ୟରେ ୩୬ଟି ଉପନିର୍ଦ୍ଦେଶକ ପଦ ରହିଥିବାବେଳେ ୩ଟି ପବ୍ଲିକ୍ ପ୍ରସିକ୍ୟୁଟର, ୧୦୬ଟି ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର, ୯୧ଟି ସହ ପବ୍ଲିକ ପ୍ରସିକ୍ୟୁଟର ଏବଂ ୩୧ଟି କନିଷ୍ଠ ସହାୟକ ପଦ ରହିଛି।

# ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମାଝୀ

- ଓଡ଼ିଶାର ବିକାଶ ପାଇଁ ଆଗାମୀ ଦଶନ୍ଧି ଗୁରୁତ୍ୱପୂର୍ଣ୍ଣ : ଶାହା
- ଭାଜପା ସରକାରରେ ବିକାଶ ତ୍ୱରାନ୍ୱିତ ହୋଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୪
(ରବିନାରାୟଣ ଜେନା)



ନୂଆଦିଲ୍ଲୀରେ ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ଠିକ୍ ଭାବେ ବଜାୟ ରହିବ ଏବଂ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେନେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁତ୍ୱ ଦେଇଛନ୍ତି।

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ଦିଲ୍ଲୀରେ ଭେଟିଥିଲେ। ଏହି ଅବସରରେ ଆୟୋଜିତ ସମୀକ୍ଷା ବୈଠକରେ ଶାହା ଅଧ୍ୟକ୍ଷତା କରି କହିଥିଲେ, ଆସନ୍ତା ୬ ମାସ ମଧ୍ୟରେ ନୂଆ ତିନି ଆପରାଧିକ ଆଇନ ଯେଭଳି ରାଜ୍ୟର ସବୁ ପ୍ରଶାସନିକସ୍ତରରେ ଶତପ୍ରତିଶତ କାର୍ଯ୍ୟକାରୀ ହେବ, ସେଥିପ୍ରତି ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପୋଲିସ, କାରାଗାର, ଅଦାଲତ, ଦଣ୍ଡବିଧାନ ଏବଂ ଫୋରେନ୍‌ସିକ ସମ୍ବନ୍ଧୀୟ ଆଇନ ଠିକଣା ଭାବେ କାର୍ଯ୍ୟକାରୀ ହେଲେ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସୁଦୃଢ଼ ହେବ ଏବଂ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏଥିଲାଗି ଗୃହ ବିଭାଗ ସଚିବ ପ୍ରତି ସପ୍ତାହରେ ଥରେ ସମୀକ୍ଷା ବୈଠକ କରିବେ। ସେହିପରି ପୋଲିସ ମହାନିର୍ଦ୍ଦେଶକ ପ୍ରତି ୧୫ ଦିନରେ ଆଇନଶୃଙ୍ଖଳା ସ୍ଥିତି ପରଖିବେ। ମୁଖ୍ୟମନ୍ତ୍ରୀ ମଧ୍ୟ ମାସକରେ ଥରେ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବେ। ପ୍ରତିମାସରେ କେବେ ସମୀକ୍ଷା ହେବ ସେନେଇ ମୁଖ୍ୟମନ୍ତ୍ରୀ ଦିନ ଧାର୍ଯ୍ୟ କରିବେ। ଆଗାମୀ ଦଶନ୍ଧି ଓଡ଼ିଶାର ବିକାଶ ପାଇଁ ବହୁ ଗୁରୁତ୍ୱ ରଖୁଛି। ଏହି ସମୟ ମଧ୍ୟରେ ଶିଳ୍ପ ଏବଂ ବୈଷୟିକ କ୍ଷେତ୍ରରେ କିଭଳି ଓଡ଼ିଶା ଅଗ୍ରଗତି କରିପାରିବ ସେଥିପାଇଁ ଯତ୍ନଶୀଳ ହେବାକୁ ପଡ଼ିବ ବୋଲି ଶାହା କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଭାଜପା ସରକାର କ୍ଷମତାକୁ ଆସିଲା ପରେ ରାଜ୍ୟରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ବିଭିନ୍ନ ପଦ ପୂରଣ ଦିଗରେ ସରକାରଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଫୋରେନ୍‌ସିକ ସାଇନ୍ସ ସର୍ଭିସ୍‌ରେ ୨୪୭ ଓ ପବ୍ଲିକ ପ୍ରସିକ୍ୟୁଶନ ନିର୍ଦ୍ଦେଶାଳୟରେ ୨୬୭ ପଦ ସୃଷ୍ଟି କରାଯାଇଥିବା ବୈଠକରେ ଦର୍ଶାଯାଇଥିଲା।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୬ ତାରିଖରେ ଦିଲ୍ଲୀ ଗସ୍ତ କରିଥିଲେ। ସେଠାରେ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଶିଳ୍ପପତିମାନଙ୍କ ସହ ଆଲୋଚନା କରିବା ସହିତ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ ଆମନ୍ତ୍ରଣ କରିଥିଲେ। ଇନ୍‌ଭେଷ୍ଟର୍ସ ମିଟ୍ ଜରିଆରେ ଓଡ଼ିଶାକୁ ୧.୦୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କେନ୍ଦ୍ର ଗୃହ ସଚିବ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ଜିଲାରେ ହେବ ଆୟୁଷ୍ମାନ୍ ଉଦ୍‌ଘାଟନ ଉତ୍ସବ

ଭୁବନେଶ୍ୱର,୯।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୧୧ ତାରିଖରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। କଟକର ଐତିହାସିକ ବାଲିଯାତ୍ରା ଉପର ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବାକୁ ରହିଥିବାବେଳେ ରାଜ୍ୟର ଆଉ ୧୨ଟି ଜିଲାରେ ଏହାର ଉଦ୍‌ଘାଟନ କରାଯିବ।

କେନ୍ଦ୍ରାପଡ଼ାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ଯୋଜନାକୁ ଉଦ୍‌ଘାଟନ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ନୟାଗଡ଼ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନବରଙ୍ଗପୁରରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, କୋରାପୁଟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଢେଙ୍କାନାଳରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିବେ। ସେହିପରି ଯାଜପୁରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗଞ୍ଜାମରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୟୂରଭଞ୍ଜରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖୋର୍ଦ୍ଧାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କେନ୍ଦୁଝରରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏବଂ ଜଗତ୍‌ସିଂହପୁରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ମାଣ୍ଡିଆ ସଂଗ୍ରହରେ ୭ ବର୍ଷର ରେକର୍ଡ ଭାଙ୍ଗିଲା କୋରାପୁଟ ଜିଲା

କୋରାପୁଟ/ନନ୍ଦପୁର,୯।୪ (ଅମିତାଭ ବେହେରା/ତୁଷାରକାନ୍ତ ମହାନ୍ତି)

ମାଣ୍ଡିଆ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଲୋ ପ୍ରତି ଅଧିକ ୨ଟଙ୍କା ୧୦ ପଇସା ଦିଆଯିବା ଯୋଗୁ କୋରାପୁଟ ଜିଲା ମାଣ୍ଡିଆ ସଂଗ୍ରହରେ ଗତ ୭ ବର୍ଷର ରେକର୍ଡ ଭାଙ୍ଗିଛି। ଚଳିତ ଏପ୍ରିଲ ୭ ସୁଦ୍ଧା ଜିଲାର ୧୪,୫୭୪ ଚାଷୀଙ୍କଠାରୁ ଧାର୍ଯ୍ୟ ଲକ୍ଷ୍ୟ ୨,୪୪,୨୦୦ କୁଇଣ୍ଟାଲ ମଧ୍ୟରୁ ୨,୩୯,୮୭୫ କୁଇଣ୍ଟାଲ ମାଣ୍ଡିଆ କ୍ରୟକରି ସଂଗ୍ରହ କରାଯାଇଥିବା କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ସୂଚନା ଦେଇଛନ୍ତି। ସମସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ମାଣ୍ଡିଆର ଧାର୍ଯ୍ୟ ଏମ୍ଏସ୍‌ପି ମୂଲ୍ୟ କିଲୋ ପିଛା ୪୨ଟଙ୍କା ୯୦ ପଇସା ଓ ରାଜ୍ୟ ସରକାରଙ୍କ କିଲୋ ପିଛା ୨ଟଙ୍କା ୧୦ ପଇସାର ପ୍ରୋତ୍ସାହନ ରାଶିକୁ ମିଶାଇ ୪୫ ଟଙ୍କା ହାରରେ ମୂଲ୍ୟ ପୈଠ କରାଯାଇଛି। ମାଣ୍ଡିଆ କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ୯୮.୨ ପ୍ରତିଶତ ଲକ୍ଷ୍ୟ ହାସଲକରି କୋରାପୁଟ ଜିଲା ୭ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ଜିଲାର ସମସ୍ତ ମାଣ୍ଡିଆ ଚାଷୀ, କ୍ରୟ କରିଥିବା ଏଫ୍‌ପିଓ, ଲ୍ୟାମ୍ପସ, ମିଲେଟ୍ ମିଶନ ଓ ଟିଡିସିସିଓଏଲ୍ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପ୍ରଶଂସା କରିଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଶିବାନୀ
ଯାଜପୁର ରୋଡ୍, ବ୍ୟାସନଗର
୧୮ତମ ଜନ୍ମଦିନର ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ମାମା, ଟ୍ୱିଙ୍କଲ, ପୁପୁନ, ଆଶୁ, ବାପା, ବୋଉ, ଦେବସ୍ମିତା, ଜେଜେମା, ଜେଜେବାପା, କାହ୍ନା

ଧ-୮୭

# ୧୩ରେ ଏନ୍‌ଡିଏ, ଏନ୍ଏ(ଆଇ) ପରୀକ୍ଷା

କଟକ,୯।୪(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ଆସନ୍ତା ୧୩ ତାରିଖ ରବିବାର ଏନ୍‌ଡିଏ, ଏନ୍ଏ (ଆଇ) ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ (ପ୍ରଥମ ପେପର) ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ (ଦ୍ୱିତୀୟ ପେପର) ଲିଖିତ ପରୀକ୍ଷା ହେବାକୁ ସ୍ଥିର ହୋଇଛି। ସେହିପରି ଉକ୍ତ ଦିନ ସିଡିଏସ୍(ଆଇ) ୨୦୨୫ ଲିଖିତ ପରୀକ୍ଷାର ୩ଟି ପେପର ଯଥାକ୍ରମେ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା, ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଏବଂ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ହେବାକୁ ଯାଉଛି। କଟକର ମୋଟ୍ ୮ଟି ପରୀକ୍ଷା କେନ୍ଦ୍ରରେ ଏନ୍‌ଡିଏ, ଏନ୍ଏ (ଆଇ) ଏବଂ ୬ଟି ପରୀକ୍ଷା କେନ୍ଦ୍ରରେ ସିଡିଏସ୍(ଆଇ) ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ପ୍ରଣୀତ ନିୟମ ଅନୁସାରେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରର ଦ୍ୱାର ବନ୍ଦ କରାଯିବ। କୌଣସି ପରୀକ୍ଷାର୍ଥୀଙ୍କୁ ଉକ୍ତ ସମୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଧାରିତ ସମୟ ପରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷା ପରିଚାଳନା କରୁଥିବା କୌଣସି ଅଧିକାରୀଙ୍କୁ ଇଚ୍ଛାମୂଳକ ସାମର୍ଥ୍ୟ ଦିଆଯାଇନାହିଁ। ଏଣୁ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଉକ୍ତ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିବା ପରୀକ୍ଷାର୍ଥୀ ନିଜ ନିଜର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାର ଅତିକମ୍‌ରେ ୩୦ ମିନିଟ୍ ପୂର୍ବରୁ ପ୍ରବେଶ କରିବାକୁ ଅନୁରୋଧ କରାଯାଇଛି।






# ସତୀତ୍ୱର ବହ୍ନି



ଦେବଦତ୍ତ ପଟ୍ଟନାୟକ

ୟୁରୋପରେ ଖ୍ରୀଷ୍ଟିଆନ ଧର୍ମଯାଜକ ସଇତାନଙ୍କୁ ପୂଜାକରୁଥିବା ଡାହାଣୀ ସନ୍ଦେହରେ ମହିଳାମାନଙ୍କୁ ଜିଅନ୍ତା ପୋଡ଼ିଦେଉଥିଲେ। ଆରବରେ ଇସ୍‌ଲାମ ଛାଡ଼ିଦେବା ପରିବର୍ତ୍ତେ ମୃତ୍ୟୁକୁ ପସନ୍ଦ କରୁଥିଲେ ଓ ଶହୀଦ ହେଉଥିଲେ। ସେମାନଙ୍କୁ ଏକ ଖାଇରେ ପକାଇ ଦିଆଯାଇ ନିଆଁ ଲଗାଇ ଦିଆଯାଉଥିଲା। ଧର୍ମୀୟ ବିବାଦକୁ ଦେଖିଲେ ମୃତ୍ୟୁର ରଙ୍ଗମଞ୍ଚ ମାନବ ସଂସ୍କୃତିର ଏକ ବଡ଼ ଅଂଶ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଯେଉଁଥିରେ ହିନ୍ଦୁ ବିଧବାଙ୍କୁ ଜଳିଦିଆଯାଉଥିବା ସତୀପ୍ରଥାକୁ ଦେଖାଯାଉ। ୧୮୯୨ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସତୀପ୍ରଥାକୁ ବନ୍ଦକରିବାକୁ ଏକ ଆଇନ ଆଣିଥିଲେ। ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ବହୁ ଦିନ ଧରି ୟୁରୋପୀୟ ଦେଶଗୁଡ଼ିକରେ ଏହି ପ୍ରଥାକୁ ସାମ୍ନାକୁ ଆଣି ବିରୋଧ କରିଥିଲେ। ସେମାନେ ଯୁକ୍ତି ବାଢ଼ିଥିଲେ, ଭାରତ ଏହାର ଉଚ୍ଚ ଦର୍ଶନ ପରିବର୍ତ୍ତେ ଏକ ବର୍ବର ଭୂମି ଥିଲା ଯାହାର ସଭ୍ୟତାକୁ ବଞ୍ଚାଇବାର ଆବଶ୍ୟକତା ଥିଲା। ଏହି ପ୍ରତିବନ୍ଧକକୁ ଅସ୍ୱୀକାର କରି ୧ ଦଶନ୍ଧି ପରେ ଶିଖ୍ ସାମ୍ରାଜ୍ୟରେ ୪ ଜଣ ରାଜପୁତ ରାଣୀ ଏବଂ ୭ ଜଣ ଦାସୀ ରାଜା ରଣଜିତ ସିଂହଙ୍କ ଚିତାଗ୍ନିରେ ଝାସ ଦେଇଥିଲେ। ଏକ କଙ୍ଗଡ଼ା ଚିତ୍ରକଳାରେ ଏହି ଘଟଣାକୁ ଦର୍ଶାଯାଇଥିଲା। ୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତ ମେଘନାଦ ବଧ ଗୀତିନାଟ୍ୟ ଲେଖିଥିଲେ। ଏଥିରେ ରାବଣର ପୁତ୍ରବଧୂ ତଥା ଇନ୍ଦ୍ରଜିତଙ୍କ ବିଧବା ରାଣୀ ପ୍ରମିଳାଙ୍କ ସତୀତ୍ୱର କାହାଣୀକୁ ଏହା ସାମ୍ନାକୁ ଆଣିଥିଲେ। ଏହାର ମୂଳ କାହାଣୀ ୭୦୦ ବର୍ଷ ପୁରୁଣା ତେଲଗୁ ରଙ୍ଗନାଥ ରାମାୟଣରେ ରହିଛି। ଏପରିକି ସତୀପ୍ରଥା ବନ୍ଦକୁ ସମର୍ଥନ କରୁଥିବା ହିନ୍ଦୁ ସମାଜ ସଂସ୍କାରକମାନେ ମଧ ଏହି ବେଙ୍ଗଲୀ ଗୀତିନାଟ୍ୟକୁ ପ୍ରଶଂସାକରିବା ତାହାକୁ ସାହିତ୍ୟର ଉତ୍କୃଷ୍ଟ କୃତି ବୋଲି କହିଥିଲେ।

ବୀରାଙ୍ଗନାମାନେ ସେମାନଙ୍କ ସ୍ୱାମୀଙ୍କ ମୃତଦେହ ସହ କିମ୍ବା ବିନା ମୃତଦେହରେ ନିଜକୁ ଅଗ୍ନିରେ ଝାସଦେଇ 'ସତୀ' ହେବା ପରମ୍ପରା କେବେଠୁ ଭାରତରେ ରହିଥିଲା ତାହା କେହି ଠିକ୍ ଭାବେ ଜାଣନ୍ତିନାହିଁ। ସତୀ ଶବ୍ଦର ଅର୍ଥ ପତିବ୍ରତା ନାରୀ। ଏହି ଅମାନବୀୟ ସତୀ ପରମ୍ପରାର ବିଶ୍ୱସ୍ତତା ସିଦ୍ଧାନ୍ତ ସହ ସମ୍ପର୍କ ରହିଛି। ସତୀ ସିଦ୍ଧାନ୍ତରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହା କଥା ଚିନ୍ତାକରେ ନାହିଁ। ତାଙ୍କ ପତିଙ୍କର ଅଲୌକିକ ଶକ୍ତି ଥିଲା। ସେହି ପତିବ୍ରତା ନାରୀ ଅଧାଗଢ଼ା ମାଠିଆରେ ପାଣି କାଢ଼ି ପାରୁଥିଲେ, ଯାହା ସତୀ ରେଣୁକାଙ୍କ କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ନାରୀ ସୂର୍ଯ୍ୟ ଉଦୟକୁ ଅଟକାଇ ଦେଇପାରୁଥିବା କଥା ସତୀ ଶୀଳାବତୀ କାହାଣୀରେ ଉଲ୍ଲେଖ ରହିଛି। ସତୀ ନାରୀ ମଧ ହିନ୍ଦୁଧର୍ମର



ତ୍ରିମୂର୍ତ୍ତିଙ୍କୁ ତାଙ୍କ ସନ୍ତାନରେ ପରିଣତ କରିଦେଇପାରନ୍ତି, ଯାହା ସତୀ ଅନସୂୟା କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ସାବିତ୍ରୀ ଯମ କବଳରୁ ତାଙ୍କ ସ୍ୱାମୀଙ୍କୁ ରକ୍ଷା କରିପାରିଥିଲେ। ଏଣୁ ଏହା ଗ୍ରହଣକରି ନିଆଗଲା ଯେ, ଜଣେ ସତୀ ନାରୀ ତାଙ୍କ ବୀର ସ୍ୱାମୀଙ୍କୁ ମୃତ୍ୟୁରୁ ରକ୍ଷା କରିପାରିବେ।

ବୈଦିକ ସାହିତ୍ୟରେ ଏହି ପ୍ରଥା ସମ୍ପର୍କରେ କିଛି କୁହାଯାଇନାହିଁ। ଋଗ୍‌ବେଦରେ କେବଳ ଉଲ୍ଲେଖ ରହିଛି, ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ କଡ଼ରେ ଶୋଇ ରହନ୍ତି ଓ ପରେ ଅନ୍ୟ ଜଣେ ପୁରୁଷଙ୍କ ହାତ ଧରି ପୁଣି ନୂଆ ଜୀବନକୁ ଫେରନ୍ତି। ଏହା ଉତ୍ତର ଭାରତର ପଶୁପାଳକ ଗୋଷ୍ଠୀର 'ଚାଦର ଚନ୍ଦନ' ପରମ୍ପରାକୁ ଉତ୍ସାହିତ କରିଛି, ଯେଉଁଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟଙ୍କୁ ବିବାହ କରିଥାନ୍ତି। ଏହି ପ୍ରକାର ପରମ୍ପରା ଇହୁଦୀ ବାଇବେଲରେ ମଧ ଦେଖିବାକୁ ମିଳେ, ଯେଉଁଠି ତମାର(ରାଜା ଡାଭିଡ୍‌ଙ୍କ କନ୍ୟା ତଥା ଜୁଦାଙ୍କ ପୁତ୍ରବଧୂ)ଙ୍କୁ ତାଙ୍କ ଦିଅରକୁ ବିବାହ କରିବାକୁ ବାଧ୍ୟକରାଯାଇଥିଲା। ନାରୀ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିମାନେ ଏହି ପ୍ରକାର ପୁନର୍ବିବାହକୁ ପୁରୁଷପ୍ରଧାନ ସାମାଜିକ ବ୍ୟବସ୍ଥା ଭାବେ ଦେଖୁଥିଲେ, ଯେହେତୁ ବିଧବାଙ୍କ କୌଣସି ପ୍ରଭାବ ନ ଥିଲା। ବ୍ରାହ୍ମଣ ଓ ରାଜପୁତମାନେ ପୁନର୍ବିବାହକୁ ସ୍ୱୀକାର କରୁ ନ ଥିଲେ। କାରଣ ଏହାକୁ ସେମାନେ ନିମ୍ନ ଜାତିର ପରମ୍ପରା ଭାବେ ଦେଖୁଥିଲେ, ଯାହା ରାମାୟଣର ରାକ୍ଷସ ଓ ମର୍କଟଙ୍କ ମଧ୍ୟରେ ଦେଖିବାକୁ ମିଳେ। ଜଣେ ଉଚ୍ଚଜାତିର ବିଧବା ଯଦି ତାଙ୍କ ସ୍ୱାମୀଙ୍କ ଚିତାରେ ଝାସଦେବାକୁ ମନାକରୁଥିଲେ,ତେବେ ସେ ଲଣ୍ଡାହୋଇ ଶରୀରକୁ ଗହଣାରେ ଢାଙ୍କିହେବା ସହ ବିନା ଲୁଣ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇଲେ ହିଁ ତାଙ୍କୁ ସମ୍ମାନ ମିଳୁଥିଲା। ସେ ଜଣେ ନନ୍ ଭଳି ବଞ୍ଚୁଥିଲେ ଏବଂ ମଥୁରା ଓ ବୃନ୍ଦାବନର ମନ୍ଦିରଗୁଡ଼ିକରେ ଏକୁଟିଆ ରହୁଥିଲେ। ଷୋଡ଼ଶ ଶତାବ୍ଦୀର ରାଜପୁତ ରାଜକୁମାରୀ ମୀରା ସତୀ ହେବା ପାଇଁ ମନା କରିଦେଇ ସର୍ବସାଧାରଣରେ କୃଷ୍ଣ ଭଜନ ଗାଇବାରେ ନିଜ ଜୀବନକୁ ସମର୍ପିତ କରିଦେଇଥିଲେ। ତାଙ୍କ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ସମସ୍ୟାରେ ପକାଇବା ଯୋଗୁ ସେ ଅଲୌକିକ ଭାବେ ଦ୍ୱାରକାରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ବିଧବା ନିଆଁରେ ଝାସଦେଇ ମୃତ୍ୟୁବରଣ କରିବାର ପ୍ରମାଣ ନେପାଳ, କେନ୍ଦ୍ର ଓ ପଶ୍ଚିମ ଭାରତରୁ ମିଳିଥିବା ୧୬୦୦ ବର୍ଷ ପୁରୁଣା ପୁରାତନ ପ୍ରତ୍ନତାତ୍ତ୍ୱିକ ଓ ଶିଳାଲେଖରୁ ମିଳେ। ଏହା ହେଉଛି ପାଖାପାଖି ସେହି ସମୟ ଯେତେବେଳେ ରାଜା ସାତବାହାନ ଗୋଦାବରୀ ନଦୀ ଅବବାହିକାକୁ ଅଧିକାର କରିଥିଲେ। ସେହି ସମୟର ଏକ ତାମିଲ ସଙ୍ଗମ କବିତାରେ ଜଣେ ବିଧବା କହିଛନ୍ତି, ''ମୋଟା କାଠଗଣ୍ଡିର ଚିତା ବା ଅଗ୍ନିଶିଖା ତୁମକୁ ଡରାଇଦେବ, କିନ୍ତୁ ତା'ପ୍ରତି ମୋ ମନରେ ଭୟ ନାହିଁ, କାରଣ ମୋ ସହ ବୀର ସ୍ୱାମୀ ରହିଛନ୍ତି। ଏକ ପଦ୍ମପୋଖରୀ ଏବଂ ଏକ ଅଗ୍ନିଶିଖାର ବେଦି ଉଭୟ ମୋ ପାଇଁ ସମାନ (ପୁରାଣନୁରୁ, ୨୪୬)।'' ସେହି ସମୟର ପ୍ରକୃତି ସାହିତ୍ୟର ଗହା ସତ୍ତାସି ( କବିତା ୪୦୭)ରେ ନିଜର ପ୍ରିୟ ସ୍ୱାମୀ କଡ଼ରେ ରହିଥିବା ଜଣେ ବିଧବା ଶରୀରରୁ ନିଗୁଡୁଥିବା ବୁନ୍ଦାବୁନ୍ଦା ଜଳ କିଭଳି ଚିତାକୁ ଲିଭାଇଦିଏ ସେ ସମ୍ପର୍କରେ ବର୍ଣ୍ଣନା ରହିଛି।

ପ୍ରାୟ ୧୩୦୦ ବର୍ଷ ପୂର୍ବର ପୁରାତନ ବ୍ରାହ୍ମଣୀୟ ଗ୍ରନ୍ଥ (ପ୍ରସାର ଓ ବିଷ୍ଣୁ ଧର୍ମଶାସ୍ତ୍ର)ରେ ଏହି ପ୍ରଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହାକୁ ସତୀତ୍ୱ ବଜାୟ ରଖିବା ଏବଂ ସ୍ୱର୍ଗକୁ ଯିବାର ପଥ ବୋଲି କୁହାଯାଇଛି। କିନ୍ତୁ ଏହା କେବଳ ଯୋଦ୍ଧା ସମୁଦାୟଙ୍କ ମଧ୍ୟରେ ସୀମିତ ଥିଲା। ଏଥିରେ ସମ୍ମାନ ମିଳୁଥିଲା, ବେଶ୍ ଲୋକପ୍ରିୟ ଥିଲା। ରାଜସ୍ଥାନଠାରୁ ଆରମ୍ଭକରି କେନ୍ଦ୍ର ଭାରତ, ନର୍ମଦା ଅବବାହିକା ଏବଂ ଓଡ଼ିଶା ପର୍ଯ୍ୟନ୍ତ ସତୀ ପ୍ରଥାର ବ୍ୟାପକ ପ୍ରସାରରୁ ଏହାର ସଙ୍କେତ ମିଳେ। ଚତୁର୍ଦ୍ଦଶ ଶତାବ୍ଦୀରେ ଏହାକୁ ଔପଚାରିକ ଭାବେ ବିରୋଧ କରିବାରେ ପ୍ରଥମ ରାଜା ହେଉଛନ୍ତି ମହମ୍ମଦ ତୋଗଲକ। କିନ୍ତୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ବିଶେଷକରି ମରାଠା ଓ ରାଜପୁତମାନେ ସତୀ ଝାସଦେଇଥିବା ସ୍ଥାନରେ ସ୍ମାରକ ନିର୍ମାଣ କରିଥିଲେ। ପାଖାପାଖି ୩୦୦ ବର୍ଷ ପୂର୍ବେ ପଶ୍ଚିମବଙ୍ଗର କୁଳୀନ ବ୍ରାହ୍ମଣମାନେ ଏହି ପ୍ରଥାକୁ ଗ୍ରହଣ କରିଥିଲେ। ତେବେ ଚିନ୍ତାର ବିଷୟ ହେଲା, ଏହା କ'ଣ ବହୁ ବିବାହ ପରମ୍ପରା ସହ ରହିଥିଲା? ଜାତିଶୁଦ୍ଧତାର ସେବାରେ ନିଃସନ୍ତାନ ବାଲ୍ୟ ବିଧବାଙ୍କ ପାଇଁ କୁଳୀନ ପୂଜକ ଗୋଷ୍ଠୀଙ୍କ ଦ୍ୱାରା ଏହା ଯୁକ୍ତିଯୁକ୍ତ ଥିଲା। ସେଥିପାଇଁ ଭାରତକୁ ବଦନାମ କରିବା ଏବଂ ଏହା ଉପରେ ପ୍ରତିବନ୍ଧକ ଲଗାଇବା ସକାଶେ ବ୍ରିଟିଶ ଧର୍ମଯାଜକମାନେ ୟୁରୋପରେ ଜୋର୍‌ସୋର ପ୍ରଚାର କରିଥିଲେ।

-devduttofficial@gmail.com

## ଏଇ ଭାରତରେ

ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସକରି ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯିବାର ପ୍ରୟାସ କରାଯାଉଛି। ସବୁଜ ଶକ୍ତି ତଥା ଜୈବ ଇନ୍ଧନ ଏହାର ବିକଳ୍ପ ହୋଇଥିବାରୁ ଏବେ ଏସବୁ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଆଇଆଇଟି ମାଡ୍ରାସ୍‌ର ପୁରାତନ ଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସି-୬ ଏନର୍ଜୀ ଫାଉଣ୍ଡେଶନ ସିଉ୍ୱିଡ୍ ବା ସମୁଦ୍ରଶୈବାଳରୁ ବାୟୋଫୁଏଲ ବା ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରୁଛି। ସେମାନେ ଏଭଳି ଶୈବାଳକୁ ସମୁଦ୍ରରେ ଚାଷ କରିବାର ବ୍ୟବସ୍ଥା ମଧ କରିଛନ୍ତି। ନେଲ୍‌ସନ ଭାଡ୍‌ସେରି, ଶ୍ରୀକୁମାର ସୂର୍ଯ୍ୟନାରାୟଣ, ଶୈଳଜା ନୋରି ଏବଂ ସୌମ୍ୟା ବାଲେନ୍ଦିରାନ ୨୦୧୦ରେ ଏହି ଷ୍ଟାର୍ଟଅପ୍ ଗଠନ କରିଥିଲେ। ବାୟୋଫୁଏଲ ପ୍ରସ୍ତୁତ ପ୍ରକ୍ରିୟା ସମ୍ପୂର୍ଣ୍ଣ କାର୍ବନ ନ୍ୟୁଟ୍ରାଲ। ଅର୍ଥାତ୍ ଇନ୍ଧନ ପ୍ରସ୍ତୁତବେଳେ ଯେଉଁ ପରିମାଣର କାର୍ବନ ଡାଇଅକ୍ସାଇଡ ନିର୍ଗତ ହେଉଛି ତାହାକୁ ଚାଷ ସମୟରେ ସମୁଦ୍ରଶୈବାଳ ଗ୍ରହଣ କରିନେଉଛି। ଏବେ ଏହି ଷ୍ଟାର୍ଟଅପ୍‌କୁ ନେଦରଲାଣ୍ଡସର ଆକ୍ୱା ସ୍ପାର୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମରୁ ପାଣ୍ଠି ମିଳିଛି। ଏହା ମଧ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍‌ପିସିଏଲ) ସହ ଗବେଷଣା ଓ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ମିଳିତ ଭାବେ କାମ କରୁଛି। ଶୈବାଳ ଚାଷ ହେବାଦ୍ୱାରା ସାମୁଦ୍ରିକ ଜୈବବିବିଧତାର ବିକାଶ ଘଟୁଛି ଏବଂ ଜଳବାୟୁ ପରିବର୍ତ୍ତନ ପଦକ୍ଷେପରେ ସି-୬ ଏନର୍ଜୀ ଫାଉଣ୍ଡେଶନ ସାମିଲ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୭୬

- ଧଉଳିଠାରେ ଏକ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହରିଜନମାନଙ୍କର ସାମାଜିକ ତଥା ଅର୍ଥନୈତିକ ଉନ୍ନତି ନିମନ୍ତେ ୭୩୦ ନିୟୁତ ଟଙ୍କା ବ୍ୟୟ ବରାଦ।
- ବାଙ୍ଗାଲୋରଠାରେ ଥିବା ହିନ୍ଦୁସ୍ତାନ ଯନ୍ତ୍ରପାତି କାରଖାନା ୮୬ କୋଟି ଟଙ୍କାର ଯନ୍ତ୍ରପାତି ଉତ୍ପାଦନ କରି ନୂତନ ରେକର୍ଡ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | | | 3 | |
| | 8 | | | | | | | |
| | | 1 | | 8 | | 7 | | 9 |
| | 6 | | | | | 1 | 8 | 2 |
| | 3 | | | | | | | 7 |
| 8 | | 9 | | | | | 6 | 5 |
| | 7 | 8 | | | 9 | | | |
| 3 | | | | | | | | |
| 4 | | | 7 | 6 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 4 | 5 | 7 | 3 | 9 | 8 |
| 8 | 7 | 3 | 9 | 6 | 2 | 4 | 1 | 5 |
| 9 | 4 | 5 | 8 | 1 | 3 | 6 | 2 | 7 |
| 6 | 3 | 8 | 1 | 2 | 5 | 7 | 4 | 9 |
| 7 | 5 | 9 | 3 | 4 | 6 | 2 | 8 | 1 |
| 4 | 2 | 1 | 7 | 8 | 9 | 5 | 3 | 6 |
| 5 | 9 | 6 | 2 | 3 | 8 | 1 | 7 | 4 |
| 2 | 8 | 4 | 6 | 7 | 1 | 9 | 5 | 3 |
| 3 | 1 | 7 | 5 | 9 | 4 | 8 | 6 | 2 |

ଗତକାଲିର ଉତ୍ତର

# ବିଶ୍ୱ ରାଜନୀତି ଓ ଟ୍ରମ୍ପ୍



ଜନାର୍ଦ୍ଦନ ପତି

୨୦୨୫, ଜାନୁଆରୀ ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲାପରେ ବିଶ୍ୱର ବିଭିନ୍ନ ଦେଶରେ ଏହାର ପ୍ରତିକ୍ରିୟା ଦେଖାଦେଇଛି। ଟ୍ରମ୍ପ ଘୋଷଣା କରିଥିଲେ ଯେ, ସେ ଶପଥ ନେବାର ୨୪ଘଣ୍ଟା ମଧ୍ୟରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରିଦେବେ। ଗାଜା ଷ୍ଟ୍ରିପ୍‌ରେ ଯୁଦ୍ଧ ବିରତି ନିମନ୍ତେ ହମାସ ଓ ଇସ୍ରାଏଲ ସରକାର ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୩ ଅକ୍ଟୋବର ୭ ତାରିଖରୁ ୨୦୨୫, ଜାନୁଆରୀ ୧୯ ପର୍ଯ୍ୟନ୍ତ ଏକପାଖିଆ ଯୁଦ୍ଧରେ ଇସ୍ରାଏଲ ଜିତିପାରିଲା ନାହିଁ। ଇସ୍ରାଏଲ ଗାଜାଷ୍ଟ୍ରିପ୍ ଉପରେ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଘୋଷଣା କରିଥିଲା ଯେ, ହମାସ୍‌କୁ ସମୂଳେ ଧ୍ୱଂସ କରିବା ଓ ସମସ୍ତ ପଣବନ୍ଦୀଙ୍କୁ ହମାସ୍ କବଳରୁ ମୁକ୍ତ ନ କଲା ପର୍ଯ୍ୟନ୍ତ ଯୁଦ୍ଧ ଶେଷ ହେବ ନାହିଁ। ଇସ୍ରାଏଲର ଶକ୍ତିଶାଳୀ ସାମରିକ ବାହିନୀ ଓ ଆମେରିକାର ଅସରନ୍ତି ଅସ୍ତ୍ର ଭଣ୍ଡାରରୁ ଇସ୍ରାଏଲକୁ ଅବିରାମ ଅସ୍ତ୍ର ଚାଲାଣ ସତ୍ତ୍ୱେ ହମାସ୍ କ'ଣ ଧ୍ୱଂସ ହୋଇଯାଇଛି? ହମାସ୍ ଅବଶ୍ୟ ଦୁର୍ବଳ ହୋଇଛି ସତ, ମାତ୍ର ଆମେରିକାର ପୂର୍ବତନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ସ ବ୍ଲିଙ୍କନଙ୍କ ମତରେ ହମାସ୍ ଯେତିକି ଯୋଦ୍ଧାଙ୍କୁ ଯୁଦ୍ଧରେ ହରାଇଛି, ତା'ଠାରୁ ବେଶି ଯୋଦ୍ଧାଙ୍କୁ ସେମାନେ ତାଙ୍କ ବାହିନୀରେ ସାମିଲ କରିପାରିଛନ୍ତି। ବାସ୍ତବିକ ଏ ଯୁଦ୍ଧରେ ଇସ୍ରାଏଲ ଓ ଆମେରିକାର ପରାଜୟ ଘଟିଛି। ଆମେରିକା ଓ ଇସ୍ରାଏଲ ବିଶ୍ୱରେ କ୍ରମଶଃ ଏକଘରକିଆ ହୋଇଯାଇଛନ୍ତି। ୧୯ ଜାନୁଆରୀ ୨୦୨୫ରେ ହୋଇଥିବା ଯୁଦ୍ଧ ବିରତକୁ ଇସ୍ରାଏଲ ବାତିଲ କରି ପାଲେଷ୍ଟାଇନଙ୍କ ଉପରେ ପୁଣି ଯୁଦ୍ଧ ଓ ହତ୍ୟାକାଣ୍ଡ ଘଟାଇ ଚାଲିଛି।

ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ନୀତି କ'ଣ ହେବ, ତାହାର ଏକ ଝଲକ ଟ୍ରମ୍ପଙ୍କ ଶପଥଗ୍ରହଣର ୨୪ଘଣ୍ଟା ମଧ୍ୟରେ ଜଣାପଡିଥିଲା। ରୁଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ ହୋଇନାହିଁ, କିନ୍ତୁ ଆମେରିକାର ୪୭ତମ ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷଣା କାନାଡ଼ା, ମେକ୍ସିକୋ, ୟୁରୋପ, ଆଫ୍ରିକା, ପଶ୍ଚିମ ଏସିଆ, ଚାଇନା, ରୁଷିଆ, ଭାରତ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଉପରେ ପ୍ରଭାବ ପକାଇଛି। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, କାନାଡ଼ାର ଅସ୍ତିତ୍ୱ ରହିବ ନାହିଁ ଓ ଏହା ଯୁକ୍ତରାଷ୍ଟ୍ର ଆମେରିକାର ୫୧ତମ ରାଜ୍ୟ ଭାବେ ପରିଗଣିତ ହେବ। କାନାଡ଼ାର ନାଗରିକମାନେ କ'ଣ ଏହାକୁ ଗ୍ରହଣ କରିନେବେ? କାନାଡ଼ା ସରକାର ଟ୍ରମ୍ପଙ୍କ ଏ ପ୍ରକାର ଘୋଷଣାକୁ ପାଗଳାମି ବୋଲି କହିଛି।

ଟ୍ରମ୍ପ କହିଛନ୍ତି ଯେ, ସେ ଡେନମାର୍କଠାରୁ ଗ୍ରୀନ୍‌ଲାଣ୍ଡକୁ ଜବରଦସ୍ତ କିଣିନେବେ ନଚେତ୍ ସାମରିକ ବାହିନୀ ଦ୍ୱାରା ଦଖଲ କରିବେ। ସେ ଆଉ ମଧ କହିଛନ୍ତି, ମେକ୍ସିକୋ ସାଗରକୁ (ଗଲ୍ଫ ଅଫ୍ ମେକ୍ସିକୋ) ଆମେରିକା ସାଗରରେ ନାମିତ କରିବେ। ଏହା ସହ ଟ୍ରମ୍ପ ଦମ୍ଭରେ କହିଛନ୍ତି, ପାନାମାଠାରୁ ପାନାମା କେନାଲର କର୍ତ୍ତୃତ୍ୱକୁ ଛଡ଼ାଇ ନେବେ। ପୃଥିବୀର ମାନଚିତ୍ର ବଦଳାଇବା ପାଇଁ ଘୋଷଣା କରିବା ସହ ସେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନଠାରୁ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କ ଛିନ୍ନ କରିଛନ୍ତି ଓ ପ୍ୟାରିସ ଜଳବାୟୁ ଚୁକ୍ତିନାମାରୁ ଆମେରିକାକୁ ଅଲଗା କରିଛନ୍ତି। ଅର୍ଥାତ୍ ବିଶ୍ୱର ସ୍ୱାସ୍ଥ୍ୟସେବା ଯେପରି ଗୁରୁତର ବ୍ୟାହତ ହେବ, ତାହା ହେଉଛି ଟ୍ରମ୍ପଙ୍କ ଲକ୍ଷ୍ୟ।

ଅର୍ଥନୈତିକ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଦେଶନାମା ଆହୁରି ଗୁରୁତ୍ୱ ବହନ କରିଛି। ୟୁରୋପୀୟ




ଦେଶଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନଙ୍କ ଜିଡିପିର ୫ ଶତାଂଶ ସାମରିକ କ୍ଷେତ୍ରରେ ବ୍ୟୟ କରାଯିବା ଆବଶ୍ୟକ। ଯଦିଓ ଆମେରିକା ନିଜେ ବି ଏହି ଅନୁପାତ ସାମରିକ କ୍ଷେତ୍ର ପାଇଁ ବ୍ୟୟ କରିନାହିଁ। ୟୁରୋପୀୟ ଦେଶମାନେ ଆମେରିକାର ଉତ୍ପାଦିତ ସାମଗ୍ରୀ ନ କିଣିଲେ ସେମାନଙ୍କ ପଣ୍ୟ ଉପରେ ୧୦% ଟିକସ ବସାଯିବ ବୋଲି ସେ ଘୋଷଣା କରିଛନ୍ତି। ବ୍ରିକ୍ସ ଦେଶମାନଙ୍କର ପଣ୍ୟ ଉପରେ ୧୦% ଟିକସ ବସାଇବାକୁ ଧମକ ଦେଇଛନ୍ତି।

୧୯୫୦ରୁ ୭୦ ଦଶକରେ ଆମେରିକା ଯେପରି ଭିଏଟନାମ, କୋରିଆ ଓ କାମ୍ବୋଡିଆରେ ଯୁଦ୍ଧ କରି ଶେଷରେ ପରାସ୍ତ ହୋଇଥିଲା ଓ ଆଫଗାନିସ୍ଥାନ ଉପରେ ୨୦ବର୍ଷ ଆକ୍ରମଣ କରି ଶେଷରେ ଏକତରଫା ଯୁଦ୍ଧ ସମାପ୍ତି ଘୋଷଣା କରିଥିଲା- ତାହା ଆମେରିକା ସରକାରଙ୍କ ପାଇଁ ଏକ ଶିକ୍ଷା ହେବା ଆବଶ୍ୟକ। ମାତ୍ର ଡୋନାଲ୍ଡ ଟ୍ରମ୍ପ ଯେଉଁ ରାସ୍ତା ଆପଣେଇଛନ୍ତି, ତାହା ସମଗ୍ର ବିଶ୍ୱକୁ ଏକ ସଙ୍କଟର ଗହ୍ୱର ଭିତରକୁ ଠେଲିଦେବ।

ଟ୍ରମ୍ପ ବାରମ୍ବାର କହୁଛନ୍ତି, ଆମେରିକା ଫାର୍ଷ୍ଟ। ଯଦି ଆମେରିକା ଅତି ଧନୀରୁ ପୁଣି ଧନୀ ଦେଶରେ ପରିଣତ ହୁଏ ଓ ଅନ୍ୟ ସମସ୍ତ ଦେଶ ଗରିବ ହୋଇ ରହିବେ, ତେବେ ଆମେରିକା କିପରି ନିଜକୁ ବଞ୍ଚାଇପାରିବ। ଅର୍ଥ ଓ ସାମରିକ ଅସ୍ତ୍ରରେ ବଳୀୟାନ ହୋଇ ସମଗ୍ର ବିଶ୍ୱକୁ ପଦାନତ କରିବାର ଆସ୍ପର୍ଦ୍ଧା ଯଦି କୌଣସି ବ୍ୟକ୍ତି ବା କୌଣସି ରାଷ୍ଟ୍ର ଦେଖାଏ, ତେବେ ତା'ର ପତନ ଅନିବାର୍ଯ୍ୟ। ଆଲେକଜାଣ୍ଡାର, ନେପୋଲିୟନ, ହିଟ୍‌ଲରଙ୍କ ବିଶ୍ୱ ବିଜୟ ଅଭିଯାନର ପରିଣାମ କ'ଣ ହୋଇଥିଲା, ତାହା ଇତିହାସ ଆମକୁ ବାରମ୍ବାର ସ୍ମରଣ କରାଇ ଦେଇଥାଏ।

ମାର୍କ୍ସ ଲେଖିଛନ୍ତି- ''ପୁଞ୍ଜି ହେଉଛି ଏକ ମୃତ ପିଶାଚ। ଶ୍ରମଜୀବୀ ମଣିଷ ଓ ସାଧାରଣ ଜନତାଙ୍କ ରକ୍ତ ପିଇପିଇ ଏହା ଦାନବ ହୋଇ ଠିଆ ହୁଏ।'' ସପ୍ତଦଶ ଶତାବ୍ଦୀ ପରଠାରୁ ୟୁରୋପୀୟ ପୁଞ୍ଜିପତିମାନେ ସମଗ୍ର ବିଶ୍ୱକୁ ଦଖଲ କରି ନିଜ ଅକ୍ତିଆରରେ ରଖିଥିଲେ। ଏସିଆ, ଆଫ୍ରିକା, ଲାଟିନ୍ ଆମେରିକା, ଅଷ୍ଟ୍ରେଲିଆ ଓ ଆମେରିକାକୁ ଏମାନେ ଦଖଲ କରିଥିଲେ। ଏକବିଂଶ ଶତାବ୍ଦୀରେ ପୁଞ୍ଜିପତିଙ୍କ ସବୁଠାରୁ ଦାନବୀୟ ଶକ୍ତିମାନେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ସମଗ୍ର ବିଶ୍ୱ ଦଖଲ ପାଇଁ ଉଦ୍ୟମରତ। ସେଇଥିପାଇଁ ସେମାନେ ଲାଟିନ୍ ଆମେରିକାର ଖଣିଜ ସମ୍ପଦ, ମଧ୍ୟପ୍ରାଚ୍ୟର ତୈଳ, ଗ୍ୟାସ୍ ଓ ଏସିଆର ପ୍ରାକୃତିକ ସମ୍ପଦ ଲୁଣ୍ଠନ ପାଇଁ ନାନାଦି ଫନ୍ଦି ବାହାର କରୁଛନ୍ତି। ପାଲେଷ୍ଟାନୀୟମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ଓ ଜାତିର ମାନ୍ୟତା ହରଣ କରାଯାଉଛି।

ଟ୍ରମ୍ପଙ୍କ ଘୋଷଣା ବା ଧମକ ଜଣେ ବ୍ୟକ୍ତିର ନୁହେଁ, ଏହା ସମଗ୍ର ପୁଞ୍ଜିପତି ଶ୍ରେଣୀର ଅପ୍ରତିଦ୍ୱନ୍ଦ୍ୱୀ ଦାନବର ଧମକ। ଆମ ଦେଶରେ ସରକାର ଦେଶୀ ଓ ବିଦେଶୀ ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି, ବେକାରମାନଙ୍କୁ ରୋଜଗାରର ଗ୍ୟାରେଣ୍ଟି ଦେବାକୁ ଅସ୍ୱୀକାର କରୁଛନ୍ତି। ଭାରତ ଉପରେ ଅତ୍ୟଧିକ ଟିକସ ଲଗାଇବାକୁ ଟ୍ରମ୍ପ ବାରମ୍ବାର ଧମକ ଦେବା ସତ୍ତ୍ୱେ ସରକାର ନୀରବ ରହୁଛନ୍ତି। କଲମ୍ବିଆ, କାନାଡ଼ା, ମେକ୍ସିକୋ, ୟୁରୋପ ଓ ଚାଇନା ଆଦି ଆମେରିକାକୁ ମୁହଁତୋଡ଼ ଜବାବ ଦେଲାବେଳେ ଭାରତ ଆମେରିକା ପାଖରେ ନତଜାନୁ ହୋଇ ରହିଛି। ବିଶ୍ୱର ସମସାମୟିକ ପରିସ୍ଥିତି କ୍ରମଶଃ ଅଧିକରୁ ଅଧିକ ସଙ୍କଟମୟ ହେବାରେ ଲାଗିଛି। ପ୍ରତ୍ୟେକ ଦେଶର ସଚେତନ ଜନସାଧାରଣଙ୍କ ଐକ୍ୟବଦ୍ଧ ପ୍ରତିରୋଧ ହିଁ ସମଗ୍ର ମାନବଜାତିକୁ ଆଗାମୀ ବିପଜ୍ଜନକ ପରିସ୍ଥିତିରୁ ମୁକୁଳାଇ ପାରିବ ଓ ଟ୍ରମ୍ପଙ୍କ ବିଶ୍ୱ ଦଖଲ ଅଭିଯାନକୁ ରୋକିପାରିବ।

ମୋ:୯୪୩୭୦୦୭୭୭୦

# ବିଚାର ଆପଣଙ୍କର



ଭାସ୍କର ବାରିକ

ମାତାପିତାଙ୍କଠାରୁ ଦୁନିଆରେ ଆଉ ବଡ଼ ଦେବତା ନାହାନ୍ତି। ବାପାମା'ଙ୍କୁ ଭକ୍ତି କରୁଥିବା, ତାଙ୍କର ସେବା କରୁଥିବା ସନ୍ତାନ ଜୀବନରେ କେବେ କେଉଁଠି ବି ହାରେନି। ବାପାମା'ଙ୍କର ଆଶିଷର ହାତ ସନ୍ତାନ ଉପରେ ଥିଲେ, ଜୀବନର ସମସ୍ତ ଝଡ଼ଝଞ୍ଜାକୁ ସେ ଅକ୍ଲେଶରେ ସାମନା କରିପାରେ। କିନ୍ତୁ ଏବର ଦୁନିଆରେ ବାପାମା'ଙ୍କ ସାହାରାରେ ବଡ଼ହୋଇ ନିଜ ଗୋଡ଼ରେ ଠିଆହେଲା ପରେ କିଛି ସନ୍ତାନ ନିଜ ବାଟରେ। ପରିଣତ ବୟସରେ ବାପାମା' ଗାଁରେ ଆଉ ଶିକ୍ଷିତ ସନ୍ତାନ ପରିବାର ସହିତ ସହରରେ। ଆଉ ଯେଉଁ ବାପାମା' ଜୀବନର ସର୍ବସ୍ୱ ହରେଇ ନିଜ ସନ୍ତାନର ସୁଖ ମନାସୁଥିଲେ, ହଜାରେ ମନ୍ଦିର ଯାଇ ସନ୍ତାନର ସଫଳତା ଓ ଉନ୍ନତି ପାଇଁ ଠାକୁରଙ୍କ ପାଖରେ ମାନସିକ ରଖୁଥିଲେ, ବୁଢ଼ା ବୟସରେ ପାଇଲେ କ'ଣ ସେମାନେ? ଦୁନିଆର ଆଲୋକ ଦେଖେଇଥିବା, ବଢ଼େଇ କୁଢେଇ ମଣିଷ କରିଥିବା ଜିଅନ୍ତା ଠାକୁରଙ୍କୁ ବାର୍ଦ୍ଧକ୍ୟ ଅବସ୍ଥାରେ ହତାଦର କରିବା କ'ଣ ମଣିଷ ପଣିଆ? ଯେଉଁ ସନ୍ତାନମାନେ ଏମିତି କରୁଛନ୍ତି, ସେମାନଙ୍କ ବାର୍ଦ୍ଧକ୍ୟ ସମୟରେ ତାଙ୍କ ନିଜର ସନ୍ତାନ ସନ୍ତତିଠାରୁ ଏମିତି ବ୍ୟବହାର ପାଇବା ଏକପ୍ରକାର ନିଶ୍ଚିତ। କଥାରେ ଅଛି ପରା ଯେମିତି ବୁଣିବ, ସେମିତି କାଟିବ।

ବୟସର ଅପରାହ୍ନରେ ନଇଁ ଯାଇଛି ଅଣ୍ଟା। ସ୍ପଷ୍ଟ ଭାବରେ କଥା କହିବାର ସାମର୍ଥ୍ୟ ହରେଇବା ଉପରେ ବୃଦ୍ଧ ଜଣକ। କେଉଁ ମୁହୂର୍ତ୍ତରେ ଆସିପାରେ ଉପରୁ ଡାକରା। ସେହି ବୃଦ୍ଧ ବ୍ୟକ୍ତି ଜଣଙ୍କ ବୁଲୁଛନ୍ତି ଜଗନ୍ନାଥ ଧାମ ପୁରୀ ବଡ଼ଦାଣ୍ଡରେ। କାମ କରିବାର ଶକ୍ତି ଆଉ ନାହିଁ। ଭିକ୍ଷାବୃତ୍ତି କରି ପେଟ ପୋଷୁଛନ୍ତି। ରାତି ହେଲେ କେଉଁ ଦୋକାନ ବାରଣ୍ଡା ହିଁ ପାଲଟୁଛି ତାଙ୍କ ଆଶ୍ରୟସ୍ଥଳୀ। ଏକ ଓଡ଼ିଆ ଟିଭି ଚାନେଲରେ ଏମିତି ଦୃଶ୍ୟର ପ୍ରସାରଣ ସେଦିନ ଦେଖିବା ପରେ ମନ ଭିତରେ ଝଡ଼ ଉଠୁଥିଲା। ଥରଥର କଣ୍ଠରେ ବ୍ୟକ୍ତି ଜଣଙ୍କ ତାଙ୍କର ଅତୀତକୁ ଖୋଲିଦେଇଥିଲେ ଦୁନିଆ ଆଗରେ। ସେ ଏକ ଛୋଟିଆ ଚାକିରି କରିଥିଲେ। ଯେଉଁ ସଂସ୍ଥାରେ ଚାକିରି କରିଥିଲେ, ସେହି ସଂସ୍ଥାରେ ପେନ୍‌ସନ ପାଇବାର କୌଣସି ବ୍ୟବସ୍ଥା ନ ଥିଲା। ଚାକିରି କାଳ ଭିତରେ ନିଜର ସମସ୍ତ ଅର୍ଥ ଘର ଚଳେଇବା, ପିଲା ଦୁଇଜଣଙ୍କ ପାଠ ପଢ଼ାରେ ଗଲା। ଅବସର ସମୟରେ ଯେଉଁ ଅର୍ଥ ପାଇଥିଲେ, ସେହି ଅର୍ଥରେ ଝିଅର ବାହାଘର ସାରିଦେଲେ। ଝିଅ ବାହାଘର ପରେ ପରେ ତାଙ୍କ ସ୍ତ୍ରୀ ଉପରକୁ ବାଟ କାଟିଲେ। ଏକୁଟିଆ ହୋଇଗଲେ ସେ। ଆଉ ଯାହା କିଛି ଟଙ୍କା ବାକିଥିଲା ଏକମାତ୍ର ପୁଅର ଉଚ୍ଚ ଶିକ୍ଷାରେ ଗଲା। ଆଶା ଥିଲା ପୁଅ ନିଜ ଗୋଡ଼ରେ ଠିଆହେଲା ପରେ ତାଙ୍କର ଆଉ କିଛି ଅସୁବିଧା ହେବନାହିଁ। ମଣିଷର ଆଶା ପରା ଅସୁମାରୀ। ପୁଅ ଭଲ ପାଠ ପଢ଼ି ଉଚ୍ଚ ପଦବୀରେ ବସିଲା। ପୁଅ ଚାକିରି କଲାପରେ ମଉସା ଭାବିଥିଲେ ତାଙ୍କ ଜୀବନ ସଫଳ ହୋଇଛି। କିନ୍ତୁ ବାସ୍ତବରେ ଦୁର୍ଭାଗ୍ୟ ଏଇଠୁ ଆରମ୍ଭ ହେଲା। ପୁଅ ଉଚ୍ଚପଦସ୍ଥ ଅଧିକାରୀ ହେଲାପରେ ଆଉ ଗାଁରେ ଥିବା ବୁଢ଼ା ବାପାକୁ ଅନେଇଲା ନାହିଁ। ସହରର ଚାକଚକ୍ୟ ଭିତରେ ଆରାମଦାୟକ ଜୀବନ ଜିଇଲା। ବୟସର ତାଡ଼ନା, ପେଟର ଭୋକ ଓ ଯାବତୀୟ ଯନ୍ତ୍ରଣାର ଶିକାର ହେଉଥିଲେ ମଧ ସେହି ବୃଦ୍ଧ ବ୍ୟକ୍ତି ପୁଅକୁ ଆଶୀର୍ବାଦ କରୁଥିଲେ ଟିଭି ପରଦାରେ। କହୁଥିଲେ, ପୁଅ ମୋର ଯେଉଁଠି ଅଛି, ଖୁସିରେ ରହୁ। ଈଶ୍ୱର ତା'ର ମଙ୍ଗଳ କରନ୍ତୁ। ବୋଧହୁଏ ଦୁନିଆରେ ସବୁ ବାପାମାନେ ଏମିତି ସନ୍ତାନର ମଙ୍ଗଳ କାମନା କରୁଥାନ୍ତି ରାତିଦିନ। କଥାରୁ ସ୍ପଷ୍ଟ ବାରିହେଉଥିଲା ତାଙ୍କ ଜୀବନର ଜ୍ୱଳନ, ଉତ୍ପୀଡନ, ନିଃସଙ୍ଗ ପଣିଆ, ଅସହାୟତା ଓ ଯନ୍ତ୍ରଣା। ଆଜିକାଲି ଦୁନିଆରେ ଏମିତି ଅନେକ ଘଟଣା ଘଟୁଛି। ଆମେ ଅତ୍ୟଧିକ ବସ୍ତୁବାଦୀ ହୋଇଯାଇଛୁ। ମାନବୀୟ ଗୁଣ ଓ ରକ୍ତ ସମ୍ପର୍କକୁ ପଛରେ ପକେଇ ବ୍ୟକ୍ତିବାଦୀ ହୋଇ ଯାଉଛୁ ଯାହା ଆଦୌ ଗ୍ରହଣୀୟ ନୁହେଁ। ଜୀବନର ନିଷ୍ଠୁର ବାସ୍ତବତାକୁ ଅନୁଭବ କଲାବେଳକୁ ହୁଏତ ନେଡ଼ିଗୁଡ଼ କହୁଣିକୁ ଛୁଇଁ ସାରିଥିବ। ଯେତେ ଲୁହ ଝରେଇଲେ ବି ଆଉ କିଛି ଲାଭ ହେବନି। ଆଜିର ବଳ ବୟସ କ୍ଷମତା ପଦବୀ ରୋଜଗାର କାଲିକୁ ନ ଥିବ। ଆଉ ତା' ପରେ ? ପରିଣତ ବୟସରେ ବାପାମା'ଙ୍କ ଆଖିରୁ ଝରୁଥିବା ତତଲା ଲୁହ କାହା ଉପରେ ପଡ଼ିବ ? ଏ ପାପ କୁକର୍ମର ଫଳ କିଏ ଭୋଗିବ ? ଶେଷରେ ଏତିକି କହିବି ସତରେ କ'ଣ ଏହି ବୃଦ୍ଧଙ୍କ ଭଳି ବାପାମାନଙ୍କ ପୁଅମାନଙ୍କୁ ଆମେ ମଣିଷର ଆଖ୍ୟା ଦେଇପାରିବା ? ବିଚାର ଆପଣମାନଙ୍କର।

ବାସୁଦେବପୁର,ଭଦ୍ରକ
ମୋ: ୯୪୩୭୩୨୦୩୫୦

## ଚିରନ୍ତନୀ

ତପତ ହିୟା ଶାନ୍ତିସମ
ସେ ରୂପ ପ୍ରାଣେ ଭାତିଲା ମମ
ନ ଛୁଏଁ ଯଥା ପାଦପ ଛାୟା
ନିଦାଘ ଘୋର ତାପ
ଛୁଇଁନି ତନୁ ପଥର ଅଭିଶାପ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ରାପଡ଼ା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ଚଳିତ ୧ ଏପ୍ରିଲରେ କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୨ ବର୍ଷ ପୂରିଛି। ତେବେ ଜିଲାର ଯେପରି ବିକାଶ ହେବାକଥା, ତାହା ହୋଇପାରିନାହିଁ। ପାରାଦୀପ -ହରିଦାସପୁର ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ଏହି ରୁଟ୍‌ରେ ଏଯାବତ୍ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିନାହିଁ। ଶିଳ୍ପାନୁଷ୍ଠାନ ନ ଥିବାରୁ ଏହା ଏକ ଶିଳ୍ପବିହୀନ ଜିଲାରେ ପରିଣତ ହୋଇଛି। ଦୁଃଖର କଥା, ଅନେକ ସେତୁ ବର୍ଷ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଉପାନ୍ତ ଗ୍ରାମରୁ ବ୍ଲକ ଓ ଜିଲା ସଦର ମହକୁମାକୁ ଯିବା ଲାଗି ସରକାରଙ୍କ 'ଲକ୍ଷ୍ମୀ' ବସ୍ ସେବା ଉପଲବ୍ଧ ନାହିଁ। ସେହିପରି ରାଜ୍ୟର ଅନେକ କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। କିନ୍ତୁ କେନ୍ଦ୍ରାପଡ଼ା କଲେଜ ଏଥିରୁ ବଞ୍ଚିତ। ଜିଲାରେ ମେଡିକାଲ କଲେଜଟିଏ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, କୃଷି, ପର୍ଯ୍ୟଟନ, ପିଇବା ପାଣି- ବିକାଶର ପ୍ରତିଟି ସୂଚକାଙ୍କରେ ଏହି ଜିଲା ପଛୁଆ। କେନ୍ଦ୍ରାପଡ଼ା ଜିଲାର ବିକାଶ ଲାଗି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦିଅନ୍ତୁ।

**-ପ୍ରତାପ କୁମାର ନାୟକ, କନପୁର, ଦୋମଣ୍ଡା, ରାଜକନିକା, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ତ୍ରୀ, ପୁଅଙ୍କୁ ମାରିବାକୁ ଘରେ ଡିନାମାଇଟ୍ ବିସ୍ଫୋରଣ

ଦିଗପହଣ୍ଡି,୯।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମ କାଳିଞ୍ଜି ସାହିରେ ବୁଧବାର ଅପରାହ୍ନ ୨ଟାରେ ବୋମା ବିସ୍ଫୋରଣରେ ୩ ଘରର ଛାତ ଉଡ଼ି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଗାଁରେ ଚାଲିଥିବା ମା' ଦଣ୍ଡକାଳୀଙ୍କ ନାଚ ଦେଖିବାକୁ ଯାଇଥିବାରୁ ୩ ପରିବାର ଲୋକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସ୍ୱାମୀ-ସ୍ତ୍ରୀ କଳହରୁ ସ୍ୱାମୀ ଏପରି ଘଟାଇଥିବା ଜଣାପଡ଼ିଛି। ଗ୍ରାମର ଗୌଡ଼ ସାହି ବାସିନ୍ଦା ବି. ଲାଛୁ ଦୋରାଙ୍କ ଜ୍ୱାଇଁ ସୁରେନ୍ଦ୍ର ଦୋରା ଏହି ଘଟଣା ଘଟାଇଛନ୍ତି।

ଖବରରୁ ଜଣାପଡିଛି, ସମ୍ବଲପୁର ଜିଲା ରଣାବନ୍ଧ ଗ୍ରାମର ସୁରେନ୍ଦ୍ର ପ୍ରାୟ ୭ ବର୍ଷ ତଳେ ବି . ଲାଛୁ ଦୋରାଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ସୁରେନ୍ଦ୍ର ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ପ୍ରାୟ ୬ ମାସ ତଳେ ଶ୍ୱଶୁର ଘର କୁଶପଡ଼ା ଗ୍ରାମକୁ ଆସି ଅନୀଲ ସାହୁଙ୍କ ଘରେ ସ୍ତ୍ରୀ ପୁଅଙ୍କୁ ଧରି ଭଡ଼ାରେ ରହୁଥିଲେ। ଗତ ୩ ଦିନ ତଳେ ସୁରେନ୍ଦ୍ର ଭୁବନେଶ୍ୱରରୁ କୁଶପଡାକୁ ଆସିଥିଲେ। ମଙ୍ଗଳବାର ରାତିରେ କୌଣସି କାରଣରୁ ସ୍ତ୍ରୀଙ୍କ ସହ ଝଗଡା ହୋଇଥିଲା। ବୁଧବାର ଦ୍ୱିପହରରେ ସ୍ତ୍ରୀ ତାଙ୍କ ପୁଅ(୫)କୁ ନେଇ ଘରେ ଶୋଇଥିବା ବେଳେ ଉଭୟଙ୍କୁ ଜୀବନରେ ମାରିଦେବା ପାଇଁ ସୁରେନ୍ଦ୍ର ଘରେ ଡିନାମାଇଟ ଖଞ୍ଜି ଦେଇଥିଲେ। ମାତ୍ର ଏହାର କିଛି ସମୟ ପୂର୍ବରୁ ସ୍ତ୍ରୀ ତାଙ୍କ ପୁଅକୁ ଧରି ଦଣ୍ଡନାଚ ଦେଖିବାକୁ ପାଖ ପଡୋଶୀଙ୍କ ସହ ଚାଲିଯାଇଥିଲେ। ଗ୍ରାମରେ ଦଣ୍ଡନାଚ ଚାଲିଥିବା ବେଳେ ଡିନାମାଇଟ ବିସ୍ଫୋରଣ ଘଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପ୍ରଥମେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ପରେ ବହୁ ସଂଖ୍ୟକ ଲୋକ ଘଟଣାସ୍ଥଳକୁ ଦୌଡି ଯାଇ ଦେଖିବା ବେଳକୁ ଗ୍ରାମର ଅନୀଲ ସାହୁ, ବାବୁ ସାହୁ ଏବଂ ଦଣ୍ଡପାଣି ସାହୁଙ୍କ ଘର ଛାତ ଭାଙ୍ଗି ଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ବିସ୍ଫୋରଣରେ ବାବୁ ସାହୁଙ୍କ ଘରେ ଭଡ଼ାରେ ରହୁଥିବା ଶୁଭଶ୍ରୀ ବିଷୋୟୀ ଏବଂ ଅନିଲ, ଦଣ୍ଡପାଣି ୨ ପରିବାରଙ୍କ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ନଷ୍ଟ ହୋଇଯାଇଛି। ସୁରେନ୍ଦ୍ର ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖି ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ସୁରେନ୍ଦ୍ରଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି।


ବିସ୍ଫୋରଣ ପ୍ରଭାବରେ ଭାଙ୍ଗି ଯାଇଥିବା ଘର।

# ବଲାଙ୍ଗୀରରେ ନବଜାତ ଶିଶୁ ବିକ୍ରି

- ଟିଟିଲାଗଡ଼ର ଜଣେ ମହିଳା ସାଜିଥିଲେ ମଧ୍ୟସ୍ଥି
- ଶିଶୁ ଉଦ୍ଧାର ପାଇଁ ଟିଟିଲାଗଡ଼ ଗଲା ସ୍ପେଶାଲ ଟିମ୍

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଜଣେ ନବଜାତ ଶିଶୁପୁତ୍ର ୨୦ ହଜାର ଟଙ୍କାରେ ବିକ୍ରି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ସାଜି ନବଜାତ ଶିଶୁପୁତ୍ରକୁ ରାଉରକେଲାର ଏକ ଦମ୍ପତିଙ୍କ ପାଇଁ ନେଇଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି। ବୁଧବାର ନବଜାତ ଶିଶୁ ବିକ୍ରି ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡଲାଇନ୍ ଓ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି) ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ତଦନ୍ତ ଆରମ୍ଭ ହୋଇଛି। ବଲାଙ୍ଗୀର ସହର ମାଲପଡ଼ାଠାରେ ରହୁଥିବା ଜଣେ ବିଧବା ମହିଳାଙ୍କ ଭଡ଼ାଘରେ ଡିସିପିୟୁ, ଚାଇଲ୍ଡଲାଇନ୍, ସିଡବ୍ଲୁସି ଟିମ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ପହଞ୍ଚି ପଚରାଉଚରା କରିବା ପରେ ନବଜାତ ଶିଶୁଟି ଟିଟିଲାଗଡ଼ର ଜଣେ ମହିଳାଙ୍କ ନିକଟରେ ଥିବା ଜଣାପଡିବାରୁ ପ୍ରଶାସନିକ ଟିମ୍ ଟିଟିଲାଗଡ଼ ଅଭିମୁଖେ ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁଇଁତଲା ଥାନା ତଲଗଜର ଜଣେ ଯୁବତୀ ପ୍ରାୟ ୪ ବର୍ଷ ତଳେ ସୋନପୁର ଜିଲା ଢୁଙ୍ଗୁରିପାଲି ଥାନା ଅଞ୍ଚଳରେ ବିବାହ କରିଥିଲେ। ସେମାନଙ୍କର ୩ବର୍ଷର ଏକ ଶିଶୁକନ୍ୟା ଅଛି। ଇତିମଧ୍ୟରେ ସ୍ୱାମୀଙ୍କ ମୃତ୍ୟୁ ଘଟିବାରୁ ମହିଳା ଜଣକ କୁନି ଝିଅକୁ ଧରି ବାପଘରକୁ ଚାଲିଆସିଥିଲେ। ପ୍ରାୟ ୬ ମାସ ତଳେ ସେ ନିଜ କୁନି ଝିଅ, ତାଙ୍କ ବାପା, ନାବାଳକ ଭାଇ ଓ ନାବାଳିକା ଭଉଣୀ ସହ ବଲାଙ୍ଗୀର ମାଲପଡ଼ାକୁ ଆସି ଏକ ଘରଭଡ଼ା ନେଇ ରହୁଥିଲେ। ତାଙ୍କ ବାପା ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ଗତ ୬ ତାରିଖରେ ମହିଳା ଜଣକ ସେହି ଭଡ଼ାଘରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁ ଜନ୍ମକରିବା ପରେ ସେ ଅସୁସ୍ଥ ହୋଇପଡିବାରୁ ଘରଭଡା ଦେଇଥିବା ମହିଳା ଜଣକ ତାଙ୍କୁ ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୮ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସ୍ଚାର୍ଜ କରାଯାଇଥିଲା। ଡିସ୍ଚାର୍ଜ ପରେ ସେ ଘରକୁ ଫେରିଥିଲେ ମଧ୍ୟ ନବଜାତ ଶିଶୁପୁତ୍ର ତାଙ୍କ ସହ ଘରକୁ ଫେରି ନ ଥିଲେ। ଏହାପରେ ଶିଶୁ ବିକ୍ରିଖବର ପ୍ରଘଟ ହୋଇଥିଲା। ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ଭାବେ ରାଉରକେଲାର ଜଣେ ଦମ୍ପତିଙ୍କ ପାଇଁ ଶିଶୁପୁତ୍ର କିଣିଥିବା ଜଣାପଡିଥିଲା। ୨୦ ହଜାର ଟଙ୍କାରେ ଶିଶୁପୁତ୍ର ବିକ୍ରି ହୋଇଥିବା ଏବଂ ଜନ୍ମଦାତ୍ରୀ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟରେ ୫ ହଜାର ଟଙ୍କା ଦିଆଯାଇଥିବା ଜଣାପଡିଥିଲା। ବୁଧବାର ଶିଶୁବିକ୍ରି ସମ୍ପର୍କରେ ଷ୍ଟାମ୍ପ ପେପରରେ ଲେଖାପଢ଼ା ହେବାର ଥିଲା। ଏହି ଖବର ପ୍ରଘଟ ହେବା ପରେ ସିଡବ୍ଲୁସିର ସାମାଜିକ କର୍ମୀ ଅରୁଣ ଝୁଆସ, ଚାଇଲ୍ଡଲାଇନ୍‌ର ଶ୍ରଦ୍ଧାଞ୍ଜଳି ସିଂ, ସିଡବ୍ଲୁସିର ଏସ୍. ଲତାଶ୍ରୀ, ଲିନା ବାବୁ ମାଲପଡ଼ା ଯାଇ ସମ୍ପୃକ୍ତ ମହିଳାଙ୍କୁ ଭେଟି ଶିଶୁବିକ୍ରି ସମ୍ପର୍କରେ ପଚାରିଥିଲେ। ଏହାପରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଏବଂ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ମାଲପଡ଼ା ଯାଇ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରିଥିଲେ। ଅତିରିକ୍ତ ଜିଲାପାଳ ବେହେରାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଶିଶୁବିକ୍ରି ସଂକ୍ରାନ୍ତରେ ପଚାରିବାରୁ ଶିଶୁବିକ୍ରି ହୋଇଛି କି ନାହିଁ ତାହା ତଦନ୍ତ ପରେ ଜଣାପଡିବ। ଏବେ ନବଜାତ ଶିଶୁ ମା' ପାଖରେ ନାହିଁ। ଟିଟିଲାଗଡ଼ର ଜଣେ ମହିଳାଙ୍କ ପାଖରେ ଥିବା ସୂଚନା ମିଳିଛି।


ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡିସିପିୟୁ, ସିଡବ୍ଲୁସି, ଟିମ୍ ମାଲପଡ଼ାରେ ଶିଶୁବିକ୍ରିର ତଦନ୍ତ କରୁଛନ୍ତି।

# ରାଜ୍ୟ ପରିବହନ ନିଗମର ସମ୍ପତ୍ତି ବାଜ୍ୟାପ୍ତି

## ଜମା ଟଙ୍କା ଫେରସ୍ତରେ ଅବହେଳା

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ଲିଜ୍‌ଧାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବାରେ ଅବହେଳା ମାମଲା ସମ୍ବଲପୁର ସିଭିଲ କୋର୍ଟଙ୍କ ନିର୍ଦ୍ଦେଶରେ ବୁଧବାର ଓଡ଼ିଶା ରାଜ୍ୟ ପରିବହନ ନିଗମ ସମ୍ବଲପୁର କାର୍ଯ୍ୟାଳୟର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ସମ୍ବଲପୁର ସିଭିଲ କୋର୍ଟର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା। ଜମା ଟଙ୍କା ଫେରସ୍ତ କରିବାରେ ଓଡ଼ିଶା ରାଜ୍ୟ ପରିବହନ ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହଇରାଣ କରାଯିବାରୁ ଲିଜଧାରୀ ବସ୍ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ସିଭିଲ ଜଜ କାର୍ଯ୍ୟାଳୟର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

୧୯୯୯ ମସିହାରେ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ସମ୍ବଲପୁରରୁ ଜୟପୁର ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଇବା ପାଇଁ ଟେଣ୍ଡର କରିଥିଲା। ସରୋଜ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ପରିବହନ ନିଗମକୁ ୫୦ ହଜାର ଟଙ୍କା ସିକ୍ୟୁରିଟି ଦେଇ ଏକ ବସ୍ ଲିଜ୍‌ରେ ନେଇଥିଲେ। ହେଲେ ପରିବହନ ବିଭାଗ ତାଙ୍କୁ ଏକ ଖରାପ ବସ୍ ଲିଜ୍‌ରେ ଦେଇଥିଲା। ବସ୍‌କୁ ମରାମତି କରି ସମ୍ବଲପୁର-ଜୟପୁର ରୁଟ୍‌ରେ ଚଳାଚଳ କରିଥିଲେ। ହେଲେ ଏକ ବର୍ଷ ପାଇଁ ଚୁକ୍ତି ଥିବାସତ୍ତ୍ୱେ ପରିବହନ ବିଭାଗ ୬ମାସ ପରେ ଆଉ ବସ୍ ଚଳାଇବା ପାଇଁ ଅନୁମତି ଦେଲେ ନାହିଁ। ଫଳରେ ଲିଜ୍ ନେଇଥିବା ବ୍ୟକ୍ତି ପରିବହନ ବିଭାଗକୁ ଦେଇଥିବା ଜମାରୁ ଛଅ ମାସର ଜମା ଟଙ୍କା କାଟି ବକେୟା ୨୫ ହଜାର ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ। କିନ୍ତୁ ବିଭାଗ ଟଙ୍କା ଫେରାଇ ନ ଥିଲା। ଏହାକୁ ନେଇ ସରୋଜ ୨୦୦୦ ମସିହାରେ ସମ୍ବଲପୁର ସିଭିଲ କୋର୍ଟରେ ମାମଲା ଦାଏର କରିଥିଲେ। ଦୁଇଥର ଡିଗ୍ରୀ ପାଇଥିଲେ ମଧ୍ୟ ପରିବହନ ବିଭାଗ ଟଙ୍କା ଫେରାଇ ନ ଥିଲା। ଶେଷରେ କୋର୍ଟ ସୁଧ ମୂଳ ମିଶି ୩ ଲକ୍ଷ ୧୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଟଙ୍କା ପଇଠ ନ କରିବା ଫଳରେ ବୁଧବାର ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟର ୩ଟି କମ୍ପ୍ୟୁଟର, ୪ଟି ଚେୟାର ଟେବୁଲ ବାଜ୍ୟାପ୍ତି କରାଯାଇଥିଲା।


ଓଡ଼ିଶା ରାଜ୍ୟ ପରିବହନ ନିଗମ ସମ୍ବଲପୁର କାର୍ଯ୍ୟାଳୟର ବାଜ୍ୟାପ୍ତ ସମ୍ପତ୍ତି ନିଆଯାଉଛି।

## ସଡ଼କ ଦୁର୍ଘଟଣାରେ ଆଇଟିଡିଏ କର୍ମଚାରୀଙ୍କ ମୃତ୍ୟୁ

ଚମ୍ପୁଆ,୯।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ମୁଖ୍ୟ ବଜାର ନିକଟରେ ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଆଇଟିଡିଏର ଚତୁର୍ଥ ଶ୍ରେଣୀ କର୍ମଚାରୀ ବିରଞ୍ଚି ମହାନ୍ତ ବୋଲି ଜଣାପଡ଼ିଛି। ସେ ମୁଖ୍ୟ ବଜାର ନିକଟରେ ଭୋର ୪ଟା୩୦ ମିନିଟ୍‌ରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

## ହୃଦ୍‌ଘାତରେ କାମାକ୍ଷାନଗର ଏସ୍‌ଡିପିଓଙ୍କ ମୃତ୍ୟୁ

କାମାକ୍ଷାନଗର, ୯।୪
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ରଙ୍କ ବୁଧବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ନିଜ ପରିବାର ସହ ଛୁଟିରେ ଜମ୍ମୁ-କଶ୍ମୀର ବୁଲିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ସେ କାମାକ୍ଷାନଗରରେ ପ୍ରାୟ ୬ ମାସ ହେବ ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଥିଲେ। ବୁଧବାର ବୈଷ୍ଣୋଦେବୀ ଦର୍ଶନ ପାଇଁ କଟରା ସହରରେ ଥିବାବେଳେ ହଠାତ୍ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତୁରନ୍ତ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଖବର ଶୁଣି ଢେଙ୍କାନାଳ ଏସ୍‌ପି ଅଭିନବ ସୋନ୍‌କର ଶୋକ ପ୍ରକାଶ କରିଛନ୍ତି।


ଜ୍ଞାନରଞ୍ଜନ ମିଶ୍ର

# ବଡ଼ମାଲ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ, ଜଣେ ଗୁରୁତର


ଆହତ ଶିବଶଙ୍କର ଭୋଇଙ୍କୁ ଆମ୍ବୁଲାନ୍ସରେ ରାଉରକେଲା ଆଇଜିଏଚ୍‌କୁ ପଠାଯାଉଛି।

ସଇଁତଲା,୯।୪
(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଅନ୍ତର୍ଗତ ବଡ଼ମାଲ ଗୋଳାବାରୁଦ କାରଖାନା ପରିସରରେ ବୁଧବାର ସକାଳେ ବିସ୍ଫୋରଣ ଘଟି ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତ କର୍ମଚାରୀ ଜଣକ ହେଲେ ଶିବଶଙ୍କର ଭୋଇ (୫୮)। ତାଙ୍କ ଘର ସଇଁତଲା ବ୍ଲକ୍ ଭଦ୍ରା ପଞ୍ଚାୟତର ଭଦ୍ରା ଗ୍ରାମରେ ବୋଲି ଜଣାଯାଇଛି।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟା୧୫ ମିନିଟ୍ ସମୟରେ କାରଖାନାର ୟୁନିଟ୍-୬ରେ ଶିବଶଙ୍କର ଗୋଳାବାରୁଦ ନିର୍ମାଣ ପାଇଁ କେମିକାଲଗୁଡ଼ିକୁ ମିଶ୍ରଣ କରୁଥିଲେ। ଏହି ସମୟରେ ସେଠାରେ ଏହି ବିସ୍ଫୋରଣ ହୋଇଥିଲା। ନିରାପଦ ପୋଷାକ ପିନ୍ଧିଥିବା ସତ୍ତ୍ୱେ ନିକଟରେ ବିସ୍ଫୋରଣ ହେବାରୁ ତାଙ୍କର ମୁହଁ ଓ ଦୁଇ ହାତ ପୋଡ଼ିଯାଇଛି। ତାଙ୍କୁ ସଙ୍ଗେ ସଙ୍ଗେ ଗୋଳାବାରୁଦ କାରଖାନା ସ୍ଥିତ ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଉନ୍ନତର ଚିକିତ୍ସା ପାଇଁ ଶିବଶଙ୍କରଙ୍କୁ ରାଉରକେଲାର ଆଇଜିଏଚ୍ ପଠାଯାଇଥିବା କାରଖାନାର ଜନସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ପଟ୍ଟନାୟକଙ୍କ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ବର୍ଷେ ପୂର୍ବରୁ ଏହି କାରଖାନାରେ ବିସ୍ଫୋରଣ ଘଟି କେତେଜଣ କର୍ମଚାରୀ ଆହତ ହୋଇଥିଲେ।

# ମାଲବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ


ଲାଇନଚ୍ୟୁତ ହୋଇଥିବା ଟ୍ରେନ୍।

ଲକ୍ଷ୍ମୀପୁର,୯।୪(ଅନନ୍ତ ନାୟକ)

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋ ପ୍ରକଳ୍ପ ପରିସରରେ ମାଲବାହୀ ଟ୍ରେନ୍‌ର ଇଞ୍ଜିନ ଲାଇନଚ୍ୟୁତ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତି ଓ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି। ଟ୍ରେନ୍‌ଟି ଅନୁଗୋଳରୁ ଆସି ନାଲ୍‌କୋକୁ ପ୍ରବେଶ କରୁଥିବା ବେଳେ ଏହାର ଇଞ୍ଜିନ ଲାଇନଚ୍ୟୁତ ହୋଇଥିଲା। ଇଞ୍ଜିନକୁ ଟ୍ରାକ୍‌କୁ ଉଠାଇବା ପାଇଁ ରେଳ ବିଭାଗ ଓ ନାଲ୍‌କୋ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଥିଲେ। ନାଲ୍‌କୋ କାରଖାନା ପରିସରରେ ଘଟଣା ଘଟିଥିବାରୁ ରେଳ ବିଭାଗର କୌଣସି ଅସୁବିଧା ନାହିଁ ବୋଲି କୋରାପୁଟ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଋଣ ଶୁଝି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର,୯।୪(ସୀମାଞ୍ଚଳ ମିଶ୍ର)

ଋଣ ବୋଝ ଅସହ୍ୟ ହେବାରୁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଖଲ୍ଲିକୋଟ ବ୍ଲକ ବେଢ଼ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଦମ୍ପତି ବିଷ ପିଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଲଡୁ କିଶୋର ମହାରଣା (୬୧) ଓ ସଜନୀ ମହାରଣା(୫୭)। ଦମ୍ପତିଙ୍କ ଘରୁ ବିଷ ପାଉଡର ଲାଗିଥିବା ଏକ ଗ୍ଲାସ୍ ଜବତ ହୋଇଛି।

ଲଡୁକିଶୋରଙ୍କ ଏକମାତ୍ର ପୁଅ ସନ୍ତୋଷ ପରିବାର ସହ ବିଦେଶରେ ରହୁଛନ୍ତି। ୩ ଝିଅଙ୍କ ବିବାହ ସରିଛି। ଗାଁରେ ସ୍ତ୍ରୀ ସଜନୀଙ୍କ ସହ ଲଡୁକିଶୋର ଏକାକୀ ରହୁଥିଲେ। ଚାଷ କାର୍ଯ୍ୟ କରି ଦମ୍ପତି ଚଳୁଥିଲେ। ସେମାନେ ବିଭିନ୍ନ ଘରୋଇ ଫାଇନାନ୍ସ କମ୍ପାନୀ ଓ ବାହାର ଲୋକଙ୍କଠାରୁ ପ୍ରାୟ ୩ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲେ। ଧାନ ଅମଳ ସମୟରେ ହୋଇଥିବା ଲଗାଣ ବର୍ଷାରେ ନଷ୍ଟ ହୋଇଯାଇଥିଲା। ଅନ୍ୟପଟେ ଗତ କିଛିଦିନ ହେଲା ଲଡୁକିଶୋରଙ୍କ ଦେହ ଖରାପ ହେବାରୁ ସେ ଆଉ କାମଧନ୍ଦା କରିପାରୁ ନ ଥିଲେ। ଏପଟେ ଫାଇନାନ୍ସ କମ୍ପାନୀ କର୍ମଚାରୀ ଘରକୁ ବାରମ୍ବାର ଆସି ଟଙ୍କା ପରିଶୋଧ କରିବାକୁ କହୁଥିଲେ। ଧାର ଦେଇଥିବା ଲୋକେ ମଧ୍ୟ ଟଙ୍କା ମାଗୁଥିଲେ। ବୁଧବାର ମଧ୍ୟାହ୍ନରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଲଡୁକିଶୋରଙ୍କ ଘରକୁ ଆସିଥିବା ବେଳେ ଦମ୍ପତିଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୁରୁଷୋତ୍ତମପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ହୋମିଓପ୍ୟାଥିକ୍ ଚିକିତ୍ସାର ପ୍ରସାର ପାଇଁ ଅଧିକ ସରକାରୀ ପଦକ୍ଷେପ ଲୋଡ଼ା

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ)



ଆଧୁନିକ ଚିକିତ୍ସା ପ୍ରଣାଳୀ ସହ ହୋମିଓପାଥିକ୍ ଚିକିତ୍ସା ପ୍ରଣାଳୀ ଦିନକୁ ଦିନ ଲୋକାଦୃତ ହେବାରେ ଲାଗିଛି। ତେବେ ହୋମିଓପାଥିକୁ ନେଇ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୧୦କୁ 'ହୋମିଓପାଥିକ୍ ଦିବସ' ଭାବେ ପାଳନ କରାଯାଉଛି। ଡା. ସାମୁଏଲ୍ ହ୍ୟାନିମ୍ୟାନ୍‌ଙ୍କୁ ଏହି ଚିକିତ୍ସା ପଦ୍ଧତିର ଜନକ ଭାବେ ବିବେଚନା କରାଯାଏ। ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ହ୍ୟାନିମ୍ୟାନ୍‌ଙ୍କ ଅବଦାନକୁ ମନେପକାଇବା ପାଇଁ ଏହିଦିନଟିକୁ ପାଳନ କରାଯାଉଛି। ୧୭୫୫ ଏପ୍ରିଲ ୧୦ରେ ଜର୍ମାନୀର ଏକ ଚିତ୍ରକର ପରିବାରରେ ଡ. ହ୍ୟାନିମ୍ୟାନ୍‌ଙ୍କ ଜନ୍ମ ହୋଇଥିଲା। ପିଲାଟି ଦିନରୁ ସେ ଦୁସ୍ଥ, ଅସହାୟ ଓ ଗରିବ ଲୋକଙ୍କ ପ୍ରତି ଦରଦ ମନୋଭାବ ପୋଷଣ କରୁଥିଲେ। ବହୁବାଧାବିଘ୍ନ ସତ୍ତ୍ୱେ ୧୭୭୯ରେ ସେ ଭେଷଜ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ତତ୍କାଳୀନ ଚିକିତ୍ସା ପଦ୍ଧତିରେ କରାଯାଉଥିବା ତ୍ରୁଟିପୂର୍ଣ୍ଣ ଶଲ୍ୟ ପ୍ରକ୍ରିୟା ବା ଅପରେଶନକୁ ସେ ନାପସନ୍ଦ କରୁଥିଲେ। ତେଣୁ ରୋଗୀଙ୍କୁ ସରଳ ଓ ଉତ୍ତମ ଚିକିତ୍ସା ପ୍ରଦାନ କରିବା ସହ ସେମାନଙ୍କ କଷ୍ଟ ଦୂର କରିବା ପାଇଁ ଗବେଷଣାକରି ହୋମିଓପ୍ୟାଥିକ୍ ଚିକିତ୍ସା ବିଜ୍ଞାନକୁ ଜନ୍ମଦେଇଥିଲେ। ବୃକ୍ଷଲତା, ଖଣିଜ ସମ୍ପଦ, ଜୀବଜନ୍ତୁ ଅବଶେଷ ଆଦି ଉପରେ ଗବେଷଣାକରି ବିଭିନ୍ନ ପ୍ରକାର ଔଷଧ ପ୍ରସ୍ତୁତ କରିବା ସହ ନିଜର ବନ୍ଧୁ ପରିଜନଙ୍କ ଉପରେ ପ୍ରୟୋଗକରି ସୁଫଳ ହାସଲ କରିଥିଲେ। ଯେଉଁ ଚିକିତ୍ସାରେ ଆରୋଗ୍ୟ ହାର ଅଧିକ ଥିବ, ବେଦନାନାଶକ ଗୁଣ ଥାଇ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବ ଏବଂ ବିନା ଶଲ୍ୟ ପ୍ରକ୍ରିୟାରେ ଶରୀର ମଧ୍ୟରେ ଥିବା ବିଷାକ୍ତ ଦ୍ରବ୍ୟକୁ ବାହାର କରାଯାପାରିବ ସେ ସମ୍ପର୍କରେ ତଥ୍ୟ ପ୍ରଦାନକରି ସେ ହୋମିଓପ୍ୟାଥିକ୍ ଚିକିତ୍ସାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ। ତାଙ୍କ ଲିଖିତ ୪୧ଖଣ୍ଡ ଅମୂଲ୍ୟ ଗ୍ରନ୍ଥ ମନୁଷ୍ୟ ଓ ପ୍ରାଣୀ କଲ୍ୟାଣ ନିମନ୍ତେ ଅତ୍ୟନ୍ତ ଉପଯୋଗୀ।

ଦେଶ ତଥା ରାଜ୍ୟରେ ହୋମିଓପ୍ୟାଥି ଚିକିତ୍ସକମାନେ ଏବେ ଆଧୁନିକ ଚିକିତ୍ସକଙ୍କ ସହିତ ସମାନ ଭାବେ ରାଷ୍ଟ୍ରୀୟ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସରକାର ଏହି ଚିକିତ୍ସକଙ୍କୁ ଆୟୁଷ ଚିକିତ୍ସକ ମାନ୍ୟତା ପ୍ରଦାନ କରିଛନ୍ତି। ଦେଶରେ ୨୭୭ଟି ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଥିବାବେଳେ ବିଭିନ୍ନ ରାଜ୍ୟରେ ମୋଟ ୮୫୯୩ଟି ସରକାରୀ ଡିସ୍‌ପେନ୍‌ସାରି କାର୍ଯ୍ୟ କରୁଛି। ଓଡ଼ିଶାରେ ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁରରେ ୪ଟି ସରକାରୀ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଛି। ରାଜ୍ୟରେ ମୋଟ ୫୬୨ଟି ହୋମିଓପ୍ୟାଥିକ ସରକାରୀ ଡିସ୍‌ପେନ୍‌ସାରି ରହିଥିବାବେଳେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ହୋମିଓପ୍ୟାଥିକ୍ ଡାକ୍ତର ଆୟୁଷ ବିଭାଗରେ ରହି ଚିକିତ୍ସା ସେବା ଯୋଗାଇଦେଉଛନ୍ତି। ଏନେଇ ଓଡ଼ିଶା ଆୟୁଷ ବିକାଶ ପରିଷଦର ସମ୍ପାଦକ ଡା. ତ୍ରୈଲୋକ୍ୟନାଥ ମହାରଣା କହିଛନ୍ତି, ଯେଉଁଠି ଅନ୍ୟ ମେଡିସିନ ସ୍କୁଲ ଓ ଅଧିକ ମାତ୍ରାରେ ଖାଇବାକୁ ପଡ଼ିଥାଏ, ସେହି କ୍ଷେତ୍ରରେ ହୋମିଓପ୍ୟାଥିକ ମେଡିସିନ ଅତି ସୂକ୍ଷ୍ମ ମାତ୍ରାରେ ଖାଇବା ଦ୍ୱାରା ଖୁବ୍ ଫଳପ୍ରଦ ହୋଇଥାଏ। ଏହା ହିଁ ହୋମିଓପ୍ୟାଥିକ୍ ମେଡିସିନର ସ୍ୱତନ୍ତ୍ରତା। ଏହାର ପ୍ରଭାବରେ ରୋଗ କମିବା ସହ ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନ ଥାଏ, ଯାହାକି ପାଶ୍ଚାତ୍ୟ ଚିକିତ୍ସା ଓ ଔଷଧରେ ଦେଖାଯାଏ। ବହୁ ଦେଶରେ ପାଶ୍ଚାତ୍ୟ ଚିକିତ୍ସା ଛାଡ଼ି ହୋମିଓପ୍ୟାଥିକ୍‌କୁ ଆଦରି ନେଇଛନ୍ତି। ତେବେ ଆମ ରାଜ୍ୟରେ ହୋମିଓପ୍ୟାଥିକ୍ ଚିକିତ୍ସାକୁ ଆହୁରି ଉନ୍ନତ କରିବା ପାଇଁ ସରକାରୀ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଡା. ମହାରଣା ମତ ଦିଅନ୍ତି।

**ଆଜି ବିଶ୍ୱ ହୋମିଓପ୍ୟାଥିକ ଦିବସ**

# ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ



ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ 'ବିଶ୍ୱ ହୋମିଓପାଥିକ୍ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିନ ହୋମିଓପ୍ୟାଥିକ୍ ଚିକିତ୍ସାର ଜନକ ଖ୍ରୀଷ୍ଟିଆନ୍ ଫେଡ୍ରିକ ସାମୁଏଲ ହାନିମାନଙ୍କ ଜନ୍ମ ଦିବସ। ହୋମିଓପ୍ୟାଥିକ୍ ଚିକିତ୍ସାର ସେ ଥିଲେ ସ୍ରଷ୍ଟା। ଏବଂ ଏହାର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଚିର ସ୍ମରଣୀୟ। ସେଥିପାଇଁ ତାଙ୍କର ଜନ୍ମଦିନକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ଥିମ୍ ରହିଛି-'ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ'। ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତିରେ ରୋଗୀର ରୋଗ ପ୍ରତିରୋଧକ ଶକ୍ତିକୁ ବ୍ୟବହାର କରି ରୋଗର ସମ୍ପୂର୍ଣ୍ଣ ବିନାଶ କରାଯାଇଥାଏ। ଏହି ଚିକିତ୍ସା ପ୍ରଣାଳୀ ବେଶ୍ ସହଜ ଏବଂ ସରଳ। ଏହାର ମଧ୍ୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ସବୁଠାରୁ ଖାସ୍ କଥା ହେଲା ଏହା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ପ୍ରଚଳିତ। ସାଧାରଣ ଥଣ୍ଡାଠାରୁ ଆରମ୍ଭ କରି ପୁରାତନ ଏବଂ କଷ୍ଟସାଧ ତଥା ଜଟିଳ ରୋଗ ପାଇଁ ମଧ୍ୟ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ। ଏହି ଚିକିତ୍ସା ଦ୍ୱାରା କେତେକ କ୍ଷେତ୍ରରେ ଶଲ୍ୟ ଚିକିତ୍ସା (ଅପରେଶନ)କୁ ରୋକାଯାଇପାରୁଛି। ଭାରତ ଭଳି ଏକ ପ୍ରଗତିଶୀଳ ତଥା ଜନବହୁଳ ଦେଶରେ ଏହି ଚିକିତ୍ସା ବେଶ୍ ଆଦୃତିଲାଭ କରିପାରିଛି। ଭାରତ ସରକାର ଏହି ଚିକିତ୍ସାର ପ୍ରଚାର ପ୍ରସାର ଏବଂ ଗବେଷଣା ଉପରେ ଗୁରୁତ୍ୱାରୋପ କରି ବହୁମୁଖୀ ଯୋଜନାମାନ ହାତକୁ ନେଇଛନ୍ତି।

କେତେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଯଥା କ୍ୟାନ୍‌ସର ଏବଂ ଜରୁରିକାଳୀନ ଚିକିତ୍ସାକୁ ବାଦ୍ ଦେଲେ ଅନ୍ୟ ସବୁ ରୋଗ ପାଇଁ ହୋମିଓପ୍ୟାଥିକର ଉପାଦେୟତା ରହିଛି। ହୋମିଓପ୍ୟାଥିକ୍ ଚିକିତ୍ସାକୁ ଲୋକାଭିମୁଖୀ କରିବାରେ ସମସ୍ତ ହୋମିଓପ୍ୟାଥିକ୍ ଚିକିତ୍ସକଙ୍କର (ସରକାରୀ ହୁଅନ୍ତୁ ଅବା ପ୍ରାଇଭେଟ) ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯତ୍ନଶୀଳ ହୋଇ ନିସ୍ୱାର୍ଥପର ଭାବରେ ସେବା ଯୋଗାଇ ଦେଲେ ଏହି ଚିକିତ୍ସା ମାନବ କଲ୍ୟାଣ ଦିଗରେ ଏବଂ ଚିକିତ୍ସା କ୍ଷେତ୍ରରେ ନିଜର ସ୍ଥାନକୁ ଆହୁରି ଦୃଢ଼ ତଥା ମଜଭୁତ କରିବ। ଏହି ଚିକିତ୍ସା ପଦ୍ଧତି 'ଆୟୁଷ ଚିକିତ୍ସା ପଦ୍ଧତି' ମଧ୍ୟରେ ଅନ୍ୟତମ। ଦିନକୁ ଦିନ ହୋମିଓପ୍ୟାଥିକ୍ ଚିକିତ୍ସା ଆହୁରି ଜନାଦୃତ ହେବାରେ ଲାଗିଛି।

ହୋମିଓପ୍ୟାଥିକ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହେଲେ ଚିକିତ୍ସା କରାଯାଉଥିବା ରୋଗ ମୂଳୋତ୍ପାଟନ ସମ୍ଭବ ହୋଇଥାଏ। ଏହି ଚିକିତ୍ସାରେ ରୋଗୀର ରୋଗ ସହ ତାଙ୍କର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ଲକ୍ଷଣ ରୂପେ ଗ୍ରହଣ କରାଯାଇ ଚିକିତ୍ସା କରାଯାଏ।

**- ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ,**
ଅଧ୍ୟାପିକା, ବିଜୁ ପଟ୍ଟନାୟକ କଲେଜ ଆଣ୍ଡ ହସପିଟାଲ,
ବ୍ରହ୍ମପୁର, ମୋ :୯୪୩୭୨୩୧୪୯୦

## ଆକ୍ରମଣ ଘଟଣାରେ ଫେରାର ୨ ଯୁବକ ଗିରଫ

ବାଲିଅନ୍ତା,୯।୪(ନୀଳମାଧବ ସାହୁ)

ପାହାଳ ଥାନା ଅଞ୍ଚଳରେ ଛୁରି ଦେଖାଇ ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ କରିବା ଘଟଣାରେ ମାସେ ହେଲା ଫେରାର ଥିବା ୨ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାହାଳ ଥାନା ଅଞ୍ଚଳର ଚନ୍ଦ୍ରଶେଖର ମହାନ୍ତି (୨୫) ଓ କଟକ ସଦର ଥାନା ଅଞ୍ଚଳର ଅଜୟ କୁମାର ଭୋଇ (୨୨)। ପୋଲିସ ସେମାନଙ୍କ ପାଖରୁ ଏକ ସ୍କୁଟି ଜବତ କରିଛି। ପୂର୍ବରୁ ପାହାଳ ଥାନା ପୋଲିସ ଏହି ଘଟଣାରେ ପାହାଳ ଥାନା ଅଞ୍ଚଳର ଅଭିନାଶ ମଲ୍ଲିକ (୨୩) ଓ କଟକ ସଦର ଥାନା ଅଞ୍ଚଳର ପ୍ରିୟରଞ୍ଜନ ମଲ୍ଲିକ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ପାହାଳ ଥାନାରେ କେସ୍ ନଂ. ୬୫/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ସୂଚନା ଅନୁସାରେ, ଅଭିଯୋଗକାରୀ କଟକ ବିଡ଼ାନାସୀ ଥାନାର ଏକ ବସ୍ତିରେ ରହି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ ଏକ କ୍ୟାଣ୍ଟିନରେ କାମ କରନ୍ତି। ଗତ ମାର୍ଚ୍ଚ ୧ ତାରିଖ ରାତି ୧୧ଟା ୩୦ ସମୟରେ ସେମାନେ କାମ ସାରି ଏକ ଭ୍ୟାନ୍‌ରେ କଟକ ଅଭିମୁଖେ ଫେରୁଥିଲେ। ଏହି ସମୟରେ ଏକ ବାଇକ୍ ଓ ସ୍କୁଟିରେ ୪ ଜଣ ଯୁବକ ପହଞ୍ଚି ସେମାନଙ୍କୁ ଅଟକାଇ ଛୁରି ଦେଖାଇ ୫,୦୦୦ ଟଙ୍କା ମାଗିଥିଲେ। ପାଖରେ ଟଙ୍କା ନ ଥିବା କହିବା ସହ ଟଙ୍କା ଦେବାକୁ ମନା କରିବାରୁ ୪ ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଏକ ପିସିଆର୍ ସେଠାରେ ପହଞ୍ଚି ୨ ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୨ ଜଣ ଖସି ପଳାଇଥିଲେ।

## ଧର୍ମପରାୟଣ ମହିଳା ଧୋବୁଣୀ ନାହାକଙ୍କ ପରଲୋକ

ଭୁବନେଶ୍ୱର,୯।୪ (ଅଭୟ ଦାଶ)

ଧର୍ମପରାୟଣ ମହିଳା ଧୋବୁଣୀ ନାହାକଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା।



ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ଦାହ ସଂସ୍କାର ସମ୍ବଲପୁରସ୍ଥିତ ରାଜଘାଟରେ କରାଯାଇଛି। ଏହି ସମୟରେ ତାଙ୍କର ୩ ଝିଅ ଓ ୨ ପୁଅ ଉପସ୍ଥିତ ଥିଲେ। ସେ ଏମ୍‌ସିଏଲ୍‌ର ଜନସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ନାହାକଙ୍କ ମାତା । ତାଙ୍କ ମୃତ୍ୟୁ ଖବର ଶୁଣି ଏମ୍‌ସିଏଲ୍ କଲୋନିରେ ଶୋକର ଛାୟା ଖେଳିଯାଇଛି। ଏମ୍‌ସିଏଲ୍ ଆନନ୍ଦ ବିହାର କଲୋନିରେ ସେ ଏମ୍‌ସିଏଲ୍ ମାଉସୀ ଭାବେ ବେଶ୍ ଜଣାଶୁଣା ଥିଲେ। ସେହିଭଳି ସେ ଦୀର୍ଘ ବର୍ଷ ହେବ ଏମ୍‌ସିଏଲ୍ କଲୋନିରେ ବିଭିନ୍ନ ପୂଜାପାର୍ବଣ କମିଟି ଓ ସାଇ ମନ୍ଦିରର ସଦସ୍ୟ ଭାବେ ବର୍ଷକ ବାରମାସ ସମସ୍ତ ପୂଜା ପର୍ବ ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ।

# ଓଡ଼ିଶାକୁ ବ୍ୟାପକ ପୁଞ୍ଜି ଆସିବାର ସୁଯୋଗ ସୃଷ୍ଟି ହୋଇଛି: ମୁଖ୍ୟମନ୍ତ୍ରୀ

### ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ, ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୯।୪(ରବିନାରାୟଣ ଜେନା)



ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭବ୍ୟ ସ୍ୱାଗତ କରାଯାଉଛି।

ଦିଲ୍ଲୀରେ ୨ଦିନିଆ ନିବେଶକ ସମ୍ମିଳନୀରେ ଯୋଗଦେଇ ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ଅନେକ ଶିଳ୍ପପତିଙ୍କ ସହିତ ଆଲୋଚନା ହୋଇଛି। ଉତ୍କର୍ଷ ଓଡ଼ିଶା ପରେ ଦିଲ୍ଲୀରେ ଆଇଓସିଏଲ୍ ସହିତ ଏମ୍‌ଓୟୁ ଦ୍ୱିତୀୟ ଐତିହାସିକ ପଦକ୍ଷେପ। ଏଚସିଏଲ୍‌ର ନୋଇଡାସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ଓଡ଼ିଶାରେ ଏହାର କ୍ୟାମ୍ପସ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ସକାରାତ୍ମକ ମତାମତ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ, ତାହା ସଫଳ ହେଉଛି ଏବଂ ଓଡ଼ିଶାକୁ ବ୍ୟାପକ ପୁଞ୍ଜି ଆସିବାର ସୁଯୋଗ ସୃଷ୍ଟି ହୋଇଛି। ଦିଲ୍ଲୀରେ ଏହି ଗସ୍ତ ସମୟରେ ୧୩ଟି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହାଦ୍ୱାରା ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୯୫,୧୧୫ ନିଯୁକ୍ତି ସୃଷ୍ଟି ହେବ। ଏହି ଗସ୍ତରେ ପ୍ରାୟ ୨୫ରୁ ଅଧିକ ଶିଳ୍ପପତିମାନଙ୍କ ସହିତ ଆଲୋଚନା ହୋଇଛି। ଆଗାମୀ ଦିନରେ ମଧ୍ୟ ଆଲୋଚନା ହେବ। ଭବିଷ୍ୟତରେ ସେମାନଙ୍କ ସହିତ ପାର୍ଟନରଶିପ କରିବାର ସୁଯୋଗ ସୃଷ୍ଟି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ପୋଲିସ ବାହିନୀରେ ୧୨ ହଜାରରୁ ଅଧିକ ନିଯୁକ୍ତି କରାଯିବ। ସେହିପରି ଓଡ଼ିଶା ଏକ ଶିଳ୍ପୋନ୍ନତ ରାଜ୍ୟ ଭାବରେ ଗଢ଼ି ଉଠିବାର ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହି କ୍ଷେତ୍ରରେ ମଧ୍ୟ ଆଇନ ଶୃଙ୍ଖଳା ନିୟନ୍ତ୍ରଣର ଆବଶ୍ୟକତା ଅଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ବା ଓଆଇଏସ୍‌ଏଫ୍ ଗଠନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ମାଝି କହିଛନ୍ତି। ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ପଦକ୍ଷେପ ନିଶ୍ଚୟ ସଫଳ ହେବ।

## ରାଜ୍ୟରେ ପେନ୍‌ସନରଙ୍କୁ ମିଳୁନି ମୌଳିକ ସୁବିଧା

ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)

କେନ୍ଦ୍ର ଭଳି ରାଜ୍ୟ ସରକାର ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇଦେବା ସହ ୬୫ ବର୍ଷରୁ ୫% ହାରରେ ଏହାକୁ ଲାଗୁ କରିବାକୁ ଦାବି କରିଆସୁଛି ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନ୍‌ସନର୍ସ ମହାସଂଘ। ଏନେଇ ମହାସଂଘ ପକ୍ଷରୁ **ବୁଧବାର ଶ୍ରମିକ ଭବନଠାରେ** ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମହାସଂଘ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମିଶ୍ର କହିଲେ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ମାନସିକ ଶକ୍ତି ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ସ୍ଥାନୀୟ ସରକାର ପେନ୍‌ସନଭୋଗୀଙ୍କ ପାଇଁ ଯେଉଁ ନିୟମ ଲାଗୁ କରିଛନ୍ତି, ସେହି ନିୟମ ଆମ ରାଜ୍ୟରେ ଲାଗୁ କରାଯାଉନାହିଁ। କମ୍ୟୁଟେଶନ ଅବଧି ୧୫ ବର୍ଷରୁ ୧୦ ବର୍ଷ ୮ ମାସକୁ ହ୍ରାସ କରିବା, କରୋନା ସମୟ ୨୦୨୦ ଜାନୁଆରୀରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ ବକେୟା ମହଙ୍ଗା ଭତ୍ତା ପ୍ରଦାନ, ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ପୂର୍ବଭଳି ରିହାତି ଯୋଗାଇଦେବା, ନୂଆ ପେନ୍‌ସନ ଯୋଜନାକୁ ବାତିଲ କରି ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁକରିବା ପାଇଁ ମହାସଂଘ ମହାସଚିବ ନରୋତ୍ତମ ପାର୍ଥସାରଥି ଦାବି କରିଛନ୍ତି। ଆଗାମୀ ଦିନରେ ଜିଲା ଓ ରାଜ୍ୟ ପେନ୍‌ସନର୍ସଙ୍କୁ ନେଇ ଆଲୋଚନା କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କାର୍ଯ୍ୟକାରୀ ଅଧ୍ୟକ୍ଷ କ୍ଷେତ୍ରମୋହନ ଦାସ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଓ କାହ୍ନୁ ଚରଣ ମଲ୍ଲିକ ସୂଚନା ଦେଇଛନ୍ତି।

## ଯୁବ ରେଡ୍‌କ୍ରସ୍ ପକ୍ଷରୁ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୯।୪(ସୌମ୍ୟରଞ୍ଜନ ରାଉତ)

ରେଡ୍‌କ୍ରସ୍ ଭବନଠାରେ ଯୁବ ରେଡ୍‌କ୍ରସ ରାଜ୍ୟ ଶାଖା ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଓ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରୁ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ରାସ୍ତାରୋକୋ



ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦ ସହ ବିଭିନ୍ନ ଦାବି ନେଇ ସିପିଆଇ ପକ୍ଷରୁ ରାଜମହଲ ଛକରେ ବିକ୍ଷୋଭ।

ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)

ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧିର ପ୍ରତିବାଦ ସହ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ବୁଧବାର ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକୋ କରାଯାଇଛି। ସିପିଆଇ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଓ ଭୁବନେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ଅଶୋକନଗରସ୍ଥିତ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଶୋଭାଯାତ୍ରା ବାହାରି ରାଜମହଲ ଛକଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ବିକ୍ଷୋଭ ଓ ରାସ୍ତାରୋକୋରେ ସିପିଆଇ ନେତୃବୃନ୍ଦ କହିଲେ, ରନ୍ଧନ ଗ୍ୟାସ୍ ଦରବୃଦ୍ଧି ମହିଳାଙ୍କ ଉପରେ ଆକ୍ରମଣ ସହ ହାଣ୍ଡିଶାଳରେ ମଧ୍ୟ ମହଙ୍ଗା ମାଡ଼ କରିଛି। ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ରନ୍ଧନ ଗ୍ୟାସ୍ ଦର କମାଇବା ଓ ପେଟ୍ରୋଲ ଏବଂ ଡିଜେଲ ଦର ଉପରୁ ଭାଟ୍ ପ୍ରତ୍ୟାହାର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ନିର୍ବାଚନ ପରେ ଭାଜପା ସରକାର ଗଠନ କରିଥିଲେ ସୁଦ୍ଧା ନିଜ ପ୍ରତିଶ୍ରୁତି ପାଳନ ନ କରି ଓଲଟା ଦରବୃଦ୍ଧି ମାଧ୍ୟମରେ ଜନସାଧାରଣଙ୍କୁ ପ୍ରତାରିତ କରୁଛନ୍ତି ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। ବିକେଏମ୍‌ୟୁ ରାଜ୍ୟ ନେତା ଶଙ୍କର୍ଷଣ ବାରିକ, ଡାକ ହେମ୍ବ୍ରମ୍, ଛେତମ୍ବର ଭୋଇ, ସର୍ବେଶ୍ୱର ମାର୍ଥା, ବିଶ୍ୱନାଥ ମହାନ୍ତି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## କଲ୍ୟାଣପୁର ଆର୍‌ଆଇ ଅଫିସ ଉଦ୍‌ଘାଟିତ

ବାରଙ୍ଗ,୯।୪(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ବ୍ଲକ କଲ୍ୟାଣପୁର ପଞ୍ଚାୟତର ନୂଆବନ୍ତ ଗ୍ରାମଠାରେ ବୁଧବାର ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇଛି। ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଯୋଗୁ ପ୍ରାୟ ୧୧ଟି ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ। କଲ୍ୟାଣପୁରର ରାଜସ୍ୱ ବିଭାଗର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ପ୍ରଥମେ ବାଲିପଡ଼ା ରାଜସ୍ୱ କାର୍ଯ୍ୟାଳୟରେ ଏହାର ସମସ୍ତ କାର୍ଯ୍ୟ ଚାଲୁଥିଲା। ଫଳରେ ଏହା ଉପରେ ନିର୍ଭର କରୁଥିବା ୧୧ଟି ଗ୍ରାମର ଜନସାଧାରଣଙ୍କୁ ବହୁ ଦୂରକୁ ଆସିବାକୁ ପଡୁଥିବାବେଳେ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେଉଥିଲେ। ବର୍ତ୍ତମାନ ଏହି ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ପରେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଭୁବନେଶ୍ୱର ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ଓ କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ ସୌଭାଗ୍ୟ ଶତପଥୀ ସୂଚନା ଦେଇଛନ୍ତି।

## ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ବାତିଲ ଦାବି

ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)

ୟୁନିଫାଏଡ୍ ଅଟୋମେଶନ ସିଷ୍ଟମକୁ ତୁରନ୍ତ ବାତିଲ କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଦାବି କରିଛି। ଏନେଇ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ୩ଜଣିଆ ପ୍ରତିନିଧି ବୁଧବାର ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତଙ୍କୁ ସଚିବାଳୟସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା-୩ ଏବଂ ୮ମ ଶ୍ରେଣୀକୁ ମିଶାଇ ଦୁଇଟି ଶ୍ରେଣୀ ବୃଦ୍ଧି ହୋଇଛି। ପ୍ରତି ମାସ ଶିକ୍ଷକମାନେ ଅବସର ନେଉଥିବାରୁ ବିଦ୍ୟାଳୟରେ ବହୁ ପଦବୀ ଖାଲିରହିଛି। ତେଣୁ ପ୍ରାଥମିକ ଶିକ୍ଷକ ପଦବୀ ୧,୩୬,୬୬୯ରୁ ୨,୭୦,୦୦୦କୁ ବୃଦ୍ଧି କରାଯାଉ। ସେହିପରି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସରକାର ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ପାଇଁ ମୋବାଇଲ କିମ୍ବା ଇଣ୍ଟରନେଟ୍ ସୁବିଧା ଯୋଗାଇ ଦିଆଯାଇନାହିଁ। ଉପାନ୍ତ ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଏହି ସିଷ୍ଟମ କାର୍ଯ୍ୟକାରୀ ହେବା କଷ୍ଟସାଧ୍ୟ ବୋଲି ସେମାନେ ଶାସନ ସଚିବଙ୍କୁ ଜଣାଇଥିଲେ। ଏଥିସହ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତି ଉଠାଇ ନିୟମିତ ଶିକ୍ଷକ ନିଯୁକ୍ତି, ଅନ୍ୟ ରାଜ୍ୟ ଭଳି ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ୬ଟି ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ଭଳି ପ୍ରମୁଖ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି ଅଗାଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଧାଙ୍କୁ ମାନବ ରୂପେ ଚିତ୍ରଣ ଅର୍ପଣ କରିଥିଲେ ରମାକାନ୍ତ

ଭୁବନେଶ୍ୱର, ୯।୪(ସୌମ୍ୟରଞ୍ଜନ ରାଉତ)

### କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ରମାକାନ୍ତ ରଥଙ୍କ ଶୋକସଭା

ନୂଆଦିଲୀସ୍ଥିତ ରବୀନ୍ଦ୍ର ଭବନ କାର୍ଯ୍ୟାଳୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବୁଧବାର ସନ୍ଧ୍ୟାରେ ପ୍ରଖ୍ୟାତ ଓଡ଼ିଆ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସ୍ୱର୍ଗତ ରମାକାନ୍ତଙ୍କ କନ୍ୟା ଶ୍ୟାମା ରଥ ନିଜ ଅନୁଭୂତି ବାଣ୍ଟି କହିଲେ, ସ୍ୱର୍ଗତ ରଥ ଖୁବ୍ ସ୍ନେହୀ ଏବଂ ଭଲ ମଣିଷ ଥିଲେ। ତାଙ୍କ ଝିଅ ହୋଇ ସେ ନିଜକୁ ଭାଗ୍ୟବାନ୍ ମନେକରନ୍ତି। ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇଥିବା ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ରମାକାନ୍ତଙ୍କ କଲେଜ ସମୟରେ ତାଙ୍କ ଜୀବନ ଏବଂ ଲେଖା ବିଷୟରେ କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହିତ୍ୟ ଏକାଡେମୀର ଇଂଲିଶ ପରାମର୍ଶଦାତା ବୋର୍ଡର ସଂଯୋଜକ ପ୍ରଫେସର ମାଲାଶ୍ରୀ ଲାଲ୍ ଇଂଲିଶ ସାହିତ୍ୟ ଜଗତ ତାଙ୍କ ପ୍ରତି ବହୁତ ଋଣୀ। 'ଶ୍ରୀରାଧା'ରେ ରାଧାଙ୍କ ଆଧୁନିକ ବ୍ୟାଖ୍ୟା ବିଷୟରେ ସେ କହିଥିଲେ। ଡ. ସୁକୃତା ପାଲ୍ କୁମାର କହିଲେ, ଦେବୀ ନୁହେଁ ବରଂ ରାଧାଙ୍କୁ ମାନବ ରୂପେ ଚିତ୍ରଣ ଅର୍ପଣ କରିଥିଲେ ରମାକାନ୍ତ। ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶ ମଣ୍ଡଳୀର ଆବାହକ ଡ. ଗୌରହରି ଦାସ କବିଙ୍କ ମହାନ୍ କୃତି ଶ୍ରୀରାଧା ଏବଂ ଶ୍ରୀ ପଳାତକର ସ୍ୱାତନ୍ତ୍ର୍ୟ ବିଷୟରେ କହିଥିଲେ। ପ୍ରଫେସର ଯତୀନ୍ଦ୍ର କୁମାର ନାୟକ 'ଶ୍ରୀରାଧା'କୁ ଅନୁବାଦ କରିବା ସମୟର ଅନୁଭୂତି ବାଣ୍ଟିଥିଲେ। ଜିତେନ୍ଦ୍ର ନାଥ ମିଶ୍ର ରମାକାନ୍ତଙ୍କ କବିତା ସଂକଳନ ସପ୍ତମ ଋତୁ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଲେଖିକା ପ୍ରତିଭା ରାୟ ପଠାଇଥିବା ଶୋକବାର୍ତ୍ତା ପାଠ କରାଯାଇଥିଲା। ଏକାଡେମୀ ସଭାପତି ଡ. ମାଧବ କୌଶିକ କହିଲେ, ରମାକାନ୍ତ ରଥ ଶ୍ରୀରାଧାଙ୍କ ରୂପରେ ଏକ ଭୌତିକ ପଥ ପ୍ରସ୍ତୁତ କରିଥିଲେ, ଯାହା ଆଦିଭୌତିକ ଜଗତକୁ ନିର୍ଦ୍ଦେଶିତ କରିଥାଏ। ଏଥିସହ ରମାକାନ୍ତ ପାଠକଙ୍କୁ ମୃତ୍ୟୁ ଭୟରୁ ସବୁବେଳେ ମୁକ୍ତ କରନ୍ତି ବୋଲି ଡ. କୌଶିକ କହିଥିଲେ।

## ୟୁନିସେଫ୍‌ର ସାମାଜିକ ନୀତି, ସାମାଜିକ ସୁରକ୍ଷା କାର୍ଯ୍ୟ ଯୋଜନା ସମ୍ପର୍କିତ ବୈଠକ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)




୨୦୨୫-୨୭ ଦୁଇବର୍ଷ ପାଇଁ ୟୁନିସେଫର ସାମାଜିକ ନୀତି ଏବଂ ସାମାଜିକ ସୁରକ୍ଷା କାର୍ଯ୍ୟ ଯୋଜନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ୨୦୨୩-୨୪ କାର୍ଯ୍ୟ ଯୋଜନାର ସମୀକ୍ଷା କରାଯିବା ସହ ୨୦୨୫ ପାଇଁ କରାଯାଇଥିବା ଯୋଜନା ଉପସ୍ଥାପନ କରାଯାଇ ଆବଶ୍ୟକ ପରିବର୍ତ୍ତନ ଲାଗି ପ୍ରସ୍ତାବ ଦିଆଯାଇଥିଲା। ସହରାଞ୍ଚଳରେ ମହିଳା ଓ ଦିବ୍ୟାଙ୍ଗଙ୍କ ସମସ୍ୟା ସମାଧାନ ଦିଗରେ ଏହାକୁ ଅଧ୍ୟୟନରେ ଅନ୍ତର୍ଭୁକ୍ତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଚଳିତ ବର୍ଷର କାର୍ଯ୍ୟକ୍ରମ ମଧ୍ୟରେ ଶିଶୁ ଦାରିଦ୍ର୍ୟ ଓ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା କ୍ଷେତ୍ର ବିଶ୍ଳେଷଣ ପାଇଁ ରାଜ୍ୟସ୍ତରୀୟ ବୈଷୟିକ ଅନୁଷ୍ଠାନ ଏନ୍‌ଆଇଟି ଓ ରାଉରକେଲା ସହଯୋଗ କରାଯିବ। ଅର୍ଥ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗ ସହଯୋଗରେ ଦିବ୍ୟାଙ୍ଗଙ୍କୁ ନଗଦ ଅର୍ଥ ହସ୍ତାନ୍ତର ସାର୍ବଜନୀନ କଭରେଜ ଦିଗରେ ଏକ ଆଭିମୁଖ୍ୟ ପତ୍ର ପ୍ରସ୍ତୁତ କରିବା ପାଇଁ ୟୁନିସେଫ କାର୍ଯ୍ୟ କରିବ। ସାମାଜିକ ସୁରକ୍ଷା ଯୋଜନାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ, ପଞ୍ଚାୟତିରାଜ ଓ ପାନୀୟଜଳବିଭାଗ, ରାଜ୍ୟ ଗ୍ରାମୀଣ ଜୀବିକା ମିଶନର ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ଜାରି ରହିବ । ବୈଠକରେ ମହିଳା ଓ ଶିଶୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ଏସ ଗୋପାଳନ, ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଟି.ଆଓ, ଅତିରିକ୍ତ ଶାସନ ସଚିବ ମନୀଷ ଅଗ୍ରୱାଲ, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ, ଜନଗଣନା ନିର୍ଦ୍ଦେଶକ ୟୁ.ଏନ ଦାସ ପ୍ରମୁଖ ପଦାଧିକାରୀ ଯୋଗଦେଇଥିଲେ। ୟୁନିସେଫ ତରଫରୁ ସାମାଜିକ ଓ ବ୍ୟବହାରିକ ପରିବର୍ତ୍ତନ ବିଶେଷଜ୍ଞ ଡ. ସୁଗତ ରୟ, ସାମାଜିକ ନୀତି ବିଶେଷଜ୍ଞ ଡ. ବାଳ ପାରିତୋଷ ଦାଶ, ସାମାଜିକ ନୀତି ପରାମର୍ଶଦାତା ଅଜୟ କୁମାର ସିଂ ପ୍ରମୁଖ ଯୋଗଦେଇ ଆବଶ୍ୟକ ତଥ୍ୟ ଉପସ୍ଥାପନା କରିଥିଲେ ।

### ଫଟୋ ରେ ଖବର



ଇସ୍ରାଏଲର ଗାଜା ଉପରେ ଆକ୍ରମଣକୁ ବିରୋଧ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରତିବାଦ।



ସାଇ ନିର୍ମାଲ୍ୟ ପକ୍ଷରୁ ସୂଚନା ଭବନରେ ବୁଧବାର ଅନୁଷ୍ଠିତ ଶ୍ରୀଗୁରୁ ଭାଗବତ ସନ୍ଧ୍ୟାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଘରୋଇ ଆମ୍ବୁଲାନ୍ସରେ ପରିବହନ ବିଭାଗର ଚଢ଼ାଉ

ଟାଙ୍ଗୀ–ଖୋର୍ଦ୍ଧା,୯।୪(ରଘୁନାଥ ସାହୁ)

ବହୁ ବର୍ଷ ଧରି ବିନା କାଗଜପତ୍ରରେ ଚାଲୁଥିବା ଘରୋଇ ଆମ୍ବୁଲାନ୍ସ ଉପରେ ଖୋର୍ଦ୍ଧା ପରିବହନ ବିଭାଗ ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ବୁଧବାର ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଚାଳକମାନେ ଆମ୍ବୁଲାନ୍ସ ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ପରିବହନ ବିଭାଗ ଚାଲାଣ କାଟି ପାରି ନ ଥିବା ଜଣାପଡ଼ିଛି। ତନଖି ବେଳେ କୌଣସି ଗାଡ଼ିର ଫିଟ୍‌ନେସ, ବୀମା, ଅକ୍ସିଜେନ ନ ଥିବା ଜଣାପଡ଼ିଥିଲା। ତେଣୁ ୧୫ ଦିନ ମଧ୍ୟରେ କାଗଜପତ୍ର ସଜାଡ଼ି ନେବାକୁ ପରିବହନ ବିଭାଗ ନିର୍ଦ୍ଦେଶ ଦେଇଛି। ନଚେତ ସ୍ଥାନୀୟ ପୋଲିସ ସହାୟତାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି। ଖୋର୍ଦ୍ଧା ପରିବହନ ବିଭାଗର ସହକାରୀ ନିରୀକ୍ଷକ ତୃପ୍ତିରେଖା ଜେନା ଚଢ଼ାଉର ନେତୃତ୍ୱ ନେଇଥିଲେ।

### ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

ଟାଙ୍ଗୀ–ଖୋର୍ଦ୍ଧା,୯।୪(ରଘୁନାଥ ସାହୁ)

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠରେ ବୁଧବାର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୬ଷ୍ଠ ଶ୍ରେଣୀର ୧୫୬ ଜଣ ଓ ନବମ ଶ୍ରେଣୀର ୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେହିପରି ବଡ଼ପାରୀ ଉଚ୍ଚ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ୩୨ ଜଣ ଓ ନବମ ଶ୍ରେଣୀର ୮୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡ଼ିଛି। ବଳରାମଦେବ ବିଦ୍ୟାପୀଠରେ ୨୭ ଜଣ ଓ ବଡ଼ପାରୀ ଉଚ୍ଚ ବିଦ୍ୟାଳୟରେ ୩୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବଳରାମଦେବ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ବଡ଼ପାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ପରୀକ୍ଷା ପରିଚାଳନା କରିଥିଲେ।

### ୨ ଦୋକାନ ଭାଙ୍ଗିଲା ପ୍ରଶାସନ

ବାରଙ୍ଗ,୯।୪(ଲିଙ୍ଗରାଜ ରାଉତ)

ଚନ୍ଦକା ପିତାପଲୀ ରାସ୍ତାର ମେଣ୍ଢାଶାଳ ବଜାର ନିକଟରେ ପୂର୍ତ୍ତ ବିଭାଗର ରାସ୍ତା କଡ଼ରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୨ କୁକୁଡ଼ା ଦୋକାନ ଗୃହକୁ ବୁଧବାର ସକାଳ ୯ଟାରେ ଭୁବନେଶ୍ୱର ତହସିଲ ପକ୍ଷରୁ ଭଙ୍ଗା ଯାଇଛି। ଏହି ରାସ୍ତା କଡ଼ରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ଓ ଅନ୍ୟପଟେ ଖେଳପଡ଼ିଆ ରହିଛି। ୨ ଜଣ ବ୍ୟବସାୟୀ ସ୍କୁଲ ପାଚେରୀକୁ ଲଗାଇ ପୂର୍ତ୍ତ ବିଭାଗ ଡ୍ରେନ୍ ଉପରେ ବେଆଇନ ଭାବେ ଘର କରିଥିଲେ। ଏ ବିଷୟରେ ବିଦ୍ୟାଳୟ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ, ଆଡିଶନାଲ ତହସିଲଦାର ପ୍ରିୟଙ୍କା ନାହକ ଚନ୍ଦକା ପୋଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କରିଛନ୍ତି।

# ତ୍ରୟୋଦଶ ଶମ୍ଭୁମିଳନ, ଏକାଠି ହେଲେ ୧୩ ଶମ୍ଭୁ

ନିରାକାରପୁର,୯।୪(ମାନସଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତସ୍ଥିତ ଆଞ୍ଚଳିକ କମିଟି ଦ୍ୱାରା ତ୍ରୟୋଦଶ ଶମ୍ଭୁମିଳନ ଉତ୍ସବ ବୁଧବାର ସ୍ଥାନୀୟ କ୍ଷେତ୍ରବାସୀ ସରକାରୀ ହାଇସ୍କୁଲ ପଡ଼ିଆ ପରିସରରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଉତ୍ସବରେ ଥାନପତି ଭାବେ ନିରାକାରପୁର ଗଣେଶ ପଡ଼ିଆ ନିକଟରେ ଥିବା ଶ୍ରୀ ନୀଳକଣ୍ଠେଶ୍ୱର ଆସୀନ ହୋଇଥିଲେ। ସେହିପରି ଭାବେ ନିମନ୍ତ୍ରଣ ରକ୍ଷା ପୂର୍ବକ ଲେଣ୍ଡୋ- ଶ୍ରୀ ଚନ୍ଦନେଶ୍ୱର ଦେବ, ଅରାଞ୍ଚିଲ- ଶ୍ରୀ ଗ୍ରାମେଶ୍ୱର ଦେବ, ଆସେଲି- ଚନ୍ଦନେଶ୍ୱର ଦେବ, ବାଦୁରାବର- ଶ୍ରୀ କୁମୁଦେଶ୍ୱର ଦେବ, ହଜ–ନାଟେଶ୍ୱର ଦେବ, କପିଳେଶ୍ୱରପୁର- ଶ୍ରୀ କପିଳେଶ୍ୱର ଦେବ, ରୋଷଣା- ଈଶାନେଶ୍ୱର ଦେବ, ସୋଢ଼ରପୁର- ଶ୍ରୀ କପିଳେଶ୍ୱର ଦେବ, ପାଣ୍ଡବପାଟଣା- ଶ୍ରୀ କପିଳେଶ୍ୱର ଦେବ, ଗୋଳବାଇ- ଶ୍ରୀ କୃଷ୍ଣେଶ୍ୱରଦେବ, ରମାବିଲି- ନୀଳକଣ୍ଠେଶ୍ୱର ଦେବ,



ଶମ୍ଭୁମିଳନ ଉତ୍ସବରେ ଏକାଠି ହେଲେ ୧୩ ଶମ୍ଭୁ।

ବୋଡଙ୍ଗରା- ଶ୍ରୀ ଲୋକନାଥ ଦେବ ପ୍ରମୁଖ ଗ୍ରାମର ଠାକୁରମାନେ ଯୋଗଦେଇଥିଲେ। କଳ ଘୋଡ଼ା, କେଳା–କେଲୁଣୀ, ଶବର–ଶବରୁଣୀ, ଶିବ–ପାର୍ବତୀ ଆଦି ପାରମ୍ପରିକ ନୃତ୍ୟ, ଘଣ୍ଟ ସାଙ୍ଗକୁ ବାଦ୍ୟରେ ସ୍କୁଲ ପଡ଼ିଆ ପ୍ରକମ୍ପିତ ହୋଇ ଉଠିଥିଲା। ସେହିପରି ରଙ୍ଗବେରଙ୍ଗର ଆତସବାଜି ଶବ୍ଦ ସହ ଜୟ ଶିବ ଶମ୍ଭୁ ଧ୍ୱନି ଓ ହରିବୋଲ, ହୁଳହୁଳିରେ ପଡ଼ିଆରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶୈବଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଦର୍ଶକଙ୍କୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ସଭାପତି ରବୀନ୍ଦ୍ର ରାଉତରାୟ, ସଦସ୍ୟ କୈଳାସ ଚନ୍ଦ୍ର ରାଉତରାୟ, ହୃଷୀକେଶ ରାଉତରାୟ, ଡମ୍ବରୁଧର ପରିଡ଼ା, ଆର୍ତ୍ତତ୍ରାଣ ରାଉତରାୟଙ୍କ ସମେତ କମିଟିର ସଦସ୍ୟ ସହଯୋଗ କରିଥିଲେ। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।



ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# ଅଷ୍ଟମ ସ୍ୱନକ୍ଷତ୍ର, ସମ୍ବର୍ଦ୍ଧନା ଉତ୍ସବ

ଜଟଣୀ,୯।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ କଣ୍ଡିଆ ଗ୍ରାମଠାରେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠାର ଅଷ୍ଟମ ସ୍ୱନକ୍ଷତ୍ର ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହୃଦୟକୃଷ୍ଣ ସାମନ୍ତରା, ଗୁରୁ ଧନେଶ୍ୱର ସ୍ୱାଇଁ, ନିରଞ୍ଜନ ରାଉତ, ସଚ୍ଚିଦାନନ୍ଦ ଦାସ, ପ୍ରଶାନ୍ତ ସାମଲ, ଭଗବାନ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଆମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ୪ ଜଣ ଡାକ୍ତର ପ୍ରଦୀପ ପାଇକରାୟ, ଡାକ୍ତର ଜ୍ଞାନରଞ୍ଜନ ବଡ଼ଜେନା, ଡାକ୍ତର ଅବିନାଶ ବଡ଼ଜେନା ଓ ଡାକ୍ତର ରାଧାକିଶନ ସାହୁଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଯୁଗ୍ମ ମର୍ଦ୍ଦଳ ବାଦନରେ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲାବେଳେ ଗୁରୁ ନିରଞ୍ଜନ ରାଉତ ଓ ସାଥୀ କଳାକାର ରାମାୟଣ ନୃତ୍ୟନାଟିକା ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସନ୍ତୋଷ ନାୟକ, ଜଳଧର ପ୍ରଧାନ, ଭାଗୀରଥି ସାହୁ, ଗୋପାଳ ନାୟକ, ଅଧିକାରୀ ରାଉଳ ପ୍ରମୁଖ ସହଯୋଗ କରିଥିଲେ। ଦୁର୍ଜ୍ୟୟ କୁମାର ବଡ଼ଜେନା ଓ ସୁବଳ ମାଝୀ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ନିରାକାରପୁର,୯।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ନିକଟସ୍ଥ କୁଳମଣି ବିଦ୍ୟାପୀଠ ଅଡାଳ ବଡାଲର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍କୁଲ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ବଳିଆରସିଂହଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ବସିଥିଲା। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ବଳିଆରସିଂହ, ନିର୍ମଳ ଚନ୍ଦ୍ର ସାମନ୍ତରାୟ, ରବୀନ୍ଦ୍ର କୁମର ଶତପଥୀ, ପରମାନନ୍ଦ ପ୍ରଧାନ, ଲକ୍ଷ୍ମୀକାନ୍ତ ସାମନ୍ତରାୟ, ଚତୁର୍ଭୁଜ ସ୍ୱାଇଁ ଏବଂ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଶିଶିର କୁମାର ମହାନ୍ତି ପ୍ରମୁଖ ମଞ୍ଚ ମଣ୍ଡନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୨୦୨୬ ଜୁନ୍‌ରେ ହେବ ବୋଲି ସ୍ଥିର କରାଯିବା ସହ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଅଶୋକ କୁମାର ବାହୁବଳେନ୍ଦ୍ର ସଭାପତି, ବଲ୍ଲଭ ଚରଣ ସାହୁ ସମ୍ପାଦକ ଏବଂ ବିଜୟ କୁମାର ସାମନ୍ତରାୟଙ୍କୁ କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ବଛାଯାଇଥିଲା। ଏହି କାର୍ଯ୍ୟକ୍ରମ କିଭଳି ସରସ ସୁନ୍ଦର ହେବ, ସେଥିପାଇଁ ନୂତନ କମିଟିକୁ ହସ୍ତାନ୍ତର କରିବା ପରେ ନୂତନ ସଭାପତିଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

### ଆକ୍ରମଣ ଘଟଣାରେ ଫେରାର ୨ ଯୁବକ ଗିରଫ

ବାଲିଅନ୍ତା,୯।୪(ନୀଳମାଧବ ସାହୁ)

ପାହଳ ଥାନା ଅଞ୍ଚଳରେ ଛୁରି ଦେଖାଇ ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ କରିବା ଘଟଣାରେ ମାସେ ହେଲା ଫେରାର ଥିବା ୨ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାହାଳ ଥାନା ଅଞ୍ଚଳର ଚନ୍ଦ୍ର ଶେଖର ମହାନ୍ତି (୨୫) ଓ କଟକ ସଦର ଥାନା ଅଞ୍ଚଳର ଅଜୟ କୁମାର ଭୋଇ (୨୨)। ପୋଲିସ ସେମାନଙ୍କ ପାଖରୁ ଏକ ସ୍କୁଟି ଜବତ କରିଛି। ପୂର୍ବରୁ ପାହାଳ ଥାନା ପୋଲିସ ଏହି ଘଟଣାରେ ପାହାଳ ଥାନା ଅଞ୍ଚଳର ଅଭିନାଶ ମଲ୍ଲିକ (୨୩) ଓ କଟକ ସଦର ଥାନା ଅଞ୍ଚଳର ପ୍ରିୟରଞ୍ଜନ ମଲ୍ଲିକ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ପାହାଳ ଥାନାରେ କେସ୍ ନଂ. ୬୫/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧ ରାତି ୧୧ଟା ୩୦ରେ ଅଭିଯୋଗକାରୀ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରୁ କାମ ସାରି ଫେରୁଥିବାବେଳେ ୪ ଜଣ ଯୁବକ ସେମାନଙ୍କୁ ଛୁରି ଦେଖାଇ ଟଙ୍କା ମାଗି ଆକ୍ରମଣ କରିଥିଲେ। ଏହି ସମୟରେ ପିସିଆର୍ ପହଞ୍ଚି ୨ ଜଣଙ୍କୁ କାବୁ କରିଥିଲା। ଅନ୍ୟ ୨ ଜଣ ଖସି ପଳାଇଥିଲେ।

# ଶିକ୍ଷକଙ୍କ ପାଇଁ ବଦଳିଲା ସ୍କୁଲ ସମୟ

## ଡିଇଓ, ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଲା ଶିକ୍ଷକ ସଂଘ

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଘୋଷଣା ହୋଇଥିଲା। ତେବେ ଖୋର୍ଦ୍ଧା ଜିଲାରେ ଆଗରୁ ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାଢ଼େ ୧୨ଟା ପର୍ଯ୍ୟନ୍ତ ରହିବାକୁ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ପକ୍ଷରୁ ଚିଠି କରାଯାଇଥିଲା। ଏ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅସନ୍ତୋଷ ପରେ ବିଦ୍ୟାଳୟ ସମୟ ପରିବର୍ତ୍ତନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାରଠାରୁ ସମୟ ସାରଣୀ ପରିବର୍ତ୍ତନ କରାଯାଇ ଏଣିକି ସମସ୍ତ ଶିକ୍ଷକ ସ୍କୁଲରେ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ରହିବେ ବୋଲି ଜିଲା ଶିକ୍ଷାଧିକାରୀ ଚିଠି କରିଛନ୍ତି। ଏହି ନିଷ୍ପତ୍ତିକୁ ଜିଲାର ବିଭିନ୍ନ ଶିକ୍ଷକ ସଂଘ ସ୍ୱାଗତ କରିବା ସହ ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ସରକାର ଗ୍ରୀଷ୍ମପ୍ରବାହ ପାଇଁ ସ୍କୁଲ ସମୟ ସକାଳ ସାଢେ ୬ଟାରୁ ସାଢେ ୧୦ଟା କରିଥିଲେ। ତେବେ ଖୋର୍ଦ୍ଧା ଡିଇଓଙ୍କ ପକ୍ଷରୁ ଚିଠି କରି କୁହାଯାଇଥିଲା ଯେ, ସ୍କୁଲରେ ଛାତ୍ରୀଛାତ୍ରମାନେ ସାଢେ ୧୦ଟା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଫିସିଆଲ କାର୍ଯ୍ୟ ପାଇଁ ସାଢେ ୧୨ଟା ପର୍ଯ୍ୟନ୍ତ ରହିବେ। ତେବେ ଏହାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭୀଷଣ ଖରାକୁ ଦୃଷ୍ଟିରେ ରଖି ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲ ସମୟକୁ ସାଢେ ୧୦ଟା ପର୍ଯ୍ୟନ୍ତ କରିବା ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଏହାପରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୂର୍ବାହ୍ନ ସାଢେ ୧୦ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ରହିବେ ବୋଲି ନୂତନ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ନେଇ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଓଷ୍ଟାର ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଜିଲା ସଭାପତି ଅଗାଧୁ ସେଠୀ, ସମ୍ପାଦକ ଅଜୟ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ଜଗନ୍ନେଶ୍ୱର ମଲ୍ଲିକ, ବେଗୁନିଆ ବ୍ଲକ ସମ୍ପାଦକ ବସନ୍ତ କୁମାର ପ୍ରହରାଜ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହାକୁ ସ୍ୱାଗତ କରିବା ସହିତ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୪୪ ରୁପା ପାଉଁଜି ଜବତ, ୩ ମହିଳା ଗିରଫ

କୃଷ୍ଣପ୍ରସାଦ,୯।୪(କୈଳାଶ ଚନ୍ଦ୍ର ପଟନାୟକ)



ରୁପା ପାଉଁଜି ଚୋରି ଅଭିଯୋଗରେ ଚଢ଼ାଉ କରି କୃଷ୍ଣପ୍ରସାଦ ଥାନା ପୋଲିସ ୩ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ ବଜାରର ପୂଜା ଦାସ, ଜୁମୁରି ଦାସ, କ୍ରିଷ୍ଣା ନାୟକ। ପୋଲିସ ସେମାନଙ୍କ ପାଖରୁ ଚୋରି ହୋଇଥିବା ୪୪ଟି ରୁପା ପାଉଁଜି ସହ ଏକ ଅଟୋରିକ୍ସା (ଓଡ଼ି ୦୭ଟି ୭୪୩୫)କୁ ଜବତ କରିଛି। ରାକେଶ କୁମାର ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଗତ ଫେବୃୟାରୀ ୨୨ ତାରିଖରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ରାଜା ବଜାରରେ ଥିବା ମମତା ଜୁଏଲାରୀରୁ ରୁପା ପାଉଁଜି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ୩୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

# ୧୫ରୁ ଊର୍ଦ୍ଧ୍ୱ ଦୋକାନ ଭାଙ୍ଗିଲା ପୌର ପ୍ରଶାସନ



ପୌର ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଥିବା ଦୋକାନ ଘର।

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଟାଉନ ଥାନା ଠାରୁ ସମବାୟ ଛକ ପର୍ଯ୍ୟନ୍ତ ରାସ୍ତା ଉପରକୁ ମାଡ଼ିଆସିଥିବା ୧୫ରୁ ଊର୍ଦ୍ଧ୍ୱ ଦୋକାନକୁ ଜେସିବି ଲଗାଇ ଭଙ୍ଗାଯାଇଛି। ବୁଧବାର ଅପରାହ୍ନ ୫ଟାରେ ପ୍ରଶାସନ ପକ୍ଷରୁ ରାସ୍ତାକୁ ମାଡ଼ି ଦୋକାନ ମେଲିଥିବା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଦୋକାନକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ହାଇକୋର୍ଟଙ୍କ ରହିତାଦେଶ ରହିଥିବା ଦୋକାନକୁ ବାଦ୍‌ଦେଲେ ଅନ୍ୟ ଦୋକାନକୁ ଭଙ୍ଗାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଦୋକାନକୁ ଭଙ୍ଗାଯାଇଥିବା ପୌର ପ୍ରଶାସନ କର୍ମଚାରୀ ସୂଚନା ଦେଇଛନ୍ତି।

# ତାଳପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୯।୪(ମାନସଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଅଧୀନ ତାଳପଡ଼ା ଗ୍ରାମର ତାଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ନୀହାର ରଞ୍ଜନ ରାୟ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବର୍ଷୀୟାନ୍ ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ, ସାମାଜିକ କର୍ମୀ ରଞ୍ଜିତ ଜଗଦେବ, ସ୍ଥାନୀୟ ସମିତିସଭ୍ୟ ରମେଶ ବିଶ୍ୱାଳ, ସିଆର୍‌ସିସି ସୁଶାନ୍ତ ମଲ୍ଲିକ, ୱାର୍ଡ ସଭ୍ୟ ସୁଶାନ୍ତ ପଟ୍ଟନାୟକ, ସାମାଜିକ କର୍ମୀ ପଦ୍ମଚରଣ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ବର୍ଷ ଧରି ହୋଇ ନ ଥିବା ବାର୍ଷିକୋତ୍ସବକୁ ଚଳିତବର୍ଷ ଆୟୋଜିତ କରିଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭାପତିଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହଶିକ୍ଷକ ପାର୍ଥସାରଥି ସାମନ୍ତରାୟ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କେଶରୀ ଦାଶ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ। ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଅନୁଷ୍ଠାନର କୁନିକୁନି କଳାକାରମାନେ ବିଭିନ୍ନ ସାଂସ୍କୃତିକ ନୃତ୍ୟ, ଗୀତ ପରିବେଷଣ କରିଥିଲେ।

# ଓଡ଼ିଶା ଅର୍ଥନୀତିରେ ଅଗ୍ରଣୀ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୪(ରବିନାରାୟଣ ଜେନା)

ଦିଲ୍ଲୀରେ ୨ଦିନିଆ ନିବେଶକ ସମ୍ମିଳନୀରେ ଯୋଗଦେଇ ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ଅନେକ ଶିଳ୍ପପତିଙ୍କ ସହିତ ଆଲୋଚନା ହୋଇଛି। ଉତ୍କର୍ଷ ଓଡ଼ିଶା ପରେ ଦିଲ୍ଲୀରେ ଆଇଓସିଏଲ୍ ସହିତ ଏମ୍‌ଓୟୁ ଦ୍ୱିତୀୟ ଐତିହାସିକ ପଦକ୍ଷେପ। ଏଚସିଏଲ୍‌ର ନୋଇଡାସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ଓଡ଼ିଶାରେ ଏହାର କ୍ୟାମ୍ପସ୍ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ସକାରାତ୍ମକ ମତାମତ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ, ତାହା ସଫଳ ହେଉଛି ଏବଂ ଓଡ଼ିଶାକୁ ବ୍ୟାପକ ପୁଞ୍ଜି ଆସିବାର ସୁଯୋଗ ସୃଷ୍ଟି ହୋଇଛି।

## ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ, ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ



ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭବ୍ୟ ସ୍ୱାଗତ କରାଯାଉଛି।

ଓଡ଼ିଶା ଅର୍ଥନୀତିରେ ଅଗ୍ରଣୀ ହେବ। ଦିଲ୍ଲୀରେ ଏହି ଗସ୍ତ ସମୟରେ ୧୩ଟି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହାଦ୍ୱାରା ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୯୫,୧୧୫ ନିଯୁକ୍ତି ସୃଷ୍ଟି ହେବ। ଏହି ଗସ୍ତରେ ପ୍ରାୟ ୨୫ରୁ ଅଧିକ ଶିଳ୍ପପତିମାନଙ୍କ ସହିତ ଆଲୋଚନା ହୋଇଛି। ଆଗାମୀ ଦିନରେ ମଧ୍ୟ ଆଲୋଚନା ହେବ। ଭବିଷ୍ୟତରେ ସେମାନଙ୍କ ସହିତ ପାର୍ଟନରଶିପ କରିବାର ସୁଯୋଗ ସୃଷ୍ଟି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପୋଲିସ ବାହିନୀକୁ ସଶକ୍ତ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ପୋଲିସ ବାହିନୀରେ ୧୨ ହଜାରରୁ ଅଧିକ ନିଯୁକ୍ତି କରାଯିବ। ସେହିପରି ଓଡ଼ିଶା ଏକ ଶିଳ୍ପୋନ୍ନତ ରାଜ୍ୟ ଭାବରେ ଗଢ଼ି ଉଠିବାର ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହି କ୍ଷେତ୍ରରେ ମଧ୍ୟ ଆଇନ ଶୃଙ୍ଖଳା ନିୟନ୍ତ୍ରଣର ଆବଶ୍ୟକତା ଅଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ବା ଓଆଇଏସ୍ଏଫ୍ ଗଠନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଛି। ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ପଦକ୍ଷେପ ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

## ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ବିଭିନ୍ନ ପ୍ରକାର ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ଟାଙ୍ଗୀ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତ ସାଇଁଟୋ ଗ୍ରାମର ରଶ୍ମି ରଞ୍ଜନ ଦାସ(୩୨)। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୦୧/୨୫) ରୁଜୁ କରିଥିଲା।

## ସଂକ୍ଷେପରେ

### ବେଆଇନ ଗଞ୍ଜେଇ କାରବାର, ଜଣେ ଗିରଫ

କଟକ,୯।୪(କାର୍ତ୍ତିକ ସାହୁ)

ମଙ୍ଗଳାବାଗ ଥାନା ପୋଲିସ ହାଡ଼ିଆପଠାରେ ବେଆଇନ ଗଞ୍ଜେଇ କାରବାର ଚାଲିଥିବାବେଳେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅଧୀନ ମାଛୁଆ ବଜାର ଅଞ୍ଚଳର ଜୁବୁଲା ବେହେରା। ତାଙ୍କ ନିକଟରୁ ୩ କେଜି ୧୦୪ ଗ୍ରାମ୍ ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ୍, ୨୪୨୦ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ହାଡ଼ିଆପଠା ପାର୍କିଂ ସ୍ଥାନ ନିକଟରେ ବୁଧବାର ସକାଳେ ଗଞ୍ଜେଇ କାରବାର ଚାଲିଥିବା ପୋଲିସ ଖବର ପାଇଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳାବାଗ ଥାନା ଆଇଆଇସି ମୁରଲୀଧର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା।

### ୧୪ରେ ହିନ୍ଦୁ ସଂକଳ୍ପ ଯାତ୍ରା

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ହନୁମାନ ଜୟନ୍ତୀ ଉପଲକ୍ଷେ ଆସନ୍ତା ୧୪ ତାରିଖରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ହିନ୍ଦୁ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରେ କଟକ ବାରବାଟୀ ଷ୍ଟାଡିୟମଠାରୁ ବାଇକ୍ ଶୋଭାଯାତ୍ରା ବାହାରି ଚଣ୍ଡୀଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁ ବଜାର ଆଦି ଅଞ୍ଚଳ ପରିକ୍ରମା କରି ତ୍ରିନାଥ ମନ୍ଦିରଠାରେ ପହଞ୍ଚିବ। ଏନେଇ କଟକ ଲିଙ୍କରୋଡ୍‌ସ୍ଥିତ ଲାୟନ୍ସ ଗାର୍ଡେନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ପ୍ରାନ୍ତ ସଙ୍ଗଠକ ତନ୍ମୟ ଦାସ ସୂଚନା ଦେଇଛନ୍ତି। ଏହି ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ସାମିଲ ହେବାକୁ ସେ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ସାହୁ, ଦୟାନିଧି ନାୟକ, ସୁଶାନ୍ତ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଟ୍ରକ୍ ମାଲିକ ମୃତ, ସମିତିସଭ୍ୟ ଗୁରୁତର

ଖୁଣ୍ଟୁଣୀ,୯।୪(ସଚ୍ଚିଦାନନ୍ଦ ପଣ୍ଡା)

ବାଇକ୍ ଦୁର୍ଘଟଣାରେ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ କର୍ମଚାରୀ ତଥା ଟ୍ରକ ମାଲିକ ଶୁଭେନ୍ଦୁ ସାହୁ (୩୩)ଙ୍କ ମୃତ୍ୟୁ ଘଟିଛି। ବାଇକ୍‌ରେ ବସିଥିବା ଖୁଣ୍ଟୁଣୀ ସମିତିସଭ୍ୟ ଗଗନ ପରିଡା ଗୁରୁତର ହୋଇ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଘର ଖୁଣ୍ଟୁଣୀ ଗ୍ରାମରେ ବୋଲି ଜଣାପଡିଛି। ବୁଧବାର ସକାଳେ ଘଣ୍ଟିଖାଲଠାରୁ ସେମାନେ ମାଂସ ଆଣି ଏକ ବାଇକ୍‌ରେ ଫେରୁଥିବାବେଳେ ଆରତୀ ଷ୍ଟିଲ ରାସ୍ତାର ଗରିଆ ଠାକୁରାଣୀଙ୍କ ନିକଟରେ ଅଜଣା ଗାଡି ସାଇଡ୍ ମାରିବାରୁ ସେମାନେ ରାସ୍ତା ପାର୍ଶ୍ୱ ଖାଲରେ ଖସି ପଡ଼ିଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁଭେନ୍ଦୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେଠାରୁ ମୃତଦେହକୁ ତାଙ୍କ ବାସଭବନକୁ ନିଆଯିବା ବାଟରେ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୃତଦେହକୁ ଶୋଭାଯାତ୍ରାରେ ଗ୍ରାମ, ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରାଯାଇଥିଲା। ସାନଭାଇ ପ୍ରତାପ ସାହୁ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଶୁଭେନ୍ଦୁ ୨ ବର୍ଷ ତଳେ ବିବାହ କରିଥିଲେ ଓ ତାଙ୍କର ଏକ ଶିଶୁକନ୍ୟା ଅଛନ୍ତି।

# ଜିମ୍ ସାମଗ୍ରୀ କିଣାକୁ ନେଇ ହଟ୍ଟଗୋଳ

କଟକ,୯।୪(କାର୍ତ୍ତିକ ସାହୁ)



ସିଏମ୍‌ସି କାଉନ୍‌ସିଲ୍ ବୈଠକରେ କର୍ପୋରେଟରମାନେ ହୋହଲ୍ଲା କରୁଛନ୍ତି।

**ସିଏମ୍‌ସି କାଉନସିଲ ବୈଠକ**

**ମେୟରଙ୍କୁ ଘେରିଲେ ବିରୋଧୀ କର୍ପୋରେଟର**

କଟକ ସହରରେ ବିଭିନ୍ନ ସମସ୍ୟା ରହିଛି। ୱାର୍ଡରେ କାମ ହେଉନାହିଁ। ଉନ୍ନୟନମୂଳକ କାର୍ଯ୍ୟରେ ବହୁ ମାତ୍ରାରେ ଦୁର୍ନୀତି ହେଉଛି। ଏଭଳି ବହୁ ଅଭିଯୋଗକୁ ନେଇ ଚୌଧୁରୀବଜାରସ୍ଥିତ ବିଜୁ ଭବନରେ ବୁଧବାର ଅନୁଷ୍ଠିତ କଟକ ମହାନଗର ନିଗମ (ସିଏମ୍‌ସି)ର କାଉନସିଲ ବୈଠକରେ ବିରୋଧୀ କର୍ପୋରେଟରମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ମେୟର ସୁବାସ ସିଂଙ୍କୁ ଘେରିଥିଲେ।

ବୈଠକ ଆରମ୍ଭରୁ ବିରୋଧୀ କଂଗ୍ରେସ କର୍ପୋରେଟରମାନେ ମେୟରଙ୍କୁ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରିଥିଲେ। କର୍ପୋରେଟର ଜେ. କାମେଶ୍ୱର ରାଓ ନିମପୁର ବସ୍ତିବାସିନ୍ଦାଙ୍କ ସମସ୍ୟା, ଶୌଚାଳୟ ସଫେଇ ନ ହେବା, ପାନୀୟ ଜଳ ସମସ୍ୟା ଉତ୍କଟ ହେବା ଆଦିକୁ ନେଇ ଅଭିଯୋଗ କରିଥିଲେ। କଂଗ୍ରେସ କର୍ପୋରେଟରମାନେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ନାରା ଦେଇଥିଲେ। ୫ କୋଟି ଟଙ୍କାର ଜିମ୍ ସାମଗ୍ରୀ କିଣା ଦୁର୍ନୀତିକୁ ନେଇ ସେମାନେ ହୋହଲ୍ଲା କରିଥିଲେ। କାଉନସିଲ ଓ କର୍ପୋରେଟରଙ୍କୁ ନ ଜଣାଇ କର୍ତ୍ତୃପକ୍ଷ କୋଟି ଟଙ୍କାର ଜିମ୍ ସାମଗ୍ରୀ କିଣିବା ଓ କାଉନସିଲ୍‌ରେ ବିରୋଧ ସତ୍ତ୍ୱେ ୩ କୋଟି ଟଙ୍କାର ବିଲ୍ କରାଯିବାକୁ ନେଇ ତଦନ୍ତ ଦାବି କରିଥିଲେ। ଏ ବିଷୟରେ ସ୍ୱତନ୍ତ୍ର କାଉନସିଲ ବୈଠକ ଡାକି ଆଲୋଚନା କରାଯିବାକୁ ଦାବି ହୋଇଥିଲା। ଏଜୁକେଶନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ବିନା ତଦନ୍ତରେ କିଭଳି ବିଲ୍ କରାଗଲା ବୋଲି ପ୍ରଶ୍ନ ଉଠାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଚିଠି ଲେଖିବେ ବୋଲି କହିଥିଲେ। ପ୍ରତିଷ୍ଠାନ ବିଭାଗ ଷ୍ଟାଣ୍ଡିଂ କମିଟି ଅଗୋଚରରେ ଦିଆଯାଉଥିବା ନିଯୁକ୍ତି ବନ୍ଦ କରିବାକୁ କର୍ପୋରେଟରମାନେ ଦାବି କରିଥିଲେ। କମ୍ୟୁନିଟି ଅର୍ଗାନାଇଜର (ସିଓ)ମାନଙ୍କୁ ବଦଳି କରିବାକୁ କେତେଜଣ କର୍ପୋରେଟର ଦାବି କରିଥିଲେ। ନିର୍ଦ୍ଦିଷ୍ଟ ଭାବେ କେତେଜଣ ସିଓ ଦିବ୍ୟାଙ୍ଗମାନଙ୍କ ଭତ୍ତା ଆବେଦନପତ୍ରକୁ ରଖି ବିଭିନ୍ନ ଆଳରେ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର ଅନାମ ଚରଣ ପାତ୍ର, ବିଭିନ୍ନ ୱାର୍ଡର କର୍ପୋରେଟର, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ମହାନଦୀରୁ ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୯।୪(ମାନସ ସାମଲ)

ଜଗତପୁର ଥାନା ଅଧୀନ ମହାନଦୀର ଯୋବ୍ରା ଆନିକଟ ୧ ନମ୍ବର ଗେଟ୍‌ରୁ ଜଣେ ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ସେ ହେଲେ କଟକ ପୁରୀଘାଟ ଥାନା ଅଧୀନ ଝୋଲାସାହି ଅଞ୍ଚଳର ଶ୍ୟାମସୁନ୍ଦର ଟେକ୍ରିୟାଲ(୫୫)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୫) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦର ମଙ୍ଗଳବାର ସକାଳେ ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ଏପରି କି ତାଙ୍କ ମୋବାଇଲ ଫୋନ୍ ସୁଇଚ୍‌ଅଫ୍ ଥିଲା। ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସକାଳେ ଶ୍ୟାମସୁନ୍ଦରଙ୍କ ମୃତଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଜଗତପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାଣିରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି। ପ୍ରାଥମିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି।

# ଆକ୍ରମଣ ଅଭିଯୋଗରେ ୩ ଗିରଫ

ଫୁଲନଖରା,୯।୪(ସତ୍ୟରଞ୍ଜନ ଦାସମହାପାତ୍ର)

ଆକ୍ରମଣ ଅଭିଯୋଗରେ କଟକ ସଦର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ତଳଗଡ଼ର ଅବିନାଶ ରାଉତରାୟ, ନିଆଳି ଥାନା ଅନ୍ତର୍ଗତ ଲୁଣିଗାଁ ଅଞ୍ଚଳର ସୁବ୍ରତ ନାୟକ ଓ ବାଲିଅନ୍ତା ଥାନା ଅନ୍ତର୍ଗତ ବେଣ୍ଟପୁରର ସୌମ୍ୟରଞ୍ଜନ ଛୋଟରାୟ। ପୋଲିସ ସୂତ୍ରରୁ ପ୍ରକାଶ, ବାଲିଅନ୍ତା ଥାନା ଅନ୍ତର୍ଗତ ଝିଂକିଆର ସୁଆଁଲୋ ଗ୍ରାମ ଓ ଗଡ଼ଭିଙ୍ଗାରପୁର ଅଞ୍ଚଳର ପ୍ରାଚୀ ନଦୀ ପଠାରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ମାଟି ଖୋଳୁଥିଲେ। ଏନେଇ ଗଡ଼ଭିଙ୍ଗାରପୁର ଗ୍ରାମବାସୀ ଜାଣିବା ପରେ ବିରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ କଟକ ସଦର ଥାନା ଅନ୍ତର୍ଗତ ନଛିପୁର ଅଞ୍ଚଳରେ ଥିବା ଇଟାଭାଟିରେ ଲୁଚି ଯାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚିବାରୁ ଭାଟିରେ ଲୁଚିଥିବା ୧୧ ଜଣ ଯୁବକ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନିରଞ୍ଜନ ପାତ୍ର, ସୌମେନ୍ଦ୍ର ଜେନା, ଶରତ ଜେନା ଓ ଗନ୍ଧର୍ବ ଜେନା ଗୁରୁତର ହୋଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଓମ୍‌ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ସଂସ୍କୃତି ବିହାର କଟକ ପକ୍ଷରୁ ମଞ୍ଚସ୍ଥ ଗୀତିନାଟ୍ୟ 'କର୍ଣ୍ଣବଧ'ର ଏକ ଦୃଶ୍ୟ।

# ହଷ୍ଟେଲରୁ ଯୁବତୀଙ୍କ ମୃତଦେହ ଜବତ

କଟକ,୯।୪(କାର୍ତ୍ତିକ ସାହୁ)

ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ଏକ ଲେଡିଜ ହଷ୍ଟେଲରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ମିତାରାଣୀ ସାହୁ(୨୬)। ଘଟଣାସ୍ଥଳରୁ ତାଙ୍କ ମୋବାଇଲ ଫୋନ ଜବତ ହୋଇଛି। ସେ ଫ୍ୟାନ୍‌ରେ କପଡ଼ା ସାହାଯ୍ୟରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାନୁସାରେ, ଜଗତସିଂହପୁର ଜିଲା ମାର୍କଣ୍ଡପୁରର ଭ୍ରମରବର ସାହୁଙ୍କ ଝିଅ ସ୍ମିତାରାଣୀ ଶଙ୍କରପୁର ନୂଆସାହିର ଏକ ଲେଡିଜ ହଷ୍ଟେଲରେ ଗତ ୩ ବର୍ଷ ହେବ ରହୁଥିଲେ। ସେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ହେଲେ ୧ ମାସ ତଳେ ସେ ଚାକିରି ଛାଡ଼ିଦେଇଥିଲେ। ମଙ୍ଗଳବାର ରାତି ପ୍ରାୟ ୯ଟାରେ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ତା'ପରଠାରୁ ଫୋନ ସୁଇଚ୍ ଅଫ୍ ରହିଥିଲା। ଯୋଗାଯୋଗ ସମ୍ଭବପର ନ ହେବାରୁ ପରିବାର ଲୋକେ କଟକରେ ପହଞ୍ଚିଥିଲେ। ମାତ୍ର ଏଠାରେ ଝିଅର ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖି ବାଦାମବାଡ଼ି ଥାନାରେ ଜଣାଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୧୧ରେ ଉଦ୍‌ଘାଟନ ହେବ ଶିଶୁଭବନ ନୂତନ କୋଠା

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

- କାର୍ଯ୍ୟର ସମୀକ୍ଷାକଲେ ଜିଲାପାଳ, ଡିସିପି
- ଖୋଲିଲା ନୂତନ ଫାଟକ

ଆସନ୍ତା ୧୧ ତାରିଖରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନର ନୂତନ ଜି ପ୍ଲସ-୬ କୋଠା ଉଦ୍‌ଘାଟନ କରାଯିବ। କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେଇ ଏହାର ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ମେଡିକାଲ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ସେହିପରି ଗୁରୁବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପାଇଁ ସମସ୍ତ କାର୍ଯ୍ୟର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ଶିଶୁଭବନ ରିଂରୋଡ ପାର୍ଶ୍ୱର ନୂତନ ଫାଟକକୁ କାର୍ଯ୍ୟକ୍ଷମ ହୋଇଛି। ନୂତନ କୋଠାକୁ ସଂଯୋଗ କରିବା ନିମନ୍ତେ ରାସ୍ତା ଫିଟିଛି ଏବଂ ଉକ୍ତ ରାସ୍ତା ରିଂବନ୍ଧରୁ ନୂତନ କୋଠାକୁ ସଂଯୋଗ କରିଛି। ଏଥିସହ ନୂତନ କୋଠାକୁ ରଙ୍ଗ ଦିଆଯାଉଛି।

# ନବଗ୍ରହ ଖବରଦାତା ସଂଘର ବୈଠକ

କଟକ ସଦର,୯।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ନବଗ୍ରହ ଖବରଦାତା ସଂଘର ସାଧାରଣ ବୈଠକ ଓ ବନ୍ଧୁମିଳନ ବୁଧବାର କିଶନ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାଙ୍କ ଭୂମିକା ଓ ନିରାପତ୍ତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବରିଷ୍ଠ ଖବରଦାତା ବିଷ୍ଣୁ ଚରଣ ବେହେରା ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପରାମର୍ଶଦାତା ଭାବେ ବରିଷ୍ଠ ଖବରଦାତା ବିଷ୍ଣୁ ଚରଣ ବେହେରା, ସଂଯୋଜକ ଭାବେ ସର୍ବେଶ୍ୱର ମିଶ୍ର ଓ ଭୈରବ ଚରଣ ସେଠୀଙ୍କୁ ମନୋନିତ କରାଯାଇଥିଲା। ଏହି ବୈଠକରେ ଖବରଦାତା ଚିତ୍ତରଞ୍ଜନ ବେହେରା, ଦେବେନ୍ଦ୍ର ନାଥ ସେଠୀ, ସରାଫତ୍ ଅଲ୍ଲୀ, ଜୁଲଫୁକାର ଅଲ୍ଲୀ, ସରୋଜ ମଲ୍ଲିକ, ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ଲାଷ୍ଟିକ୍ ଦୋକାନ ଜଳିଗଲା



ଦୋକାନରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

କଟକ,୯।୪(କାର୍ତ୍ତିକ ସାହୁ)

ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କହ୍ନେଇପୁରରେ ଥିବା ଏକ ଇଲେକ୍ଟ୍ରିକ ଓ ପ୍ଲାଷ୍ଟିକ ଦୋକାନ ଜଳିଯାଇଛି। ଦୋକାନରେ ଥିବା ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ମାତ୍ରା ଏତେ ଅଧିକ ଥିଲା ଯେ ପ୍ରବଳ ମାତ୍ରାରେ କଳାଧୂଆଁ ବାହାରୁଥିଲା। ସେଠାରେ ଥିବା ପ୍ଲାଷ୍ଟିକ ସାମଗ୍ରୀଗୁଡ଼ିକରେ ନିଆଁ ଲାଗିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ବାଲିଯାତ୍ରା ପଡ଼ିଆରେ ସମୀକ୍ଷାକଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର, ମନମୋହନ

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଭାଜପା କଟକ ଜିଲାର ପ୍ରସ୍ତୁତି ବୈଠକ**

ଆସନ୍ତା ୧୧ ତାରିଖରେ କଟକ ବାଲିଯାତ୍ରା ପଡିଆରେ ଆୟୁଷ୍ମାନ ଭାରତ ଯୋଜନା ଶୁଭାରମ୍ଭ କରାଯିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା କରିବା ପାଇଁ କଟକ ଜିଲା ଭାଜପା ପକ୍ଷରୁ ମାଛୁଆବଜାରସ୍ଥିତ ସର୍କିଟ ହାଉସ୍‌ରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ କର୍ମୀମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ। ଏହି ବୈଠକରେ ଗ୍ରାମୀଣ ଜିଲା ସଭାପତି ରାମ ନାରାୟଣ ମହାନ୍ତି, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ସ୍ମୃତି ପଟ୍ଟନାୟକ, ଶ୍ରୀତମ ଦାସଙ୍କ ୧୭ଟି ମଣ୍ଡଳର ସଭାପତି ଓ କର୍ମୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବାଲିଯାତ୍ରା ଉପର ପଡିଆରେ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ।




ବିଭିନ୍ନ ଦାବି ନେଇ ସିପିଆଇ ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ବୁଧବାର କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# କର୍ତ୍ତୃପକ୍ଷଙ୍କୁ ତଥ୍ୟ ପ୍ରଦାନ ନିର୍ଦ୍ଦେଶ

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ୨ ମହିଳା ରୋଗୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ କାର୍ଡିଓଲୋଜି ବିଭାଗର ଡାକ୍ତର ଇସିଜି ଆଳରେ ଦୁଇ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଘଟଣାରେ ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଆରମ୍ଭ ହୋଇଛି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ଉପଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଏହି ଘଟଣାର ତଦନ୍ତ କରାଯାଉଛି। ବୁଧବାର ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଏହି ଟିମ୍‌ର ସଦସ୍ୟମାନେ ପହଞ୍ଚି ଘଟଣାର ତନାଘନା କରିଥିଲେ। ତେବେ ଘଟଣା ଦିନ କାର୍ଡିଓଲୋଜି ବିଭାଗରେ ଇସିଜି ହୋଇନାହିଁ ଏବଂ ମେଡିକାଲରେ ରୋଗୀଙ୍କ ପ୍ରେସ୍‌କ୍ରିପ୍‌ସନ ସମେତ କୌଣସି ତଥ୍ୟ ନ ଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଉକ୍ତ ଦିନ ମେଡିକାଲର କେଉଁ କେଉଁ ବିଭାଗରେ ଇସିଜି କରାଯାଇଥିଲା ଏବଂ ଇସିଜି ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଟିମ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ଘଟଣାର ତଦନ୍ତ ଶେଷ ହୋଇ ରିପୋର୍ଟ ଦାଖଲ କରାଯିବ ବୋଲି ଉକ୍ତ ଟିମ୍‌ରେ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୧୧ ତାରିଖରେ ଏସ୍‌ସିବି କାର୍ଡିଓଲୋଜି ବିଭାଗରେ ଇସିଜି କରାଇବା ନିମନ୍ତେ ଡା. ଠାକୁର ବିଲ୍‌ବାଗ ସିଂ ଦୁଇଜଣ ମହିଳା ରୋଗୀଙ୍କୁ ଡକାଇଥିଲେ। ସେ ଇସିଜି କରାଇବା ସମୟରେ ଦୁଇ ମହିଳାଙ୍କ ସମ୍ପର୍କୀୟ ଓ ଅନ୍ୟ ମହିଳା ଡାକ୍ତରଙ୍କୁ ଉକ୍ତ ପରିସରରୁ ବାହାର କରିଦେଇଥିଲେ। ଇସିଜି କରିବା ସମୟରେ ଡାକ୍ତରଙ୍କ କାର୍ଯ୍ୟକୁ ନେଇ ମହିଳା ଦ୍ୱୟ ଅସ୍ୱାଭାବିକ ଅନୁଭବ କରିଥିଲେ। ଡାକ୍ତର ସେମାନଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ସେମାନେ ନିଜ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡା. ଠାକୁରଙ୍କୁ ସଂଘବଦ୍ଧ ଭାବେ ମହିଳାଙ୍କ ସମ୍ପର୍କୀୟ ଓ କନିଷ୍ଠ ଡାକ୍ତର ମାଡ଼ ମାରିଥିଲେ। ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଡା. ଠାକୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅପରପକ୍ଷରେ ଏହି ଘଟଣାକୁ ନେଇ ପୁରୀର ଜୟନ୍ତ କୁମାର ଦାସ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଆର୍‌ସି ଉକ୍ତ ଅଭିଯୋଗ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତଦନ୍ତରେ ବିଳମ୍ବ ଘଟିଥିଲା। ପୁନର୍ବାର ଏନ୍‌ଏଚ୍‌ଆର୍‌ସି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ସାମାଜିକ କର୍ମୀ ନରେନ୍ଦ୍ରଙ୍କ ପରଲୋକ

**ଅସ୍ତରଙ୍ଗ (ମମତା ଜେନା):** କାକଟପୁର ମଙ୍ଗଳା ମନ୍ଦିର ନିକଟ ସେବକସାହିର ନରେନ୍ଦ୍ର ମିଶ୍ର(୮୭)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସାମାଜିକ କର୍ମୀ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପ୍ରତାପ, ପ୍ରଦୀପ୍ତ, ପ୍ରଫୁଲ୍ଲ, ପୁତ୍ରବଧୂ, ନାତି ବିଶ୍ୱଜିତ୍, ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଅନ୍ତିମ ସଂସ୍କାରରେ ପୁତ୍ର ପ୍ରତାପ ମୁଖାଗ୍ନି ଦେଇଥିଲେ ।




୯।୪।୨୦୨୫

| | |
|---|---|
| ୫, ୨୩, ୧୪୩ ଟଙ୍କା | |
| ସୁନା | ୫.୩୦୦ ଗ୍ରାମ |
| ରୁପା | ୧୦.୫୦୦ ଗ୍ରାମ |

# ସାହିଯାତର ୪ର୍ଥ ଦିବସ: ବନବାସ ନୀତି ଆଗତ

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ବନବାସ ନୀତି ସମ୍ପନ୍ନ ହୋଇଛି । ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଏବଂ ମା' ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନସେବକ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ । ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ । ଠାକୁର ଠାକୁରାଣୀ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ । ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ଠାକୁରମାନେ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା ।



ଭଗବତୀ କୋଟ ପକ୍ଷରୁ ରାମ, ଲକ୍ଷ୍ମଣ, ସୀତା, ବିଶ୍ୱାମିତ୍ର ଋଷିଙ୍କ ସହ ବନବାସ ନୀତି ସମ୍ପନ୍ନ ପାଇଁ ଯାଉଛନ୍ତି ।

ଅପରପକ୍ଷରେ ସାହିଯାତର ଚତୁର୍ଥ ଦିବସରେ ମାର୍କଣ୍ଡେଶ୍ୱର ସାହି ଭଗବତୀ କୋଟ ଆଖଡ଼ା ପକ୍ଷରୁ ବନବାସ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା । ନିଗମାମନ୍ଦ ସେନାପତି ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ, ପ୍ରଜ୍ଞା ପ୍ରିୟଦର୍ଶିନୀ ସୀତା ଭୂମିକାରେ, ସାଇ କୃଷ୍ଣ ପାତ୍ର ଲକ୍ଷ୍ମଣଙ୍କ ଭୂମିକାରେ ନୀତି ସମ୍ପାଦନ କରିଥିଲେ । ସେହିପରି ବିଶ୍ୱମିତ୍ର ଭୂମିକାରେ ନୀଳାଚଳ ପ୍ରଧାନ, ଶବର ରାଜା କାହ୍ନୁ ସାହୁ, ଡଗର ଭୂମିକାରେ ସତ୍ୟନାରାୟଣ ପଣ୍ଡା ପ୍ରମୁଖ ରହିଥିଲେ । ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ମାର୍କଣ୍ଡେଶ୍ୱର ଭଗବତୀ କୋଟ ଆଖଡ଼ା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା । ସେହିପରି ମାର୍କଣ୍ଡେଶ୍ୱର ସାହିର ବିଭିନ୍ନ ଜାଗା ପକ୍ଷରୁ ଯାତ ବାହାରିଥିଲା । ଯାତ ବାଦିସାହି ଭ୍ରମଣ କରିବା ସହ ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ ଓ ସମରକଳା ବୀରବାଦ୍ୟରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ସାତବଖରା, ଗଦାସାହଣ ବଡ଼ପୋଖରୀ, ଭଙ୍ଗଯାଗା, ଝାଟି ଜାଗା, ଦୁଆରୀ ଯାଗା, ବଡ୍ଡୁ ମହାପାତ୍ର ଜାଗା, ପାଣ୍ଡ ଜାଗା, ରାହାସ ମହାନ୍ତି ଜାଗା ଆଦି ଜାଗାଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରକାର ମେଢ଼, ନାଗା ଓ ବିଭିନ୍ନ ପ୍ରକାର ସମରକଳା ଆଦି ବାହାରିଥିଲା । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ସାହିଯାତ ପ୍ରଦର୍ଶନ କରାଯାଇଥିଲା । ଭଗବତୀ କୋଟ ନିକଟରେ ଆଠସାହିର ମୁରବିମାନେ ଉପସ୍ଥିତ ଥିଲେ ।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନୃତ୍ୟାଞ୍ଜଳି ଓ ଭକ୍ତିରସ ନୃତ୍ୟ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଆଜି ଦୟଣାଚୋରି ନୀତି

ପୁରୀ, ୯।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଗୁରୁବାର ମହାପ୍ରଭୁଙ୍କ ଦୟଣାଚୋରି ନୀତି ଅନୁଷ୍ଠିତ ହେବ । ଏହି ନୀତି ଯୋଗୁ ଶ୍ରୀକ୍ଷେତ୍ରରେ ଚାଲିଥିବା ରାମଲୀଳା ବନ୍ଦ ରହିବ । ଦୟଣାଚୋରି ନୀତି ପୂର୍ବରୁ ଶ୍ରୀମନ୍ଦିରରେ ବୁଧବାର କନ୍ଦର୍ପ ପଟିକୁ ଅଧିବାସ କରାଯାଇଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ସମ୍ପନ୍ନ ହେବା ପରେ ଦକ୍ଷିଣୀ ଘରେ କନ୍ଦର୍ପ ପଟି ଅଧିବାସ ନୀତି ସମ୍ପନ୍ନ କରାଯାଇଛି । ଅଧିବାସ ହୋଇଥିବା ଉକ୍ତ ପଟି

### କନ୍ଦର୍ପ ଅଧିବାସ ନୀତି

ଗୁରୁବାର ମହାଜନ ସେବକମାନେ ଜଗନ୍ନାଥବଲ୍ଲଭକୁ ବିଜେ କରାଇବେ । ସେହିପରି ପାଲିଙ୍କିରେ ରାମକୃଷ୍ଣ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିବା ପରେ ନୀତି ଅନୁଷ୍ଠିତ ହେବ । ଅପରପକ୍ଷରେ ଶ୍ରୀମନ୍ଦିରରେ ଦୟଣାଚୋରି ଓ ଦମନକ ଚତୁର୍ଦ୍ଦଶୀ ନୀତି ସମ୍ପାଦନ ଦୃଷ୍ଟିରୁ ଏପ୍ରିଲ ୧୦ ଏବଂ ୧୧ ତାରିଖ ୨ଦିନ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପୋଲିସ ଭ୍ୟାନ୍‌କୁ ଧକ୍କାଦେଲା ପର୍ଯ୍ୟଟକ ଗାଡ଼ି

ଗୋପ,୯।୪(ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ ନିକଟସ୍ଥ ରିଂ ରୋଡ୍‌ଠାରେ ବୁଧବାର ଅପରାହ୍ଣରେ ଗୋପ ଥାନାର ଭ୍ୟାନ୍‌କୁ ଏକ ପର୍ଯ୍ୟଟକ ଗାଡ଼ି ଧକ୍କା ଦେଇଛି । ଦୁର୍ଘଟଣାରେ ପର୍ଯ୍ୟଟକ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଛି । ତେବେ ପର୍ଯ୍ୟଟକଙ୍କ ସମେତ ପୋଲିସ କର୍ମଚାରୀ ସୁରକ୍ଷିତ ଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଗୋପ ଥାନାର ଗାଡ଼ି (ନଂ. ଓଡି ୦୫ ବିଜେ ୧୮୪୨) ତରଡ଼ାପଡ଼ା ଗ୍ରାମର ଅଭିଯୁକ୍ତ ଦୀନବନ୍ଧୁ ଭୋଇ(୩୫)ଙ୍କୁ ଏକ ମକଦ୍ଦମା (ନଂ. ୧୦୯/ ୨୫)ର ବିଚାର ଲାଗି କୋଣାର୍କ କୋର୍ଟରେ ଛାଡ଼ି ଫେରୁଥିଲା । ଏହି ସମୟରେ କେନ୍ଦୁଝର ଜିଲା ଦଇତାରୀ ଅଞ୍ଚଳର ଗୋଟିଏ ପରିବାର ପୁରୀ ଓ କୋଣାର୍କ ବୁଲିବାକୁ ଆସି ଫେରୁଥିଲେ ।



କୋଣାର୍କ ନିକଟସ୍ଥ ରିଂ ରୋଡ଼ଠାରେ ଏକ କାର୍ (ନଂ. ଓଡି-୦୨-ସିଏଫ୍- ୪୧୩୬) ଭାରସାମ୍ୟ ହରାଇ ପୋଲିସ ଗାଡ଼ିକୁ ଧକ୍କା ଦେଇଥିଲା । ପରେ ଗୋପ ପୋଲିସ ସେହି କାର୍‌କୁ ଜବତ କରିବା ସହ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଏକ ମାମଲା ରୁଜୁ କରିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି । ପ୍ରକାଶ ଯେ ପର୍ଯ୍ୟଟକଙ୍କ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ପୋଲିସ ଗାଡ଼ି ସୁରକ୍ଷିତ ଥିବା ଜଣାପଡ଼ିଛି ।

## ସଂକ୍ଷେପରେ

### ବିଷ ପିଇ ଆତ୍ମହତ୍ୟା

**ପିପିଲି, ୯।୪(ଦୁର୍ଗା ମାଧବ ମିଶ୍ର):** ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅନ୍ତର୍ଗତ ସିଉଳା ଗ୍ରାମରେ ଜଣେ ବଧୂ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଡେଲାଙ୍ଗ ଥାନା ହୁମର ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ସାନଭାଇ ସ୍ୱର୍ଗତ ସୁରେନ୍ଦ୍ର ବିଶ୍ୱାଳଙ୍କ ଝିଅ ଶୁଭସ୍ମିତାଙ୍କର ପିପିଲି ଥାନା ନିକଟବର୍ତ୍ତୀ ସିଉଳା ଗ୍ରାମର ଅମିନ ସାହୁଙ୍କ ବଡ଼ପୁଅ ପ୍ରଦୀପଙ୍କ ସହ ୨୦୨୧ରେ ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ଶାରୀରିକ, ମାନସିକ ନିର୍ଯାତନା ଦେଇଆସୁଥିଲେ । ବଧୂ ଜଣଙ୍କ ମଙ୍ଗଳବାର ବିଷ ପିଇଦେବାରୁ ଗୁରୁତର ହୋଇପଡ଼ିଥିଲେ । ଶାଶୁଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବଧୂଙ୍କ ବଡ଼ବାପା ତାଙ୍କ ଝିଆରୀଙ୍କୁ ମାରିଦେଇଥିବା ନେଇ ପିପିଲି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଗ୍ରହଣ କରି ପିପିଲି ପୋଲିସ ନଂ.୧୧୦/୨୫ରେ ଏକ ମାମଲା ରୁଜୁକରି ସ୍ୱାମୀ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

### ସୁକାନ୍ତ ଭଞ୍ଜ ପିପିଲି ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି

**ପିପିଲି, ୯।୪(ଦୁର୍ଗା ମାଧବ ମିଶ୍ର):** ପିପିଲି ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି ଭାବେ ସୁକାନ୍ତ ଭଞ୍ଜଙ୍କୁ ମନୋନୀତ କରାଯାଇଛି । ଭାଜପାର ଯୁବନେତା ସୁକାନ୍ତ ଆଗରୁ ପିପିଲି ଏନ୍‌ଏସିର ଅଧକ୍ଷ ଥିଲେ । ଏନ୍‌ଏସିରେ ଥିବା ସମସ୍ୟାଗୁଡ଼ିକର ସମାଧାନ ଓ ପ୍ରତିକାର ନିମନ୍ତେ ସୁକାନ୍ତ ବଦ୍ଧପରିକର ଥିବା ପ୍ରକାଶ କରିଛନ୍ତି । ପିପିଲି ଏନ୍‌ଏସି ସମସ୍ୟା ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଲୋକମାନଙ୍କୁ ସଚେତନ କରାଇବା, ଏମ୍‌ପିଙ୍କ ପ୍ରତିନିଧି ଭାବେ ଏମ୍‌ପିଙ୍କୁ ଅବଗତ କରାଇବା ମୂଳ ଲକ୍ଷ୍ୟ ହେବ ବୋଲି ସେ ପ୍ରକାଶ କରିଛନ୍ତି । ବିଭିନ୍ନ ସଙ୍ଗଠନ ପକ୍ଷରୁ ସୁକାନ୍ତଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ସେଥିପାଇଁ ଭଞ୍ଜ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ଶରୀର ସୁସ୍ଥ ରଖିବା ଆମ ଦାୟିତ୍ୱ

**ଗୋପ,୯।୪(ଭାରତୀ ଭୂଷଣ ଉପାଧ୍ୟାୟ):** ଶରୀର ସୁସ୍ଥ ରହିଲେ ମଣିଷ ସମସ୍ତ କାର୍ଯ୍ୟକୁ ଠିକ୍ ଭାବେ କରିପାରିବ । ଶରୀର ସୁସ୍ଥ ରଖିବା ଆମମାନଙ୍କ ଦାୟିତ୍ୱ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଟିଆଖାଡସ୍ଥିତ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ୍‌ର ଅଧକ୍ଷ ଗଣେଶ ଚନ୍ଦ୍ର ଦାଶ ଉପସ୍ଥିତ ନର୍ସିଂ କଲେଜର ଛାତ୍ରୀଛାତ୍ରଙ୍କୁ ଏପରି ଏକ ସୂଚନା ଦେଇଥିଲେ । ପ୍ରକାଶ ଯେ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ୍‌ର ଶତାଧିକ ଅଧ୍ୟୟନରତ ଛାତ୍ରୀଛାତ୍ର ଏକ ବିରାଟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ । ଏହି ସମୟରେ ସ୍ୱାସ୍ଥ୍ୟ ଆମମାନଙ୍କର ଭବିଷ୍ୟତ, ସ୍ୱାସ୍ଥ୍ୟ ଆମର ସମ୍ପଦ, ସ୍ୱାସ୍ଥ୍ୟକୁ ଠିକ ରଖିବା ଆମମାନଙ୍କର ଦାୟିତ୍ୱ ସହ ଆଉ କେତେକ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ ଉପରେ ସାଧାରଣ ଲୋକଙ୍କୁ ବୁଝାଇଥିଲେ । ପରେ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ କେତେକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସିଗ୍ମା ସୁଚରିତା ପାତ୍ର, କୁମାରୀ ଲିପି ପ୍ରମୁଖ ପରିଚାଳନା କରିଥିଲେ ।

# ଫାଶରେ ପଡ଼ି ହରିଣ ମୃତ

**ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ**

କୋଣାର୍କ,୯।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନ ବିଭାଗ କାର୍ଯ୍ୟାଳୟ ଅଧୀନ କୁଣେଇ ପ୍ରସ୍ତାବିତ ଅଭୟାରଣ୍ୟ ଜଙ୍ଗଲରେ ଫାଶରେ ପଡ଼ି ଏକ ମାଈ ହରିଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ କୁଣେଇ ପ୍ରସ୍ତାବିତ ସଂରକ୍ଷିତ ଅଭୟାରଣ୍ୟ ଜଙ୍ଗଲରେ ଏକ ମାଈ ହରିଣ ମରିପଡ଼ିଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ କୋଣାର୍କ ବନାଞ୍ଚଳ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପରେ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରି କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ କୋଣାର୍କ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦ୍ୱାରା ମୃତ ହରିଣର ବ୍ୟବଚ୍ଛେଦ କରାଯିବା ପରେ ବନ ବିଭାଗ କାର୍ଯ୍ୟାଳୟ ଠାରେ ଗାତଖୋଳି ପୋତି ଦିଆଯାଇଥିଲା । ଏ ନେଇ କୋଣାର୍କ ବନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ନଂ.୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି ।

# ଉତ୍ତମ, ଚରିତ୍ରବାନ୍ ଛାତ୍ରୀଛାତ୍ର ଗଢ଼ିପାରେ ସ୍କୁଲ



ବାର୍ଷିକ ଉତ୍ସବରେ ଜଣେ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି ।

ଗୋପ,୯।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଉତ୍ତମ ଓ ଚରିତ୍ରବାନ ସହିତ ଭଲ ମଣିଷଟିଏ ସରକାରୀ ସ୍କୁଲ ଗଢ଼ିପାରେ ବୋଲି ବୁଧବାର ଗୋପ ବ୍ଲକ ଅଧୀନସ୍ଥ ଗଣେଶ୍ୱରପୁର ପଞ୍ଚାୟତର ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ପ୍ରଧାନଶିକ୍ଷକ ଶିବଦତ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ, ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ବ୍ଲକ୍ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ କୁମାର

### ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ କୁମାର ଭଞ୍ଜଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ସହିତ ବାର୍ଷିକ ଉତ୍ସବର ସାମଞ୍ଜସ୍ୟ କ'ଣ ରହିଛି ଓ ଛାତ୍ରୀଛାତ୍ରଙ୍କୁ ଗଢ଼ିବାରେ ଭୂମିକା କ'ଣ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସରୋଜ କୁମାର ମିଶ୍ର, ପ୍ରମୋଦିନୀ ପଟ୍ଟନାୟକ ପରିଚାଳନା କରିଥିଲେ ।

# ଭତ୍ତା କେଳେଙ୍କାରୀ, ଭିଜିଲାନ୍ସ ତଦନ୍ତ ଦାବି

ଅସ୍ତରଙ୍ଗ,୯।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସରକାର ବୃଦ୍ଧାବୃଦ୍ଧ, ଅସହାୟ, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ବିଭିନ୍ନ ଭତ୍ତା ପ୍ରଦାନ କରୁଛନ୍ତି । ହେଲେ ଅସ୍ତରଙ୍ଗ ବ୍ଲକ୍‌ର ୧୫ଟି ପଞ୍ଚାୟତରେ ଏହି ଯୋଜନାରେ ବଡ଼ କେଳେଙ୍କାରୀ ହୋଇଥିବା ନଜରକୁ ଆସିଛି । କେଉଁଠି ଯୁବକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି ତ ଆଉ କେଉଁଠି ସଧବାଙ୍କୁ ବିଧବା ଭତ୍ତା ଦିଆଯାଉଛି । କେବଳ ସେତିକି ନୁହେଁ, ୮୦ବର୍ଷରୁ କମ୍ ବୃଦ୍ଧାବୃଦ୍ଧଙ୍କୁ ୮୦ବର୍ଷ ଦର୍ଶାଇ ଭତ୍ତା ପ୍ରଦାନ କରାଯାଉଥିବା ଜଣେ ସାମାଜିକ କର୍ମୀ ନାମ ଗୋପନ ରଖି ସାମାଜିକ ସୁରକ୍ଷା ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି । ଏମିତି ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମଧୁବାବୁ ପେନ୍‌ସନ ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ ଯୋଜନାରେ ଏଭଳି ଆଖିବୁଜା ଦୁର୍ନୀତି ହୋଇଛି । ସବୁଠୁ ବଡ଼ କଥା ହେଲା ବିଧବା ଭତ୍ତା ଯୋଜନାରେ ପୁରୁଷଙ୍କୁ ମଧ ଭତ୍ତା ଦିଆଯାଉଛି । ୬୦ବର୍ଷରୁ କମ୍ ଲୋକଙ୍କୁ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ କରାଯାଉଛି । ଅନ୍ୟପଟେ ଅନେକ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ତୁରନ୍ତ ସ୍ୱତନ୍ତ୍ର ଟିମ୍ ସହ ବିଭାଗୀୟ ଅଧିକାରୀଙ୍କ ମାଧମରେ ଯାଞ୍ଚକଲେ ସ୍ପଷ୍ଟ ଘଟଣା ସାମ୍ନାକୁ ଆସିବ । ଅଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ବହୁ ଯୋଗ୍ୟ ହିତାଧିକାରୀ ଆବେଦନକରି ବି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ଭତ୍ତା ପାଇଁ ସେମାନେ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି, କିନ୍ତୁ ପ୍ରଶାସନ ତାଙ୍କ କଥା ଶୁଣୁନାହିଁ । ଏ ସମ୍ପର୍କରେ ବିଡିଓ ସସ୍ମିତା ବେହେରା କହିଛନ୍ତି, ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ ହେବ । ଏଠି ପ୍ରଶ୍ନ ଉଠୁଛି କିପରି ଭାବେ ଭତ୍ତା ଜାଲିଆତି ହେଉଛି, କାହିଁକି ପ୍ରଶାସନ ତଦନ୍ତ କରୁନାହିଁ । ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଅସ୍ତରଙ୍ଗ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

# 'ଆସ ବହିଟିଏ କିଣିବା' ଅଭିଯାନ

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନର ୯ମ ଦିବସରେ ବୁଧବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ,



ଓଡ଼ିଆ ପକ୍ଷ ପାଳନ ଅବସରରେ ବହିଟିଏ କିଣିବା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଶୁଭାରମ୍ଭ କରୁଛନ୍ତି ।

ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସହକାରୀ ଜିଲାପାଳ ତନ୍ମୟ କୁମାର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଅନ୍ୟ କର୍ମଚାରୀମାନେ ବହିଟିଏ କିଣିବା ଅଭିଯାନରେ ସାମିଲ ହୋଇଥିଲେ ।

# ଆସ ବହିଟିଏ କିଣିବା ଦିବସ ପାଳିତ

କଣାସ,୯।୪(ବିଭୂତି ଭୂଷଣ ତ୍ରିପାଠୀ)

ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଅନୁସାରେ କଣାସ ବ୍ଲକ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଆସ ବହିଟିଏ କିଣିବା ଦିବସ ପାଳନ କରାଯାଇଥିଲା । ଏହି ଦିବସ ମହାନତା ଉପଲବ୍ଧ କରି ଓଡ଼ିଆ ଭାଷା ଓ ସଂସ୍କୃତି ଉଜ୍ଜୀବିତ ରଖିବା ପାଇଁ ଓଡ଼ିଆ ବିଭାଗର ମୁଖ୍ୟ ଅସିତ୍ କୁମାର ନରେନ୍ଦ୍ର, ସଂଗ୍ରାମ କେଶରୀ ପରିଡ଼ା, ପ୍ରୀତିରଞ୍ଜନ ମିଶ୍ର ଉପସ୍ଥିତ ରହି ଏହି ଦିବସ ପାଳନ କରିଥିଲେ । ଏହି ଦିବସରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନୂତନ ପୁସ୍ତକ କ୍ରୟ କରି ମହାବିଦ୍ୟାଳୟର ସବୁ ବିଭାଗକୁ ଯାଇ ବହି କିଣିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ ।

# ପିପିଲି ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା

ପିପିଲି,୯।୪(ଦୁର୍ଗା ମାଧବ ମିଶ୍ର)

ଅଗ୍ରଣୀ ନାଗରିକ ସଂଗଠନ ପିପିଲି ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଏହି ଅବସରରେ ପିପିଲି ନିକଟ ଜଇସ୍‌ପାଟଣା ବଜାରସ୍ଥିତ ପରିଷଦର ମୁଖ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟ ଉପଦେଷ୍ଟା ତଥା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ପରିଷଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ଆୟବ୍ୟୟର ହିସାବ ରଖିବା ସହ ପରିଷଦର ଆଗାମୀ ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ପରିଷଦ ପକ୍ଷରୁ ପ୍ରକାଶିତ 'ଇତିହାସ ପୃଷ୍ଠାରେ ପିପିଲି' ପୁସ୍ତକକୁ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଗବେଷଣାରତ ଛାତ୍ରୀଛାତ୍ରଙ୍କ ନିକଟରେ ସ୍ୱଳ୍ପମୂଲ୍ୟରେ ପହଞ୍ଚାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଉପଦେଷ୍ଟା ମହାନ୍ତି ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ମୁଖ୍ୟ ଉପଦେଷ୍ଟା ଭାବେ ନାରାୟଣ ମହାନ୍ତି, ସଭାପତି ଇଂ. ଜିତେନ୍ଦ୍ରିୟ ପଟ୍ଟନାୟକ, ଉପସଭାପତି ଯୁବ ସାମାଜିକ କର୍ମୀ ଦୀନବନ୍ଧୁ ବେହୁରା, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଯୁଗ୍ମ ସମ୍ପାଦକ ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଓ ସହସମ୍ପାଦକ ଲକ୍ଷ୍ମୀପ୍ରିୟା ଜେନା, ପ୍ରିୟଦର୍ଶିନୀ ପଟ୍ଟନାୟକ, ଜଗଦୀଶ ସାହୁ, ସଞ୍ଜୟ ମହାନ୍ତି, କୋଷାଧକ୍ଷ ବରିଷ୍ଠ ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଅଭିଷେଖ ଆନନ୍ଦ ପରିଡ଼ା, ସହକାରୀ ସାଂସ୍କୃତିକ ସମ୍ପାଦକ ମନୋରମା ସାହୁ, ସମ୍ବିତ୍ ମହାନ୍ତି, କ୍ରୀଡ଼ା ସମ୍ପାଦକ ପ୍ରକାଶ ମିଶ୍ର, ସହକାରୀ କ୍ରୀଡ଼ା ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଜେନାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ।

# ରାସ୍ତାପାର୍ଶ୍ୱ ପାଲଟିଛି ଡମ୍ପିଂ ୟାର୍ଡ

କାକଟପୁର/ଅସ୍ତରଙ୍ଗ,୯।୪
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

- ସ୍ୱଚ୍ଛ ଭାରତ ମିଶନ ଫେଲ୍, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ପ୍ରତିମାସରେ ଉଠୁଛି ସରକାରୀ ତହବିଲ୍‌ରୁ ଟଙ୍କା

ଗାଁଗୁଡ଼ିକୁ ସରସ ସୁନ୍ଦର କରିବାକୁ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି ସତ କିନ୍ତୁ ତାହା କାର୍ଯ୍ୟକ୍ଷମ ହେଉନାହିଁ । ଗାଁଠାରୁ ବଜାର ରାସ୍ତାପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହୁଛି । ଫଳରେ ଦୁର୍ଗନ୍ଧ ପରିବେଶ ସୃଷ୍ଟିହେବା ସହ ଅପ୍ରାକୃତିକ ଡମ୍ପିଂ ୟାର୍ଡ ସୃଷ୍ଟି ହେଉଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମଧ ଦୃଷ୍ଟି ପଡୁନାହିଁ । ଫଳରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ତାଲା ଝୁଲୁଛି ।

ସରକାର୍ କା ମାଲ୍ ଦରିଆ ମେଁ ଡାଲ୍ । ପରିମଳ ବ୍ୟବସ୍ଥା ଫେଲ୍, ରାସ୍ତାପାର୍ଶ୍ୱ ପାଲଟିଛି ଡମ୍ପିଂୟାର୍ଡ । ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ କେଉଁଠି ତାଲା ଝୁଲୁଛି ତ କେଉଁଠି ଖାଲି ରଙ୍ଗ ପରିବର୍ତ୍ତନ



ରାସ୍ତାପାର୍ଶ୍ୱରେ ପଡ଼ିରହିଥିବା ଅଳିଆ ଆବର୍ଜନା ।

ହେଉଛି । ରାସ୍ତାପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଗଦା ହୋଇଛି । ଦୈନନ୍ଦିନ ଏହି ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରିଥାନ୍ତି ।

ଏ ନେଇ ନୂଆଗଡ଼ ପଞ୍ଚାୟତ ସମିତିସଭ୍ୟ ରାମଚନ୍ଦ୍ର ନାୟକ କହିଛନ୍ତି, ହାତଗଣତି ଅଳ୍ପକେତୋଟି ପଞ୍ଚାୟତକୁ ବର୍ଜ୍ୟବସ୍ତୁ ଗାଡ଼ି ପ୍ରଦାନ କରାଯାଇଥିବା ବେଳେ ପଞ୍ଚାୟତକୁ ଆସୁଥିବା ଟଙ୍କାରେ ପରିମଳ ବ୍ୟବସ୍ଥା ନ ହୋଇ ତାହାକୁ ହଡ଼ପ କରାଯାଉଛି । ଏହାର ଉପଯୁକ୍ତ ତଦନ୍ତ ହେବା ଆବଶ୍ୟକ । ଫଳରେ ସମ୍ପୂର୍ଣ୍ଣ ଭାବେ ପରିମଳ ବ୍ୟବସ୍ଥା ଫେଲ୍ ମାରିଛି ।

ପୁରୀ ଜିଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରତି ପଞ୍ଚାୟତରେ ସରକାରଙ୍କ ପାଣ୍ଠିରୁ ଟଙ୍କା ଖର୍ଚ୍ଚହୋଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ ହୋଇଛି । ବିଭିନ୍ନ ପଞ୍ଚାୟତରେ ଅଳିଆ ସଂଗ୍ରହ କରିବାକୁ ଗାଡ଼ି ଯୋଗାଇ ଦିଆଯାଇଛି, କିନ୍ତୁ କେଉଁଠି ଅଳିଆ ବୁହା ଗାଡ଼ି ଅଳ୍ପ କିଛିଦିନ ସଫା କରିବା ପରେ ଆଉ କରୁନାହିଁ । ପ୍ରଶାସନିକ ଅଧିକାରୀ ଓ କେତେଜଣ କୁଜିନେତା ଅଳିଆ ସଫା ବିଲ୍ ଟଙ୍କା ଉଠାଉଛନ୍ତି, ମାତ୍ର ଅଳିଆ ବର୍ଜ୍ୟବସ୍ତୁ କେନ୍ଦ୍ର ପରିବର୍ତ୍ତେ ରାସ୍ତାପାର୍ଶ୍ୱରେ ଢଳା ହୋଇ ଏକ ଅପ୍ରାକୃତିକ ଡମ୍ପିଂ ୟାର୍ଡ ସୃଷ୍ଟି କରାଯାଉଛି । ଫଳରେ ଯାତାୟାତ ସମୟରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ସାଧାରଣ ଲୋକଙ୍କ କହିବା ମୁତାବକ, ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ । ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ଅନୁଧ୍ୟାନ କଲେ ଠିକ୍ ସଦୁପଯୋଗ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଗୋଷଗୋରେଶ୍ୱର ଛକରେ ଅଟକିଲା ରଥ

ପୁରୁଣା ଭୁବନେଶ୍ୱର,୯।୪
(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜ ବୁଧବାର ୫ ଦିନିଆ ରୁକୁଣା ଯାତ୍ରା ସାରି ରାମେଶ୍ୱର ମନ୍ଦିରରୁ ସ୍ୱମନ୍ଦିରକୁ ରୁକୁଣା ରଥରେ ବାହୁଡ଼ିଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ରଥ ଡାହୁକ

### ରଥ ନ ଗଡ଼ିବାରୁ ମାଢ଼ି ଲାଗିଲା

ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରାରେ ରଥ ନ ଗଡ଼ିବାରୁ ଖରଡ଼ା ଏବଂ ମାଢ଼ି ଲଗାଇ ରଥକୁ ଗଡ଼ାଯାଇଥିଲା। ରଥ ନିର୍ମାଣରେ ବୈଷୟିକ ତ୍ରୁଟି ପାଇଁ ଏଭଳି ସମସ୍ୟା ଦେଖାଦେଇଥିବା କୁହାଯାଇଛି।



ରଥଟଣା ବନ୍ଦ ନିର୍ଦ୍ଦେଶ ଦେବାରୁ ଗୋଷଗୋରେଶ୍ୱର ଛକ ନିକଟରେ ରଥ ଅଟକି ରହିଛି। ପ୍ରାତଃରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତି, ଅବକାଶ ପରେ ରାମେଶ୍ୱର ମନ୍ଦିରରେ ଆଳତି ଅବକାଶ କରାଯାଇଥିଲା। ମନ୍ଦିରରେ ଭୋଗମଣ୍ଡପ ସରିବା ପରେ ଅପରାହ୍ନ ୧ଟା ୪୦ରେ ସକାଳ ଧୂପ ହୋଇଥିଲା। ରାମେଶ୍ୱର ମନ୍ଦିରରେ ସକାଳ ଧୂପ ହୋଇ ଦିଅଁ ବିଜେ ହୋଇଥିଲେ। ପହଣ୍ଡି ବିଜେ ପାଇଁ ପ୍ରସ୍ତୁତି ସମୟରେ ମହୁମାଛି ଆତଙ୍କ ହେତୁ ଦେଢ଼ଘଣ୍ଟା ବିଳମ୍ବରେ ଦିଅଁ ରଥକୁ ବିଜେ ହୋଇଥିଲେ। ପ୍ରାୟ ଅପରାହ୍ନ ୪ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ହେବାରୁ ଗୋଷଗୋରେଶ୍ୱର ଛକ ନିକଟରେ ରଥ ରହିବା ପରେ ସେଠାରେ ଦ୍ୱିପହର ଧୂପ ଓ ରଥରେ ଅନ୍ୟାନ୍ୟ ପୂଜା କରାଯାଇଛି।

### ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା

### ମହୁମାଛି ଆତଙ୍କ: ଦେଢ଼ଘଣ୍ଟା ବିଳମ୍ବରେ ଠାକୁର ବିଜେ

ରାମେଶ୍ୱର ମନ୍ଦିରରେ ଶ୍ରୀଲିଙ୍ଗରାଜ ପହଣ୍ଡି ବିଜେ ପାଇଁ ପ୍ରସ୍ତୁତି ହେଉଥିଲେ। ଏହି ସମୟରେ ମନ୍ଦିର ବାହାରେ ଥିବା ଏକ ମହୁଫେଣାକୁ କେହି ଜଣେ ଟେକା ଫିଙ୍ଗିଥିବାରୁ ମହୁମାଛି ସେବାୟତ ଏବଂ ଶ୍ରଦ୍ଧାଳୁଙ୍କୁ ଆକ୍ରମଣ କରିଥିଲେ। ଅନେକେ ଏଣେତେଣେ ଦୌଡୁଥିବା ବେଳେ ସେବାୟତମାନେ ନିଜକୁ ମହୁମାଛି ଆକ୍ରମଣରୁ ବର୍ତ୍ତିବାରୁ ଲୁଚି ଯାଇଥିଲେ। ଏଣୁ ପ୍ରାୟ ଦେଢ଼ଘଣ୍ଟା ଦିଅଁ ବିଜେ ହେବାରେ ବିଳମ୍ବ ହୋଇଥିଲା।

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୯।୪
(ସତ୍ୟଜିତ୍ ରାଉତ)

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା

ଖୋର୍ଦ୍ଧା ଜିଲା ମଡେଲ ଥାନା ଅଞ୍ଚଳରେ ୨୦୨୦ରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିଲା। ଏହି ମାମଲାର ରାୟ ବୁଧବାର ଭୁବନେଶ୍ୱରସ୍ଥିତ ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ପ୍ରକାଶ ପାଇଛି। ଉକ୍ତ ମାମଲାରେ ଅଭିଯୁକ୍ତ ଥିବା ଜଟଣୀ ଲେପର୍ସି କଲୋନୀର ପି. କ୍ରିଷ୍ଣା ରାଓ (୨୪)ଙ୍କୁ ବିଚାରପତି ଶୁଭଞ୍ଜନ ମହାନ୍ତି ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ କ୍ରିଷ୍ଣା ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ଅଭିଯୁକ୍ତ କ୍ରିଷ୍ଣା ପୀଡ଼ିତାଙ୍କ ଘରକୁ ଅଧିକାଂଶ ସମୟରେ ଯିବା ଆସିବା କରୁଥିଲେ। ତେବେ ୨୦୨୦ ଅଗଷ୍ଟ ୧୨ରେ ସେ ନାବାଳିକାଙ୍କୁ ଅପହରଣ କରିନେଇ ଶାରୀରିକ ସମ୍ପର୍କ ରଖିଥିଲେ। ମଡେଲ ଥାନା ପୋଲିସ ଆଇପିସି ଦଫା ୩୬୩, ୩୬୬, ୩୭୬ (୨) ଓ ପୋକ୍ସୋ ଆକ୍ଟ ସେକ୍ସନ–୬ରେ ମାମଲା (ନଂ.୨୭୬/୨୦୨୦) ରୁଜୁ କରି ତଦନ୍ତ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ।

# ୧.୯୧ କୋଟି ଠକେଇ ଟଙ୍କା ଫେରାଇଲା ପୋଲିସ




ଡିସିପି ଜଗମୋହନ ମୀନା ଠକେଇ ଟଙ୍କା ଚେକ୍ ଆକାରରେ ଫେରାଉଛନ୍ତି।

ଭୁବନେଶ୍ୱର,୯।୪
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ବୁଧବାର ଟଙ୍କା ହସ୍ତାନ୍ତର ମେଳା କରାଯାଇ ବିଭିନ୍ନ ଲୋକଙ୍କୁ ୧ କୋଟି ୯୧ ଲକ୍ଷ ୨୦ ହଜାର ୧୦୭ ଟଙ୍କା ଫେରାଯାଇଛି। ଡିସିପି ଜଗମୋହନ ମୀନା ଗତ ୩ ମାସ ମଧ୍ୟରେ ବିଭିନ୍ନ ଠକେଇର ଶିକାର ଲୋକମାନଙ୍କୁ ସେମାନଙ୍କ ଟଙ୍କା ହସ୍ତାନ୍ତର କରିଥିଲେ। ଲୋକମାନେ ଖୁସିବ୍ୟକ୍ତ କରିବା ସହ ପୋଲିସକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ସାଇବର ଠକଙ୍କଠାରୁ ଜାନୁଆରୀରେ ୧.୦୨ କୋଟି, ଫେବୃଆରୀରେ ୪୩.୬୬ ଲକ୍ଷ ଓ ମାର୍ଚ୍ଚରେ ୪୪.୭୫ ଲକ୍ଷ ଟଙ୍କା

### ଟଙ୍କା ହସ୍ତାନ୍ତର ମେଳା

ଫେରାଇ ଅଣାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ଫେସବୁକ୍, ଇନ୍ଷ୍ଟାଗ୍ରାମ, ଜିମେଲ୍, ହ୍ୱାଟ୍ସଆପ୍, ଟେଲିଗ୍ରାମ ଓ ୟୁଟ୍ୟୁବ୍‌ରେ ଫେକ୍ କଣ୍ଟେଣ୍ଟ ଛଡ଼ାଯାଇଥିବା ୬୫ଟି ଫେକ୍ ଆକାଉଣ୍ଟକୁ ମଧ୍ୟ ଚିହ୍ନଟ କରାଯାଇ ବ୍ଲକ୍ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି।

## ୨ ଦୋକାନ ଭାଙ୍ଗିଲା ପ୍ରଶାସନ

**ବାରଙ୍ଗ,୯।୪ (ଲିଙ୍ଗରାଜ ରାଉତ):** ଚନ୍ଦକା–ପିତାପଲ୍ଲୀ ରାସ୍ତାର ମେଣ୍ଢାଶାଳ ବଜାର ନିକଟ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ବେଆଇନ ଭାବେ ନିର୍ମିତ ୨ କୁକୁଡ଼ା ଦୋକାନକୁ ବୁଧବାର ସକାଳେ ଭୁବନେଶ୍ୱର ତହସିଲ ପକ୍ଷରୁ ଭଙ୍ଗା ଯାଇଛି। ଏହି ରାସ୍ତାକଡ଼ରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ଓ ଖେଳପଡ଼ିଆ ରହିଛି। ୨ ବ୍ୟବସାୟୀ ପାଚେରିକୁ ଲଗାଇ ଡ୍ରେନ୍ ଉପରେ ଘର କରିଥିଲେ। ଏ ବିଷୟରେ ବିଦ୍ୟାଳୟ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ, ଆଡିସିନାଲ ତହସିଲଦାର ପ୍ରିୟଙ୍କା ନାହକ ଚନ୍ଦକା ପୋଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କରିଛନ୍ତି।



ସ୍ପେଶ୍ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୁରୁ କେଲୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ପରିବେଷିତ ନାଟକ 'ମମତା ପଡ଼ିଛି ବନ୍ଧା'ର ଏକ ଦୃଶ୍ୟ।

## ୬ ଚୋରା ବାଇକ୍ ଜବତ, ୩ ଗିରଫ

**ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ):** ଭରତପୁର ଥାନା ପୋଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗ୍‌ର ମୁଖ୍ୟଙ୍କ ସହ ୩ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଏହି ଥାନାର ପଣ୍ଡାକୁଦିଆ ବସ୍ତିର ସୌମ୍ୟଜିତ ବେହେରା (୩୬), ହେଲେ ଚନ୍ଦକା ଥାନା ସୀତାରାମ ବଜାରରେ ରହୁଥିବା ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର ଅଜିବ୍ ସେକ୍ସ (୨୧) ଓ ଚନ୍ଦକା ଅଞ୍ଚଳରେ ରହୁଥିବା ଭଗବାନ ହାଂସଦା (୨୨)। ସେମାନଙ୍କଠାରୁ ୬ଟି ବାଇକ୍ ଜବତ କରାଯାଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୌମ୍ୟଜିତଙ୍କ ନାଁରେ ଭରତପୁର ଥାନାରେ ୩ଟି ମାମଲା ରହିଛି। ମାର୍ଚ୍ଚ ୨୪ରେ ଅଭିଯୋଗକାରୀ ମାଧବ ବେହେରା ବାପାଙ୍କ ଚିକିତ୍ସା ପାଇଁ ଭରତପୁର ଥାନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ପାର୍କିଂରେ ସେ ବାଇକ୍ ରଖିଥିବା ବେଳେ ଅଭିଯୁକ୍ତ ସୌମ୍ୟଜିତ୍ ଚୋରି କରିନେଇଥିଲେ। ତାଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୧୭୫/୨୦୨୫) ରୁଜୁ କରିଥିଲା। ସୌମ୍ୟଜିତ ଧରାପଡ଼ିବା ପରେ ଦୁଇ ସହଯୋଗୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ।

# ଭୁବନେଶ୍ୱରରେ ୫୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୯।୪
(ସତ୍ୟଜିତ୍ ରାଉତ)

ବାଲେଶ୍ୱରରୁ ବ୍ରାଉନସୁଗାର ଧରି ରାଜଧାନୀର ଡିଲରଙ୍କୁ ଦେବାକୁ ଆସିଥିବା ୨ଜଣ ନିଶା ବେପାରୀଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜମ୍ମୁ ଓରଫ ସେକ୍ ଜମିର ମହମ୍ମଦ (୩୦) ଓ ସେକ୍ ସାହିଦ୍ ମହମ୍ମଦ (୪୧)। ସେମାନଙ୍କଠାରୁ ୫୧୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିସହ ସେମାନଙ୍କଠାରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟି (ଓଡି୦୧ଏଡବ୍ଲୁ୪୨୯୧) ଓ ଦୁଇ ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବୁଧବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଜଳେଶ୍ୱରର ୨ ନିଶା ବେପାରୀ ଗିରଫ

ସୂଚନା ଅନୁଯାୟୀ, ନିଶା ବେପାରୀ ଦ୍ୱୟ ବଡ଼ ପରିମାଣର ବ୍ରାଉନସୁଗାର ନେଇ ଭୁବନେଶ୍ୱରକୁ ଆସୁଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇଥିଲା। ମଙ୍ଗଳବାର ପୋଲିସ ଟିମ୍ ଖଣ୍ଡଗିରି ନାକା ଗେଟ୍ ଛକ ନିକଟରେ ଛକି ରହିଥିଲା। ଅପରାହ୍ନ ପ୍ରାୟ ୫ଟା ୩୦ରେ ଅଭିଯୁକ୍ତ ଦ୍ୱୟ ରାସ୍ତା ପାରି ହେବା ବେଳେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିନେଇଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରୁ ଏହି ବିପୁଳ ପରିମାଣର ବ୍ରାଉନସୁଗାର ମିଳିବା ପରେ ଗିରଫ କରାଯାଇଥିଲା। ତେବେ ସେମାନେ ଭୁବନେଶ୍ୱରର କାହାକୁ ବ୍ରାଉନସୁଗାର ଦେବାକୁ ଆସିଥିଲେ ଓ ସେମାନଙ୍କ ଲିଙ୍କ୍‌ରେ ଥିବା ବ୍ରାଉନସୁଗାର ଡିଲର ଓ ନିଶା ବେପାରୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏହି ଲିଙ୍କ୍‌ରେ ଅଧିକ ତଦନ୍ତ ଚାଲିଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।






ସେକ୍ ଜମିର ମହମ୍ମଦ ଓ ସେକ୍ ସାହିଦ୍ ମହମ୍ମଦ।

# ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର



ପୋଲିସ ଏକ ଫାଷ୍ଟଫୁଡ୍ ଦୋକାନରେ ଯାଞ୍ଚ କରୁଛି।

### ପଟିଆ ଅଞ୍ଚଳରେ ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଚଢ଼ାଉ

ଭୁବନେଶ୍ୱର,୯।୪
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପଟିଆ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର ବଢ଼ୁଛି। ଛୋଟ କ୍ୟାବିନରେ ପାନ, ଥଣ୍ଡାପାନୀୟ ବିକ୍ରି କରୁଥିବା ଦୋକାନୀମାନେ ଟଙ୍କା ଲୋଭରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଆଦି ବିକ୍ରି କରୁଛନ୍ତି। ଛାତ୍ରୀଛାତ୍ର ଏହି ନିଶା କବଳରେ ପଡ଼ୁଥିବାରୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍(ଏସ୍‌ସିୟୁ) ଚଢ଼ାଉ ପ୍ରକ୍ରିୟାକୁ ଜୋର୍‌ଦାର କରିଛି। ପଟିଆ ଅଞ୍ଚଳରେ ଥିବା ୮ଟି କ୍ୟାବିନ୍‌ରେ ବୁଧବାର ପୋଲିସ ଟିମ୍ ସନ୍ଧାନୀ କୁକୁର ସହ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ତେବେ ଗଞ୍ଜେଇ ସିଗାରେଟ୍ ବିକ୍ରି କରିବା ଅଭିଯୋଗରେ ୩ଜଣଙ୍କୁ ପୋଲିସ ଉଠାଇ ନେଇଥିଲା। ଏହି ଚଢ଼ାଉରେ ପ୍ରାୟ ୧୦୦ ଗ୍ରାମ୍ ଗଞ୍ଜେଇ ଓ କେତେକ ଗଞ୍ଜେଇ ସିଗାରେଟ୍ ଜବତ ହୋଇଛି। ଇନ୍‌ଫୋସିଟି ଥାନା ପକ୍ଷରୁ ଏନେଇ ମାମଲା ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। କିଛିଦିନ ତଳେ ମଧ୍ୟ ଉକ୍ତ ଅଞ୍ଚଳରେ ପୋଲିସ ଟିମ୍ ଚଢ଼ାଉ କରିଥିଲା।

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–वरीय पुलिस अधीक्षक, राँची।

PR.NO.350008 Police(25-26):D

# ୧୧ରେ ଓୟୁଟିଆର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୯।୪
(ସୁଚିସ୍ମିତା ସାହୁ)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୧ ତାରିଖରେ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ବୁଧବାର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏ ସମ୍ପର୍କରେ ସୂଚନା ଦେଇ କହିଲେ, ଅଲ୍ ରାଉଣ୍ଡର ଛାତ୍ର ଶୁଭ୍ରାଂଶୁ ମିଶ୍ରଙ୍କୁ 'ଚାନ୍‌ସେଲର ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯିବ। ସ୍ନାତକ(ୟୁଜି)ରେ ସୌରଭ ଶତପଥୀ ଏବଂ ସ୍ନାତକୋତ୍ତର(ପିଜି)ରେ ସୋଫିଆ ପ୍ରଧାନଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ। ଏଥିସହ ୨୭ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ରୌପ୍ୟ ପଦକ ମିଳିବ। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସିଥାରାମ ଯୋଗଦେବେ। ଚଳିତ ସମାବର୍ତ୍ତନ ଉତ୍ସବରେ ବି.ଟେକ୍‌ର ୭୫୬ ଜଣ ଡିଗ୍ରୀ ପାଇବାକୁ ଥିବାବେଳେ ଏମ୍.ଟେକ୍, ଏମ୍‌ସିଏ ଓ ଏମ୍‌ଫିଲ୍‌ରେ ୧୮୧ ଛାତ୍ରୀଛାତ୍ର ଡିଗ୍ରୀ ପାଇବେ। ସେହିପରି ଇଣ୍ଟିଗ୍ରେଟେଡ୍ ଏମ୍‌ଏସି ଓ ଏମ୍.ଏସ୍‌ସିରେ ୯୪ଜଣଙ୍କୁ ଡିଗ୍ରୀ ମିଳିବ। ଚଳିତବର୍ଷ ବି.ଟେକ୍‌ରେ କମ୍ପ୍ୟୁଟର ଇଞ୍ଜିନିୟରିଂ ଓ ମ୍ୟାଟେରିଆଲ୍ସ ମେଟାଲର୍ଜିକାଲ ଇଞ୍ଜିନିୟରିଂ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହାବ୍ୟତୀତ ୩ଟି ଦୂରନିରନ୍ତର ଶିକ୍ଷା(ଡିଷ୍ଟାନ୍ସ କୋର୍ସ) ଇ–ମାଷ୍ଟର୍ସ କୋର୍ସ ଖୋଲାଯାଇଛି। ଲଜିଷ୍ଟିକ ଆଣ୍ଡ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ, ଡାଟା ଆନାଲିଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ମେଶିନ ଲର୍ନିଂ ବିଷୟରେ ଇ–ମାଷ୍ଟର୍ସ ପାଠ୍ୟକ୍ରମର ସୁବିଧା ମିଳୁଛି। ବିଶ୍ୱବିଦ୍ୟାଳୟରେ ୩ଟି ଉତ୍କର୍ଷ କେନ୍ଦ୍ର କରାଯାଇଛି, ଯାହା ଗବେଷଣାକୁ ନୂଆ ଦିଗ ଦେଉଛି। ଗ୍ରୀନ୍ କ୍ୟାମ୍ପସ ପାଇଁ ଇ–ବାଇକ୍ ଷ୍ଟେଶନ କରାଯାଇଛି ବୋଲି କୁଳପତି କହିଛନ୍ତି। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳସଚିବ ଆଶିଷ କୁମାର ଜେନା, ଡିନ୍(ଏକାଡେମିକ ଆଫେୟାର)ର ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଜଣଙ୍କୁ ସ୍ୱର୍ଣ୍ଣ, ୨୭ ଛାତ୍ରୀଛାତ୍ରଙ୍କୁ ମିଳିବ ରୌପ୍ୟ




ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସୂଚନା ଦେଉଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: **୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆର୍‌ସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗିର୍ଡରକୁ ପିଏସ୍‌ସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୧,୮୦,୦୩,୭୭୪.୭୪ । **ଇଏମ୍‌ଡି:** ₹୨,୪୦,୦୦୦/– । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆର୍‌ସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୨,୮୦,୦୨,୮୪୦.୧୮ । **ଇଏମ୍‌ଡି:** ₹୨,୯୦,୦୦୦/– । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍‌ଏସ୍‌ଇ/ୱାର୍କସ/ଡିଏମ୍‌ଏଫ୍, ଜେଇ/ୱାର୍କସ/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ–ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୬୬,୨୪,୦୦୦/– । **ଇଏମ୍‌ଡି:** ₹୧,୩୨,୫୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ– ରେଳୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-32)

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

## ହାଟରୁ ମୋବାଇଲ ଚୋରିକରି ୨ ଦୁର୍ବୃତ୍ତ ଧରା ପଡ଼ିଲେ

ତିଗିରିଆ,୯।୪(ଜାଫର ଖାଁ)

ତିଗିରିଆ ଥାନା ବିନ୍ଧାଣିମା ସାପ୍ତାହିକ ହାଟରେ ବୁଧବାର ମୋବାଇଲ ଚୋରି କରୁଥିବା ଗୋଟିଏ ଦଳର ୨ଜଣ ସଦସ୍ୟଙ୍କୁ ଲୋକେ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ହାଟରେ ଗହଳିର ଫାଇଦାରେ ଆସିଥିବା ସ୍ଥାନୀୟ ଅଞ୍ଚଳର ୨ଜଣ ବ୍ୟକ୍ତିଙ୍କ ୨ଟି ମୋବାଇଲ ଚୋରି ହୋଇଥିଲା। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକ ସନ୍ଦେହଜନକ ଅବସ୍ଥାରେ ୨ଜଣଙ୍କୁ ଦେଖି ଧରି ଥିଲେ। ପଚରାଉଚରା ପରେ ଜଣକଙ୍କ ଭଞ୍ଜନଗର, ଅନ୍ୟଜଣଙ୍କ ଆନ୍ଧ୍ରପ୍ରଦେଶ ରାଜ୍ୟ ଇଚ୍ଛାପୁରମ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନେ ୪ ଜଣିଆ ଦଳ ହାଟକୁ ଚୋରି ପାଇଁ ଆସିଥିଲେ। ୨ଜଣ ମହିଳା ସହଯୋଗୀ ଖସି ପଳେଇଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ହାଟରେ ପହଞ୍ଚି ୨ ଦୁର୍ବୃତ୍ତଙ୍କୁ ଧରି ଥାନାକୁ ନେଇଛି। ସେମାନଙ୍କଠାରୁ ଚୋରି ହୋଇଥିବା ୨ ଟି ମୋବାଇଲକୁ ପୋଲିସ ଉଦ୍ଧାର କରିଛି। ଥାନାରେ ନଂ. ୬୮/୨୫ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ କହିଛନ୍ତି।

# କଳାପଥର ପାକ୍ସରେ ଦୁର୍ନୀତି ଅଭିଯୋଗ

## ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ବାଙ୍କୀ,୯।୪( ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ କଳାପଥର କୃଷି ସେବା ସମବାୟ ସମିତି (ପାକ୍ସ) ଦୁର୍ନୀତି ହୋଇଥିବା ନେଇ ଚାଷୀମାନେ ଅଭିଯୋଗ ଆଣିଛନ୍ତି। ପାକ୍ସ ସମ୍ପାଦକ ମିର୍ଜା ଅନୱର ଅଲ୍ଲିବେଗ ମନମାନିରେ ଚଳାଇଛନ୍ତି। ଏହି ଦୁର୍ନୀତିର ତଦନ୍ତ ଲାଗି ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡିଛି।

ଚାଷୀ ବଂଶୀଧର ସାହୁ, ଉଦ୍ୟନାଥ ସାହୁ, ଅକ୍ରୂର ରଣା, ବାଳକୃଷ୍ଣ ସାହୁ, ଜୟଦେବ ବିଶ୍ୱାଳ, ମନୋରଞ୍ଜନ ମହାପାତ୍ର, ରବୀନ୍ଦ୍ର ରାଉତ ଅଭିଯୋଗ କରିଛନ୍ତି, ପାକ୍ସର ବୋର୍ଡ ମେମ୍ବର ନିର୍ବାଚିତ ପ୍ରତିନିଧି ସ୍ଥାୟୀ ଚାକିରି ମାନ୍ୟତା ପାଇ ନିରୀହ ଓ ଅଶିକ୍ଷିତ ଚାଷୀଙ୍କ ଦସ୍ତଖତକୁ ଜାଲିଆତି କରି ସେମାନଙ୍କ ଋଣ ଅର୍ଥ ରାଶିକୁ ନିଜସ୍ୱ ସଞ୍ଚୟ ଖାତାରେ ଜମାକୁ ନେଇଯାଉଛନ୍ତି। ଏଥିସହ ଋଣ, ସାରା ବିହିନ, ଧାନମଣ୍ଡିରେ ଧାନ ଦେବା ପାତରଅନ୍ତର ନୀତିରେ ସମ୍ପାଦକ ଅଲ୍ଲିବେଗ ଚଳାଇଛନ୍ତି। ଏଥିସହ ଋଣ ପାଇଁ ଆସୁଥିବା ଚାଷୀଙ୍କୁ ସମ୍ପାଦକ ଅବାନ୍ତର ଯୁକ୍ତି କରିବା ସହ ରାଜନୀତିକୁ ଅସ୍ତ୍ର କରି ତୁମେ ଆମ ଦଳର କର୍ମୀ ନୁହେଁ ତେଣୁ ତୁମକୁ ଋଣ ଦିଆଯିବ ନାହିଁ, ତୁମେ କ'ଣ କରିପାରିବ କରି କି ଦେଖାଅ ବୋଲି ଧମକ ଦେଇଛନ୍ତି। ଦୀର୍ଘ ୮ ବର୍ଷ ଧରି ସମିତିର ଅଡିଟ ନ ହେବା ସମ୍ପାଦକଙ୍କ ନାମରେ ରିକୋଭରି ଟଙ୍କା ୯ ଲକ୍ଷ ୩୦,୯୦୦ ଟଙ୍କା ଥିବା ସତ୍ତ୍ୱେ କଳାପଥର ପାକ୍ସକୁ ମଡେଲ ସମବାୟ ସମିତିର ମାନ୍ୟତା ପ୍ରଦାନ କରାଯାଇଛି। ସେ ସମ୍ପାଦକ ଭାବେ ନିଯୁକ୍ତି ପାଇବା ଦିନଠାରୁ ସମିତିରେ ନିଜସ୍ୱ ସଞ୍ଚୟ ଜମା ଖାତା ଖୋଲି ଚାଷୀଙ୍କ ବହୁଦିନରୁ ଜମା ଅର୍ଥ ରାଶିକୁ କୌଶଳକ୍ରମେ ହଡ଼ପକରି ନିଜ ନାମରେ ଜମା ରଖିଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ସମିତିରେ ନିର୍ବାଚିତ ବୋର୍ଡ ସଦସ୍ୟ ଥିବା ଗଗନ ବିଶ୍ୱାଳ ଏବଂ ରଶ୍ମିତା ବେହେରା ସମିତିରେ କିପରି ସ୍ଥାୟୀ ନିଯୁକ୍ତି ପାଇଲେ ଏବଂ ତାଙ୍କୁ ନିଯୁକ୍ତି ପ୍ରଦାନ କିଏ କରିଥିଲେ, ସମ୍ପାଦକ ନିଜସ୍ୱ ସଞ୍ଚୟ ଖାତା ଖୋଲି ଋଣ ଅର୍ଥକୁ ତାଙ୍କ ପରିବାର ଲୋକଙ୍କ ନାମରେ ଜମାକରି ହଡ଼ପକରିବା, ୨୦୨୦-୨୧ ମସିହାରୁ ୨୦୨୫ ପର୍ଯ୍ୟନ୍ତ କେତେଜଣ ପଞ୍ଜୀକୃତ ଚାଷୀଙ୍କ ନାମରେ ଇନ୍ସୁରାନ୍ସ କରିଛନ୍ତି ଏବଂ ତାଙ୍କ ଇନ୍ସୁରାନ୍ସ ଅନୁଯାୟୀ, କେତେ ଜମି ରହିଛି ତାହା ସାର୍ବଜନୀନ କରିବା ଏଭଳି ୧୨ ଅଭିଯୋଗକୁ ଆଧାର କରି କଳାପଥର ପଞ୍ଚାୟତ ସମିତି ସଭ୍ୟା ପ୍ରତିନିଧି ଅକ୍ରୁର ରଣା, ଜୟଦେବ ବିଶ୍ୱାଳ, ରବୀନ୍ଦ୍ର ନାଥ ରାଉତ, ବ୍ରଜବନ୍ଧୁ ବେହେରା, ମନୋଜ ସାମନ୍ତରାୟ, ସୁଦର୍ଶନ ପ୍ରଧାନ, କାଳନ୍ଦୀ ବିଶ୍ୱାଳ, ଧ୍ରୁବ ଚରଣ ସାହୁ, ପ୍ରକାଶ କୁମାର ବିଶ୍ୱାଳ, ଦଣ୍ଡପାଣି ନାୟକ ପ୍ରମୁଖ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ମାର୍ଚ୍ଚ ୨୫ରେ ଅଭିଯୋଗ କରିବା ସହ ସମବାୟ ମନ୍ତ୍ରୀ, ଡିଆରସିସି ଡିଭିଜନ କଟକ, କଟକ ଜିଲାପାଳ, ବାଙ୍କୀ ଉପଜିଲାପାଳ, ବାଙ୍କୀ ଏଆର୍‌ସିସିଙ୍କୁ ମଧ୍ୟ ଚିଠି କରାଯାଇଥିଲା ହେଲେ କୌଣସି ତଦନ୍ତ କରାଯାଇ ନ ଥିବା ଅଭିଯୋଗକାରୀମାନେ କହିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଏଆର୍‌ସିସି ସୁରେନ୍ଦ୍ର ଜେନାଙ୍କୁ ପଚାରିବାରେ ଅଭିଯୋଗ ପାଇଛୁ ସେଭଳି କିଛି ଦୁର୍ନୀତି ଉକ୍ତ ପାକ୍ସରେ ହୋଇନାହିଁ। ସମ୍ପାଦକଙ୍କ ନାମରେ ହୋଇଥିବା ଅଭିଯୋଗ ଭୁବନେଶ୍ୱର ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ବିଚାରାଧୀନ ଅଛି। ଆସନ୍ତା ୧୬ ତାରିଖରେ ଉକ୍ତ ସମିତିର ଏକ ବୈଠକ ଡକାଯାଇ ଆଲୋଚନା କରାଯିବ ବୋଲି ବାଙ୍କୀ ଏଆର୍‌ସିସି ଜେନା କହିଛନ୍ତି। ଏ ସମ୍ପର୍କରେ ସମିତିର ସମ୍ପାଦକ ଅଲ୍ଲିବେଗଙ୍କୁ ପଚାରିବାରେ ଚାଷୀମାନେ ଅଭିଯୋଗ କରିବେ। ସେଭଳି କିଛି ଦୁର୍ନୀତି ହୋଇନି। ଚାଷୀମାନେ ଯେଉଁ ଅଭିଯୋଗ କରିଛନ୍ତି ସେ ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିଛି। ଚାଷୀମାନେ ବ୍ୟାଙ୍କରୁ ଋଣ ନେଇଛନ୍ତି। ସେଥିରେ ସମ୍ପାଦକଙ୍କ କିଛି ଭୂମିକା ନାହିଁ। ଚାଷୀମାନେ ଯେଉଁ ଅଭିଯୋଗ କରିଛନ୍ତି ତାହା ଭୁବନେଶ୍ୱର ରେଜିଷ୍ଟ୍ରାର ଅଫିସ୍‌ରେ ବିଚାରାଧୀନ ଅଛି ବୋଲି ସେ କହିଛନ୍ତି।

## ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ଯୁକ୍ତ ୩ ଶେଷ ବର୍ଷ ପିଲାଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଙ୍କୀ,୯।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ଦୃଶ୍ୟଶ୍ରାବ ଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଚିନ୍ମୟୀ ମିଶ୍ର ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦାନକରି ବିଦାୟ ନେଉଥିବା ପିଲାମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପିଲାମାନେ ଭଲ ପାଠ ପଢ଼ିବା ସହ ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠିତ ହେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପିକା ଯୁଗନଜ୍ୟୋତ୍ସ୍ନା ଓ ଅଧ୍ୟାପିକା ରୋଜାଲିନ୍ ମହାନ୍ତି ଯୋଗଦେଇ ପିଲାମାନେ ବିଭାଗର ସମ୍ପଦ ଭାବେ ବର୍ଣ୍ଣନା କରିଥିଲେ। ପରେ ବିଦାୟ ନେଉଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରସାୟନ ବିଭାଗ ଯୁକ୍ତ ୩ ଶେଷ ବର୍ଷ ପିଲାଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

ବାଙ୍କୀ,୯।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନିକ ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଶୁଭଶ୍ରୀ ଦାସ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବା ସହ ମହାବିଦ୍ୟାଳୟର ସୁନାମ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁଦୀକ୍ଷା ଲେଙ୍କା, ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପିକା ବିନୋଦିନୀ ପଣ୍ଡା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ମିଶ୍ର, କିଶୋର ଚନ୍ଦ୍ର ସ୍ୱାଇଁ, ପଦାରବିନ୍ଦ ମହାନ୍ତି, ଭୂପତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଦିବ୍ୟରଞ୍ଜନ ସାହୁ ଓ ସୁମିତ୍ରା ସାହୁ ପରଚାଳନା କରିଥିଲେ। ପଦାରବିନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନାରେ ତନ୍ତ ଉପକରଣ ବଣ୍ଟନ



ତନ୍ତ ଉପକରଣ ବଣ୍ଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ମାଣିଆବନ୍ଧ, ୯।୪ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ୍ ମାଣିଆବନ୍ଧ ଦୋଳମଣ୍ଡପଠାରେ ବୁଧବାର ଆଠଗଡ଼ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଓ ହସ୍ତତନ୍ତ ଶିଳ୍ପ ଉନ୍ନୟନ ଯୋଜନାରେ ବ୍ଲକ୍‌ର ବୁଣାକାରଙ୍କୁ ତନ୍ତ ଓ ତନ୍ତ ଉପକରଣ ବଣ୍ଟନ କରାଯାଇଛି। ଏହାର ମୂଲ୍ୟ ୨ କୋଟି ୮୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି। ଆୟୋଜିତ ଉତ୍ସବରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ବୁଣାକାରଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ୧୬୭୨ ଜଣ ବୁଣାକାରଙ୍କୁ ସହାୟତା ରାଶି ମଞ୍ଜୁର କରାଯାଇଛି ବୋଲି ବିଧାୟକ ଦଳବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ରଘୁପତି ମହାନ୍ତି, ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା, ସହକାରୀ ଉପନିବନ୍ଧକ ଅବିନାଶ ସେଠୀ, ବୟନ ନିରୀକ୍ଷକ ସୁକାନ୍ତ ପରିଡ଼ା, କନିଷ୍ଠ ବୟନ ତତ୍ତ୍ୱାବଧାରକ କୈଳାସ ଚନ୍ଦ୍ର ସ୍ୱାଇଁ, ଚକ୍ରଧର କଟୁଆଳ, ହରେକୃଷ୍ଣ ପାତ୍ର ଓ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇ ତନ୍ତ ଉପକରଣ ବଣ୍ଟନରେ ସହଯୋଗ କରିଥିଲେ।

## ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ଫୁଲନଖରା,୯।୪ (ସତ୍ୟରଞ୍ଜନ ଦାସମହାପାତ୍ର):

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ନଖରାସ୍ଥିତ ଶ୍ରୀରାମ ମନ୍ଦିରରେ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ପାରାୟଣ ଓ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବିଦ୍ୟାଳୟରୁ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଉଦ୍‌ଯାପନୀ ଦିବସରେ ଲକ୍ଷେଶ୍ୱର ଓ ଶ୍ରୀରାମଙ୍କର ହରିହର ଭେଟ ନୀତି ସମ୍ପନ୍ନ ହୋଇଥିଲା। ସତ୍ୟବ୍ରତ ଲେଙ୍କା, ଜୟନ୍ତ କୁମାର ଲେଙ୍କା, ସଭାପତି ଗଣେଶ ପ୍ରସାଦ ଦାଶ, ଗୁଣନିଧି ପଟ୍ଟନାୟକ, ବଂଶୀଧର ଭୋଳ, ବିଚିତ୍ରାନନ୍ଦ ଦଳାଇ, କିଶୋର ଚନ୍ଦ୍ର ବରାଳ, ଗୁଣ୍ଡୁଚି ଚରଣ ସାହୁ, ଗଣେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

## ବରପୁଟରେ ଭାଜପାର ପ୍ରତିଷ୍ଠା ଦିବସ

ବାଙ୍କୀ,୯।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ୍ ଅନ୍ତର୍ଗତ ବରପୁଟ ପଞ୍ଚାୟତର ମହାବେରଣା ଖେଳପଡିଆଠାରେ ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇ ଆଗାମୀ ଦିନରେ ଭାଜପାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବାଙ୍କୀ ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସିଂହ ଓଡ଼ିଶାରେ ତଥା ଭାରତବର୍ଷରେ ଆଗାମୀ ଦିନରେ କେବଳ ଭାଜପା ହିଁ ସରକାର କରିବ ଏଥିରେ ସନ୍ଦେହ ନାହିଁ। କାର୍ଯ୍ୟକ୍ରମରେ ପୂର୍ବତନ ଗୋଳାଗଣ୍ଡ ସରପଞ୍ଚ ରମେଶ ଚନ୍ଦ୍ର ସେନାପତି, ଭାଜପା ନେତା ନବକିଶୋର ନାୟକ, କଳାପଥର ମଣ୍ଡଳ ସଭାପତି ମନୋରଞ୍ଜନ ମହାପାତ୍ର, ରବୀନ୍ଦ୍ର କୁମାର ସାହୁ, ବାଙ୍କୀ ନଗର ସାଂସଦ ପ୍ରତିନିଧି ସରୋଜ କୁମାର ସାମନ୍ତରାୟ, ଆଇନଜୀବୀ ଦେବାଶିଷ ମାନସିଂହ, ବ୍ରହ୍ମପୁରା ମଣ୍ଡଳ ସଭାପତି ବିଜୟ କୁମାର ବରାଳ ପ୍ରମୁଖ ଯୋଗଦେଇଥିଲେ। ଏହି ସଭା ଆବାହକ ସୁଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।



ଭାଜପା ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି।

## ତିଗିରିଆ ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ ଉତ୍ସବରେ ନିର୍ବାଚିତ ଓକିଲ ସଂଘର କର୍ମକର୍ତ୍ତା।

ତିଗିରିଆ, ୯।୪( ଜାଫର ଖାଁ)

ତିଗିରିଆ ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ବୁଧବାର ତିଗିରିଆ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓକିଲ ସଂଘ ନିର୍ବାଚନ ଅଧିକାରୀ ତନ୍ମୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଓକିଲ ସଂଘର ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ମାଝି ନିର୍ବାଚିତ ସଭ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପରେ ପରଲୋକ ଗତ ସଭ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସଭାପତି ମଙ୍ଗଳାକୃଷ୍ଣ ଦାସ, ଉପସଭାପତି ରଞ୍ଜନ କୁମାର ମହାରଣା, ସମ୍ପାଦକ ଶାନ୍ତନୁ କୁମାର ଦାଶ, ସହ ସମ୍ପାଦକ ଆଶୁତୋଷ ମିଶ୍ର ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ପ୍ରଶାନ୍ତ କୁମାର ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ମହାନ୍ତି ଓ ଇଲା ପଣ୍ଡା ପ୍ରମୁଖ ଶପଥ ନେଇଥିଲେ। ଆଶୁତୋଷ ମିଶ୍ର ଧନ୍ୟବାଦ ଦେଇଥିଲେ।

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID**(rnc-dcb@jhpolice.gov.in)

पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.350008 Police(25-26):D

# ପୋତିହୋଇଗଲାଣି ରଣନଦୀ, ଖନନ ପାଇଁ ଗୁରୁତ୍ୱ

ବାଙ୍କୀ, ୯।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )



ରଣନଦୀ ପୋତି ହୋଇ ପଠା ସୃଷ୍ଟି ହୋଇଛି।

ବାଙ୍କୀ ଉପଖଣ୍ଡରେ ଓଡ଼ିଶାର ମହାନଦୀ ୪୨କି.ମି. ଅତିକ୍ରମକରି ବାଙ୍କୀ ଅଞ୍ଚଳରେ ବହିଯାଇଛି। ଏହି ମହାନଦୀରୁ ରଣ ଓ ଚନ୍ଦ୍ରପା ନଦୀ ସୃଷ୍ଟି ହୋଇଛି। ଏହି ରଣନଦୀଟି ନିଶ୍ଚିନ୍ତପୁର ଓ କୁଶୁପଙ୍ଗି ମଧ୍ୟ ଦେଇ ପ୍ରବାହିତ ହୋଇ ବାଘମାରୀ-ଖୋର୍ଦ୍ଧା ଦେଇ ମାଲାଗୁଣୀ ନଦୀ ପର୍ଯ୍ୟନ୍ତ ବହିଯାଇଛି। ଅତୀତରେ ରଣନଦୀକୁ ଖନନ କରାଯାଇ ଚିଲିକା ହ୍ରଦରେ ମିଶାଇବା ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା। ଫଳରେ ବନ୍ୟା ନିୟନ୍ତ୍ରଣ ହେବା ସହ ଆଖପାଖ ଅଞ୍ଚଳରେ ଚାଷ କାର୍ଯ୍ୟ ହେବା ସହ କୃଷକଙ୍କର ଜୀବନଜୀବିକା ଉପରେ ପ୍ରଭାବ ପକାଇବ ବୋଲି ଆଶା କରାଯାଉଥିଲା। ଏବେ ରଣନଦୀଟି ବାଲି ଓ ବିଭିନ୍ନ ଦଳ ଯୋଗୁ ପୋତିହୋଇଗଲାଣି। ଫଳରେ ରଣନଦୀ ଶୁଖିଲା ପଡ଼ିବା ସହ ଜଳଧାରଣର କ୍ଷମତା ଆସ୍ତେ ଆସ୍ତେ କମିଯିବାକୁ ବସିଲାଣି। ବର୍ଷସାରା ନଦୀରେ ପାଣି ରହିବାକୁ କୃଷକମାନେ ଦାବି କରିଛନ୍ତି। ରଣନଦୀର ୨ ପାର୍ଶ୍ୱରେ ବହୁ ଚାଷଜମି ରହିଛି। ପୂର୍ବରୁ ଏହି ଚାଷଜମିରେ ଧାନ ଏବଂ ପନିପରିବା ଫସଲ ଉତ୍ପାଦନ ହେଉଥିଲା। ଏବେ ପାଣି ବହୁ ସ୍ଥାନରେ ଶୁଖିଯିବା ଫଳରେ ଆଉ ଫସଲ ହେଉନାହିଁ। ଏହି ପରିପ୍ରେକ୍ଷୀରେ ରଣନଦୀ ମୁହାଣ ଖନନ କରାଗଲେ ବର୍ଷସାରା ପାଣି ରହିପାରିବ ବୋଲି ପରିବେଶବତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ବିଶେଷକରି ଏବେ ଜଳବାୟୁ ପରିବର୍ତ୍ତନ ହେବା ଯୋଗୁ ନଦୀର ଶଯ୍ୟା ପୋତିହୋଇପଡୁଥିବା ଦେଖାଯାଇଛି। ବିଶେଷକରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଅଟଳ ବିହାରୀ ବାଜପେୟୀଙ୍କ ନଦୀ ସଂଯୋଗୀକରଣ ପ୍ରସ୍ତାବ ହୋଇ ପାରିଲେ ରଣନଦୀକୁ ଖନନ କରାଯାଇ ଚିଲିକା ହ୍ରଦ ସହ ମିଶାଯାଇ ଏହାର ଜଳକ୍ଷମତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କୃଷି ଓ କୃଷକର ସମସ୍ୟା ସମାଧାନ ହୋଇପାରିବ ବୋଲି ପରିବେଶବିତ୍ ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: **୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆରସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗର୍ଡରକୁ ପିଏସସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୧,୮୦,୦୩,୭୭୪.୭୪ । **ଇଏମ୍‌ଡି:** ₹୨,୪୦,୦୦୦/- । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆରସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୨,୮୦,୦୨,୮୪୦.୧୮ । **ଇଏମ୍‌ଡି:** ₹୨,୯୦,୦୦୦/- । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍‌ଏସ୍‌ଇ/ୱାର୍କସ୍/ଡିଏମ୍‌ଏଫ୍, ଜେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ-ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୬୬,୨୪,୦୦୦/- । **ଇଏମ୍‌ଡି:** ₹୧,୩୨,୫୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସୟନ୍ତିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-32)

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

**ସଂକ୍ଷେପରେ**

## ୫୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)**

ବାଲେଶ୍ୱରରୁ ବ୍ରାଉନସୁଗାର ଧରି ରାଜଧାନୀର ଡିଲରଙ୍କୁ ଦେବାକୁ ଆସିଥିବା ୨ଜଣ ନିଶା ବେପାରୀଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜମ୍ମୁ ଓରଫ ସେକ୍ ଜମିର ମହମ୍ମଦ (୩୦) ଓ ସେକ୍ ସାହିଦ୍ ମହମ୍ମଦ (୪୧)। ସେମାନଙ୍କଠାରୁ ୫୧୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିସହ ସେମାନଙ୍କଠାରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟି (ଓଡି୦୧ଏଡବ୍ଲ୍ୟୁ୪୨୯୧) ଓ ଦୁଇ ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବୁଧବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବାଲୁଙ୍କେଶ୍ୱର ମନ୍ଦିର ଟ୍ରଷ୍ଟି ବିଜୟଙ୍କ ପରଲୋକ

**ଟାଙ୍ଗୀ,୯।୪(ରଘୁନାଥ ସାହୁ)**

ଟାଙ୍ଗୀର ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ତଥା ଟାଙ୍ଗୀ ଗ୍ରାମ ସାନପାଇକ ସାହିର ବିଜୟ କୁମାର ଷଣ୍ଢଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ଜଣେ ସାମାଜିକ କର୍ମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭେଣ୍ଡିଂଜୋନ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ

**ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌରପରିଷଦରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି ହୋଇଛି। ଏକାଧିକ ପ୍ରକଳ୍ପରେ ଅର୍ଥ ହଡ଼ପ କରାଯାଉଥିବା ବେଳେ ସହରରେ ଗତ ସ୍ୱାୟତ୍ତ ଶାସନ ଦିବସରେ ସହରରେ ୪ଟି ଶୌଚାଳୟ ନିର୍ମାଣରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ସେହିପରି ଭେଣ୍ଡିଂଜୋନ ନିର୍ମାଣ ଏବଂ ମୁକ୍ତା ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜନ ଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର ସୋମବାର ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଲିଖିତଭାବେ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

୨୦୨୧ରୁ ୨୦୨୪ ମଧ୍ୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା)ରେ ଖୋର୍ଦ୍ଧା ସହର ୬ଟି ବିଭାଗରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଜଳ ସଂରକ୍ଷଣ, ପରିସ୍ରାଗାର, ମୁକ୍ତାକାଶ ବ୍ୟାୟାମଶାଳା, ରାସ୍ତାପାର୍ଶ୍ୱ ଉନ୍ନତୀକରଣ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାର ବାସ୍ତବ ଚିତ୍ର ଅଲଗା ରହିଛି ବୋଲି ମହାପାତ୍ର ଉଲ୍ଲେଖ କରିଛନ୍ତି। ଜଳ ସଂରକ୍ଷଣ ପାଇଁ ସମସ୍ତ ୱାର୍ଡ ସମେତ ସରକାରୀ କାର୍ଯ୍ୟାଳୟ ପରିସରରେ ଜଳ ସଂରକ୍ଷଣ ପ୍ରକଳ୍ପ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ଏକାଧିକ ପ୍ରକଳ୍ପ ମାଟିରେ ମିଶି ଯାଇଥିବା ବେଳେ ଅନେକ ସ୍ଥାନରେ ସେଠାରେ ନୂତନ ପ୍ରକଳ୍ପ କରାଯାଇଛି। ସେହିପରି ପରିସ୍ରାଗାରଗୁଡିକ ପାଣି ସଂଯୋଗ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ପୁରୁଣା ବସଷ୍ଟାଣ୍ଡସ୍ଥିତ ଶୌଚାଳୟ ଗତବର୍ଷ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର କରାଯାଇଥିଲା। ତେବେ ଟେଣ୍ଡର ହୋଇ ପାରୁନଥିବାରୁ ଶୌଚାଳୟରେ ତାଲା ଝୁଲୁଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ସେହିପରି ଟିଏଲ୍‌ସି ରୋଡ ଶ୍ମଶାନରେ ନୂତନ ଭାବେ ଭେଣ୍ଡିଂଜୋନ ନିର୍ମାଣ କରାଯାଇଛି। ୧୬୬ଟି ଗୃହ ୧୦/୧୦ରେ ଗୃହ ନିର୍ମାଣ ବାବଦକୁ ୮.୮୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ତେବେ ଏହାକୁ ନିର୍ମାଣ ପାଇଁ କାହାକୁ ଟେଣ୍ଡର ଦିଆଯାଇଥିଲା, କେବେ ଆରମ୍ଭ ହେଲା, କେଉଁ ଯୋଜନାରେ ନିର୍ମାଣ କରାଯାଇଛି, ଏହାର ଫଳକ ଲଗାଯାଇନାହିଁ। ଫଳରେ ଏଥିରେ ଦୁର୍ନୀତି ହୋଇଛି ବୋଲି ମହାପାତ୍ର ଅଭିଯୋଗ ଆଣିଛନ୍ତି।

## ଚକ୍‌ରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ

**ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)**

ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କାରିଗର ଏଲ୍.ଈଶ୍ୱର ରାଓ ଚକ୍‌ରେ ଏକ ଇଞ୍ଚର ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ଏଥିସହ ମୂର୍ତ୍ତି ଆସ୍ଥାନ ଉଚ୍ଚତା ୩ଇଞ୍ଚ ଓ ଚଉଡ଼ା ୪ଇଞ୍ଚରେ ନିର୍ମାଣ କରିଛନ୍ତି। ରାମଲାଲାଙ୍କ ଏହି ସୂକ୍ଷ୍ମ କାରିଗରୀ ବେଶ ଆକର୍ଷଣୀୟ ହୋଇଛି। ଏନେଇ ରାଓ କୁହନ୍ତି, ଏହାକୁ ପ୍ରସ୍ତୁତ କରିବାକୁ ତାଙ୍କୁ ୭ଦିନ ଲାଗିଛି। ପୂର୍ବରୁ ସେ ଧାନରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା'ଦୁର୍ଗା, ପେନ୍ସିଲ ମୁନରେ ଗଣେଶ, ବିଶ୍ୱକପ ଟ୍ରଫି, ତେନ୍ତୁଳି ମଞ୍ଜିରେ ଗଣେଶ, ଲକ୍ଷ୍ମୀ, ମା'ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କକରିଛନ୍ତି। ଏହି ସୂକ୍ଷ୍ମ କଳା ପାଇଁ ବହୁ ପୁରସ୍କାର ପାଇଥିବା ସେ କହିଛନ୍ତି।



ଏଲ୍.ଈଶ୍ୱର ରାଓଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିମୂର୍ତ୍ତି।

## ୱକ୍‌ଫ (ସଂଶୋଧନ) ଆଇନର ପ୍ରତିବାଦ



ଅଞ୍ଜୁମନ-ଇ-ଇସ୍‌ଲାମିଆ କାର୍ଯ୍ୟାଳୟରେ ଉପସ୍ଥିତ କାର୍ଯ୍ୟକାରୀ ପରିଷଦର ସଦସ୍ୟମାନେ।

**ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)**

ୱକଫ ସଂଶୋଧନ ଆଇନ-୨୦୨୫କୁ ନେଇ ରାଜନୀତି ସରଗରମ ରହିଛି। ଏହାର ବୈଧତାକୁ ଚାଲେଞ୍ଜ କରି କେତେଜଣ ଆବେଦନକାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିବାବେଳେ ଏହି ବିଲ୍‌କୁ ମୁସଲିମ ସମ୍ପ୍ରଦାୟ ବିରୋଧ କରିଛି। ୱକଫ୍ (ସଂଶୋଧନ) ଆଇନ୍-୨୦୨୫ର ଏହି ପରିବର୍ତ୍ତନ ୱକଫ୍ ବୋର୍ଡର କ୍ଷମତାକୁ ସଙ୍କୁଚିତ କରିବା ସହିତ ସରକାର ଓ ସରକାରୀ କଳର ୱକଫ୍ ବୋର୍ଡ ପରିଚାଳନାରେ ହସ୍ତକ୍ଷେପ କରିବା କ୍ଷମତା ବୃଦ୍ଧି କରିଛି। ବୁଧବାର ଏହାର ପ୍ରତିବାଦରେ ଖୋର୍ଦ୍ଧା ତୋଟାପଡ଼ାସ୍ଥିତ ଅଞ୍ଜୁମନ-ଇ-ଇସ୍‌ଲାମିଆ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ରମଜାନ୍ ଖାଁ, ସାଧାରଣ ସମ୍ପାଦକ ହାଜି ନସିମୁଦ୍ଦିନ୍ ଖାନ୍, କମିଟି ସଦସ୍ୟ ହବିବୁଲ୍ଲା ଖାନ୍, ଗୁଲାମନବୀ ତଫାଦାର, ରାଜ ଖାନ୍, ସରାଫ୍ ଉଦ୍ଦିନ୍ ଖାନ୍, ସୌକତ୍ ଅଲ୍ଲୀ, ମୋହିନୁଲ ହକ୍, ସେକ୍ ସୁଲେମାନ୍, ସଏଦ ଅବୁଲ କାଲାମ ଆଜଦ୍ ଏବଂ ଏସ୍.ଏଚ୍.ରହେମନ ପ୍ରମୁଖ ଯୋଗଦେଇଥିଲେ। ଏହି ସଂଶୋଧିତ ଆଇନ କେନ୍ଦ୍ର ସରକାରଙ୍କ ମୁସଲିମ୍ ବିରୋଧି ପଦକ୍ଷେପର ଦୃଢ଼ ପ୍ରତିବାଦ କରିବା ସହ ଏହାର ପୁନଃବିଚାର ଦାବି କରିଛନ୍ତି।

## ରାମଲୀଳା ନାଟକରେ ବାନ୍ଧି ହେଲେ ଦର୍ଶକ



ରାମଲୀଳା ନାଟକର ଏକ ଦୃଶ୍ୟ।

**ଯାଁଳା,୯।୪(ବୁଲା ବାରିକ)**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଶ୍ରୀଶ୍ରୀ ରଘୁନାଥଙ୍କ ପୀଠରେ ରଘୁନାଥ ନାଟ୍ୟ ପରିଷଦର କୁଶଳୀ କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଯାଇଛି। ବୁଧବାର ଚତୁର୍ଥ ଦିନରେ ରାମ ବନବାସ ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲେ। ନାଟକରେ ରାମଙ୍କ ଭୂମିକାରେ- ଭରତ ବାରିକ, ଲକ୍ଷ୍ମଣଙ୍କ ଭୂମିକାରେ- ଶିବୁ ମଙ୍ଗରାଜ, ସୀତାଙ୍କ ଭୂମିକାରେ- ପ୍ରସନ୍ନ ପରିଡ଼ା, ଦଶରଥଙ୍କ ଭୂମିକାରେ- ରବୀନ୍ଦ୍ର ବାରିକ, କୈକେୟୀଙ୍କ ଭୂମିକାରେ- ପ୍ରମୋଦ ମହାପାତ୍ର, ମନ୍ଥରାଙ୍କ ଭୂମିକାରେ- ଅନିଲ ମଙ୍ଗରାଜଙ୍କ ପ୍ରମୁଖ ନିଖୁଣ କଳା ପ୍ରଦର୍ଶନ ଦର୍ଶକଙ୍କୁ ନାଟକ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

## ଜରାଜୀର୍ଣ୍ଣ ଅବସ୍ଥାରେ ଧର୍ମଶାଳା

**କୃଷ୍ଣପ୍ରସାଦ,୯।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ପାରିକୁଦଗଡ଼ ଚିଲିକା ଘିମୁଦା ଜେଟିକୂଳରେ ଥିବା ଧର୍ମଶାଳା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏକଦା ଉକ୍ତ ଧର୍ମଶାଳାଟି କୃଷ୍ଣପ୍ରସାଦ ବ୍ଲକର ଅଞ୍ଚଳବାସୀଙ୍କୁ ସେବା ଦେଇଆସୁଥିଲା। ୧୯୫୬ ମସିହାରେ କୃଷ୍ଣପ୍ରସାଦ ଅଞ୍ଚଳର ନୀଳକଣ୍ଠ ବଡ଼ପଣ୍ଡାଙ୍କ ପ୍ରଚେଷ୍ଟାରେ ଏହି ଧର୍ମଶାଳା ନିର୍ମାଣ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଧର୍ମଶାଳାର ରକ୍ଷଣାବେକ୍ଷଣ ଉପରେ କେହି ଗୁରୁତ୍ୱ ଦେଲେନାହିଁ। ଫଳରେ ଧର୍ମଶାଳାଟି ଏବେ ଜରାଜୀର୍ଣ୍ଣ ସହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନ୍ୟପଟେ ଏହି ଧର୍ମଶାଳାର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବ୍ଲକ ପ୍ରଶାସନ, ବ୍ରହ୍ମଗିରି ବିଧାୟିକା, ପୁରୀ ଏମ୍‌ପି ପ୍ରମୁଖ ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସରପଞ୍ଚ କୁମାର ସିଂହ, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ବୋଇତ ବନ୍ଦାଣ କମିଟି ସଭାପତି ବାଉରୀବନ୍ଧୁ ଦଳେଇ, ସାମାଜିକ କର୍ମୀ ନାଲୁ ପାହାଣ, ପ୍ରମୋଦ କୁମାର ବିଶ୍ୱାଳ, ନାଲୁ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ୧୧ରେ ଓୟୁଟିଆର ସମାବର୍ତ୍ତନ ଉତ୍ସବ



କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏବଂ ଅନ୍ୟ ଅଧିକାରୀ ସୂଚନା ଦେଉଛନ୍ତି।

**୩ ଜଣଙ୍କୁ ସ୍ୱର୍ଣ୍ଣ, ୨୭ ଛାତ୍ରୀଛାତ୍ରଙ୍କୁ ମିଳିବ ରୌପ୍ୟ ପଦକ**

**ଭୁବନେଶ୍ୱର, ୯।୪(ସୁଚିସ୍ମିତା ସାହୁ)**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୧ ତାରିଖରେ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ବୁଧବାର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏ ସମ୍ପର୍କରେ ସୂଚନା ଦେଇ କହିଲେ, ଅଲ୍ ରାଉଣ୍ଡର ଛାତ୍ର ଶୁଭ୍ରାଂଶୁ ମିଶ୍ରଙ୍କୁ 'ଚାନ୍ସେଲର ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯିବ। ସ୍ନାତକ(ୟୁଜି)ରେ ସୌରଭ ଶତପଥୀ ଏବଂ ସ୍ନାତକୋତ୍ତର(ପିଜି)ରେ ସୋଫିଆ ପ୍ରଧାନଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ। ଏଥିସହ ୨୭ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ରୌପ୍ୟ ପଦକ ମିଳିବ। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସିଥାରାମ ଯୋଗଦେବେ। ଚଳିତ ସମାବର୍ତ୍ତନ ଉତ୍ସବରେ ବି.ଟେକ୍‌ର ୭୫୬ ଜଣ ଡିଗ୍ରୀ ପାଇବାକୁ ଥିବାବେଳେ ଏମ୍.ଟେକ୍, ଏମ୍‌ସିଏ ଓ ଏମ୍‌ଫିଏଲ୍‌ରେ ୧୮୧ ଛାତ୍ରୀଛାତ୍ର ଡିଗ୍ରୀ ପାଇବେ। ସେହିପରି ଇଣ୍ଟିଗ୍ରେଟେଡ୍ ଏମ୍‌ଏସି ଓ ଏମ୍.ଏସ୍‌ସିରେ ୯୪ଜଣଙ୍କୁ ଡିଗ୍ରୀ ମିଳିବ। ଚଳିତବର୍ଷ ବି.ଟେକ୍‌ରେ କମ୍ପ୍ୟୁଟର ଇଞ୍ଜିନିୟରିଂ ଓ ମ୍ୟାଟେରିଆଲ୍‌ସ ମେଟାଲର୍ଜିକାଲ ଇଞ୍ଜିନିୟରିଂ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହାବ୍ୟତୀତ ୩ଟି ଦୂରନିରନ୍ତର ଶିକ୍ଷା(ଡିଷ୍ଟାନ୍ସ କୋର୍ସ) ଇ-ମାଷ୍ଟର୍ସ କୋର୍ସ ଖୋଲାଯାଇଛି। ଲଜିଷ୍ଟିକ ଆଣ୍ଡ୍ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ, ଡାଟା ଆନାଲିଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ୍ ମେଶିନ ଲର୍ନିଂ ବିଷୟରେ ଇ-ମାଷ୍ଟର୍ସ ପାଠ୍ୟକ୍ରମର ସୁବିଧା ମିଳୁଛି। ବିଶ୍ୱବିଦ୍ୟାଳୟରେ ୩ଟି ଉତ୍କର୍ଷ କେନ୍ଦ୍ର କରାଯାଇଛି, ଯାହା ଗବେଷଣାକୁ ନୂଆ ଦିଗ ଦେଉଛି। ଗ୍ରୀନ୍ କ୍ୟାମ୍ପସ ପାଇଁ ଇ-ବାଇକ୍ ଷ୍ଟେଶନ କରାଯାଇଛି ବୋଲି କୁଳପତି କହିଛନ୍ତି। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳସଚିବ ଆଶିଷ କୁମାର ଜେନା, ଡିନ୍(ଏକାଡେମିକ ଆଫେୟାର)ର ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

**ଟାଙ୍ଗୀ,୯।୪(ରଘୁନାଥ ସାହୁ)**



କର୍ମଶାଳାରେ ଯୋଗଦେଇଥିବା ଅତିଥି।

ଚାନ୍ଦପୁରସ୍ଥିତ ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ରଥ, ଟାଙ୍ଗୀ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରତାପ କୁମାର ପ୍ରଧାନ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ନିଆଁ, ବଜ୍ରପାତ, ସାପ କାମୁଡ଼ା ଆଦିରୁ କିଭଳି ସୁରକ୍ଷା ପାଇପାରିବା ସେନେଇ ବିଭିନ୍ନ କୌଶଳ ଏବଂ ସମସ୍ତଙ୍କର ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଶିକ୍ଷୟିତ୍ରୀ ପ୍ରେମଲତା ଜାଲି ଧନ୍ୟବାଦ ଦେଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୧.୯୧ କୋଟି ଠକେଇ ଟଙ୍କା ଫେରାଇଲା ପୋଲିସ

**ଟଙ୍କା ହସ୍ତାନ୍ତର ମେଳା**

**ଭୁବନେଶ୍ୱର,୯।୪ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ବୁଧବାର ଟଙ୍କା ହସ୍ତାନ୍ତର ମେଳା କରାଯାଇ ବିଭିନ୍ନ ଲୋକଙ୍କୁ ୧ କୋଟି ୯୧ ଲକ୍ଷ ୨୦ ହଜାର ୧୦୭ ଟଙ୍କା ଫେରାଯାଇଛି। ଡିସିପି ଜଗମୋହନ ମୀନା ଗତ ୩ ମାସ ମଧ୍ୟରେ ବିଭିନ୍ନ ଠକେଇର ଶିକାର ଲୋକମାନଙ୍କୁ ସେମାନଙ୍କ ଟଙ୍କା ହସ୍ତାନ୍ତର କରିଥିଲେ। ଲୋକମାନେ ଖୁସିବ୍ୟକ୍ତ କରିବା ସହ ପୋଲିସକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ସାଇବର ଠକଙ୍କଠାରୁ ଜାନୁଆରୀରେ ୧.୦୨ କୋଟି, ଫେବୃଆରୀରେ ୪୩.୬୬ ଲକ୍ଷ ଓ ମାର୍ଚ୍ଚରେ ୪୪.୭୫ ଲକ୍ଷ ଟଙ୍କା ଫେରାଇ ଅଣାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଜିମେଲ୍, ହ୍ୱାଟ୍‌ସଆପ୍, ଟେଲିଗ୍ରାମ ଓ ୟୁଟ୍ୟୁବ୍‌ରେ ଫେକ୍ କଣ୍ଟେଣ୍ଟ ଛଡାଯାଇଥିବା ୬୫ଟି ଫେକ୍ ଆକାଉଣ୍ଟକୁ ମଧ୍ୟ ଚିହ୍ନଟ କରାଯାଇ ବ୍ଲକ୍ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି।

# ସାହସ ବଞ୍ଚାଇଦେବ ମୂଲ୍ୟବାନ୍ ଜୀବନ

**ବେଗୁନିଆ,୯।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ରେଡ୍‌କ୍ରସ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରାଥମିକ ଚିକିତ୍ସା(ଫାଷ୍ଟଏଡ) ସମ୍ପର୍କରେ ସଚେତନ ହୋଇଥିଲେ। ଜିଲା ରେଡ୍‌କ୍ରସ ଅଧିକାରୀ ଉପେନ୍ଦ୍ର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସାର ମୂଲ୍ୟବୋଧ ସମ୍ପର୍କରେ ବିଭିନ୍ନ ତାଲିମ ଦେଇଥିଲେ। ସାହସ ବଞ୍ଚାଇଦେବ ମୂଲ୍ୟବାନ ଜୀବନ ବୋଲି ମତପ୍ରକାଶ ପାଇଥିଲା। ଆୟୋଜକ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପରିଚାଳନା କମିଟିର ସଭାପତି ଶିବ କୁମାର ମୁନି, ଜେଆରସି କାଉନସିଲର ସୁରଜିତା ଦଳାଇ, ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରେଶ୍ମାରଶ୍ମୀ ପାଇକରାୟ, ମୋହିନୀ ଦାସ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ସସ୍ମିତା ସାହୁ, ଆଶା ମୁର୍ମୁ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ପ୍ରଭାତ କୁମାର ନିଶଙ୍କ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ଅତିଥି ଓ ପ୍ରଶିକ୍ଷାର୍ଥୀ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆରସିସି କ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗିର୍ଡରକୁ ପିଏସ୍‌ସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୧,୮୦,୦୩,୭୭୪.୭୪ । **ଇଏମ୍‌ଡି:** ₹୨,୪୦,୦୦୦/– । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆରସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୨,୮୦,୦୨,୮୪୦.୧୮ । **ଇଏମ୍‌ଡି:** ₹୨,୯୦,୦୦୦/– । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍‌ଏସ୍‌ଇ/ୱାର୍କସ/ଡିଏମ୍‌ଏଫ, କେଇ/ୱାର୍କସ/ବିଏକ୍ସଏଫ, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ-ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୬୬,୨୪,୦୦୦/– । **ଇଏମ୍‌ଡି:** ₹୧,୩୨,୫୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-32)

**OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.350008 Police(25-26):D

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 04.04.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in.**
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

## ସଂକ୍ଷେପରେ

### ବାଲିବୋଝେଇ ହାଇଓ୍ବା ଜବତ, ଡ୍ରାଇଭର ଗିରଫ

କୋଣାର୍କ,୯।୪(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନସ୍ଥ ଗୋପ-ବାଲିଘାଇ ରାସ୍ତାରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ହାଇଓ୍ବାକୁ ରାମଚଣ୍ଡୀ ଥାନା ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ବୁଧବାର ସକାଳ ସମୟରେ ବେଆଇନ ବାଲି ଚାଲାଣ ହେଉଥିବା ଖବର କୌଣସି ସୂତ୍ରରୁ ରାମଚଣ୍ଡୀ ଥାନାର ହସ୍ତଗତ ହୋଇଥିଲା। ରାମଚଣ୍ଡୀ ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗୋପ-ବାଲିଘାଇ ରାସ୍ତାରେ ଚଢ଼ାଉକରି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ହାଇଓ୍ବାକୁ ଜବତ କରିଥିଲା। ଏଥିସହିତ ନିଆଳି ଥାନା ଅନ୍ତର୍ଗତ ମାଧବ ଗ୍ରାମର ଗାଡ଼ି ଡ୍ରାଇଭର ମୀର ମମତାଜ ଅଲ୍ଲୀ (୪୧)ଙ୍କୁ ରାମଚଣ୍ଡୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ କେସ୍ ନଂ.-୨୬/୨୫ ଅନୁଯାୟୀ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଛି।

### ପରଜାପଡ଼ା ପଞ୍ଚାୟତରେ ପାନୀୟଜଳ ସମସ୍ୟା

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପରଜାପଡ଼ା ପଞ୍ଚାୟତର ଏକାଧିକ ଗ୍ରାମକୁ ମେଗା ପାନୀୟଜଳ ସଂଯୋଗରୁ ପ୍ରାୟ ସପ୍ତାହେ ହେବ ପାଣି ମିଳୁ ନ ଥିବା ବିଜିପୁର ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତୁରନ୍ତ ପାନୀୟଜଳ ଯୋଗାଣ ପାଇଁ ସେମାନେ ବୁଧବାର ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବିଭୂତିଦଣ୍ଡାସ୍ଥିତ ମେଗା ପାନୀୟଜଳ ପ୍ରକଳ୍ପରୁ ପାନୀୟଜଳ ଯୋଗାଇ ଦିଆଯାଉନାହିଁ। ଗୋଟିଏ ସ୍ଥାନରେ ପାଣି ଚାବି ଭାଙ୍ଗିବା ଓ ଏକାଧିକ ସ୍ଥାନରେ ଲିକେଜ୍ ସମସ୍ୟାର ସମାଧାନ କରାଯାଉନାହିଁ। ରୌଦ୍ରତାପ ସମୟରେ ଲୋକେ ପିଇବା ପାଣି ପାଇଁ ତହଳବିକଳ ହେଉଛନ୍ତି। ସେମାନେ କୂଅ ଓ ଭାର୍ଗବୀ ନଦୀରୁ ପାଣି ଆଣୁଛନ୍ତି। ଏହି ଜଳରୁ ରୋଗ ବ୍ୟାପିବାର ଆଶଙ୍କା ରହିଛି। ତେଣୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ସହ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ପାଲାଗାୟକ ପ୍ରଫୁଲ୍ଲ ଦାସ ସମ୍ବର୍ଦ୍ଧିତ

କଣାସ,୯।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ଡିମିରି ଗ୍ରାମର ମା'ହରଚଣ୍ଡୀଙ୍କ ପୀଠରେ ଚାଲିଥିବା ୫ଦିନିଆ ବାଦୀ ପାଲାରେ ଗାୟକ ସମ୍ରାଟ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କୁ ପଣ୍ଡିତ ଗଦାଧର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଡିମିରି ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ମିଶ୍ର ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଶୀ, ପ୍ରଭାକର ବଳିଆରସିଂହ, ସ୍ୱର୍ଗତ ଗଦାଧର ପୁରୋହିତଙ୍କ କନ୍ୟା ଅର୍ଚ୍ଚନା ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ଉପଯୁକ୍ତ ଥଇଥାନ କଲେ ସମର୍ଥନ କରିବେ ଗ୍ରାମବାସୀ

## ପ୍ରସ୍ତାବିତ ବିମାନବନ୍ଦର ପାଇଁ ଜନଶୁଣାଣି

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)



ପୁରୀ ସିପସରୁବାଲିରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ଜନଶୁଣାଣି କରାଯାଉଛି।

ପୁରୀରେ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଆନ୍ତର୍ଜାତିକ ବିମାନବନ୍ଦର ନିର୍ମାଣ ନେଇ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ପ୍ରଶାସନ ପକ୍ଷରୁ ସିପସରୁବାଲି ମୌଜାରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୦୯୬ ଏକର ଜମି ଅଧିଗ୍ରହଣ ନେଇ ଧାରା ୧୬ ପୁନର୍ବାସ ଓ ଥଇଥାନ ପ୍ରାବଧାନ ଅନୁଯାୟୀ ଜନଶୁଣାଣିରେ ପ୍ରଭାବିତ ବ୍ୟକ୍ତିମାନେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିମାନବନ୍ଦର ପ୍ରକଳ୍ପର ନିର୍ମାଣ ନେଇ ଜମି ଅଧିଗ୍ରହଣ ସଂକ୍ରାନ୍ତରେ ହୋଇଥିବା ଜନଶୁଣାଣି ସଫଳ ହୋଇଛି। କିଛିଦିନ ପୂର୍ବରୁ ବିମାନବନ୍ଦର ପ୍ରାଧିକରଣର ଏକ ସ୍ୱତନ୍ତ୍ର ଟିମ୍ ନିର୍ମାଣ ନେଇ ସମୀକ୍ଷା କରିଥିଲେ।

ପୁରୀ ସଦର ଅନ୍ତର୍ଗତ ଗୋରୁଆଳ ନିକଟରେ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠା ନେଇ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାବେଳେ ଆବଶ୍ୟକୀୟ ଜମି ଅଧିଗ୍ରହଣ ପ୍ରକ୍ରିୟା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ପୂର୍ବ ନିର୍ଦ୍ଧାରିତ ନୋଟିସ ଅନୁଯାୟୀ କ୍ଷତିପୂରଣ ଏବଂ ଭୂଅର୍ଜନ ପୁନର୍ବାସ ଓ ଥଇଥାନ ଆଇନ ୨୦୧୩ର ଧାରା ୧୬ ଅନୁସାରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣିରେ ଜନସାଧାରଣ ଓ ବିସ୍ଥାପିତମାନେ ଭାଗ ନେଇଥିଲେ। ସରକାରଙ୍କର ବିମାନବନ୍ଦର ନିର୍ମାଣକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପାଇଥିବାବେଳେ ବିମାନ ବନ୍ଦର ପ୍ରତିଷ୍ଠା କରାଗଲେ କ୍ଷତିପୂରଣ ଉପଯୁକ୍ତ ମିଳିବା ଉପରେ ଦାବି ଉଠାଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିମାନ ବନ୍ଦର କରାଗଲେ ପ୍ରାୟ ୨୨ଶହ ଏକରରୁ ଅଧିକ ଜମି ଅଧିଗ୍ରହଣ ହେବ। ଫଳରେ ଗ୍ରାମବାସୀ ସେମାନଙ୍କ ଜୀବିକା ହରାଇବେ। ସରକାର ଯଦି ଗ୍ରାମବାସୀଙ୍କ ପାଇଁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବେ, ତେବେ ପ୍ରସ୍ତାବିତ ବିମାନ ବନ୍ଦରକୁ ଗ୍ରାମବାସୀ ସମର୍ଥନ କରିବେ।

ଅତିରିକ୍ତ ଜିଲାପାଳ କହିଛନ୍ତି, ରାଜ୍ୟ ସରକାରଙ୍କର ଭୂ-ଅଧିଗ୍ରହଣ ନିୟମ ଅନୁସାରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ସହାୟତା ରାଶି ସହ ସେମାନଙ୍କୁ ଥଇଥାନ ପାଇଁ ନିୟମ ମୁତାବକ ସମସ୍ତ ସହଯୋଗ ଯୋଗାଇଦିଆଯିବ। ବିମାନ ବନ୍ଦର ପାଇଁ ଷଣ୍ଢପୁର ଓ ସିପସରୁବାଲି ଗ୍ରାମର ୨୨୧ ଏକର ଘରୋଇ ଜମି ସରକାର ଅଧିଗ୍ରହଣ କରିବେ। ଆଜି ସିପସରୁବାଲିଠାରେ ଜନଶୁଣାଣି କରାଯାଇଥିଲା। ଜନଶୁଣାଣିରେ ଭାଗ ନେଇଥିବା ବିସ୍ଥାପିତଙ୍କ ମଧ୍ୟରୁ ଅଧିକାଂଶ ଲୋକ ବିମାନ ବନ୍ଦର ପ୍ରତିଷ୍ଠା ନେଇ ସହଯୋଗ କରିବେ ବୋଲି ମତ ରଖିଛନ୍ତି। ଅନ୍ୟ ଯେଉଁମାନେ ଏହାକୁ ବିରୋଧ କରିଛନ୍ତି, ସେମାନଙ୍କ ସମସ୍ୟା ସମାଧାନ କରାଯାଇ ପଦକ୍ଷେପ ନିଆଯିବ। ଆସନ୍ତା ୧୧ରେ ଷଡ଼ପୁରଠାରେ ଜନଶୁଣାଣି ହେବ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି।

# ପ୍ରସ୍ତାବିତ ବିମାନବନ୍ଦରକୁ ବିରୋଧ

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ବୁଧବାର ସିପସରୁବାଲିରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ପ୍ରସ୍ତାବିତ ବିମାନବନ୍ଦର ଏକ ଧୂଆଁବାଣ ବୋଲି ପ୍ରଗତିଶୀଳ ପାଠଚକ୍ରର ସମ୍ପାଦକ ସୁରେନ୍ଦ୍ର ତପସ୍ୱୀ କହିଛନ୍ତି। ତପସ୍ୱୀ ଜନଶୁଣାଣିରେ ଯୋଗଦେଇ ମତ ରଖିଛନ୍ତି ଯେ, ବିଶ୍ୱର ସମୁଦ୍ର ଉପକୂଳ ଅଞ୍ଚଳ ପୂର୍ବାପେକ୍ଷା ଅଧିକ ବିପର୍ଯ୍ୟୟ ହୋଇ ପଡୁଥିବାରୁ ସାମୁଦ୍ରିକ ବାତ୍ୟା ଓ ସୁନାମିର ଆଶଙ୍କା ବହୁ ଗୁଣରେ ବଢ଼ିଚାଲିଛି। ସେଥିପାଇଁ 'ଅନ୍ତର୍ଜାତୀୟ ବେସାମରିକ ବିମାନଚାଳନା କୌଶଳ ସଂସ୍ଥା ଭାରତ ଭଳି ଏହାର ସଭ୍ୟଭୁକ୍ତ ଦେଶଗୁଡ଼ିକୁ ସମୁଦ୍ରକୂଳରେ କୌଣସି ବିମାନ ବନ୍ଦର ସ୍ଥାପନକୁ ନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ ହେଁ ସରକାର ଏହାକୁ ଉପେକ୍ଷା କରି ପୁରୀ ଭଳି ଏକ ବାତ୍ୟା ଓ ସୁନାମି ପ୍ରବଣ ଅଞ୍ଚଳରେ ବ୍ୟାପକ ଜଙ୍ଗଲ କାଟି ବିମାନବନ୍ଦର ସ୍ଥାପନାର ପରିକଳ୍ପନା ଗଭୀର ଚିନ୍ତାଜନକ ବିଷୟ ହୋଇଛି। ଉପକୂଳ ଅଞ୍ଚଳର ଧନ, ଜୀବନ ଓ ପରିବେଶ ସୁରକ୍ଷା ନିମନ୍ତେ କୌଣସି ବୃହତ୍ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଏକହଜାର ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ବିମାନ ବନ୍ଦର ଭଳି ପ୍ରାକୃତିକ ପରିବେଶ ବିରୋଧୀ ପ୍ରକଳ୍ପରୁ ସରକାର ନିବୃତ୍ତ ରହିବାକୁ ତପସ୍ୱୀ ଦାବି କରିଛନ୍ତି। ଉପକୂଳ ଅଞ୍ଚଳ ବାତ୍ୟାପ୍ରବଣ ହୋଇଥିବାରୁ ଏହାର ନିରାକରଣ ବା ସୁରକ୍ଷା ନିମନ୍ତେ ବ୍ୟାପକ ବନୀକରଣର ଆବଶ୍ୟକତା ଥିବା ବେଳେ ଶତାଧିକ ଗଛ କାଟିବା କେତେ ଦୂର ଠିକ୍ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିମାନବନ୍ଦର ହେଲେ ସ୍ଥାନୀୟ ଅଞ୍ଚଳରେ ବନ୍ୟପ୍ରାଣୀ ଓ ପକ୍ଷୀ ପ୍ରଭାବିତ ହେବେ। ଶ୍ରୀମନ୍ଦିର ସହ ଐତିହ୍ୟସ୍ଥଳୀ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ। ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ବିମାନବନ୍ଦର ସ୍ଥାନାନ୍ତର କରି ସମୁଦ୍ରଠାରୁ ଦୂରରେ ବିମାନ ବନ୍ଦର କରିବା ପାଇଁ ଅନ୍ତର୍ଜାତୀୟ ବେସାମରିକ ବିମାନ ଚାଳନା କୌଶଳ ସଂସ୍ଥା ନିର୍ଦ୍ଦେଶ ଦେଉଛି। ଏହି କ୍ରମରେ ଗୋଆ ଓ ବିଶାଖାପାଟଣାରେ ଥିବା ବିମାନବନ୍ଦରକୁ ସ୍ଥାନାନ୍ତର କରିବା ନେଇ ପ୍ରକ୍ରିୟା ଜାରି ରହିଛି। ପୁରୀଠାରୁ ୬୦ କିମି ଦୂରରେ ଏକ ବିମାନବନ୍ଦର ରହିଥିବା ବେଳେ ପୁରୀରେ ପୁଣି ଏକ ବିମାନବନ୍ଦର ସ୍ଥାପନ ବ୍ୟବସାୟିକ ଦୃଷ୍ଟିକୋଣରୁ ଅସଙ୍ଗତ ମନେ ହୁଏ ନାହିଁ କି ବୋଲି ତପସ୍ୱୀ ପ୍ରଶ୍ନ କରିଛନ୍ତି।

# 'ମୌଳିକ ପର୍ଯ୍ୟାୟ ସାରଣୀ' ଆଧାରିତ ଆଲୋଚନାଚକ୍ର

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ପିଏମ୍ ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ କ୍ଲବ୍ ଦ୍ୱାରା ବିଦ୍ୟାଳୟ ବିଜ୍ଞାନ ଭବନରେ ସୋମବାର ଏକ ବିଜ୍ଞାନ ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ମୌଳିକ ପର୍ଯ୍ୟାୟ ସାରଣୀ' ଉପରେ ଏହା ପର୍ଯ୍ୟବସିତ ଥିଲା। ଅତିଥି ଭାବେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଶ୍ୱଜିତ୍ ଘୋଷ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଏବଂ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ସୁଧାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଡ. ଘୋଷଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଲୋଚନା ଚକ୍ରରେ ଜିଲାର ସମସ୍ତ ପି.ଏମ୍. ଶ୍ରୀ ବିଦ୍ୟାଳୟ ତଥା ଅତିବଡ଼ି ଜଗନ୍ନାଥ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ। ଡ. ତ୍ରିପାଠୀ ପର୍ଯ୍ୟାୟ ସାରଣୀର ଇତିହାସ, ମହତ୍ତ୍ୱ ଓ ମନେରଖିବାର ସହଜ ଉପାୟ ଶିଖିବା ସହ ପିଲାଙ୍କ ମଧ୍ୟରେ ରାସାୟନିକ ବିଜ୍ଞାନ ପ୍ରତି ଆକର୍ଷିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ନୂଆଦିଲ୍ଲୀରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନିତ କରୁଛନ୍ତି।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ନିମାପଡା,୯।୪(ରଞ୍ଜନ ପଟ୍ଟନାୟକ)

ସ୍ଥାନୀୟ ପ୍ରାକଟିସିଂ ସରକାରୀ ଉନ୍ନୀତ ବିଦ୍ୟାଳୟ ପରିସରରେ ୨୦୧୮-୧୯ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେବା ସହିତ ସେତେବେଳର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିମନ୍ତ୍ରିତ କରିବା ସହ ବର୍ତ୍ତମାନର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପରିଡ଼ା ସଭାରେ ସଭାପତିତ୍ୱ କରିଥିଲେ। କଲ୍ୟାଣୀ ସିହ୍ନା, ପ୍ରମିଳା ଦେବୀ, ଦୁଃଖୀ ଦେବୀ, ବିଳାସିନୀ କର, ରାଜଲକ୍ଷ୍ମୀ ମହାନ୍ତି, ରଞ୍ଜୁବାଳା ମହାପାତ୍ର, ବାମଚରଣ ଦାଶ, ଉଷାରାଣୀ ମିଶ୍ର, ପ୍ରମୋଦ ମୋହିନୀ ଦାଶ, ସୁକାନ୍ତି ଦେଇ, ନିର୍ମଳ ମିଶ୍ର, ତ୍ରିଲିପ୍ତା ମିଶ୍ର, ସ୍ନେହମୟୀ ସ୍ୱାଇଁ, ମାହେଶ୍ୱରୀ ଦାଶ, କ୍ଷଣପ୍ରଭା ପାତ୍ର ଓ ଈପ୍ସିତା ପ୍ରିୟଦର୍ଶନୀଙ୍କୁ ସମ୍ମାନିତ କରିଥିଲେ।

OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH

निविदा निरस्तीकरण सूचना

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

# ଶିକ୍ଷକ ଛାତ୍ର ଜୀବନର ପଥ ପ୍ରଦର୍ଶକ

ଡେଲାଙ୍ଗ,୯।୪(ରଶ୍ମିରଞ୍ଜନ ପ୍ରଧାନ)

ଅନ୍ଧାର ରୂପକ ଅଜ୍ଞାନରୁ ଜ୍ଞାନ ରୂପକ ଆଲୋକକୁ ଆଣି ଠିକ୍ ପଥରେ ନେବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଜୀବନରେ ଗୁରୁ ହେଉଛନ୍ତି ପଥ ପ୍ରଦର୍ଶକ। ବାନାମ୍ବର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ସଂଯୁକ୍ତା ମିଶ୍ର ଯୋଗଦେଇ ଏହା କହିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ଜି. ଉଦୟଗିରିର ଏବିଇଓ ଛାଟୋଇ, ମୋତିଲାଲ ରାୟ, ବରିଷ୍ଠ ଶିକ୍ଷକ ରମେଶଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଭୁବନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦାୟୀ ଶିକ୍ଷକ ଜେନାଙ୍କ ନିଷ୍ଠାପର ଉଦ୍ୟମ, ଆନ୍ତରିକତା, ଛାତ୍ରବତ୍ସଳତା ହେତୁ ତାଙ୍କୁ ସମୟାନୁବର୍ତ୍ତିତା ଓ ବିଦ୍ୟାଳୟ ପ୍ରତି ଥିବା ଅବଦାନକୁ ସମ୍ମାନ ଜଣାଇ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇଥିଲା। ସିଆର୍‌ସିସି ଦୁର୍ଯ୍ୟୋଧନ ପ୍ରଧାନ ଓ ଶିକ୍ଷକ ଫକିର ଚରଣ ଦାସ ସଭା ସଂଯୋଜନା କରିଥିଲେ। ଶିକ୍ଷକ ଚକ୍ରଧର ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ନଡ଼ିଆ ଗଛରୁ ଖସି ଶ୍ରମିକ ଗୁରୁତର

ନିମାପଡ଼ା,୯।୪ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଜଇନାବାଦ ପହରା ସାହି ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ନଡ଼ିଆ ଗଛ କାଟିବାବେଳେ ଅସାବଧାନା ବଶତଃ ଖସି ପଡ଼ି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଆହତ ଶ୍ରମିକ ହେଲେ ନିମାପଡ଼ା ଏନ୍‌ଏସି ଅଧୀନ ପାଟପୁର ଗ୍ରାମର ବସୁଦେବ ସ୍ୱାଇଁ (୬୦)। ଗଛରୁ ପଡ଼ିବାବେଳେ ଗଛ ନିକଟରେ ଥିବା ଏକ ଡ୍ରେନ୍‌ରେ ପଡ଼ିଯିବାରୁ ଡ୍ରେନ୍‌ରୁ ବାହାରିଥିବା ଲୁହା ରଡ଼ ତାଙ୍କ ଗୋଡ଼ ଓ ଅନ୍ୟ ସ୍ଥାନରେ ପଶିଯାଇ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତ ଶ୍ରମିକ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୪୧ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ

ଡେଲାଙ୍ଗ,୯।୪(ରଶ୍ମିରଞ୍ଜନ ପ୍ରଧାନ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କଳାହାଣ୍ଡି ଜିଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ଯୋଜନାକୁ ଉଦ୍‌ଘାଟନ କରି ୧୪୧ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଡିଓ କ୍ଷିତୀଶ ଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ଏହି ଯୋଜନାରେ ଅନେକ ଯୋଗ୍ୟ ହିତାଧିକାରୀ ପକ୍କାଘର ପାଇବାକୁ ଥିବାବେଳେ ଭିନ୍ନକ୍ଷମ, ଶହୀଦ ପରିବାର, ବିଧବା, ଦିବ୍ୟାଙ୍ଗ, ରୋଗଗ୍ରସ୍ତ ପରିବାର, ଅଗ୍ନିବିପନ୍ନ ପରିବାର ଓ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ପକ୍କାଘରଟିଏ ଯୋଗାଇଦିଆଯିବା ଲକ୍ଷ୍ୟନେଇ ଯୋଜନାର ଶୁଭାରମ୍ଭ କରାଯାଇଛି।

वरीय पुलिस अधीक्षक का कार्यालय, राँची

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.350008 Police(25-26):D

# ଓଡ଼ିଶା ଅର୍ଥନୀତିରେ ଅଗ୍ରଣୀ ହେବ: ମୁଖ୍ୟମନ୍ତ୍ରୀ

## ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ, ବିମାନବନ୍ଦରରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୯।୪(ରବିନାରାୟଣ ଜେନା)

ଦିଲ୍ଲୀରେ ୨ଦିନିଆ ନିବେଶକ ସମ୍ମିଳନୀରେ ଯୋଗଦେଇ ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପକ୍ଷେତ୍ରରେ ଅଗ୍ରଗତି ପାଇଁ ଅନେକ ଶିଳ୍ପପତିଙ୍କ ସହିତ ଆଲୋଚନା ହୋଇଛି। ଉତ୍କର୍ଷ ଓଡ଼ିଶା ପରେ ଦିଲ୍ଲୀରେ ଆଇଓସିଏଲ୍ ସହିତ ଏମ୍‌ଓୟୁ ଦ୍ୱିତୀୟ ଐତିହାସିକ ପଦକ୍ଷେପ। ଏଚସିଏଲ୍‌ର ନୋଇଡାସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ଓଡ଼ିଶାରେ ଏହାର କ୍ୟାମ୍ପସ୍ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ସକାରାତ୍ମକ ମତାମତ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭବ୍ୟ ସ୍ୱାଗତ କରାଯାଉଛି।

ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ, ତାହା ସଫଳ ହେଉଛି ଏବଂ ଓଡ଼ିଶାକୁ ବ୍ୟାପକ ପୁଞ୍ଜି ଆସିବାର ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶା ଅର୍ଥନୀତିରେ ଅଗ୍ରଣୀ ହେବ। ଦିଲ୍ଲୀରେ ଏହି ଗସ୍ତ ସମୟରେ ୧୩ଟି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହାଦ୍ୱାରା ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୯୫,୧୧୫ ନିଯୁକ୍ତି ସୃଷ୍ଟି ହେବ। ଏହି ଗସ୍ତରେ ପ୍ରାୟ ୨୫ରୁ ଅଧିକ ଶିଳ୍ପପତିମାନଙ୍କ ସହିତ ଆଲୋଚନା ହୋଇଛି। ଆଗାମୀ ଦିନରେ ମଧ୍ୟ ଆଲୋଚନା ହେବ। ଭବିଷ୍ୟତରେ ସେମାନଙ୍କ ସହିତ ପାର୍ଟନରଶିପ କରିବାର ସୁଯୋଗ ସୃଷ୍ଟି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପୋଲିସ ବାହିନୀକୁ ସଶକ୍ତ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ପୋଲିସ ବାହିନୀରେ ୧୨ ହଜାରରୁ ଅଧିକ ନିଯୁକ୍ତି କରାଯିବ। ସେହିପରି ଓଡ଼ିଶା ଏକ ଶିଳ୍ପୋନ୍ନତ ରାଜ୍ୟ ଭାବରେ ଗଢ଼ି ଉଠିବାର ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହି କ୍ଷେତ୍ରରେ ମଧ୍ୟ ଆଇନ ଶୃଙ୍ଖଳା ନିୟନ୍ତ୍ରଣର ଆବଶ୍ୟକତା ଅଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ବା ଓଆଇଏସ୍‌ଏଫ୍ ଗଠନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଛି। ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ପଦକ୍ଷେପ ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧ । ପ୍ରମୁଖ ସେତୁଗୁଡ଼ିକୁ ଆରସିସି କ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗିର୍ଡରକୁ ପିଏସ୍‌ସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୧,୮୦,୦୩,୭୭୪.୭୪ । ଇଏମଡି: ₹୨,୪୦,୦୦୦/– । ୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨ । ଏଡିଇଏନ/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ), ୨୦୨ (ଅପ୍ ଓ ଡାଉନ୍)ର ଆରସିସି କ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୨,୮୦,୦୨,୮୪୦.୧୮ । ଇଏମଡି: ₹୨,୯୦,୦୦୦/– । ୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩ । ଏସ୍‌ଏସ୍‌ଇ/ୱାର୍କସ୍/ଡିଏମ୍‌ଏଫ୍, ଜେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ-ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୬୬,୨୪,୦୦୦/– । ଇଏମଡି: ₹୧,୩୨,୫୦୦/– । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦ । ଖୋଲାଯିବା ତାରିଖ: କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-32)

OFFICE OF THE SUPERINTENDING ENGINEER
P.W.D. (B&R) AMBIKAPUR CIRCLE, AMBIKAPUR

Invitation Date: 04.04.2025

E-PROCUREMENT TENDER NOTICE

01. For tender detail please visit http://eproc.cgstate.gov.in.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

## ସଂକ୍ଷେପରେ

### ୧୧ରୁ ହସ୍ତତନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର,୯।୪

ପ୍ରଥମ ଥର ପାଇଁ ଓଡ଼ିଶାରେ ଆସାମୀ ଏବଂ ମଣିପୁରୀ ହସ୍ତତନ୍ତ ଶାଢ଼ି ସମ୍ଭାରକୁ ନେଇ ଏକ ୩ ଦିନିଆ ହସ୍ତତନ୍ତ ପ୍ରଦର୍ଶନୀ ଭୁବନେଶ୍ୱର କ୍ଲବ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ୨୦୨୫ ଏପ୍ରିଲ ୧୧ରୁ ୧୩ ପର୍ଯ୍ୟନ୍ତ ଏହି ହସ୍ତତନ୍ତ ପ୍ରଦର୍ଶନୀ ସବୁ ବର୍ଗର ଗ୍ରାହକ ଓ ଲୋକଙ୍କ ପାଇଁ ଖୋଲା ରହିଛି। ଉଲ୍ଲେଖଯୋଗ୍ୟ, ହସ୍ତତନ୍ତ ଶାଢ଼ି ବ୍ରାଣ୍ଡ 'ନୁପି ବାଇ ନିବେଦିତା'ର ଆନୁଷ୍ଠାନିକ ଶୁଭାରମ୍ଭ ସହ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହି ଅବସରରେ ନୁପି ବାଇ ନିବେଦିତାର ପ୍ରତିଷ୍ଠାତ୍ରୀ ନିବେଦିତା ଜେନା ପାରମ୍ପରିକ ଆସାମୀ ଏବଂ ମଣିପୁରୀ ହସ୍ତତନ୍ତ ଶାଢ଼ିକୁ ଆଧୁନିକ ପୋଷାକର ଏକ ଅଂଶ ବିଶେଷ କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ସହିତ ଐତିହ୍ୟର ଭାବନାକୁ ବଜାୟ ରଖିବାର ପ୍ରୟାସ ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିଭଳି ଏହି ପ୍ରଦର୍ଶନୀ ଜରିଆରେ ଆମେ ଆମର ସ୍ୱତନ୍ତ୍ର ହସ୍ତତନ୍ତ୍ର ସାମଗ୍ରୀ (ହସ୍ତବୁଣା ସଂଗ୍ରହ)କୁ ପ୍ରଦର୍ଶିତ କରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

### ଦ୍ୱିଭାଷୀ ଚଳଚ୍ଚିତ୍ର 'ଆଜିର ରେବତୀ'ର ଅଡିଓ ରିଲିଜ୍

ଭୁବନେଶ୍ୱର, ୯।୪(ସୌମ୍ୟରଞ୍ଜନ ରାଉତ)

ଆର୍‌ଆର୍ ଇଭେଣ୍ଟ ଆଣ୍ଡ୍ ସିନେ ପ୍ରଡକ୍ସନ ପ୍ରସ୍ତୁତ ପ୍ରଥମ ଦ୍ୱିଭାଷୀ ଚଳଚ୍ଚିତ୍ର 'ଆଜିର ରେବତୀ' ଆସନ୍ତା ୧୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ଏହା ଉଭୟ ଓଡ଼ିଆ ଓ ବଙ୍ଗଳା ଭାଷାରେ ମୁକ୍ତିଲାଭ କରିବ। ରାଜ୍ୟର ୩୪ଟି ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ଘୋଷଣା କରାଯାଇଛି। ବୁଧବାର ଏହାର ଅଡିଓ ରିଲିଜ୍ କରାଯାଇଛି। ପ୍ରଯୋଜକ ରମେଶ ବାରିକ ରହିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍ ଆନନ୍ଦ।



ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପରେ ଚାଲିଥିବା ଶ୍ରୀ ଲିଙ୍ଗରାଜ ମହୋତ୍ସବର ବୁଧବାର ପଞ୍ଚମ ସନ୍ଧ୍ୟାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବ ସନ୍ଧ୍ୟାକୁ ଉଦ୍‌ଘାଟନ କରୁଛନ୍ତି।

# ଶିବ ତାଣ୍ଡବ ନୃତ୍ୟରେ ଦର୍ଶକ ବିମୋହିତ

**ଲିଙ୍ଗରାଜ ମହୋତ୍ସବର ପଞ୍ଚମ ସନ୍ଧ୍ୟା**



ଏକାମ୍ର ମହୋତ୍ସବରେ ପରିବେଷିତ ବିହୂ ନୃତ୍ୟ।

ପୁରୁଣା ଭୁବନେଶ୍ୱର, ୯।୪(ସୁବାସ ଚନ୍ଦ୍ର ପ୍ରଧାନ)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବର ବୁଧବାର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ପ୍ରଥମେ ରାଞ୍ଚିରୁ ଆସିଥିବା ଗୁରୁ ସବିତା ମିଶ୍ରଙ୍କ ଦଳ ନୃତ୍ୟ ପରିବେଷଣ ପରେ ଆସାମ ରୂପମ ଶର୍ମାଙ୍କ ଦଳ ବିହୁ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବର୍ଷା ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ସୁକନ୍ୟା ଭାରତୀୟ ସାଂସ୍କୃତିକ ଟ୍ରଷ୍ଟ କଳାକାରମାନେ ଶିବ ତାଣ୍ଡବ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ପରେ କଟକ କଳାବିକାଶ କେନ୍ଦ୍ର ପକ୍ଷରୁ ନୃତ୍ୟ, କୋଲକାତାର କଳା ରସିକ ଫାଉଣ୍ଡେଶନ ପକ୍ଷରୁ କ୍ରିଏଟିଭ୍ ନୃତ୍ୟ, ଆଲୋକ ବିଶୋଇଙ୍କ ଦଳ ପକ୍ଷରୁ ପ୍ରାଣୀ ମୁଖା ନୃତ୍ୟ, ଶେଷରେ ମମତା ଶତପଥୀ ଓ ବର୍ଷା ପଟ୍ଟନାୟକ ଦଳ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହ ନୀରୋଗ ରହିବାକୁ ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ସୁବ୍ରତ ମଲ୍ଲିକ, ପଣ୍ଡିତ ପ୍ରସନ୍ନଜିତ ପୋଦାର ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ୍ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଗୁରୁ ଗଜେନ୍ଦ୍ର ପଣ୍ଡା ନିର୍ଦ୍ଦେଶନା ଦେଇଥିବାବେଳେ ବାସୁଦେବ ନାଥ ସଂଯୋଜନା କରିଥିଲେ। ନୃତ୍ୟଗୁରୁ ପ୍ରତିଭା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ବାଚସ୍ପତି ସୁରମା ପାଢ଼ୀ ବୁଧବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ବାଣ ବିସ୍ଫୋରଣ, ୫ ଗୁରୁତର

ଖୋର୍ଦ୍ଧା/ଟାଙ୍ଗୀ-ଖୋର୍ଦ୍ଧା,୯।୪
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡ଼ିଆ ପଞ୍ଚାୟତ ଭଙ୍ଗ ସାହିରେ ବୁଧବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଅଶୋକାଷ୍ଟମୀ ରଥ ବାହୁଡ଼ା ଯାତ୍ରାରେ ପ୍ରଦର୍ଶିତ ହେବାକୁ ଆତସବାଜି ପାଇଁ ବାଣ ପ୍ରସ୍ତୁତି ହେଉଥିବାବେଳେ ବିସ୍ଫୋରଣ ଘଟି ୪ ବାଣୁଆ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୋଲିସ ପହଞ୍ଚି ବାଣ ପ୍ରସ୍ତୁତ ବନ୍ଦ କରିଥିବା ସୂଚନା ମିଳିଛି।

ବହୁ ପୂର୍ବରୁ ଚାଲି ଆସିଥିବା ପ୍ରଥା ଅନୁଯାୟୀ ବାହୁଡ଼ା ଯାତ୍ରା ଦିନ କପିଳେଶ୍ୱର ଭେଟ ବାଲିରେ ଡିଆ ୪ ସାହି ପକ୍ଷରୁ ଆତସବାଜି କରାଯାଉଛି। କିନ୍ତୁ ବିଗତ କିଛି ବର୍ଷ ହେବ ବିଭିନ୍ନ ଅଘଟଣ ଘଟିଥିବାରୁ ଏହାକୁ ପ୍ରାୟଃ କିଛି ବର୍ଷ ହେବ ସଙ୍କୋଚିତ କରାଯାଇଛି। ବୁଧବାର ସନ୍ଧ୍ୟାରେ ଭଙ୍ଗ ସାହିରେ ପୁରୀ ଜିଲା କଣାସ ବ୍ଲକ ଗଡ଼ିଶାଗଦା ଥାନା ଅଧୀନ ଦିବ୍ୟସିଂହପୁର ପଞ୍ଚାୟତ ଗୋଡ଼ିପଦର (କଳାମାଟି) ଗ୍ରାମର ଅର୍ଜୁନ ପ୍ରଧାନ, ବାଲୁଙ୍କେଶ୍ୱର ମାଝୀ, ଅଭିମନ୍ୟୁ ସ୍ୱାଇଁ ଓ ପ୍ରତାପ କୁମାର ବାରିକ୍ ଚମ୍ପା ବାଣ ବାଡେଇ ପ୍ରସ୍ତୁତ କରୁଥିଲେ। ଏହି ସମୟରେ କୌଣସି କାରଣରୁ ତାହା ବିସ୍ଫୋରଣ ହୋଇଥିଲା। ଫଳରେ ଏମାନଙ୍କ ଆଣ୍ଠୁ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ବାଣ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ ଅଞ୍ଚଳ ଥରି ଉଠିଥିଲା।

# ୩ ବର୍ଷରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି ସକ୍ଷମ ଅଙ୍ଗନୱାଡ଼ି ହେବ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

**ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷାକଲେ ପ୍ରଭାତୀ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ନଭେମ୍ବର ମାସରେ ଅନୁଷ୍ଠିତ ଟେକ୍ ହୋମ୍ ରାଶନ ଯୋଜନା ଅନ୍ତର୍ଗତ କନ୍‌କ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ବିଶଦ ଆଲୋଚନା କରାଯାଇଥିଲା। ଉପ ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, କର୍ନାଟକ, ଆସାମ, ତେଲଙ୍ଗାନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଟେକ୍ ହୋମ ରାଶନ ମଡେଲଗୁଡ଼ିକ ଉପରେ ଚର୍ଚ୍ଚା କରିଥିଲେ। ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟା ଯାଉଥିବା ଟେକ୍ ହୋମ ରାଶନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ଏଥିପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଉପମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନୱାଡ଼ି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତା ଉପରେ ମଧ ସମୀକ୍ଷା କରିଥିଲେ। ସକ୍ଷମ ଅଙ୍ଗନୱାଡ଼ି କାର୍ଯ୍ୟକ୍ରମ ମାଧମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନୱାଡ଼ିରେ ପରିଣତ କରିବା ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ସର୍ବାଧିକ ପୋଷ୍ୟ ସନ୍ତାନ ଗ୍ରହଣ ହୋଇପାରିଛି। ସେହିଭଳି ଚଳିତ ବର୍ଷ ପୋଷ୍ୟ ସନ୍ତାନ ଗ୍ରହଣରେ ଓଡ଼ିଶା ଗତ ସମସ୍ତ ବର୍ଷର ରେକର୍ଡ ଭାଙ୍ଗିବ ବୋଲି ପ୍ରଭାତୀ କହିବା ସହ ମିଶନ ବାତ୍ସଲ୍ୟ ଅଧୀନରେ ଥିବା ଶିଶୁ ସୁରକ୍ଷା ସେବା ଯଥା ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଅନ୍ୟ ସେବାଗୁଡ଼ିକ ସମ୍ବନ୍ଧରେ ଅଧିକ ଜନ ସଚେତନତା ସୃଷ୍ଟି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୀତାଞ୍ଜଳି



@ ଅମୂଲ



@ ସୌଭାଗ୍ୟ



@ ଗୁଡୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖୁବ୍‌ଶୀଘ୍ର ବଜାରକୁ ଆସିବ ଓମ୍‌ଫେଡ୍ ଚକୋଲେଟ୍, ପାଣି ବୋତଲ

ଭୁବନେଶ୍ୱର,୯।୪
(ଅନୁରାଧା ମହାରଣା)

ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ (ଓମ୍‌ଫେଡ୍) ପ୍ରସ୍ତୁତ ଚକୋଲେଟ ଖୁବ୍‌ଶୀଘ୍ର ବଜାର ପ୍ରବେଶ କରିବ। ଏନେଇ ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି। ନ୍ୟାଶନାଲ ଡେଏରି ଡେଭଲପ୍‌ମେଣ୍ଟ ବୋର୍ଡ ପକ୍ଷରୁ ଏହାର ପ୍ରୋଜେକ୍ଟ ଡିଜାଇନ କରାଯାଇଛି। କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯାଇଛି। ଓମଫେଡ୍ ପାଣି ବୋତଲ ମଧ୍ୟ ବିକ୍ରି କରିବାକୁ ଯୋଜନା ରହିଛି। ଆସନ୍ତା ୪ ମାସ ଭିତରେ ଓମଫେଡ୍ ବଜାରରେ ପାଣି ବିକ୍ରି ଆରମ୍ଭ କରିପାରେ। ସେହିପରି ବୁଧବାର ଅରିଲୋସ୍ଥିତ ଓମଫେଡ୍ ପ୍ଲାଣ୍ଟ ପରିଦର୍ଶନରେ ଯାଇଥିବା ଗଣମାଧ୍ୟମର ୩୦ରୁ ଅଧିକ ପ୍ରତିନିଧିଙ୍କ ସହ ପ୍ଲାଣ୍ଟ ମ୍ୟାନେଜର କାର୍ତ୍ତିକ ପାଲ୍ ଓମଫେଡର ଦୁଗ୍ଧ ପ୍ରକ୍ରିୟାକରଣ, ଉତ୍ପାଦ ଓ ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏବେ ଓମଫେଡ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର। ବର୍ତ୍ତମାନ ଓମଫେଡ୍ ପକ୍ଷରୁ ବିଭିନ୍ନ ପ୍ରକାରର କ୍ଷୀର, ଘିଅ, ଦହି, ଲସି, ଖୁଆ, ପେଡ଼ା, ଲହୁଣୀ, ପନିର, ମିଠା ଦହି, ମିଲ୍କ ପାଉଡର ଆଦି ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ପ୍ରଣାଳୀରେ ଏହି ସବୁ ଉତ୍ପାଦ ପ୍ରସ୍ତୁତ କରାଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସମ୍ଭବ ହୋଇପାରିଛି। ଏହାବ୍ୟତୀତ ବର୍ଷକ ଭିତରେ ଓମ୍‌ଫେଡ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି। ଘିଅ ଉତ୍ପାଦନ ବୃଦ୍ଧି ପାଇଁ ଆଗାମୀ ଦିନରେ ଓମଫେଡ ଯୋଜନା ରଖିଛି। ମାସକୁ ଓମଫେଡ ୧୨୦ ଟନ୍ ଘିଅ ଉତ୍ପାଦନ କରୁଛି। ରାଜ୍ୟର ପ୍ରମୁଖ ମନ୍ଦିରରେ ଏହି ଘିଅ ବ୍ୟବହାର କରାଯାଉଥିବାବେଳେ ଦିଲ୍ଲୀ ହଜଖାସ୍ ଜଗନ୍ନାଥ ମନ୍ଦିର ସହ ଆଖପାଖର ଜଗନ୍ନାଥ ମନ୍ଦିରକୁ ମଧ୍ୟ ଓମଫେଡ୍ ଘିଅ ଯୋଗାଇ ଦିଆଯାଉଛି।

# ପୁସ୍ତକ ପଠନକୁ ନିୟମିତ ଦିନଚର୍ଯ୍ୟାରେ ସାମିଲ କରିବାକୁ ଆହ୍ୱାନ

**ଓଡ଼ିଆ ପକ୍ଷ ପାଳନର ନବମ ଦିବସ**

ଭୁବନେଶ୍ୱର, ୯।୪
(ସୌମ୍ୟରଞ୍ଜନ ରାଉତ)



'ଆସ ବହିଟିଏ କିଣିବା' ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଅତିଥି ଏବଂ ଅନ୍ୟମାନେ।

ଓଡ଼ିଆ ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ 'ଆସ ବହିଟିଏ କିଣିବା' ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଜଗତର ସାଧାକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ସାରା ରାଜ୍ୟରେ 'ଆସ ବହିଟିଏ କିଣିବା' ଅଭିଯାନକୁ ପାଳନ କରାଯାଇଥିଲା। ଏନେଇ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଜିଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ପୁସ୍ତକ ବିକ୍ରୟ କେନ୍ଦ୍ର ପରିଦର୍ଶନ କରିବା ସହିତ ବହି କିଣିଥିଲେ। ଏଥିସହିତ ମହାବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ସାହିତ୍ୟ ଏବଂ ପୁସ୍ତକ ପଠନ ସମ୍ବନ୍ଧୀୟ ଆଲୋଚନାଚକ୍ରର ଆୟୋଜନ କରାଯିବା ସହିତ ବହି କିଣିବା ଓ ପୁସ୍ତକ ପଠନକୁ ନିୟମିତ ଭାବରେ ନିଜର ଦିନଚର୍ଯ୍ୟାରେ ସାମିଲ୍ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟରେ ବିଭିନ୍ନ ସ୍ଥାନରେ ରହିଥିବା ବହି ଦୋକାନରେ ମଧ 'ଆସ ବହିଟିଏ କିଣିବା' ଅଭିଯାନକୁ ପାଳନ କରାଯାଇଥିଲା। ସେଥିଲାଗି ବହି ଦୋକାନଗୁଡ଼ିକରେ ପାଠକ ଏବଂ ବିଦ୍ୟାର୍ଥୀଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ସମସ୍ତେ ଆନନ୍ଦର ସହିତ ନିଜ ପାଇଁ ବହି କିଣିବା ସହିତ ନିଜ ବନ୍ଧୁ ପରିଜନମାନଙ୍କୁ ମଧ ବହିଟିଏ ଉପହାର ଭାବେ ପ୍ରଦାନ କରିଥିଲେ। ଏଥିସହିତ ବହି କିଣିବା ଓ ପଢ଼ିବାର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ୱେବସାଇଟ୍ www.odiapakhya.comରେ ଅପଲୋଡ଼ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ 'ଆସ ବହିଟିଏ କିଣିବା' ଅଭିଯାନରେ ସମସ୍ତ ଓଡ଼ିଶାବାସୀଙ୍କୁ ସାମିଲ ହେବା ପାଇଁ ଅପିଲ କରିବା ସହିତ ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିବା ନିମନ୍ତେ ସମସ୍ତଙ୍କୁ ପ୍ରେରଣା ଯୋଗାଇଥିଲେ।



ଅହମଦାବାଦର ସାବରମତି ରିଭର ଫ୍ରଣ୍ଟ ଇଭେଣ୍ଟ ସେଣ୍ଟରରେ ବୁଧବାର ଏଆଇସିସି ପକ୍ଷରୁ ଅନୁଷ୍ଠିତ ଅଧିବେଶନରେ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକ ସଭା ବିରୋଧ ଦଳ ନେତା ରାହୁଲ ଗାନ୍ଧୀ ଓ ଦଳୀୟ ନେତୃବୃନ୍ଦ।

# ବିଜେଡି: ବୈଠକ ପରେ ବୈଠକ

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ୱାକ୍‌ଫ ବିଲ୍‌କୁ ନେଇ ବିଜେଡିରେ ସୃଷ୍ଟି ହୋଇଥିବା ଝଡ଼ ଥମିବାର ନାଁ ଧରୁନାହିଁ। ଗତ ୪ ଦିନ ଧରି ବିଜେଡିର ରାଜ୍ୟ ସଭା ସଦସ୍ୟ, କେତେଜଣ ବରିଷ୍ଠ ଓ କନିଷ୍ଠ ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଛି। ଆଉ ଏହାକୁ ନେଇ କେତେବେଳେ ହୋଟେଲରେ ବରିଷ୍ଠ ନେତାଙ୍କ ବୈଠକ ବସୁଛି ତ ଆଉ କେତେବେଳେ ବିଧାୟକଙ୍କ ଘରେ ମେଳି ହେଉଛି। ଏହା ଦଳୀୟ ସ୍ଥିତିକୁ ଅଧିକ ଗୋଳମାଳିଆ କରୁଥିବା ଚର୍ଚ୍ଚା ଚାଲିଛି।

ବୁଧବାର ପଟିଆସ୍ଥିତ ଏକ ଘରୋଇ ହୋଟେଲରେ ବିଜେଡି ନେତାଙ୍କ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଶଶିଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ରସାରଥି ବେହେରା, ନୃସିଂହ ସାହୁ, ଭୂପିନ୍ଦର ସିଂ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଶଶିଭୂଷଣ କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ଆମର ନେତା ନବୀନ ପଟ୍ଟନାୟକ। ନବୀନଙ୍କ ଉପରକୁ ଯିଏ ଆକ୍ଷେପ କରିବ ତାକୁ ଛଡ଼ାଯିବ ନାହିଁବୋଲି ଶଶୀ କହିଛନ୍ତି। ସେହିପରି ବିଧାୟକ ପ୍ରତାପ ଦେବଙ୍କ ସରକାରୀ ବାସଭବନରେ ବୁଧବାର ମଧ୍ୟାହ୍ନରେଏକବୈଠକଅନୁଷ୍ଠିତହୋଇଥିଲା। ବୈଠକ ପରେ ବରିଷ୍ଠ ନେତା ଅରୁଣ ସାହୁ କହିଛନ୍ତି, ବିଜେଡି କିଭଳି ଅଧିକ ଶକ୍ତିଶାଳୀ ହେବ ସେନେଇ ଆଲୋଚନା ଚାଲିଛି। ଯେଉଁମାନେ ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ସମ୍ପର୍କରେ ଦଳର ସୁପ୍ରିମୋଙ୍କୁ ଅବଗତ କରାଯିବ। ଆଗକୁ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଅରୁଣ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଳର ୬ଜଣ ପୂର୍ବତନ ବିଧାୟକ ଦଳର ସୁପ୍ରିମୋଙ୍କୁ ଚିଠି ଲେଖି ଏହି ଘଟଣାର ସମୀକ୍ଷାପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ବିଜେଡିରେ ଯେଉଁ ବିଶୃଙ୍ଖଳା ଦେଖାଦେଇଛି ତାହା କେବଳ କ୍ଷମତା ପାଇଁ। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ଏବେ ବିଜୁଙ୍କ ଚିନ୍ତାଧାରାରୁ ବିଚ୍ୟୁତ ହୋଇସାରିଲାଣି।

## ପ୍ରଭାତଙ୍କୁ ମହଙ୍ଗା ଆକ୍ଷେପ

ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଭି.କେ. ପାଣ୍ଡିଆନଙ୍କୁ ନେଇ ଆକ୍ଷେପ କରିବା ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ମହଙ୍ଗା ପଡ଼ିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଖୋଲାଖୋଲି ଭାବେ ଗଣମାଧ୍ୟମ ସମ୍ମୁଖରେ ପ୍ରଭାତ ଦଳର କେହି ନୁହନ୍ତି ବୋଲି କହିବା ସହ ଚିଟ୍‌ଫଣ୍ଡ ମାମଲାରେ ସେ ଜେଲ୍ ଯିବା କଥା କହିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମରେ ପ୍ରଭାତଙ୍କ ଉପରୁ ୨୦୧୭ରେ ବିଜେଡି ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିବା ଏକ ଚିଠି ଘୂରି ବୁଲୁଛି। ୨୦୧୭ ନଭେମ୍ବର ୧୦ରେ ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକ ଉକ୍ତ ଚିଠିରେ ଦର୍ଶାଇଛନ୍ତି ଯେ, ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି ପ୍ରଭାତ ବିଜେଡିରେ ଏବେଯାଏ ଥିଲେ ତେବେ ସେ ଦଳରେ ନ ଥିଲେ ବୋଲି ନବୀନ କିଭଳି ଗଣମାଧ୍ୟମ ଆଗରେ କହିଲେ। ବାସ୍ତବରେ ପ୍ରଭାତଙ୍କ ନିଲମ୍ବନ କଥା ବିଜେଡି ସୁପ୍ରିମୋ ଜାଣିଛନ୍ତି କି ନା ତାହାକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଜେଡିର ରାଜ୍ୟ ସଭା ସଦସ୍ୟ ଓ ଅନ୍ୟ ବରିଷ୍ଠ ନେତାମାନେ ପାଣ୍ଡିଆନଙ୍କୁ ନେଇ ଯେଉଁ ଆକ୍ଷେପ କରିଛନ୍ତି ସେନେଇ ତାଙ୍କ ଉପରେ ଦଳ ପକ୍ଷରୁ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ତାହାକୁ ନେଇ ଚର୍ଚ୍ଚା ବଢ଼ିଲାଣି।

## ଓଡ଼ିଆ ଅସ୍ମିତା ଯୋଗୁ ବିଜେଡି ନିର୍ବାଚନ ହାରିଲା: ଦେବାଶିଷ

କଟକ,୯।୪(ଶିଲ୍ପା ପ୍ରିୟଦର୍ଶିନୀ)

ୱକଫ୍ ବିଲ୍‌ରେ ବିଜେଡିର ଭୋଟିଂ ପରେ ଶଙ୍ଖ ଦଳରେ ଏବେ ପୂରା ଗୋଳମାଳିଆ ସ୍ଥିତି ଦେଖାଦେଇଛି। ବୁଧବାର ବିଜେଡିର ଯୁବ ଓ ବରିଷ୍ଠ ନେତାମାନେ ଭିନ୍ନ ଭିନ୍ନ ସ୍ଥାନରେ ବୈଠକ କରିଥିବା ବେଳେ ଏହି ସମୟରେ ମୁହଁ ଖୋଲିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଦେବାଶିଷ ଉଲ୍ଲେଖ କରିଛନ୍ତି, ବିଜେଡିରେ ଯୋଗ ଦେଇଥିବା ନୂଆ ନେତାଙ୍କୁ ଦଳର ଇତିହାସ ବିଷୟରେ ଜଣାନାହିଁ। ଦଳ ପ୍ରତିଷ୍ଠା ଦିନଠାରୁ ଲକ୍ଷାଧିକ କର୍ମୀ, ବରିଷ୍ଠ ନେତା ବହୁ ସଂଗ୍ରାମ କରି ଏକ ଆଞ୍ଚଳିକ ଦଳକୁ ଜାତୀୟ ସ୍ତରରେ ପହଞ୍ଚାଇପାରିଥିଲେ। ମାତ୍ର ଏବେର କେତେଜଣ ନେତା ନବୀନ ବାବୁଙ୍କ ଆଦର୍ଶ, ଧର୍ମନିରପେକ୍ଷତା ଏବଂ ଓଡ଼ିଶା ପ୍ରତି ପ୍ରତିବଦ୍ଧତା ସହ ଅପରିଚିତ। ସେମାନେ ଆଉ କାହା ଇସାରାରେ ପରିଚାଳିତ। ସ୍ୱାଭିମାନ ନ ଥିବା ସ୍ୱାର୍ଥବାଦୀଙ୍କ ସମ୍ପର୍କରେ ମାତ୍ର ଏତିକି କୁହାଯାଇପାରେ, ସେମାନେ ଦଳ, ଓଡ଼ିଶା କିମ୍ବା ନବୀନ ପଟ୍ଟନାୟକଙ୍କର ନୁହନ୍ତି। ଓଡ଼ିଆ ଅସ୍ମିତା ପାଇଁ ଗତ ନିର୍ବାଚନରେ ବିଜେଡିର ପରାଜୟ ହୋଇଥିଲା। ଆମେ ଜଗନ୍ନାଥ ଦେଶର ଲୋକ। ଆମ ଅସ୍ମିତା ରକ୍ଷା କରିବା ଆମର ମୂଳଲକ୍ଷ୍ୟ ବୋଲି ଦେବାଶିଷ ଉଲ୍ଲେଖ କରିଛନ୍ତି।

## ପଶ୍ଚିମବଙ୍ଗରେ ଲାଗୁ ହେବନାହିଁ ୱାକ୍‌ଫ ଆଇନ: ମମତା

କୋଲକାତା,୯।୪



ମମତା ବାନାର୍ଜୀ

ୱାକ୍‌ଫ ସଂଶୋଧିତ ଆଇନକୁ ନେଇ ମୁସଲମାନ ସମ୍ପ୍ରଦାୟ ଚିନ୍ତିତ ଥିବାରୁ ପଶ୍ଚିମବଙ୍ଗରେ ଏହାକୁ ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂଖ୍ୟାଲଘୁମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ରାଜ୍ୟରେ ସଂଖ୍ୟାଲଘୁ ଓ ସେମାନଙ୍କ ସମ୍ପତ୍ତିକୁ ସୁରକ୍ଷା ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋଲକାତାରେ ଜୈନ ସମୁଦାୟର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ପଶ୍ଚିମବଙ୍ଗରେ 'କୌଣସି ବିଭାଜନ ଓ ଶାସନ ନୀତି' ରହିବାକୁ ଦିଆଯିବ ନାହିଁ। ୱାକ୍‌ଫ ଆଇନ ପ୍ରଣୟନ ନେଇ ମୁସଲମାନମାନେ ଅସନ୍ତୁଷ୍ଟ ଥିବା ବିଷୟ ସେ ଜାଣିଛନ୍ତି। ବିଶ୍ୱାସ ରଖନ୍ତୁ, ରାଜ୍ୟରେ ଏପରି କିଛି ହେବାକୁ ଦିଆଯିବ ନାହିଁ। ସମସ୍ତେ ଏକଜୁଟ ହୋଇ ରୁହନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି। ୱାକ୍‌ଫ ସଂଶୋଧନ ବିଲ୍‌କୁ ନେଇ ମୁର୍ଶିଦାବାଦ ଜିଲାରେ ମଙ୍ଗଳବାର ଘଟିଥିବା ହିଂସାକାଣ୍ଡକୁ ନେଇ ମମତା ଆହୁରି କହିଛନ୍ତି, ବାଂଲାଦେଶ ସୀମାନ୍ତ ଅଞ୍ଚଳରେ ସ୍ଥିତିକୁ ଦେଖ। ଏହି ବିଲ୍ ବର୍ତ୍ତମାନ ପାରିତ ହେବାର ନ ଥିଲା। ପଶ୍ଚିମବଙ୍ଗରେ ୩୩% ସଂଖ୍ୟାଲଘୁ ରହିଛନ୍ତି। ସେମାନଙ୍କ ସହ ମୁଁ କ'ଣ କରିବି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୱାକ୍‌ଫ ସଂଶୋଧନ ବିଧେୟକ ଲୋକ ସଭାରେ ଏପ୍ରିଲ ୩ ଓ ରାଜ୍ୟ ସଭାରେ ୪ ତାରିଖରେ ପାରିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ଉପରେ ଏପ୍ରିଲ ୬ରେ ସ୍ୱାକ୍ଷର କରିଥିଲେ। ଉକ୍ତ ବିଧେୟକ ଆଇନରେ ପରିଣତ ହୋଇଥିବା ନେଇ ମଙ୍ଗଳବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।


**STATE BANK OF INDIA**
**BANKI BRANCH(00222), At/PO.: Banki, Dist.: Cuttack, Pin-754008**

**MEMO REGISTERED A.D. POST**

To,
**Mr. Ranjan Rana,** S/o: Dusasan Rana, At: Nizigarh, PO: Tigiria, Dist: Cuttack-754030
**Ref No.: BR/STAFF/2024-25/16** **Date: 26.11.2024**
**Dear Sir,**

**UNAUTHORISED ABSENCE FROM DUTY**

Please refer to our **memo No.: BR/STAFF/2024-25/14, Dated 15.10.2024** calling upon you to report for duty. It is observed that you are continuing to be absent from duty since **24.06.2024**. The above position is highly irregular and in contravention of the rules governing your service in the Bank. You are therefore, hereby, advised to report for duty within 30 days of the date of this notice. If you fail to do so, you will be deemed to have voluntarily vacated your employment on the expiry of this notice, in which case you would also be liable to pay to the Bank one month's pay and allowances in lieu of the notice.

**Sd/- Chief Manager, Banki Branch**


# TAHASIL OFFICE, DARINGBADI
# DIST-KANDHAMAL
## LAND ACQUISITION OFFICER AND COMPETENTAUTHORITY
## DARINGBADI, DIST-KANDHAMAL

**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99

भारत का राजपत्र
The Gazette of India

ଅସାଧାରଣ (EXTRAORDINARY)
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ନୂଆଦିଲ୍ଲୀ, ଗୁରୁବାର, ମାର୍ଚ୍ଚ ୧୩, ୨୦୨୫ / ଫାଲଗୁନ 22, 1946
NEW DELHI, THURSDAY, 13TH MARCH, 2025 / FALGUNA 22, 1946

## MINISTRY OF ROAD TRANSPORT AND HIGHWAYS

**NOTIFICATION**

**New Delhi, the 13th March, 2025**

**S.O. 1193(E)**.— Whereas by the notification of the Government of India in the Ministry of Road Transport and Highways, **4609(E) Dated:22/10/2024** , published in the Gazette of India, Extraordinary, Part II, Section 3, Sub- section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), Central Government, after being satisfied that for the public purpose, the land, the brief description of which is given in the Schedule below, is required for "Widening and strenthening of Daringibadi Ghat portion from km 229.500 to km 256.468 of NH-59" in the district of KANDHAMAL in the state of ODISHA, hereby declares its intention to acquire such land

And where as the substance of the said notification has been published in **"The Prameya"** and **"Dharitri"** both dated **09/11/2024**; under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered andsettled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

| Name of village/ Town | Name of the Landowner/ interested person | Field Survey No. | Area of land in his share | Any structures/trees/ tube-well attached to the land | Name of the Bank & Branch in which he / she holds the Account | Particulars of the Bank Account No.______, IFSC Code of the Bank Branch |
|---|---|---|---|---|---|---|
| | | | | | | |

**Sd/- Tahasildar-cum-Land Acquisition Officer & Competent Authority, Daringbadi, Dist-Kandhamal**

## SCHEDULE

**Brief description of the land to be acquired, with or without structure, falling with in the NH59 in the stretch of land from Km. 229.500 to Km. 256.468 (Daringbadi) in the district of KANDHAMAL in the state of ODISHA**

**State: ODISHA** **District: KANDHAMAL**

| Sl. No. | Survey/Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **Taluk:Daringbadi** | | | | | |
| **Village:Subaranga** | | | | | |
| 1 | 200 | Private | Padara dui | 0.0817483 | Suryapati Parichha |
| 2 | 201 | Government (PARBAT) | abada ajagya anabadi | 0.186159 | Govt of Odisha |
| 3 | 201/234 | Government (abada jagya anabadi) | patita | 0.0356131 | Govt of Odisha |
| 4 | 202 | Government(Rakhita) | Nayanajori | 0.0627276 | Govt of Odisha |
| 5 | 203 | Government | Rasta | 0.1230271 | Govt of Odisha |
| 6 | 204 | Government | Nayanjori | 0.0886281 | Govt of Odisha |
| 7 | 205 | Government | Rasta | 0.1226224 | Govt of Odisha |
| 8 | 206 | Government(Rakhita) | Nayanjori | 0.0578713 | Govt of Odisha |
| 9 | 207 | Government(Parbat) | abada ajagya anabadi | 0.1922299 | Govt of Odisha |
| 10 | 222/229 | Government | Rasta | 0.1177661 | Govt.of Odisha |
| **Village: Malebadi** | | | | | |
| 11 | 385 | Government(Rakhita) | NayanJori | 0.048968 | Governmentof odisha |
| 12 | 386 | Government(rakhita) | rasta | 0.0853905 | Governmentof Odisha |
| 13 | 387 | Government(rakhita) | nayanjori | 0.0449211 | Governmentof Odisha |
| 14 | 388 | Government(abada jagyo anabadi) | forest | 0.116552 | Governmentof Odisha |
| **Village: Penapusi** | | | | | |
| 15 | 1 | Government(AABADA JOGYA ANABADI) | JANGAL | 0.169567 | Governmentof Odisha |
| 16 | 1/419 | Government | Nyanjori | 0.0720356 | Govt of Odisha |
| 17 | 13/426 | Government | JANGAL | 0.8648321 | Govt.of Odisha |
| 18 | 2 | Government(AABADA JOGYA ANABADI) | jangal | 0.25172 | Govt.of Odisha |
| 19 | 27 | Private | BILA DUI | 0.0109268 | Tanda Pradhan Dangu Pradhan Ganeswar Pradhan |
| 20 | 273 | Private | PADAR EK | 0.0772966 | KabirajPradhan, |
| 21 | 28 | Government | PATIT | 0.0072845 | Govt.of Odisha |
| 22 | 29 | Private | Bila ak | 0.0080939 | DalakPradhan,Nazara Pradhan, Rubunga Pradhan, Sitada Pradhan |
| 23 | 30 | Private | Bila AK | 0.0149737 | RupaPradhanS/O.Daba Pradhan |
| 24 | 31 | Government | NAYANJORI | 0.5912586 | Govt.of Odisha |
| 25 | 32 | Government | Rasta | 0.9461756 | Govt.of Odisha |
| 26 | 33 | Government | NAYANJORI | 0.1829219 | Govt.of Odisha |
| 27 | 33/417 | Private | PADAR DUI | 0.0485633 | Dalak Pradhan S/o.LambuPradhan |
| 28 | 34 | Private | Billa Dui | 0.0768919 | SridharPradhan,Sonof Narti Pradhan |
| 29 | 35 | Private | Billa Dui | 0.0149737 | Dalak Pradhan Son of LambuPrdahan, Nazara Pradhan Son of Bilu Pradhan Rubunga Pradhan Sitada Pradha Son of Pati Pradhan |
| 30 | 36 | Private | BILA AK | 0.0060704 | Rasapati Pradhan, Karunakar Pradhan Son of Indra Pradhan |
| 31 | 38 | Government | Jangal | 0.1728045 | Govt.of Odisha |
| 32 | 39 | Private | Bila Tini | 0.0331849 | Dalak Pradhan S/O.LambuPrdahan, |
| 33 | 391 | Government | RASTA | 0.0157831 | Govt.of Odisha |
| 34 | 392 | Government | JANGAL | 0.0028329 | Govt.of Odisha |
| 35 | 392/423 | Government | Jangal | 0.1630919 | Govt.of Odisha |
| 36 | 40 | Private | Bila dui | 0.087414 | Supersingh Pradhan, S/o.Bedanga Pradhan |
| 37 | 420 | Government | Rasta | 0.1181708 | Govt of Odisha |
| 38 | 421 | Government | Nayanjori | 0.072845 | Govt.of Odisha |
| 39 | 47 | Private | BILA AK | 0.0028329 | Sridhar Pradhan, S/o.NaratiPradhan |
| 40 | 48 | Private | Billa Dui | 0.01 | Dalak Pradhan Son of Laambu Pradhan, Najara Pradhan Son of Bilu Pradhan, Rubunga Pradhan, Sitada Pradhan Son of Pati Pradhan, Caste Kandha |
| 41 | 60 | Government | Jangal | 0.0817483 | Govt.of Odisha |
| 42 | 62 | Private | BILA DUI | 0.0024282 | Bisandra Pradhan, Sabindra Pradhan, Rajundra Pradhan S/o.Moranga Pradhan |
| 43 | 75 | Government | GOCHAR | 0.1740186 | Govt of Odisha |
| | | | **Total** | **5.6449652** | |

**[F.No.RO/BBSR/11017/LA/97/2016/3D]**
**SHAIKHAMINKHAN, Director**

# ଶ୍ରେଷ୍ଠ ଡିଲର୍ସଙ୍କୁ ମାରୁତି ସ୍ୱିଫ୍ଟ କାର୍ ଉପହାର



ପ୍ରଗତି ଏଡିବେଲ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ପୁରୁଷୋତ୍ତମ ଅଗ୍ରୱାଲ ଉଭୟ ପ୍ରଦୀପ ଅଗ୍ରୱାଲ ଏବଂ ସୁକାନ୍ତ କୁମାର ସାହୁଙ୍କୁ ପୁରସ୍କାର ଆକାରରେ କାର୍ ଚାବି ପ୍ରଦାନ କରୁଛନ୍ତି।

## ଅନୁଗୋଳରେ ପ୍ରଗତି ଗ୍ରାଣ୍ଡ ଫେଲିସିଟେଶନ ପ୍ରୋଗ୍ରାମ

ଭୁବନେଶ୍ୱର,୯।୪ (ଅଭୟ ଦାଶ)

ପ୍ରଗତି ଏଡିବେଲ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ପ୍ରଗତି ଗ୍ରାଣ୍ଡ ଫେଲିସିଟେଶନ ପ୍ରୋଗ୍ରାମ' ବୁଧବାର ଅନୁଗୋଳର ଅମଳପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଗତିର ଶ୍ରେଷ୍ଠ ଡିଲର୍ସ ପ୍ରଦୀପ ଅଗ୍ରୱାଲ (ପ୍ରଦୀପ ଟ୍ରେଡିଂ କମ୍ପାନୀ) ଏବଂ ସୁକାନ୍ତ କୁମାର ସାହୁ (ଜଗନ୍ନାଥ ଭଣ୍ଡାର)ଙ୍କୁ ସମ୍ମାନିତ ସହ ମାରୁତି ସ୍ୱିଫ୍ଟ କାର୍ ଉପହାର ଆକାରରେ ଦିଆଯାଇଛି। ଏହି ଅବସରରେ ପ୍ରଗତି ଏଡିବେଲ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ପୁରୁଷୋତ୍ତମ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡିଲର୍ସ ସହଯୋଗୀଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତି ଏଡିବେଲ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ଅମୂଲ ଅଗ୍ରୱାଲ ଏବଂ ଶ୍ରେୟାଂଶ ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ପ୍ରଗତି ଏଡିବେଲ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ପୁରୁଷୋତ୍ତମ ଅଗ୍ରୱାଲ କହିଥିଲେ, ଆମେ ଆମର ସହଯୋଗୀଙ୍କୁ ସେମାନଙ୍କର କାର୍ଯ୍ୟ ପାଇଁ ସମ୍ମାନିତ କରିବା ସହ ପୁରସ୍କୃତ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ରାଣ୍ଡର ପ୍ରଚାରପ୍ରସାର ସହ କାରବାରରେ ଡିଲର୍ସଙ୍କ ଭୂମିକା ବେଶ୍ ପ୍ରଶଂସନୀୟ ରହିଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ। ଯେଉଁମାନେ କାରବାରରେ ଶ୍ରେଷ୍ଠ ସ୍ଥାନ ହାସଲ କରିବେ,ଆମେ ସେମାନଙ୍କୁ ପୁରସ୍କୃତ କରିବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ସମୃଦ୍ଧ ଦେଶ ଗଠନ ପାଇଁ ଲୋଡ଼ା ସାମୂହିକ ପ୍ରୟାସ

## ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ' ମଞ୍ଚରେ ଶ୍ରୀ ଶ୍ରୀ ରବିଶଙ୍କର

ଭୁବନେଶ୍ୱର,୯।୪

ଆମେରିକାର ମାସାଚ୍ୟୁସେଟ୍ସ ସ୍ଥିତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍‌ପଲିଟିକ୍ସ ଫୋରମ ପକ୍ଷରୁ ହାର୍ଭାର୍ଡ ମେଡିକାଲ ସ୍କୁଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଏବଂ ହାର୍ଭାର୍ଡ ଶିକ୍ଷାର୍ଥୀ ସ୍ୱାସ୍ଥ୍ୟ ସପ୍ତାହ ପାଳନ ଅବସରରେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଏକ ସମୃଦ୍ଧ ଦେଶ ଗଠନ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗୁରୁଦେବ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରାଧ୍ୟାପକ ତଥା ମନସ୍ତତ୍ତ୍ୱବିତ୍ ରବର୍ଟ ୱାଲ୍‌ଡିଙ୍ଗରଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ଆମ ମସ୍ତିଷ୍କ ପ୍ରକୃତରେ ଆମକୁ କ୍ଷତି ପହଞ୍ଚାଇବାକୁ ଥିବା ଜିନିଷ ଉପରେ ଧ୍ୟାନଦେବାକୁ ବିକଶିତ ହୋଇଛି। ମନୁଷ୍ୟକୁ ଶାନ୍ତ ରହିବାକୁ ନିୟମିତ ଧ୍ୟାନ କରିବା ଓ ପ୍ରକୃତି ସହ ଯୋଡ଼ି ହେବା ଉଚିତ। ମନୁଷ୍ୟ ଶିଶୁ ଅବସ୍ଥାରେ ଆଦୌ ଅସନ୍ତୁଷ୍ଟ ନ ହୋଇ ନ ଥାଏ। କେବଳ ମୌଳିକ ଆବଶ୍ୟକତା ପୂରଣ ନ ହେଲେ ହିଁ ଜଣେ ଶିଶୁ ଅସନ୍ତୁଷ୍ଟ ହୋଇଥାଏ। ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଗଣତନ୍ତ୍ର ଉପରେ ଆମେରିକାବାସୀଙ୍କ ବିଶ୍ୱାସକୁ ନେଇ କହିଥିଲେ, ବହୁ ଗଣତାନ୍ତ୍ରିକ ଦେଶ ତୁଳନାରେ ଏହି ଦେଶ (ଆମେରିକା) ରେ ଲୋକଙ୍କ ମତଦାନ ହାର କମ୍ ରହିଛି।



ଶ୍ରୀ ଶ୍ରୀ ରିବଶଙ୍କର ଏବଂ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରାଧ୍ୟାପକ ତଥା ମନସ୍ତତ୍ତ୍ୱବିତ୍ ରବର୍ଟ ୱାଲ୍‌ଡିଙ୍ଗର ବାର୍ତ୍ତାଳାପ କରୁଛନ୍ତି।

# ଡିସେମ୍ବରରେ ଜିଓର ୧.୫ ଲକ୍ଷରୁ ଅଧିକ ନୂଆ ଗ୍ରାହକ

ଭୁବନେଶ୍ୱର,୯।୪

ଓଡ଼ିଶା ବଜାରରେ ରିଲାଏନ୍ସ ଜିଓ କ୍ରମାଗତ ଭାବେ ନୂଆ ଗ୍ରାହକ ସଂଯୋଗ ବୃଦ୍ଧି କରିଚାଲିଛି। ଏପରିକି ୨୦୨୪ ଡିସେମ୍ବରରେ ଜିଓ ୧.୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ୱାୟାରଲାଇନ୍ ଗ୍ରାହକ ଯୋଡିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ଡିସେମ୍ବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ୧.୩୪ ଲକ୍ଷରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଏବଂ ୧୬,୬୦୦ ରୁ ଅଧିକ ନୂତନ ଜିଓଫାଇବର/ ଜିଓ ଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୬ କୋଟି ଅତିକ୍ରମ କରିଛି। ଜିଓ ବ୍ୟତୀତ ଡିସେମ୍ବରରେ ଏୟାରଟେଲ୍ ଓଡ଼ିଶାରେ କେବଳ ୧୮,୦୦୦ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ବିଏସ୍‌ଏନ୍‌ଏଲ୍ ୯୦୦୦ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି।ଭୋଡାଫୋନ ଆଇଡ଼ିଆ ଏହି ମାସରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୨୦୨୪ ଡିସେମ୍ବରରେ ୧.୫୮ ଲକ୍ଷ ବୃଦ୍ଧି ପାଇ ୩.୪୩ କୋଟିରେ ପହଞ୍ଚିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ଡିସେମ୍ବରରେ ସର୍ବାଧିକ ସଂଖ୍ୟକ ମୋବାଇଲ ଗ୍ରାହକ ଯୋଡ଼ିଛି ଏବଂ ଏହି ମାସରେ ୩୯ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଜିଓ ନେଟ୍‌ୱର୍କରେ ଯୋଗଦେଇଛନ୍ତି। ରିଲାଏନ୍ସ ଜିଓ ରାଜ୍ୟରେ ୪ ଲକ୍ଷ ୱାୟାରଲାଇନ୍ ବା ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ହାସଲକରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହାର ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ୩ଗୁଣ ଅଧିକ ରହିଛି। ଏହାସହ ଜିଓ ବର୍ତ୍ତମାନ ଓଡ଼ିଶାରେ ୬୫% ୱାୟାରଲାଇନ୍ ଗ୍ରାହକ ବଜାର ଅଂଶ ହାସଲ କରିଛି ଏବଂ ୪ ଲକ୍ଷରୁ ଅଧିକ ଜିଓଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ସର୍ବାଧୁନିକ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ), ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋଗ କରୁଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ



ମୁମ୍ବାଇ,୯।୪

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୮୦ (୩୭୯.୯୩) ପଏଣ୍ଟ ହ୍ରାସ ଘଟି ୭୩,୮୪୭ (୭୩,୮୪୭.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୩୭ (୧୩୬.୭୦) ପଏଣ୍ଟ କମି ୨୨,୩୯୯ (୨୨,୩୯୯.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


**OFFICE OF THE NOTIFIED AREA COUNCIL : KESINGA**

No.1003 / NAC(K) Dated

CORRIGENDUM TO SHORT QUOTATION CALL NOTICE NO. 882 DT.27.03.2025

**No.C-59** : The last date of submission of quotation is here by extended up to 3.00 P.M. on 09.04.2025 and will be opened on the same day at 4.00 P.M. All other terms and condition remain unchanged.

Sd./- Executive Officer, N.A.C., Kesinga

OIPR-13109/11/0030/2425

**OFFICE OF THE ANGUL MUNICIPALITY, ANGUL** No.C-63

e-Procurement Notice

Bid Identification No. - EO/RFP/AGLM-01/2025-26

e-mail ID - angulmunicipality@gmail.com

RFP Notice No. 1093 Date : 07.04.2025

1. Name of the Project : Providing Consultancy Services for Preparation of comprehensive Drainage Master Plan and DPR for Storm Water Drainage System of Angul Municipality, in the District of Angul, Odisha
2. Period of contract : 06 (six) Calendar month

Date and Time Schedule :

| Start | End | Technical bid Opening |
|---|---|---|
| 11.00 A.M. on 09.04.2025 | 5.00 P.M. on 22.04.2025 | 11.30 A.M. on 23.04.2025 |

Tender details can be seen from the procurement portal : www.tendersodisha.gov.in

Sd./- S.P. Tripathy, Executive Officer, Angul Municipality

OIPR-13085/11/0030/2425

**ODISHA HYDRO POWER CORPORATION LTD**

CIN: U40101OR1995SGC003963 (GOVERNMENT OF ODISHA UNDERTAKING)

OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA

At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)

WEB: www.ohpcltd.com ☎ (0663) 2460661,

No.CAD-81: Email-hpschiplima@yahoo.in, Fax No. (0663) 2460505

No.-CHEP/TW-112 (Part File)/1214 Date: 07.04.2025

TENDER CALL NOTICE NO.-CHEP-02/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the Reputed Firms / Agencies having valid Firm's Registration Certificate and Experience in similar nature of works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Repair & Replacement of damaged Roller Bearing of Gate No.2 & 6 of Head Regulator, CHEP, Chiplima | Rs.708.00 (Rs.600.00 + GST@18%) | Rs.1,33,062.00 / EMD = Rs.1,350.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.10.04.2025 up to 10:30 AM of dtd.23.04.2025.

OIPR-04006/11/0070/2425 Sd/- C & P Head, CHEP, Chiplima

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**

INVITATION FOR BIDS (IFB)

E-mail ID : cebuildings_orissa@yahoo.co.in, cebuildings@rediffmail.com,

No.B-17 Tel. (0674)-2391523

File No.B-I-Home-24/2025 Lr.No. 14444 Dtd. 4th Apr., 2025

NOTICE INVITING REQUEST FOR PROPOSAL (RFP)

Bid Identification No: C.E. (B) - 01 / 2025-26

1. Chief Engineer (Buildings-II), Odisha, Bhubaneswar on behalf of Governor of Odisha invites proposals from experienced and reputed Consulting firms to provide Service of Programme Management Consultancy.

| Sl. No. | Name of Project | EMD | Bid Processing Fee | Period of Service |
|---|---|---|---|---|
| 1. | Selection of Programme Management Consultant (PgMC) for the work, "Construction of New Building of Odisha Bhawan at New Delhi, Chanakyapuri, New Delhi." | 2,00,000/- | 10,000/- | 30 (Thirty) Calendar Months |

1. The bidders must participate in Online bidding only. The website for "ONLINE BIDDING" is https://www.tendersodisha.gov.in
2. Bid documents will be available in the above website from **15.04.2025 to 05:00 P.M. of 07.05.2025** "ONLINE BIDDING".
3. The Pre-Bid queries from the bidders shall be received through e-mail on cebuildings_orissa@yahoo.co.in on or before **dtd.24.04.2025 till 5.00 P.M.**
4. The Prebid meeting will be held on **dtd. 25.04.2025** in the Conference hall of Chief Engineer (Buildings), Nirman Soudh, Bhubaneswar.
5. The Prebid Clarification shall be uploaded on e-procurement portal on **dtd.28.04.2025**.
6. Last date/time for receipt of bid in web portal is **dtd. 07.05.2025**.
7. The tender will be opened on **dtd. 08.05.2025 at 11:00 A.M.** in the office of the E.I.C (Civil), Nirman Soudh Odisha, Bhubaneswar in the presence of the bidders, who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the scheduled date of opening, then the bid will be opened on the next working day at the same time and venue.
8. The bidder must possess compatible Digital Signature Certificate (DSC) of Class-II or Class-III. 9. Bids submitted other than e-procurement platform shall not be considered.
10. Further details can be seen from the e-Procurement portal https://www.tendersodisha.gov.in.
11. The authority reserves the right to cancel any or all bids without assigning any reason thereof.
12. The addendum / corrigendum if any will be posted in the e-procurement portal only.

Sd./- Chief Engineer (Buildings-II), Odisha, Bhubaneswar

OIPR-34117/11/0074/2425

**Government of Odisha Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-20

E-Mail : rw.kamakhyanagar@yahoo.co.in

e-procurement Notice No. 01 / Building Work / 2025-26

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 04 (Four) Nos. |
| 3 | Tender Cost | : | Rs. 5.67 to 27.00 lakhs (approx) |
| 4 | Class of Contractor | : | "C" & "B" Class |
| 5 | Period of Completion | : | 6 calendar months |
| 6 | Availability of Tender online for bidding | : | 11.04.2025 at 11.00 A.M. to 22.04.2025 up to 5.00 P.M. |
| 7 | Last Date & Time of seeking tender clarification | : | 21.04.2025 upto 4.00 P.M. |
| 8 | Date & Time of opening of Bid | : | 23.04.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer, R.W. Division-II, Dhenkanal Kamakhyanagar

OIPR-25094/11/0023/2425

**ODISHA HYDRO POWER CORPORATION LTD**

CIN: U40101OR1995SGC003963 (GOVERNMENT OF ODISHA UNDERTAKING)

OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA

At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)

WEB: www.ohpcltd.com ☎ (0663) 2460661,

No.CAD-80: Email-hpschiplima@yahoo.in, Fax No. (0663) 2460505

No.-CHEP/TW-156 (Vol.-X)/1253 Date: 08.04.2025

TENDER CALL NOTICE NO.-CHEP-03/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine with Hydraulic operated Telescopic Boom for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Operation & Maintenance Contract of GMW Make Trash Rack Cleaning Machine installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.65,43,073/- EMD=Rs.65,450/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.11.04.2025 up to 10:30 AM of dtd.22.04.2025.

OIPR-04006/11/0071/2425 Sd/- C & P Head, CHEP, Chiplima

**GOVERNMENT OF ODISHA, DEPARTMENT OF WATER RESOURCES** No.A-28:

OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR

'e' Procurement Notice No. ACECIC-01/2025-26

| Procure-ment Officer | Bid Identifica-tion No. | Name of Work | Cost of Work (Rs.in Lakhs) | Bid Secu-rity (Rs.) E.M.D. | Cost of Bid docu-ments (Rs.) | Class of Contrac-tor | Bid documents available online for bidding | | Date of opening of Technical Bid | Period of Comple-tion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhu-baneswar | NGR-01/ 2025-26 | Cement Concrete Lining in Right Distributary of Kuanria Irrigation Project from RD. 11.00 Km to 18.20 Km) | 834.63 | 834700/- Online | 10000/- (Online) | "A" & "Special" Class | 11.04.2025 At 10.00 Hours | 25.04.2025 At 17.00 Hours | 28.04.2025 At 11.00 Hours | 18 (Eighteen Calendar Months) |

e-mail Id:secic_dowr@yahoo.com.

Further details conditions can be seen from Govt. website www.tenderorissa.gov.in.

OIPR-32160/11/0025/2425 Sd./- Additional Chief Engineer, Central Irrigation Circle

**GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA** No.O-30

e-mail: serwsbd2003@yahoo.com

No.1304 **1st Corrigendum** Dt:07.04.25

In continuation to this office Bid Identification No- CCERWCSBD Online-24/2024-25 invited vide this office Notice No.972, Dtd.17.03.2025, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 26.03.2025 at 11.00 AM to 09.04.2025 upto 5.00 PM | Extended upto 17.04.2025, 5.00 PM |
| 2 | Date and Time of seeking tender clarification if any | 08.04.2025 upto 2.00 PM | 16.04.2025 upto 2.00 PM |
| 3 | Date & Time of opening of tender (Technical Bid) | 10.04.2025 at 11.00 AM | 19.04.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

OIPR-25182/11/0050/2425 Sd./- Chief Construction Engineer, Rural Works Circle, Sunabeda

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

"e" Procurement Notice for Road Work

Identification No.-Online Tender-Road N.C.B. No.373 for 2024-25

Letter No.1700/ Date 5.4.25

**No.O-24:**Name of the Work: Post DLP Maintenance of PMGSY Road Works in the District of Mayurbhanj for the year 2024-25. 2. Total No. of Work: 01 No. (One). 3. Estimated Cost: Rs.110.80 Lakhs (approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.373 | Dt.10.04.2025 at 11.00 A.M. | Dt.24.04.2025 upto 5.00 P.M. | Dt.23.04.2025 upto 5.00 P.M. | Dt.25.04.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

OIPR-25130/11/0026/2425 Sd./-Chief Construction Engineer, R.W.Circle, Baripada

**NATIONAL COMPETITIVE BIDDING THROUGH e-Procurement**

Tel.No.06752222092, e-mail id- eerwpuri@gmail.com

No.O-32: TCN No.TENDER ONLINE-02 OF 2025-26

No.4307/ Dt.7.04.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri. 1. Total no. of works:**2 nos.**, 2. Tender cost of packages: Amount varies from **Rs.71.64 lakhs**. 3. Class of Contractor: **As per DTCN**. 4. Period of completion: **5 (Five) Calendar Months**. 5. Period of availability of tenders on-line / Date and time of bidding on-line/ last date of seeking clarification/ Date of Opening of tender papers.

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-02 | 17.04.2025 at 11.00 A.M. | 30.04.2025 upto 5.00 P.M. | 29.04.2025 upto 01.30 P.M. | 01.05.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in."

OIPR-25065/11/0017/2425 Sd./- Superintending Engineer, R.W.Division, Puri

**ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର** No.A-29:

ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: EE-DD-CTC-01/2025-26

୧.କାର୍ଯ୍ୟର ନାମ : ମୋଟ ୦୨ (ଦୁଇ) ଗୋଟି ଜଳନିକାସ କାର୍ଯ୍ୟ ।

୨.ଅଟକଳ ମୂଲ୍ୟ: ୭୩.୫୧ ଲକ୍ଷ ଟଙ୍କା ଏବଂ ୮୩.୭୫ ଲକ୍ଷ ଟଙ୍କା ।

୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୦୯ (ନଅ) ମାସ ।

୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୧୧.୦୪.୨୦୨୫ର ୧୧.୦୦ ଘଣ୍ଟାରୁ ତା.୨୫.୦୪.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।

୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୨୫.୦୪.୨୦୨୫ ର ୧୮.୦୦ ଘଣ୍ଟା ।

୬.ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଜନ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩; ଇ-ମେଲ୍:eeddcuttack@gmail.com

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।

ସ୍ୱା./-ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଜନ, କଟକ

OIPR-32466/11/0003/2425

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**

(AN AUTONOMOUS INSTITUTE OF GOVERNMENT OF ODISHA)

Siripur, Bhubaneswar-751003, Odisha

Ph.- (0674) 2974145, E-mail:imagebbsr@rediffmail.com

No.1641/IMAGE Dated: 09.04.2025

**RFP for "Selection of Event Management Agency for Organization of State Level Krushak Divas-2025"**

**No.CAD-74:**IMAGE invites RFP for **"Selection of Event Management Agency for Organization of State Level Krushak Divas-2025".** The detailed RFP document can be downloaded from the website www.agri.odisha.gov.in & https://image.odisha.gov.in from dt.09.04.2025. The last date for submitting the RFP documents alongwith Bid Processing Fees of Rs.5,000/- (Rupees Five Thousand) only in favour of Director, IMAGE payable at Bhubaneswar through Speed Post/ Registered Post/ Courier on or before dt.22.04.2025 upto 04.00 P.M. The Technical Bids will be opened on dt.23.04.2025 at 11.30 AM. The Financial Bids will be opened on dt.24.04.2025. IMAGE reserves the right to accept or reject any/ all proposals/ terminate the entire selection process at any stage without assigning any reason thereof.

OIPR-01408/11/0021/2425 Sd./- DIRECTOR, IMAGE

**OFFICE OF THE DISTRICT FISHERIES OFFICER, KAUSALYAGANGA**

Email - dfo.kanga@gmail.com Phone : 0674-2465771

No. 323 /Date : 07.04.2025

CORRIGENDUM NOTICE TO THE TENDER CALL NOTICE NO. -297/DATE-29.03.2025 PROCUREMENT OF LIVE FISH BROOD STOCK

**No.M-02** : In pursuance to the Tender Call Notice No.-297 Dated-29.03.2025 the following corrections/modifications have been made.

| Originally Published as | Corrections / Modifications |
|---|---|
| Date of opening of the tender - 20th April 2025 at 3 P.M. | Date of opening of the tender - 21st April 2025 at 3 P.M. |
| Sl. No. - 1 The rate should be quoted **per / kg pieces wise and they** must certify the species / origin of breeder. | Sl. No. - 1 The rate should be quoted **per kg (Species wise) and the supplier** must certify the species and origin of breeder |
| Sl. No. - 2 The payment will be made after delivery of the **healthy** in desired condition | Sl. No. - 2 The payment will be made after delivery of the **healthy live brood fish** in desired condition |
| All other terms and conditions of the tender call notice shall remain unchanged | |

Sd./- (B. P. Dwivedy) District Fisheries Officer Kausalyaganga

OIPR-06040/11/0003/2425

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-76

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.IDCO/H.O./P&C/ EST/E-1057/03/2024/ 10124, dated: 08.04.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the Work:** Construction of RCC Drains with cover slab (infocity Road to Venkateswar School connecting to Sai Vihar) at Chandaka Industrial Estate, Bhubaneswar, Odisha.
2. **Value of the work:** Rs.44.32 Lakhs.
3. **Period of Completion:** 03 (Three) Calendar Months
4. **Other details :**

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-49/ 2024-25 | 11.04.2025 at 17.00 Hrs. | 24.04.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

Sd./- Chief General Manager (P&C) IDCO, Bhubaneswar

OIPR-14003/11/0131/2425

# ନକଲି ଆପ୍ ଜରିଆରେ ଠକେଇ

- ସାଇବର ଗ୍ୟାଙ୍ଗ୍‌ର ୯ ଗିରଫ
- ୟୁଏଇରୁ ରାଉରକେଲା ପର୍ଯ୍ୟନ୍ତ ଲମ୍ବିଛି ନେଟ୍‌ୱର୍କ
- ୧.୪୧ କୋଟି ଟଙ୍କା ଫ୍ରିଜ୍

ରାଉରକେଲା,୯।୪(ସଙ୍ଗୀତା ଜେନା)

ନକଲି ଆପ୍ ଜରିଆରେ ବହୁ କୋଟି ଟଙ୍କା ଠକେଇର ପର୍ଦ୍ଦାଫାଶ କରିଛି ରାଉରକେଲା ପୋଲିସ। ଏହି ଠକେଇରେ ଅନ୍ତର୍ଜାତୀୟ ସାଇବର ଗ୍ୟାଙ୍ଗ୍‌ର ୯ଜଣଙ୍କୁ ବୁଧବାର ପୋଲିସ କବ୍‌ଜାକୁ ନେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ୟୁଏଇରେ ରହୁଥିବା ଛତିଶଗଡ଼ ରାୟପୁରର ମାଷ୍ଟରମାଇଣ୍ଡ କିଷନ ଅଗ୍ରୱାଲ(୨୬), କୁନାଲ ଅଗ୍ରୱାଲ(୨୫), ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗର ଅର୍ଜ୍ଜୁନ ସିଂହ(୨୭), ଛତିଶଗଡ଼ ଯାସପୁରର ଗିରିଧାରୀ ସିଂହ(୨୪), କୋରବାର ଅଜୟ କୁମାର(୨୫), ବାଲୋଦାବଜାରର ସନ୍ଦୀପ ସୋନି(୨୮), ଚାମ୍ପାର ସୌମେନ୍ଦ୍ର ସିଂ ରାଜପୁତ(୨୮), ରାୟଗଡ଼ର ଅଭିଜିତ୍ ଭରଦ୍ୱାଜ(୨୭) ଏବଂ ଜାଗିରଚାମ୍ପାର ଦିନେଶ ସାହୁ(୨୫)। ଏନେଇ ଏକ ମାମଲା(ନଂ.୪/୨୫) ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୫ଟି ଲାପ୍‌ଟପ୍, ୩୧ଟି ମୋବାଇଲ, ୬୮ଟି ସିମ୍‌କାର୍ଡ, ୨ଟି ଜିଓ ଫାଇବର ରାଉଟର୍, ୨୦ଟି ପରିଚୟପତ୍ର, ୪ଟି ବ୍ୟାଙ୍କ ପାସ୍‌ବୁକ୍ ଏବଂ ଚେକ୍‌ବୁକ୍, ୨ଟି ପେନ୍‌ଡ୍ରାଇଭ୍, ୧୯ଟି କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ, ଗୋଟିଏ ମାରୁତି ସ୍ୱିଫ୍ଟ କାର ଓ ସ୍କୁଟି ଜବତ ହୋଇଛି। ୟୁଏଇରୁ ଏହି ସାଇବର ଠକେଇ ଚେର ରାଉରକେଲା ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

ପଶ୍ଚିମାଞ୍ଚଳ ଡିଆଇଜି ରାୟ କହିଛନ୍ତି, ରାଉରକେଲା ଓ ବାହାର ରାଜ୍ୟର ପ୍ରାୟ ୨୭ ଜଣ ଅଭିଯୋଗକାରୀଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ସମୟରେ କିଛି ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ବ୍ୟାପକ ଅର୍ଥ କାରବାର ଲକ୍ଷ୍ୟ କରାଯାଇଥିଲା। ଉକ୍ତ ଆକାଉଣ୍ଟଗୁଡ଼ିକୁ ୧୭୬ଟି ଅନ୍ୟ ବ୍ୟାଙ୍କରୁ କାରବାର ହୋଇଥିଲା। ସନ୍ଦେହ ଆଧାରରେ ତଦନ୍ତ କରାଯାଇ ରାଉରକେଲା ସିସି ଆଣ୍ଡ ଇଓ ପୋଲିସ ସିଭିଲ ଟାଉନଶିପ୍ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଚଢ଼ାଉ କରିଥିଲା। ସେଠାରୁ ପ୍ରଥମେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରେ ବାସନ୍ତୀ କଲୋନୀ ଅଞ୍ଚଳରେ ଚଢ଼ାଉକରି ୫ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବ୍ୟାପକ ସାମଗ୍ରୀ ଜବତ ହୋଇଥିଲା। ସେମାନେ ଏକ ନକଲି ଆପ୍ 'ଟ୍ରେଡ୍ ନାଓ' ଜରିଆରେ ଲୋକଙ୍କୁ ପ୍ରଲୋଭିତ କରି ଠକୁଥିଲେ। ୟୁଏଇରେ ରହୁଥିବା କିଷନଙ୍କ ନେତୃତ୍ୱରେ ପ୍ରତ୍ୟେକ ଦିନ ୫୦ ଲକ୍ଷର କାରବାର ହେଉଥିଲା। ହୱାଲା ଅପରେଟର୍‌ଙ୍କ ଜରିଆରେ ଦକ୍ଷିଣ ଓ ପଶ୍ଚିମ ଏସୀୟ ଦେଶରେ ଏହି ରାକେଟ୍ ସକ୍ରିୟ ଥିଲା। ମାଷ୍ଟରମାଇଣ୍ଡ ଛତିଶଗଡ଼ ନିବାସୀ ହୋଇଥିଲେ ମଧ୍ୟ ସେ ୟୁଏଇରେ ରହୁଥିଲେ। ହେଲେ ରାଉରକେଲା ଯା'ଆସ କରୁଥିଲେ। ଚଢ଼ାଉ ଦିନ ସେ ୟୁଏଇ ଖସିଯିବା ପୂର୍ବରୁ ସହଯୋଗୀଙ୍କ ସମେତ ପୋଲିସ ହାତରେ ଧରାପଡ଼ିଥିଲେ। ଧରାପଡ଼ିଥିବା ଗ୍ୟାଙ୍ଗ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ୨୭ଟି ମାମଲା ରୁଜୁ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୩ଟି ବ୍ୟାଙ୍କ ଆକାଉଣ୍ଟରେ ୧.୪୧ କୋଟି ଟଙ୍କା ଫ୍ରିଜ୍ କରାଯାଇଛି ବୋଲି ରାୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି, ଅନ୍ୟ ଆପ୍‌ଗୁଡ଼ିକ ସେବି ପରିଚାଳନାରେ ରହୁଥିବାବେଳେ ଟ୍ରେଡ୍ ନାଓ ଆପ୍‌ରେ ସେପରି କୌଣସି ରେକର୍ଡ ହସ୍ତଗତ ହୋଇ ନ ଥିଲା। ଯୁବପିଢ଼ିଙ୍କ ଜରିଆରେ ଏପରି ରାକେଟ୍ ସକ୍ରିୟ ରହିଛି। ଉକ୍ତ ମାମଲାରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ୱାଧୱାନୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏସ୍‌ଡିପିଓ ଅମ୍ବିତ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ୯ ଅଭିଯୁକ୍ତ।

## ହାତଗୋଡ଼ ବାନ୍ଧି ଲୁଟି ନେଲେ ଲକ୍ଷାଧିକ ଟଙ୍କାର ଗହଣା, ନଗଦ ୫ଲକ୍ଷ

ସୋର,୯।୪(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଗତ ୨ ତାରିଖ ରାତିରେ ଜଣେ ଗହଣା ବ୍ୟବସାୟୀଙ୍କ ହାତଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ। ସମାନ ଢଙ୍ଗରେ ସୋର ଥାନା ଅଞ୍ଚଳର ଜଣେ ଗହଣା ବ୍ୟବସାୟୀ ମଙ୍ଗଳବାର ରାତିରେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ହାତଗୋଡ଼ ବାନ୍ଧି, ବନ୍ଧୁକ ଓ ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଆଙ୍ଗୁଲା ଗ୍ରାମର ଗୋପାଳ ଚନ୍ଦ୍ର ରଣା ବାଗୁଡ଼ି ବଜାରରେ ଏକ ଗହଣା ଦୋକାନ କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଗୋପାଳ ଓ ତାଙ୍କ ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ୮ଜଣ ଦୁର୍ବୃତ୍ତ ଘର ଗ୍ରୀଲ ଭାଙ୍ଗି ଭିତରକୁ ପଶି ଲୁଟ୍‌ପାଟ୍ କରିଥିଲେ।

## ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ବଡ଼ବିଲ,୯।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳ ସେଡ଼ିଂହଟିଂରେ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସେଡ଼ିଂହଟିଂ ଅଞ୍ଚଳର ମନୀଷ କୁମାର ଚୌରାସିଆ। ୪ ବର୍ଷ ଧରି ପୀଡ଼ିତା ଓ ଅଭିଯୁକ୍ତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଅନ୍ତଃସତ୍ତ୍ୱା ହେବାପରେ ଯୁବକ ଜଣକ ବିବାହିତ, ତେଣୁ ସେ ବିବାହ କରିପାରିବେ ନାହିଁ ବୋଲି କହିଥିଲେ। ପୀଡ଼ିତା ଜଣକ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ରାସ୍ତାରୁ ଜବତ ଗାଡ଼ି ଛଡ଼ାଇନେଲେ

### ମହୁଲ ବେପାରୀଙ୍କ ଗୁଣ୍ଡାଗିରି

ଉଦଳା,୯।୪(ସନ୍ତୋଷ କୁମାର ବାଛିନୀ)

ଅବକାରୀ ବିଭାଗ ଜବତ କରିଥିବା ଗାଡ଼ିକୁ ମହୁଲ ବେପାରୀ ସିନେମା ଷ୍ଟାଇଲରେ ରାସ୍ତାରୁ ଛଡ଼ାଇ ନେଇଛନ୍ତି। ସେଥିରେ ବସିଥିବା ମହିଳା ଅବକାରୀ ଅଧିକାରୀଙ୍କୁ ସାଙ୍ଗରେ ନେଇ ସେ ନିଜ ଘର ପାଖରେ ଜବତ ମହୁଲ ଅନ୍‌ଲୋଡ୍ କରିଥିଲେ। ମହୁଲ ବେପାରୀଙ୍କ ଏଭଳି ଗୁଣ୍ଡାଗିରି ଦେଖି ଜଳକା ହୋଇ ଚାହିଁରହିଲେ ଅବକାରୀ ସବ୍‌ଇନ୍ସପେକ୍ଟର। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜାରଡ଼ା ଗ୍ରାମରେ।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଉଦଳା ଅବକାରୀ ବିଭାଗ କର୍ମଚାରୀ କପ୍ତିପଦା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହିସମୟରେ ମହୁଲ ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା। ତଦନୁଯାୟୀ ସେମାନେ କପ୍ତିପଦା ଛକ ନିକଟରେ ମହୁଲ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ପିକ୍‌ଅପ୍ ଭ୍ୟାନ୍‌କୁ ଅବକାରୀ ବିଭାଗ ଜବତ କରିଥିଲା। ଜବତ ଗାଡ଼ିରେ ଥିବା ୪ ଜଣଙ୍କୁ ଅବକାରୀ କର୍ମଚାରୀ ଗିରଫକରି ବିଭାଗୀୟ ଗାଡ଼ିରେ ଉଦଳା କାର୍ଯ୍ୟାଳୟକୁ ଆଣିଥିଲେ। ଅନ୍ୟପଟେ ଜବତ ମହୁଲ ବୋଝେଇ ଭ୍ୟାନ୍‌ରେ ଅବକାରୀ ସବ୍‌ଇନ୍ସପେକ୍ଟର ଶୁଭଦର୍ଶିନୀ ସାହୁ ବସି ଜଣେ ଡ୍ରାଇଭରଙ୍କ ସହାୟତାରେ ଉଦଳା କାର୍ଯ୍ୟାଳୟକୁ ଆଣୁଥିଲେ। ଏହି ସମୟରେ ଜାରଡ଼ା ଛକ ନିକଟରେ ମହୁଲ ବେପାରୀ ବାବୁଲି ପ୍ରଧାନ କେତେଜଣ ସହଯୋଗୀଙ୍କ ସହ ରାସ୍ତାରେ ଜବତ ଗାଡ଼ିକୁ ଅଟକାଇଥିଲେ। ଗାଡ଼ିର ଡ୍ରାଇଭରଙ୍କୁ ମାଡ଼ମାରି ଓହ୍ଲାଇ ଦେଇଥିଲେ। ପରେ ସବ୍‌ଇନ୍ସପେକ୍ଟର ବସିଥିବା ମହୁଲ ଗାଡ଼ିକୁ ନିଜେ ଚଳାଇ ତାଙ୍କ ଘରକୁ ନେଇଯାଇଥିଲେ। ସେଠାରେ ଅବକାରୀ ଅଧିକାରୀଙ୍କୁ ଗାଡ଼ିରୁ ଓହ୍ଲାଇ ଦେଇ ତାଙ୍କ ସାମ୍ନାରେ ଜବତ ପିକ୍‌ଅପ୍ ଭ୍ୟାନ୍‌ରୁ ୧୬ କୁଇଣ୍ଟାଲ ମହୁଲ ବସ୍ତାକୁ ଅନ୍‌ଲୋଡ୍ କରିଥିଲେ। ଏହାପରେ ଗାଡ଼ିକୁ କେଉଁଆଡ଼େ ନେଇଯାଇଥିଲେ। ଖବରପାଇ କପ୍ତିପଦା ପୋଲିସ ଟିମ୍ ପହଞ୍ଚି ୧୬ କୁଇଣ୍ଟାଲ ମହୁଲ ଜବତ କରିଥିଲା। ପୂର୍ବରୁ ଥାନାକୁ ଆଣିଥିବା ୪ ଅଭିଯୁକ୍ତ ଅଶ୍ୱିନୀ କୁମାର ଦାସ, ଦୀପକ ଦାସ, ସୁମନ୍ତ ଦାସ ଏବଂ ରଞ୍ଜୁ ବିଶ୍ୱାଳଙ୍କୁ ଗିରଫ କରିଥିଲା। ଘଟଣା ପରେ ମହୁଲ ବେପାରୀ ବାବୁଲି ଫେରାର ହୋଇଯାଇଥିବା ସୂଚନା ମିଳିଛି। ବାବୁଲିଙ୍କ ନାମରେ ଉଦଳା ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି।


ଜବତ ମହୁଲ

## ୨ କନ୍‌ଷ୍ଟେବଲଙ୍କୁ ଛୁରାମାଡ଼

ଟେନ୍‌ସା,୯।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଟେନ୍‌ସା ଫାଣ୍ଡିର ୨ କନ୍‌ଷ୍ଟେବଲଙ୍କୁ ମଙ୍ଗଳବାର ରାତିରେ ଛୁରାମାଡ଼ ହୋଇଛି। ସେମାନେ ହେଲେ ପୃଥ୍ୱୀରାଜ ପରିଡ଼ା ଏବଂ ଜିତେନ୍ଦ୍ର ରାଉତରାୟ। ଆହତ ୨ କନ୍‌ଷ୍ଟେବଲଙ୍କୁ ଟେନ୍‌ସା ଇସ୍ପାତ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପୃଥ୍ୱୀରାଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ପଠାଯାଇଛି। ଜିତେନ୍ଦ୍ର ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଘଟଣାସ୍ଥଳରେ ଲହୁଣିପଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ ତାଙ୍କ ପରିବାର ଲୋକଙ୍କୁ ଟେନ୍‌ସା ଫାଣ୍ଡିରେ ରଖି ପଚରାଉଚରା କରୁଛି। ଏନେଇ ଲହୁଣିପଡ଼ା ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଟେନ୍‌ସା ସି-ବ୍ଲକରେ ରହୁଥିବା ୨ ପଡ଼ୋଶୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଖବର ପାଇ ଟେନ୍‌ସା ଫାଣ୍ଡିରୁ ପୃଥ୍ୱୀରାଜ ଓ ଜିତେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ବ୍ୟକ୍ତି ଜଣକ ଟାଙ୍ଗିଆ ଧରି ଗାଳିଗୁଲଜ କରିଥିଲେ। ସେମାନେ ଟାଙ୍ଗିଆ ଛଡ଼େଇବାରୁ ସେ ଛୁରିରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଲହୁଣିପଡ଼ା ଥାନାରେ କନ୍‌ଷ୍ଟେବଲ ଓ ଆକ୍ରମଣକାରୀଙ୍କ ପକ୍ଷରୁ ୨ଟି ପୃଥକ୍ ମାମଲା (ନଂ. ୮୯/୨୫, ୯୦/୨୫) ରୁଜୁ ହୋଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ସେରକ ପାଇଁ ସାଇକି ଗଲି**
**କୁଲାକ ଚାଉଳ କୁକୁରକୁ ଦେଲି।**

ବ୍ୟକ୍ତି ନିଜ ଅଜ୍ଞତା ପାଇଁ ଦୁଃଖ କଷ୍ଟ ପାଇଥାଏ। ଅଯଥାରେ ଅଜସ୍ର ଧନ ନଷ୍ଟକରି ବାହାରେ ସାମାନ୍ୟ କେତେଟା ଟଙ୍କା ପାଇଁ ହାତ ପତାଉଥିବା ଲୋକର ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ କିଆରି ପାଚିଲା**
**ଚଷା ମାଇପ ନାଚିଲା।**

ଧାନ ଅମଳ ହେବାର ପୂର୍ବରୁ ଚାଷୀ ଘରର ସ୍ତ୍ରୀଲୋକ ଭଲ ଫସଲ ଅମଳ ହେବା ନେଇ ମନରେ ଅନେକ ଆଶା ରଖିଥାନ୍ତି। ଏପରି ସ୍ଥିତିରେ ଅଧିକ ଅମଳ ହେବା ନେଇ ସେମାନେ ଉତ୍‌ଫୁଲ୍ଲ ହୋଇ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ମହିଳା ପୋଲିସ ଏଏସଆଇଙ୍କୁ ଆକ୍ରମଣ, ଦମ୍ପତି ଗିରଫ

**ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ):** ଜଣେ ମହିଳା ପୋଲିସ ଏଏସ୍‌ଆଇଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନା ଅଙ୍କରଡାର ମୂଳ ନିବାସୀ ତଥା ବ୍ରହ୍ମପୁର ହାଉସିଂବୋର୍ଡରେ ରହୁଥିବା ତପନ ପରିଡ଼ା(୪୪) ଓ ମମତା ପରିଡ଼ା(୩୯)। ହାଉସିଂବୋର୍ଡର ଅନମୋଲ ଭୂୟାଁଙ୍କ ଏକ ଦୋକାନ ରହିଛି। କିଛିଦିନ ତଳେ ଅଭିଯୁକ୍ତ ଦମ୍ପତି ଅନମୋଲଙ୍କ ଦୋକାନକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦମ୍ପତି ଅନମୋଲଙ୍କୁ ଗାଳିଗୁଲଜ କରିବା ସହ ଦୋକାନ ଭିତରେ ଥିବା ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଏ ନେଇ ଅନମୋଲ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ ଅଧିକାରୀ ତଥା ଥାନାର ଏଏସ୍‌ଆଇ ଝରଣା ଜେନା ଅଭିଯୁକ୍ତମାନଙ୍କୁ ପଚରାଉଚରା ପାଇଁ ଥାନାକୁ ଡାକିଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ଏଏସ୍‌ଆଇ ସେମାନଙ୍କ ଘରକୁ ଯାଇ ପଚରାଉଚରା କରୁଥିବାବେଳେ ଦମ୍ପତି ସେଠାରେ ତାଙ୍କୁ ଆକ୍ରମଣ କରିଥିଲେ।


**HDFC BANK** We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 17-Apr-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75716229 | ANITA GADANAYAK | 355000 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 2 | 75556808 | KUMUDA CHANDRA BEHERA | 183200 | |
| 3 | 75226703 | SOUMYA RANJAN MOHARANA | 52000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 4 | 74835884 | BHAGYADHAR ROUT | 50500 | |
| 5 | 75456400 | MADAN MOHAN PADHAN | 34800 | |
| 6 | 74808984 | AJAYA BHOI | 21000 | |
| 7 | 75184458 | SUBHRA PRAKASH KANOONGO | 333800 | HDFC BANK LTD, BAJRAKABATI ROAD, CUTTACK-753001 |
| 8 | 74815883 | ANANGA UDAYA ROUT | 67800 | |
| 9 | 73550116 | AMRIK SINGH | 300500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 10 | 75281173 | RISHAB OJHA | 65700 | |
| 11 | 74864821 | PRANITA SAHOO | 178000 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 12 | 74846536 | TAHARUN NISA | 48000 | |
| 13 | 75677621 | ASISH KUMAR BARIK | 533000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 14 | 75369329 | CHINMAYEE PANDA | 217000 | |
| 15 | 74853583 | SAHADEV MASANTA | 57600 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 16 | 74179687 | PUJARINI BISWAL | 137000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 17 | 74835093 | RANJIT MALLIK | 48800 | |
| 18 | 74873854 | LAXMIDHAR SWAIN | 26000 | |
| 19 | 75759020 | SMITARANI DASH | 650200 | |
| 20 | 73385963 | BIJAYA KUMAR MOHAPATRA | 206000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 21 | 75437382 | GHANSYAM PRADHAN | 31000 | |
| 22 | 75670443 | CHANDAN KUMAR SAHOO | 170100 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 23 | 75723936 | CHANDAN KUMAR SAHOO | 153400 | |
| 24 | 74853819 | DEEPAK KUMAR NAYAK | 81700 | |
| 25 | 75235520 | LINGARAJ RANA | 35200 | |
| 26 | 75749721 | GITA KHANDUAL | 32600 | |
| 27 | 74868454 | RAMRATAN SANGHAI | 570000 | HDFC BANK LTD, DURGA COMPLEX, JHARSUGUDA-768201 |
| 28 | 73417780 | VIKASH KUMAR JAIN | 231000 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 29 | 74213295 | RUPA KUMARI | 104000 | |
| 30 | 73426249 | HIMANSHU BHUSAN PANDA | 50100 | |
| 31 | 75184947 | MD ASIF | 18300 | |
| 32 | 75289926 | SEHK FARUQUE AHEMAD | 98500 | HDFC BANK LTD, F M CIRCLE, BALASORE-756001 |
| 33 | 73702676 | CHITTA RANJAN PADHI | 45000 | |
| 34 | 74850849 | SIDDHARTHA KUMAR DAS | 91700 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 35 | 75402754 | PRATIBHA PRADHAN | 70000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 36 | 74806587 | SANJEEB KUMAR PATRO | 30000 | |
| 37 | 74866669 | LAXMI NARAYAN MISHRA | 23000 | |
| 38 | 75610860 | JAGANNATHA PADHY | 281400 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 39 | 75442477 | GOBINDA BEHERA | 105300 | |
| 40 | 75712796 | BHASKAR SAHU | 78400 | |
| 41 | 74813734 | SHANKAR NAYAK | 31000 | |
| 42 | 74865242 | KABITA KAHNAR | 175600 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 43 | 74831830 | ANITA MISTRY | 121500 | |
| 44 | 74830325 | SATYAJIT RAY | 116300 | |
| 45 | 75414972 | PRADEEP KUMAR PUJARI | 55900 | |
| 46 | 73583382 | DEEPAK KUMAR PRADHAN | 59797 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 47 | 75377208 | SMRUTI RANJAN PARIDA | 35000 | |
| 48 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 49 | 74596315 | ANANDA NAIK | 72000 | HDFC BANK LTD, HATATOTA, TALCHER, ANGUL-759100 |
| 50 | 75025646 | ANANDA NAIK | 37000 | |
| 51 | 75757039 | SOUMYARANJAN PRADHAN | 52000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 52 | 75292578 | PRASANNA BEHERA | 24700 | |
| 53 | 75307209 | JAYASHREE PANDA | 275200 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 54 | 75465654 | JITEN KUMAR SAHU | 56400 | |
| 55 | 74830831 | SETUNA RATHA | 45700 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 56 | 75263422 | SANJAYA KUMAR SAHU | 734000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 57 | 75327845 | SANJUKTA SAHU | 540000 | |
| 58 | 74859400 | NIRUPAMA PATRA | 238000 | |
| 59 | 75349085 | K SANDHYALATA | 218000 | |
| 60 | 73963637 | RAGHUNATH BHUYAN | 150000 | |
| 61 | 75322689 | SUJATA SAHU | 41000 | |
| 62 | 75706461 | AKASH SINGH | 109800 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 63 | 74824142 | AKASH SINGH | 42600 | |
| 64 | 75127364 | MD ZUNED IQUBAL | 41700 | |
| 65 | 75454364 | BIBHU PRASAD SINGH | 103900 | HDFC BANK LTD, MAHIPAL, KENDRAPARA-754211 |
| 66 | 74822402 | SANJU NAYAK | 95000 | |
| 67 | 74833144 | BIRABAR BAI | 60000 | |
| 68 | 75282097 | P ANITA PATRA | 23400 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 69 | 75596546 | ASHOK KUMAR SAHU | 21000 | |
| 70 | 75735824 | GANESH JENA | 670800 | |
| 71 | 75154237 | ASHOK SETHI | 121000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 72 | 75528042 | ALEKH NAIK | 89300 | |
| 73 | 75272266 | SANDHYA SWAIN | 80400 | |
| 74 | 74851172 | KARTTIKA GOUDA | 60500 | |
| 75 | 75453238 | CHINMAYEE PANDA | 100000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 76 | 75269712 | TEJAS KUMAR RANA | 1907000 | |
| 77 | 75509524 | PRUTHIRAJ MAHAPATRA | 96000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 78 | 75302271 | PRAMOD DALAI | 77600 | |
| 79 | 74863670 | RAJARAM MAHAPATRA | 33000 | |
| 80 | 74869751 | NIRAL ENEM HORO | 92000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 81 | 74314433 | DIBYABHARATI RAUT | 26800 | |
| 82 | 75674403 | AMARLAL SI | 22000 | |
| 83 | 75356067 | KILLI SANKARI | 326000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 84 | 75031397 | PININTI BENARJI | 284000 | |
| 85 | 74448385 | JENA DURJYODHANA | 115000 | |
| 86 | 75221551 | BHAGIRATHI RAULO | 17000 | |
| 87 | 75310736 | SUJIT JHA | 201900 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 88 | 74822164 | JAY PRAKASH YADAV | 77200 | |
| 89 | 75271147 | MARGARAT KABITA KHARA | 265800 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 90 | 75344267 | ANDI FLOWER BAGH | 94500 | |
| 91 | 75190842 | GUPTA ADAKATIA | 89600 | |
| 92 | 74844409 | PRAFULLA KUMAR NAYAK | 70000 | |
| 93 | 74818399 | DEVRAJ MAHAR | 50000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 94 | 75247424 | SUBRAT KUMAR PADHY | 117300 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 95 | 74116176 | MISHKA TEJESWARA RAO | 97000 | |
| 96 | 75127121 | DEEPAK SWAIN | 62000 | |
| 97 | 74812759 | SANJAY KUMAR PALAI | 42400 | |
| 98 | 74849903 | SANJIT BHUKTA | 24500 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 99 | 75300111 | MOHIT BAGH | 128500 | HDFC BANK LTD, PATEL MARG, NABARANGAPUR-764059 |
| 100 | 75062146 | RUTU HARIJAN | 54000 | |
| 101 | 50200067703988 | DHURJATI DAS | 1486292.96 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 102 | 75652183 | RAJALAXMI JENA | 474000 | |
| 103 | 75620113 | RAJALAXMI JENA | 152800 | |
| 104 | 75038852 | RAKESH KUMAR PATI | 85700 | |
| 105 | 74860867 | RAJENDRA JENA | 68800 | |
| 106 | 75375160 | BADAL KUMAR ROUT | 158000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 107 | 75464625 | SUBASH CHANDRA BEHERA | 77700 | |
| 108 | 75431651 | SANDEEP MOHAPATRA | 60500 | |
| 109 | 75283021 | RANJAN NAYAK | 975000 | |
| 110 | 75363336 | SANGRAM KESHARI BARIK | 367000 | |
| 111 | 75663661 | SASMITA SAHOO | 204000 | |
| 112 | 75660213 | SASMITA SAHOO | 193000 | |
| 113 | 73798245 | MANOJ KUMAR DAS | 151900 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75440934 | DILU RAY | 65000 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 115 | 75485235 | SUSHRIJEET PRADHAN | 874700 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 116 | 75702896 | PRALINA MUDULI | 112500 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 117 | 73471866 | ITISHREE SARANGI | 88700 | |
| 118 | 75595251 | SUBHRANSU BHUSAN NATH | 55900 | |
| 119 | 75636778 | DEEPAK KUMAR SWAIN | 48200 | |
| 120 | 75445560 | KAILASH CHANDRA SAHOO | 977500 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 121 | 74108222 | RANJIT DAS | 49100 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75255653 | KARISMA BEHERA | 47600 | |
| 123 | 75448322 | HARU KUMAR BIJULI | 37000 | |
| 124 | 75462633 | SRIKANTA BEHERA | 28800 | |
| 125 | 75298479 | MAHENDRA KUMAR NAYAK | 181000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 126 | 75532623 | SUSHREE MOHANTY | 130000 | |
| 127 | 75392013 | RITA PATRA | 40500 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 128 | 73467828 | PRAVATI MOHANTY | 144000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 129 | 74796440 | CHINMAYA KUMAR BARIK | 129900 | |
| 130 | 75415659 | SANJAYA MALLICK | 93800 | |
| 131 | 74827385 | ASHOK GADATYA | 141800 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 132 | 75448063 | NIRUPAMA DORA | 69026 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 133 | 75463700 | BHISMA CHHATRIA | 48700 | |
| 134 | 74518632 | KOUTUKA SAHU | 40000 | |
| 135 | 73585617 | TUSHAR RANJAN DASH | 57000 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 136 | 75453816 | KARUNAKAR DALAI | 30300 | |
| 137 | 75332570 | SATYA PRAKASH MOHAPATRA | 28300 | |
| 138 | 74858535 | DASHARATHA MALICK | 27900 | |
| 139 | 75630640 | P LUCKY PATRO | 1582000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 140 | 75288033 | SUNITA KUMARI BEHERA | 774700 | |
| 141 | 75356345 | KAILASH CHANDRA SAHU | 294400 | |
| 142 | 75453840 | RATNAMALA MAHARANA | 16000 | |
| 143 | 75227633 | DEBASISH DAS | 350500 | HDFC BANK LTD, VIP PLAZA, VIP ROAD, PURI-752001 |
| 144 | 74864958 | BISHNU PRADHAN | 36200 | |
| 145 | 74867182 | KHIRESWAR SUNANI | 89700 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 146 | 465332758 | NIBA BISHOYI | 846000 | HDFC BANK LTD, GROUND FLOOR, OLD CINEMA HALL, NEAR UNION BANK 2 CHOWK, HINJILICUT-761102 |
| 147 | 75262882 | BABITA BISHOYI | 745000 | HDFC BANK LTD, HOLDING NO 123/106, WARD NO 11, KALINGA ROAD, ASIKA, GANJAM-761110 |
| 148 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 149 | 75710547 | RAMA CHANDRA JENA | 385800 | HDFC BANK LTD, PLOT NO-E/11, KOEL NAGAR, ROURKELA, SUNDARGARH-769014 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 10/04/2025**
**Place : ODISHA**

**Sd/- Authorized Officer,**
**HDFC BANK LTD.**

# Classified Everyday

**0674-2580101, 9692975378**



**REAL ESTATE**

**SALE**

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439




Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**AFFIDAVIT**

By virtue of an affidavit No.-41 dated 15.02.2025 sworn in before the Court of Magistrate, Bhubaneswar, I, Chinmayee Nayak, W/o- Subrata Kumar Singh, At/ P.O.- Mahakalpada, P.O.- Indupur, Dist.- Jajpur, Odisha, declare that I have changed my name (surname) as Chinmayee Singh in my in-law title after married to Subrata Kumar Singh in the year 2013. I do hereby declare that Chinmayee Nayak and Chinmayee Singh is one and same person. D-102

I, Priti Priyadarshni D/o of Prasanta Kumar Behera, At- MIG 11, H.B. Colony, P.O./P.S./ Dist.- Khordha-752055, I declare by this affidavit No.842 dated on 28.3.2025 that now onwards I shall be known as Priti Priyadarshni for all purpose. D-73585

By virtue of an affidavit sworn before The Executive Magistrate, Dharmasala, dated- 08.04.2025, I, Mahammad Jakir Hussain, At/P.O.- Neulpur P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Mojasil Hosen to Mojammil Hussain. Henceforth, He shall be known as Mojammil Hussain for all future purposes. Jakir Hussain D-104

By virtue of an affidavit sworn before Executive Magistrate, Banarpal, Dist.- Angul, dated 5.04.2025, I, Sisira Mohanty, Address: At/ P.O.- Budhapank, P.S.- Banarpal, Dist.- Angul, PIN- 759128, declare that I have changed my son name in Aadhaar card No.- xxxx xxxx 7679 Biswojit Mohanti to Biswajit Mohanty. Henceforth, he shall be known as Biswajit Mohanty for all purposes. Sisira Mohanty D-100

By virtue of an affidavit sworn before Executive Magistrate, Angul, Dist.- Angul, dated 08.01.2025, I, Gagan Bhoi, Address: At- Baidyanathpur, P.O.- Budhapank, P.S.- Banarpal, Dist.- Angul, PIN- 759128, declare that I have changed my daughter name in Aadhaar card No.- xxxx xxxx 2618, Chadini Bhoi to Chandini Bhoi & in DOB has been wrongly mention as 31.08.2012 to change 31.08.2013 for all purposes. Gagan Bhoi D-99

By virtue of an affidavit sworn before Executive Magistrate, Banarpal, Dist.- Angul, Dated 05.04.2025, I, Sisira Mohanty, Address: At/P.O.- Budhapank, P.S.- Banarpal, Dist.- Angul, PIN- 759128. declare that I have changed My son name in Aadhaar card No.- xxxx xxxx 9477 Somyajit Mohanty to Soumyajit Mohanty. Henceforth, he shall be known as Soumyajit Mohanty for all purposes. Sisira Mohanty D-101

By virtue of an affidavit before Notary AthaMallik, Vide No.- 3444, dt- 08.04.2025, I, Ramesh Chandra Tibruwalla resident of Nunukapasi, Kishoreganj Angul- 759127 have changed my name to Ramesh Chandra Tibrewal. Henceforth, I shall be known as Ramesh Chandra Tibrewal in all purposes. D-93

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Balasore, dated 03.04.2025, I Trayambika Behera, At- Balia, P.O.- Kuruda, P.S.- Sahadevkhunta, Dist.- Balasore, PIN- 756556 declare that I have changed my name from Nilam Swati Behera to Trayambika Behera. Henceforth I shall be known as Trayambika Behera for all purposes. Trayambika Behera. D-98

Smt. Sunali Lima, W/o- Sukant Lima, declare by this affidavit No.-348,dt- 09.04.2025, sworn before The Executive Magistrate, Gudari, that now onwards I want to correction my son's name from Arin Lima to Ariyen Lima, bearing Aadhaar No.- xxxx xxxx 2387 of village karlaghati, P.O.- Karlaghati, P.S./Tahasil- Gudari, Dist- Rayagada, for all future purpose. D-97

By virtue of an Affidavit sworn in the Court of Executive Magistrate, Bhubaneswar vide CF No. 106, dtd. 03.04.2025. I, MITHI ROY, D/o- Ramesh Chandra Behera, permanent resident of At- Haridaspur, P.O.- Naharakanta, P.S.- Pahal, Bhubaneswar, Dist.- Khordha, Odisha, PIN- 752101, currently residing At- LP-202, OSHB Colony, Prasanti Vihar, Patia, Near KIIT, Bhubaneswar, Dist- Khordha, Odisha, Pin- 751024, declare that I have changed my name from ANURADHA BEHERA to MITHI ROY. Henceforth, I shall be known as MITHI ROY for all purposes. D-76441

By virtue of an affidavit sowrn before Executive Magistrate, BBSR, Dt- 09.04.2025, I Shrilochan Acharya resident of At- Old Town, P.S.- Lingaraj, BBSR- 751002, Dist.- Khorda, Odisha, declare that I have changed my name from Shreelochan Kumar Acharya to Shrilochan Acharya. Henceforth, I shall be known as Shrilochan Acharya for all purpose. D-88

By virtue of an affidavit sworn before the Executive Magistrate, Muniguda on dated 08.04.2025 (Sl No.- 492/25), I Kala Gamidanga, Father of Tabitha Gomidanga of Village- Chichipanga, P.O./ P.S.- Chandrapur, Dist.- Rayagada, declare that I have changed my daughter's name who is minor (15 years) name to and Tabita Gamidanga. Henceforth, she shall be known as Tabitha Gomidanga for all purposes. D-91

By virtue of an affidavit sworn before The Executive Magistrate, Dharmasala, dated- 08.04.2025, I, Mahammad Jakir Hussain, At/P.O.- Neulpur, P.S.- Dharmasala , Dist.- Jajpur, PIN- 755024, Odisha declare that I have changed my son name from Mojakir Hosen to Mojakkir Hussain. Henceforth, he shall be known as Mojakkir Hussain for all future purposes. Jakir Hussain D-105

By virtue of an affidavit sworn before Bhubaneswar dated 08.04.2025, I, Indramani Malik, At- Pratapur, P.O.- Neulpur, P.S.- Dharmasala , Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik D-103

By virtue of an affidavit before Executive Magistrate, Banki, I have changed my former name Pranata Padhi(Aadhar card No. XXXX XXXX 5782), D/o- Pravat Kumar Padhi of Sahadapada, Banki to Pranita Padhi. Henceforth, I will be known as Pranita Padhi in all purposes. D-92

By virtue of an affidavit before Notary AthaMallik Vide No.- 3445, dt- 08.04.2025, I, Gayatri Tibruwalla resident of Nunukapasi, Kishoreganj, Angul- 759127 have changed my name to Gayatri Tibrewal. Henceforth, I shall be Known as Gayatri Tibrewal in all purposes. D-94

**ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ରିଭିଜନ କୋର୍ଟ ନଂ.–୩, ଭୁବନେଶ୍ୱର, ଜି.– ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନଂ.୫୯୬/୨୦୨୪**

ବୀଣାପାଣି ରାୟ ... ... ବାଦୀ

ବନାମ

ଦୁର୍ଯ୍ୟୋଧନ ରଥ ଓ ଅନ୍ୟମାନେ ... ... ପ୍ରତିବାଦୀମାନେ

**ନୋଟିସ –୫ ରୁଲ୍ –୨୦ ସି.ପି.ସି. ମୁତାବକ**

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.– (୧) ଦୁର୍ଯ୍ୟୋଧନ ରଥ, (୨) ନରୋତ୍ତମ ରଥ, ଉଭୟଙ୍କ ପିତା– ଧୋବେଇ ରଥ, ସା.– ଗୋଲକ ବନେଧ, ଥାନା– ବାଙ୍କୀ, ଜି.– କଟକ, (୩) ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା– ମଦନ ଛୋଟରାୟ, (୪) ନମିତା କୁମାରୀ ମହାପାତ୍ର, ସ୍ୱାମୀ– ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଉଭୟଙ୍କ ବାସସ୍ଥାନ ସା.– ଦାରୁଠେଙ୍ଗ, ପୋ./ଥାନା– ଚନ୍ଦକା, ଜି.– ଖୋର୍ଦ୍ଧା, (୫) ବିକ୍ରମ କୁମାର ଜେନା, ପିତା– ବରେନ୍ଦ୍ର ନାଥ ଜେନା, ସା.– ତାଭୁଜ, ଜି.– ବାଲେଶ୍ୱର, ଓଡ଼ିଶା

**ନୋଟିସ ଅର୍ଡର ୫ ରୁଲ୍ ୨୦ ମୁତାବକ**

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ଓଏସ୍ଏସ୍ କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୨୬।୫।୨୫ରିଖ ଦିବା ଘ.୦୩.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**ଜମିର ବିବରଣୀ**

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ମୌଜା– ପଥରଗାଡ଼ିଆ, ସାବକ ଖାତା ନଂ. – ୨୬୯, ସାବକ ପ୍ଲଟ୍ ନଂ.– ୭୧୬, ମୋଟ ଏରିଆ ଏ୫.୯୯୦ଡି. ସ୍ୱଧ ଏ୨.୯୯୫ ଡି. ସ୍ୱଧ ଖରିଦା ବୃତ୍ତି ଏ୦.୧୦୦ଡି., କିସମ–ଶାରଦ ତିନି, ହାଲ ଖାତା ନଂ.– ୯୪୧, ହାଲ ପ୍ଲଟ୍ ନଂ. ୩୬୭୨, ଏରିଆ ଏ୦.୦୮୫ଡି. କିସମ – ଶାରଦ ଅଣ ଜଳସେଚିତ ତିନି, ସ୍ଥିତିବାନ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

**ଅତିରିକ୍ତ ଆୟୁକ୍ତ ରିଭିଜନ୍ କୋର୍ଟ ନଂ.–୩, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, (ନ ତାଲା), କେଶରୀ ନଗର, ୟୁନିଟ୍–୫, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ**
**ସ୍ୱା./– କୋର୍ଟ ଅଫିସର**

**ତା୦୮।୪।୨୦୨୫**
**ଭୁବନେଶ୍ୱର** ଧ–୧୦୮

**LEGAL NOTICE**

**Notice Under Order V Rule 20 of C.P.C.**
**IN THE COURT OF THE CIVIL JUDGE (SR. DIV.), DHENKANAL**
**CIVIL SUIT NO.290/2024**

Kalabati Nayak ... ... ... Plaintiff

- Versus -

Prafulla Sahoo and others ... ... ... Defendants

To

1. Mala Sahoo, aged about 60 years, 2. Uma Sahoo, aged about 58 years, 3. Suni Sahoo, aged about 56 years, 4. Niru Sahoo, aged about 54 years

Sl. No. 1 to 4 are daughters of Late Manmanth Kumar Sahoo, All are at/ Ganesh Bazar, Dhenkanal Town, P.S.- Dhenkanal Town, Dist.- Dhenkanal

5. Sujata Sahoo, aged about 59 years, 6. Sabita Sahoo, aged about 57 years, 7. Suburi Sahoo, aged about 55 years, 8. Tikili Sahoo, aged about 51 years

Sl. No. 5 to 8 are daughters of Late- Surendra Kumar Sahoo, Sl. No. are resident of Ganesh Bazar, Dhenkanal Town, P.S.- Dhenkanal Town, Dist.- Dhenkanal

Take summon that the plaintiff has instituted the above suit for partition, permanent injunction and for others reliefs, against the defendants. Hence you are hereby summoned to appear in this court in person or by your pleader duly instructed and able to answer all material questions relating to the suit of 1st the day of May 2025 at 7.00 O' Clock in the forenoon to answer the claim and directed to produce on that day all the documents upon which you intend to rely in support of your defence.

That notice in default of your appearance on the day fixed the suit will be heard and determined in your absence. Given under my hand the seal of court this 25th day of May 2025.

**Sd./- Civil Judge (Sr. Division), Dhenkanal**
**25.03.25**

**SCHEDULE OF PROPERTY**

Mouza- Badasathibatia, Tahasil- Dhenkanal, P.S.- Dhenkanal Sadar, Tahasil No.-3, P/S- 3, Dist.- Dhenkanal, Khata No. 738/6003, Plot No. 1579, Area Ac. 3.230 decimal, Kisama: Bagayata Two, Plot No. 1566, Area- Ac.0.110 decimal, Kisama : Gharabari 3, Plot No.-1570, Area Ac.0.40 decimal, Kisama- Gharabari Three, Plot No.1571, Area 0.100 decimal, Kisama: Gharabari Three, Total Area of Four Plots are Ac.3.480 decimal.

D-109

IR No.–294
Date 10.03.2025

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. କେସ୍ ନଂ.୧୩୨/୨୦୨୩**

ଶ୍ରୀମତୀ ମିନତୀ ଛୋଟରାୟ ... ... ବାଦୀ

ବନାମ

ଜୟଦେବ ବେହେରା ଏବଂ ଅନ୍ୟମାନେ ... ... ପ୍ରତିବାଦୀ

**ନୋଟିସ ସି.ପି.ସି. ଅର୍ଡର–୫ ରୁଲ୍–୨୦ ମୁତାବକ**

୨. ଆକୁଳି ସାମଲ ପିତା ରାଘବ ସାମଲ
ସା.– ଅଢଙ୍ଗମାଳିକେଶ୍ୱର
ଥାନା– କେନ୍ଦ୍ରାପଡ଼ା, ଜିଲ୍ଲା– କଟକ

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୯।୦୪।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା– ଭାଲୁଙ୍କା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା

ସାବକ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସତ୍ତ୍ୱ |
|---|---|---|---|---|
| ୬୨ | ୨୯୫ | ବାଜେ–ଫସଲ–୧ | ଏ.୯.୦୦୦ଡି. ସ୍ୱଧରୁ ଏ.୦.୦୯୯ଡି. | ଦଖଲ ସତ୍ତ୍ୱ ଶୂନ୍ୟ |

ହାଲ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସତ୍ତ୍ୱ |
|---|---|---|---|---|
| ୫୮ | ୨୨ | ପତିତ | ଏ.୪.୫୮୩ଡି. ସ୍ୱଧରୁ ଏ.୦.୦୯୯ଡି. | ସ୍ଥିତିବାନ |

ଏଣୁ, ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କରି ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୧୦।୦୩।୨୦୨୫ **ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ**
ଭୁବନେଶ୍ୱର **ସ୍ୱା./– କୋର୍ଟ ଅଫିସର**

D-110

**IN THE COURT OF THE JUDGE, FAMILY COURT, JAGATSINGHUR**
**Civil Proceeding No.- 287/2024**
**A petition U/o-5, Rule-20(IA) CPC)**

Subrat Nayak ... ... Petitioner

Vrs.

Tikili Das ... ... Respondent

To,

Tikili Das, aged about 32 years, W/o- Subrat Kumar Nayak of Village Siundi (Ganeswarpur), P.O.- Rahama, P.S.- Tirtol, Dist.- Jagatsinghpur at present working as junior Engineer, R.D. Brahmapur, Division-2, At- Ambapua, P.O.- Bahadur Petta, P.S.- Baidyanathpur, Dist.- Ganjam.

Whereas the petitioner has instituted Civil Proceeding against you before the Court of the Judge, family Court, Jagatsinghpur whereby you are hereby summoned to appar in person or by a pleader duly instructed and able to answer all the material questions relating to Civil proceeding who shall be accompanied by some persons able to answer all such questions on the 16th day of April 2025 at 10 O'Clock to answer the claim and further you are hereby directed to produce on the said day all documents in your possession upon which you based your defense.

Take notice that in default of your appearance on that day before mentioned, Civil proceeding wil be hard and determined in your absence.

Give under my hand seal the Court this 4th day of April, 2025.

Sd/.- Judge, Family Court, Jagatsinghpur

D-107

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀକାନ୍ତ ଚରଣ ଦାସ**

Plot ନଂ M.B3 ବଡ଼ଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୩୧।୦୩।୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ, ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପୁତ୍ର, ପୁତ୍ରବଧୂ, ଭ୍ରାତା, ଭ୍ରାତୃବଧୂ, ଦୁହିତା, ଜାମାତା, ପୌତ୍ର, ପୌତ୍ରୀ, ବନ୍ଧୁ ଓ ପରିଜନବର୍ଗ।

ଧ–୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଜଗନ୍ନାଥ ଖୁଣ୍ଟିଆ**

ଆବିର୍ଭାବ: ୦୭.୦୭.୧୯୩୩
ତିରୋଧାନ: ୩୧.୦୩.୨୦୨୫

ଅଟଳା ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ନାୟକ ତଥା ଅଟଳା ରଥଯାତ୍ରାର ରାଜକାର୍ଯ୍ୟ ତୁଲାଉ ଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ଏକାଧାରରେ ପରୋପକାରୀ ଓ ସମାଜସେବୀ ରୂପେ ପରିଚିତ ଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**-: ଶୋକସନ୍ତପ୍ତ :-**

ଜାନକୀ, ଲତା, ବିପିନ- ପୁଷ୍ପା, କାହ୍ନା- ଜ୍ୟୋତି, ଭାଇ- ଭାଇବୋହୂ, ଝିଅ-ଜ୍ୱାଇଁ, ଝିଆରୀ- ପୁତୁରା, ଭଣଜା- ଭାଣେଜୀ, ନାତି- ନାତୁଣୀ, ଅଣନାତି-ଅଣନାତୁଣୀ, ଅଟଳା ଗ୍ରାମବାସୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।

ଧ–୭୬୮୦୯

# ମନୋଜ କୁମାରରୁ ଭାରତ କୁମାର

ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କ ନିକଟରେ ପରଲୋକ ଘଟିଛି। ହେଲେ ତାଙ୍କର ଏକ ନିକ୍ ନେମ୍ ଥିଲା। ତାହା ହେଲା ଭାରତ କୁମାର। ଏଭଳି ନାମକରଣ ପଛରେ ଏକ କାରଣ ମଧ୍ୟ ରହିଛି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମାର ଟାଇଟଲ ଥିଲା 'ଉପକାର'। ସେ ମଧ୍ୟ ଏହାର ମୁଖ୍ୟ ଭୂମିକା (ଭାରତ)ରେ ଅଭିନୟ କରିଥିଲେ। ବିଶେଷଭାବରେ ଏହି ଫିଲ୍ମରେ ଥିବା ପାରିବାରିକ ଛିଟା ଏବଂ ଦେଶଭକ୍ତିର ଝଲକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏଥିରେ କଲ୍ୟାଣଜୀ-ଆନନ୍ଦଜୀଙ୍କ ସ୍ୱର ସଂଯୋଜିତ 'ମେରେ ଦେଶ କି ଧରତୀ...' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାପରେ ତାଙ୍କୁ 'ଭାରତ କୁମାର' ନାମରେ ଲୋକମାନେ ସମ୍ବୋଧନ କରିଥିଲେ। ୧୯୬୭ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ୭କୋଟି ବିଜନେସ୍ କରିଥିଲା। ଏଥିରେ ମନୋଜ କୁମାରଙ୍କ ସାନ ଭାଇ ପୁରନ୍ କୁମାର ଭୂମିକାରେ ପ୍ରେମ ଚୋପ୍ରା ଅଭିନୟ କରିଥିଲେ।


'ଉପକାର' ଫିଲ୍ମରେ ମନୋଜ କୁମାର

# ଡଷ୍ଟବିନ୍

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିବାକୁ ଯାଉଛି। ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ଡଷ୍ଟବିନ୍' ଚଳିତ ମାସ ୧୧ରେ ପରଦା ଉପରକୁ ଆସୁଛି। ପପୁ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହାର କାହାଣୀରେ ଲଭ, ରୋମାନ୍ସ, ଆକ୍ସନ, ଇମୋସନର ଝଲକ ମଧ୍ୟ ଦେଖିବାକୁ ମିଳିବ। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ସଂଳାପ ରଚନା କରିଛନ୍ତି ଯୁବ ନାଟ୍ୟକାର ଡ. ଦୀପକ ଜେନା। କ୍ୟାମେରା ଦାୟିତ୍ୱ ତୁଲାଇଛନ୍ତି ଶୁଭମ । ଡ. ନିର୍ମଳ ନାୟକ, ଡ.ଦୀପକ ଜେନା ଏବଂ ରଞ୍ଜନ ନାୟକଙ୍କ ଗୀତଗୁଡ଼ିକର ପାଇଁ କଣ୍ଠଦାନ କରିଛନ୍ତି କୁଳଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି। ଏଥିରେ ପପୁଙ୍କ ନାୟିକା ସାଜିଛନ୍ତି ପ୍ରାଚୀ। ଅନ୍ୟାନ୍ୟ ଚରିତ୍ରରେ ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।



'ଡଷ୍ଟବିନ୍' ଫିଲ୍ମରେ ପପୁ

# ମଡେଲିଂରୁ ଅଭିନେତ୍ରୀ

ରକୁଲ୍ ପ୍ରୀତ୍ ସିଂ ଗତ ବର୍ଷ ହାତକୁ ଦି' ହାତ ହୋଇଛନ୍ତି। ବିଶିଷ୍ଟ ପ୍ରଯୋଜକ ବାସୁ ଭଗନନାନୀଙ୍କ ପୁତ୍ର ଜ୍ୟାକିଙ୍କ ସହ ସେ ଘର ସଂସାର କରିଛନ୍ତି। ତେବେ ଯେତେବେଳେ ରକୁଲ୍ ପାଠ ପଢୁଥିଲେ ତାଙ୍କ ମନରେ ଏକ ଆଶା ଥିଲା। ଯାହା ହେଉ ତାହା ପୂରଣ ହୋଇଛି। ତେବେ ସେତେବେଳେ ସେ କ'ଣ ହେବାକୁ ଚାହୁଁଥିଲେ ଜାଣିବେନି ? ସେହି ସମୟରେ ରକୁଲ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବାକୁ ଚାହୁଁଥିଲେ। ପ୍ରଥମେ ସେ କଲେଜରେ ପଢ଼ିବା ବେଳେ ମଡେଲିଂ ଦୁନିଆରେ ପାଦ ଦେଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ୧୮ ବର୍ଷ। ବାସ୍, ସେଇଠି ସତେଯେମିତି ତାଙ୍କ ପାଇଁ ସୁଯୋଗ ଅପେକ୍ଷା କରି ବସିଥିଲା। ୨୦୦୯ରେ ଏକ କନ୍ନଡ ଫିଲ୍ମରେ ତାଙ୍କୁ ବ୍ରେକ୍ ମିଳିଥିଲା। ଫିଲ୍ମଟିର ଟାଇଟଲ ଥିଲା 'ଗିଲି'। ୨୦୧୧ରେ ସେ ଫେମିନା ମିସ୍ ଇଣ୍ଡିଆରେ ଅଂଶଗ୍ରହଣ କରିଥିଲେ ମଧ୍ୟ ନିଜକୁ ଟାଇଟଲ ଦୌଡ଼ରେ ସାମିଲ କରିପାରି ନ ଥିଲେ। ୨୦୧୪ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାର ଟାଇଟଲ ଥିଲା 'ୟାରିୟାଁ'।



ରକୁଲ୍

## ଏମିତି ବି ହୋଇଥିଲା..

# ଯଦି 'ଆସୀକ' ହିଟ୍ ନ ହୁଏ...

ଥରେ ମନେ ପକାନ୍ତୁ ନା ସେହି ମ୍ୟୁଜିକାଲ ହିଟ୍ ହିନ୍ଦୀ ସିନେମା 'ଆସୀକ'। ଏହାର ପ୍ରତିଟି ଗୀତ ଏ ପର୍ଯ୍ୟନ୍ତ ଅନେକେ ଗୁଣୁଗୁଣେଇ ଥାଆନ୍ତି। କିନ୍ତୁ ଫିଲ୍ମଟିର ପ୍ରମୋଶନ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଫିଲ୍ମଟିର ମ୍ୟୁଜିକ ରାଇଟ ନେଇଥିବା ଟି' ସିରିଜର ମାଲିକ ଗୁଲସନ କୁମାରଙ୍କୁ ଏହାର ଗୀତଗୁଡ଼ିକ ସେତେ ପ୍ରଭାବିତ କରି ନ ଥିଲା। ତେଣୁ ଏକଦା ସେ ଏହାର ସମସ୍ତ ଗୀତର ଗୀତିକାର ସୀମରଙ୍କୁ କହିଲେ- ଏହି ଫିଲ୍ମର ଗୀତଗୁଡ଼ିକ ମୋତେ ଆଲବମ୍ ଗୀତ ପରି ଲାଗୁଛି। ସିନେମାଟି ହିଟ୍ ହେବ ତାହା ମୋର ଟିକିଏ ହେଲେ ବିଶ୍ୱାସ ହେଉନାହିଁ। ତା'ପରେ ସମୀର ଏକଥା ଏହାର ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କୁ ଜଣାଇବା ପରେ ଘଟଣା ନୂଆ ମୋଡ଼ ନେଇଥିଲା। ଗୁଲସନଙ୍କୁ ମହେଶ କହିଲେ, 'ଯଦି ଏ ଫିଲ୍ମ ହିଟ୍ ନ ହୁଏ, ତେବେ ମୁଁ ଜୀବନରେ ଆଉ କେବେ ନିର୍ଦ୍ଦେଶନା ଦେବି ନାହିଁ। ମୁଁ ଚ୍ୟାଲେଞ୍ଜ ଦେଇ କହୁଛି, ଫିଲ୍ମଟି ବକ୍ସ ଅଫିସରେ ନିଶ୍ଚୟ ରେକର୍ଡ ସୃଷ୍ଟି କରିବ।' ଗୁଲସନ ମଧ୍ୟ ଏହାର ପ୍ରମୋଶନ ଏକ ନିଆରା ଢଙ୍ଗରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଉ ଶେଷରେ କ'ଣ ହେଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ।


ମହେଶ ଭଟ୍ଟ

# ଅ | ତୀ | ତ | ରୁ

▶▶ଓଡ଼ିଆ ସିନେମା 'ନୂଆ ବୋଉ'ର ପ୍ରଯୋଜନା କରିଥିଲେ ଧୀରେନ୍ଦ୍ର ନାଥ ବିଶ୍ୱାଳ। ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଧୀର ବିଶ୍ୱାଳ, ଟିମା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

▶▶ରୂପରାଗ ପ୍ରା.ଲି. କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ପୌରାଣିକ ଓଡ଼ିଆ ଚିତ୍ର 'ଶ୍ରୀ ଲୋକନାଥ'। ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଫୁଲ୍ଲ ସେନଗୁପ୍ତ। ସାମୁଏଲ ସାହୁ (ବାବି), ମଣିମାଳା ଦେବୀ, ଅକ୍ଷୟ ମହାନ୍ତି (କାଶ୍ୟପ)ଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

▶▶'ଅମଡାବାଟ' ସିନେମାରେ ଉମାକାନ୍ତ, ଅକ୍ଷୟ ମହାନ୍ତି (କାଶ୍ୟପ), ଝରଣା ଦାସ, ଗୀତା ପ୍ରମୁଖ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅମର ଗାଙ୍ଗୁଲି।

▶▶ସ୍ୱର୍ଣ୍ଣ ପଟ୍ଟନାୟକଙ୍କ ପ୍ରଯୋଜନା ଏବଂ ନିତାଇ ପାଲିତଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧନ'। ଏହାର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଶ୍ରୀକୁମାର। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ଏବଂ ଧୀର ବିଶ୍ୱାଳ ଏଥିରେ ଅଭିନୟ କରିଥିଲେ।

▶▶ପି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ମମତା'ର ଗୀତଗୁଡ଼ିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜିତ ଆରେ ମିତ ଆ ସଙ୍ଗାତ, ଦେଖ୍ ସେ ବଣ ମଲ୍ଲୀ, ହେ ଫଗୁଣ କାନ୍ଦନାରେ ଏବଂ ରେ ଆମ୍ଭନ ନିଦ୍ରା ପରିହରି ଗୀତଗୁଡ଼ିକୁ ଆଜି ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ଏହାର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମକେଶ ତ୍ରିପାଠୀ। ସୁରେଶ ମହାପାତ୍ର, ପ୍ରଶାନ୍ତ ନନ୍ଦ ଏବଂ ସୁଜାତା ଆନନ୍ଦ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ଛୋଟ ପରଦା

# ଭାଗ୍ୟ ରେଖା

ଆମ ରାଜ୍ୟର ଅନ୍ୟତମ ଦର୍ଶକାଦୃତ ଚାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି। ମନଛୁଆଁ ଧାରାବାହିକ, ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ବା ବାସ୍ତବବାଦୀ ଚଳଚ୍ଚିତ୍ର ଭେଟିଦେଇ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ। ଠିକ୍ ସେମିତି ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଭାଗ୍ୟରେଖା'କୁ ଦର୍ଶକଙ୍କ ପାଖରୁ ମିଳିଛି ଅଶେଷ ଭଲପାଇବା। ଖାସ୍ କଥା ହେଲା ଉକ୍ତ ଦର୍ଶକାଦୃତ ଧାରାବାହିକଟି ସଫଳତାର ସହ ୩୦୦ ଅଧ୍ୟାୟ ପୂରଣ କରିଛି। ଏହି ଧାରାବାହିକରେ ଆଗକୁ ଘଟିବାକୁ ଯାଉଛି ଏକ ନୂଆ ଟ୍ୱିଷ୍ଟ। ଶିଖା ଓ ମୋହିନୀର ଚକ୍ରାନ୍ତର ଶିକାର ହୋଇ ରେଖାକୁ ଘରୁ ବାହାର କରିଦିଏ ଭାଗ୍ୟ। ଏପଟେ ସୀତା ସତର ପର୍ଦ୍ଦାଫାଶ କରିବା ପାଇଁ ଶପଥ ନେଇଛନ୍ତି। ମୋହିନୀ, ଭାଗ୍ୟର ଦ୍ୱିତୀୟ ବିବାହ କରାଇବା ପାଇଁ ଯୋଜନା କରିଛନ୍ତି। ରେଖା, ଅନେକ ସଂଘର୍ଷ କରି କେମିତି ସେ ନିଜକୁ ନିର୍ଦ୍ଦୋଶ ବୋଲି ସାବ୍ୟସ୍ତ କରିବାକୁ ଲାଗିପଡ଼ିଛନ୍ତି। ତେବେ କ'ଣ ଭାଗ୍ୟ ରେଖା ସବୁଦିନ ପାଇଁ ଅଲଗା ହୋଇଯିବେ ? କେମିତି ରେଖା ଏହି ସବୁ ପରିସ୍ଥିତିର ଏକୁଟିଆ ସାମନା କରିବ ? କାହାଣୀରେ କ'ଣ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ ? ସବୁ ଜାଣିବାକୁ ହେଲେ ଭାଗ୍ୟରେଖା ଧାରାବାହିକ ସହିତ ନିଜକୁ ଯୋଡ଼ି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚାନେଲ ଅଫିସର୍ ପ୍ରତୀକ ସିଲ।


ସୁମନ-ଜୟଜିତ

# ଚାହିଁ ବସିଛନ୍ତି ବାଣୀ

ବାଣୀ କପୁର ଏବେ ବେଶ୍ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ତେବେ ତାଙ୍କର ଏଭଳି ସ୍ୱେଶାଲ ଉତ୍ସୁକତା ପଛରେ ନିଶ୍ଚୟ କିଛି କାରଣ ଥିବ ? ହଁ, ଅସଲ କଥା ହେଲା ତାଙ୍କର ଏହି ଚାହିଁ ବସିବାର ଶେଷ ମଧ୍ୟ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଆସନ୍ତା ମାସ ଏକ ତାରିଖଟି ହେଉଛି ତାଙ୍କ ପାଇଁ ସେହି ଶୁଭ ଦିନ, ଯାହା ପାଇଁ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ହେଲେ ଏହି ଦିନ ଏମିତି କ'ଣ ହେବ କି ? ଉକ୍ତ ଦିନ ସେ ଅଭିନୟ କରିଥିବା ବହୁ ପ୍ରତୀକ୍ଷିତ ସିନେମା 'ରେଡ୍ ୨' ରିଲିଜ ହେବାକୁ ଯାଉଛି। ଆଉ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ଅଭିନେତ୍ରୀ। ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରାଜ କୁମାର ଗୁପ୍ତା। ଏହାର ମୁଖ୍ୟ ଭୂମିକାରେ ଅଜୟ ଦେବଗନ ଏବଂ ରିତେଶ ଦେଶମୁଖ ଅଭିନୟ କରୁଛନ୍ତି। ଫିଲ୍ମ ବିଷୟରେ ବାଣୀ କହନ୍ତି, ''ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛକି ତାହା ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।'' ତେବେ ଫିଲ୍ମଟି ବାଣୀଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ବାଣୀ

# ଆଜିର ରେବତୀ

ଓଡ଼ିଆ ପରମ୍ପରା ଓ ସମାଜଚେତନାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ-ବଙ୍ଗଳା ସିନେମା 'ଆଜିର ରେବତୀ'। ଉକ୍ତ ଚିତ୍ରଟି ଚଳିତ ମାସ ୧୧ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ପୁରୀର ଗାଳ୍ପିକ ଓ ଗୀତିକାର ଡ. ବଦ୍ରି ମିଶ୍ରଙ୍କର କ୍ଷୁଦ୍ର ଗଳ୍ପ ରେବତୀ ଉପରେ ଏହି ସିନେମା ପର୍ଯ୍ୟବଶିତ। ଏହାର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦେଇଛନ୍ତି 'ପୁଷ୍କରା' ଫେମ୍ ଶୁଭ୍ରାଂଶୁ ଦାସ। ଏହି ଫିଲ୍ମରେ ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ବଙ୍ଗଳା କଳାକାର ବୋନି ସେନଗୁପ୍ତା, ଉଷଶୀ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏହାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ପ୍ରଣୟ ଜେଠୀ।


'ଆଜିର ରେବତୀ' ଫିଲ୍ମର ପୋଷ୍ଟର

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ Bhubaneswar, Thursday, April 10/ 2025

**ସର୍ବଭାରତୀୟ ପୋଲିସ ହକି**

# ଉତ୍ତର ପ୍ରଦେଶଠାରୁ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ୧-୨ ଗୋଲରେ ଉତ୍ତର ପ୍ରଦେଶଠାରୁ ହାରି ଯାଇଛି। ଅନ୍ୟ ମ୍ୟାଚ ଗୁଡ଼ିକରେ ଉତ୍ତରାଖଣ୍ଡ ୯-୦ରେ ଚଣ୍ଡିଗଡ଼, ଆଇଟିବିପି ୮-୩ରେ ରାଜସ୍ଥାନ, ମଣିପୁର ୩-୧ରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ୬-୩ରେ ଛତିଶଗଡ଼, ଜମ୍ମୁ କଶ୍ମୀର ୧୮-୦ରେ ଗୁଜରାଟ ଏବଂ ଏସଏସବି ମହିଳା ପୋଲିସ ୧୭-୦ରେ ଗୁଜରାଟ ଦଳକୁ ପରାସ୍ତ କରିଛି। ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଅର୍ଥ ବିଭାଗ ପ୍ରମୁଖ ସଚିବ ସାଶ୍ୱତ ମିଶ୍ର, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୀୟ କୁମାର, ପୋଲିସ କମିଶନର (ଭୁବନେଶ୍ୱର-କଟକ) ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ଆରମ୍ଭ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ମହିଳା ଭଲିବଲ ଏବଂ ମହିଳା ଓ ପୁରୁଷ ଟେନିସ ପାଇଁ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ଚୟନ ଟ୍ରାଏଲ୍ସ ବୁଧବାର କିଟ୍ ପରିସରରେ ଆରମ୍ଭ ହୋଇଛି। ଜର୍ମାନୀର ରିନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚୟନ ଟ୍ରାଏଲ୍ସରେ ୭୦ ଜଣ ପ୍ରତିଭା ସମ୍ପନ୍ନ ଭଲିବଲ ଏବଂ ୫୬ ଟେନିସ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସାମିଲ। ଭଲିବଲ ଓ ଟେନିସ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆଥଲେଟିକ୍ସ ଓ ବ୍ୟାଡ୍‌ମିଣ୍ଟନ ଚୟନ ଟ୍ରାଏଲ୍ସ ମଧ୍ୟ ଅନୁଷ୍ଠିତ ହେବ। ପୂର୍ବରୁ ଗତ ମାର୍ଚ୍ଚରେ ଏଠାରେ ଆର୍ଚେରୀ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଯାଇଛି। ଭଲିବଲ ଟ୍ରାଏଲ୍ସ ପାଇଁ ଭାରତୀୟ ଦଳର କୋଚ୍ ଜି.ଇ. ଶ୍ରୀଧରନ, ଏଫ୍‌ଆଇଭିବି ଲେଭଲ-୨ କୋଚ୍ ସୁଧାଂଶୁ ଭୂଷଣ ମିଶ୍ର, ଏମ୍‌ଜିୟୁ କୋଟାୟାମର ସ୍କୁଲ ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ସାଇନ୍ସେସର ନିର୍ଦ୍ଦେଶକ ବିନୁ ଜର୍ଜ ଭର୍ଗେସେ, ଓଡ଼ିଶାରେ ସାଇର ଇନ୍‌ଚାର୍ଜ ତ୍ରୈଲୋକ୍ୟନାଥ ସାହୁ ଏବଂ କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଚୟନ କମିଟି ସଦସ୍ୟ ରହିଛନ୍ତି।

# ମେ ୧୮ରୁ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଅଭ୍ୟାସ



ଆଶିଷ ଶବର


ମାଇକ ଫ୍ରାଇଡେ



ପେରି ବାକର

**ରଗ୍‌ବୀ ପ୍ରିମିୟର ଲିଗ୍**

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ(ମୁମ୍ବାଇ ଫୁଟ୍‌ବଲ ଆରେନା)ରେ ଆସନ୍ତା ଜୁନ୍ ୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ୭ଏସ୍ ଲିଗ୍ ପାଇଁ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପ୍ରସ୍ତୁତ ହେଉଛି। ନିକଟରେ ମୁମ୍ବାଇରେ ଅନୁଷ୍ଠିତ ଆରପିଏଲ ନିଲାମରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା ଏହି ଦଳ ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟ ସହ ଉତ୍ତମ ସମ୍ପର୍କ ରଖିଥିବା ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଚ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଆଶିଷ ଶବର ଏହି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ରଗ୍‌ବୀପ୍ରେମୀମାନେ ଜିଓ ସିନେମା ଏବଂ ଡିଜ୍‌ନି+ହଟ୍‌ଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଓଡ଼ିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡ଼ିଶାର କ୍ରୀଡ଼ା ଇକୋସିଷ୍ଟମରେ ନୂଆଫର୍ଦ୍ଦ ଯୋଡ଼ି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସ୍‌ମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ୍ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗ୍‌ବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏକି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସ୍‌ଏ ରଗ୍‌ବୀ ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡ଼ିଶା ପୁରୁଷ ରଗ୍‌ବୀ ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି।

ଓଡ଼ିଶାରେ ରଗ୍‌ବୀ ସମ୍ପ୍ରତି ବିଶେଷକରି ଆଦିବାସୀ ସଂପ୍ରଦାୟର ଖେଳାଳିଙ୍କୁ ନେଇ ବେଶ୍ ସମୃଦ୍ଧ। ଏବେ ଜାତୀୟସ୍ତରରେ ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ। ରଗ୍‌ବୀର ଅନ୍ତର୍ଜାତୀୟ ସ୍ତରରେ ବ୍ୟାପକ ଅନୁଗାମୀ ଅଛନ୍ତି ଏବଂ ଜାତୀୟସ୍ତରରେ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶା ଏବେ ବିଭିନ୍ନ କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଥିବାରୁ ରଗ୍‌ବୀ ଏଥିରୁ ବେଶ୍ ଉପକୃତ ହେବ ବୋଲି କଳିଙ୍ଗ ବ୍ଲାକ ଟାଇଗର୍ସର ସହ ମାଲିକ ତଥା ହଞ୍ଚ୍ ଭେଞ୍ଚର୍ସର ପ୍ରତିଷ୍ଠାତା କରନ ପାଲ ସିଂ କହିଛନ୍ତି। "ଆମେ ବିଶ୍ୱର କୋଣ ଅନୁକୋଣରୁ ଅନ୍ତର୍ଜାତୀୟ ସ୍ତରରେ ଅସାଧାରଣ ଖେଳାଳି ଏବଂ ପ୍ରକୃତ ସାମର୍ଥ୍ୟ ଥିବା ସ୍ଥାନୀୟ ପ୍ରତିଭାମାନଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛୁ। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ଆମେ ସମସ୍ତେ ଖୁବ୍ ଉତ୍ସାହିତ। ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ ପାଇଁ କଠିନ ପରିଶ୍ରମ କରିବୁ ଏବଂ ଆରପିଏଲର ଉଦ୍‌ଘାଟନୀ ସଂସ୍କରଣକୁ ଜିତିବା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବୁ" ବୋଲି ମୁଖ୍ୟ କୋଚ୍ ମାଇକ ଫ୍ରାଇଡେ ପ୍ରକାଶ କରିଛନ୍ତି।


ନିକଟରେ ପଞ୍ଜାବରେ ଅନୁଷ୍ଠିତ ଜାତୀୟ ସିନିୟର ଶକ୍ତିଉତ୍ତୋଳନରେ ମହିଳା ଦଳଗତ ଚାମ୍ପିୟନ ହୋଇ ଓଡ଼ିଶା ଷ୍ଟ୍ରଙ୍ଗ ଓମେନ ଟ୍ରଫି ହାସଲ କରିଥିଲା। ଏହି ଟ୍ରଫି ବୁଧବାର ଭୁବନେଶ୍ୱରରେ ପହଞ୍ଚିବାପରେ ମହିଳା ଶକ୍ତିଉତ୍ତୋଳକମାନେ ଏହାକୁ ସ୍ୱାଗତ କରୁଛନ୍ତି।

# ଅପରାଜିତା ଭାରତର ପ୍ରଥମ ମହିଳା ଫେୟାର ପ୍ଲେ ଏକ୍ସପର୍ଟ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ଓଡ଼ିଶା ଚେସ୍ ପାଇଁ ବୁଧବାର ଆସିଛି ଆଉ ଏକ ବଡ଼ ଖବର। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଚ୍ଛିକାରଙ୍କୁ ସମ୍ମାନଜନକ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଉପାଧିରେ ସମ୍ମାନିତ କରାଯାଇଛି। ୨୦୨୫ରେ ଫିଡେର ପ୍ରଥମ ପରିଷଦ ବୈଠକ ସମୟରେ ଏହି ଘୋଷଣା କରାଯାଇଛି। ଚେସରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଅପରାଜିତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭାରତର ପ୍ରଥମ ମହିଳା ଭାବେ ଏହି ସମ୍ମାନ ପାଇ ଅପରାଜିତ ଇତିହାସ ରଚିବା ସହ ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ଭାରତ, ଆର୍ମେନିଆ, ଇଂଲଣ୍ଡ, ଚେକ୍ ରିପବ୍ଲିକ୍, ଇସ୍ତୋନିଆ, ଗ୍ରୀସ୍, ଇରାନ୍, ଇଟାଲି, ନରୱେ, ଉରୁଗୁଏ ଓ ଜାମ୍ବିଆ୍‌ର ମୋଟ ୧୨ ଜଣଙ୍କୁ ଏଫପିଇ ଉପାଧି ପ୍ରଦାନ କରିଛି। ଯେଉଁଥିରେ ମହାରାଷ୍ଟ୍ରର ଅଥର୍ବ ଗଡବୋଲେ ଏବଂ ଓଡିଶାର ଆପାରାଜିତା ଗୋଚ୍ଛିକାର ସାମିଲ ଅଛନ୍ତି। ଜଣେ ଗର୍ବିତ ଭାରତୀୟ ଭାବେ ଅପରାଜିତା ଚେନ୍ନାଇରେ ଫିଡେ ଚେସ୍ ଅଲିମ୍ପିଆଡ୍ ୨୦୨୨, ଗାନ୍ଧିନଗରରେ ଏଫପିଇ ସେମିନାର, ଇଟାଲିରେ ବିଶ୍ୱ ଯୁବ ଚାମ୍ପିୟନଶିପ୍ ଭଳି ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଇଟାଲିର ୟୁରି ଗ୍ୟାରେଟ୍ ଓ ସ୍କଟଲାଣ୍ଡର ହୋବି ଆଣ୍ଡ୍ରୁଙ୍କ ତତ୍ତ୍ୱାବଧାନରେ ୪ଟି ନର୍ମ ହାସଲ କରିଥିଲେ।


ଅପରାଜିତ ଗୋଚ୍ଛିକାର

# ଆଲ୍‌ଫା, ରାମେଶ୍ୱର ବିଜୟୀ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୨ଟି ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଆଲ୍‌ଫା ସ୍ପୋର୍ଟିଂ ଓ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତା କମଳା ପରିଡ଼ା ଓ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଭାବେ ବିବେଚିତ ହେଉଛି। ୧୮ ବର୍ଷରୁ କମ୍ ବର୍ଗରେ ଆଲ୍‌ଫା ୧୦୯ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଆଲ୍‌ଫା ୩୦ ଓଭରରେ ୯ ଉଇକେଟ ହରାଇ ୨୨୦ ରନ କରିଥିଲା। ବିଜୟୀ ଦଳର ଉଦିତ ଜଟ ୫ ଉଇକେଟ ସଫଳତା ପାଇଥିଲେ। ବ୍ୟବସାୟୀ ତଥା ଯୁବ ନେତା ଅମରେଶ ପରିଡ଼ା ଅତିଥିଭାବେ ଯୋଗଦେଇ ଉଦିତ ଜଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ୨ ଉଇକେଟରେ ସହିଦ ସ୍ପୋର୍ଟିଂକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ପ୍ରଭାବୀ ବୋଲିଂ କରିଥିବା ଆହ୍ୱାନ ମିଶ୍ର ଓ ୩୬ ରନ କରିଥିବା ଆକାଶ ସାହୁ ଯୁଗ୍ମଭାବେ ପୁରସ୍କୃତ ହୋଇଥିଲେ। ବିଏସ୍‌ଏନ୍‌ଏଲ୍‌ର ସହକାରୀ ମ୍ୟାନେଜର ଅମରେନ୍ଦ୍ର ପ୍ରସାଦ ବଳ ଅତିଥିଭାବେ ଯୋଗ ଦେଇଥିଲେ।



ଆହ୍ୱାନ ମିଶ୍ର ଓ ଆକାଶ ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ୧୯ ବର୍ଷରୁ କମ୍ ବାଳିକା ଏଲିଟ୍ କ୍ୟାମ୍ପରେ ବିଜୟଲକ୍ଷ୍ମୀ

**ଭୁବନେଶ୍ୱର, ୯।୪ (ଅନାଦି କର)**

୨୦୨୪-୨୫ ଘରୋଇ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶାର ବିଜୟ ଲକ୍ଷ୍ମୀ ବେହେରାଙ୍କୁ ସମ୍ମାନଜନକ ଏନ୍‌ସିଏ ୧୯ ବର୍ଷରୁ କମ୍ ବାଳିକା ଏଲିଟ୍ କ୍ୟାମ୍ପରେ ଅଂଶଗ୍ରହଣ କରିବା ଲାଗି ଚୟନ କରାଯାଇଛି। ଏହି କ୍ୟାମ୍ପ ଚଳିତ ମାସ ୨୫ ତାରିଖରୁ ମେ' ୨୧ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଚାଲିବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ପଦାଧିକାରୀ ବିଜୟ ଲକ୍ଷ୍ମୀଙ୍କୁ ଏଲିଟ୍ କ୍ୟାମ୍ପରେ ଚୟନ ହେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ଟେବୁଲ ଶୀର୍ଷରେ ଗୁଜରାଟ

**ଅହମ୍ମଦାବାଦ,୯।୪**

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ଟାଇଟନ୍ସ (ଜିଟି) ୫୮ ରନରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। ଗୁଜରାଟ ପକ୍ଷରୁ ଦିଆଯାଇଥିବା ୨୧୮ ରନର ଟାର୍ଗେଟ ଆଗରେ ରାଜସ୍ଥାନ ୧୯.୨ ଓଭରରେ ୧୫୯ ରନରେ ଅଲଆଉଟ ହୋଇଯାଇଥିଲା। ଏହା ଗୁଜରାଟ ଲାଗି ଚତୁର୍ଥ ବିଜୟ ହୋଇଥିବା ବେଳେ ରାଜସ୍ଥାନର ଏହା ତୃତୀୟ ପରାଜୟ। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷକୁ ଉନ୍ନୀତ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ(୨)ଙ୍କ ଉଇକେଟ ହରାଇଥିଲା। ତାଙ୍କ ଉଇକେଟ ପଡ଼ିବା ପରେ ସୁଦର୍ଶନ ଓ ଜୋସ ବଟଲରଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟରେ ୮୦ ରନର ଭାଗୀଦାରି ହୋଇଥିଲା। ୫ ଚୌକା ସହ ୩୬ ରନ କରିଥିବା ବଟଲରଙ୍କୁ ମହିଶ ଥିକ୍ଷଣା ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହାପରେ ସୁଦର୍ଶନ ଓ ଶାହରୁଖ ଖାନ ତୃତୀୟ ଉଇକେଟରେ ଦଳୀୟ ସ୍କୋରରେ ୬୨ ରନ ଯୋଡ଼ିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ଶାହରୁଖ ୨୦ ବଲରେ ୪ ଚୌକା ଓ ୨ ଛକା ସହିତ ୩୬ ରନ କରିଥିଲେ। ସୁଦର୍ଶନ ୫୩ ବଲରେ ୮୨ ରନ କରିଥିଲେ। ତାଙ୍କ ଇନିଂସରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ଶେଷ ଆଡ଼କୁ ରଶିଦ ଖାନ୍ ୧୨ (ଗୋଟିଏ ଲେଖାଏ ଚୌକା ଓ ଛକା) ଓ ରାହୁଲ ତେୱଟିଆ ୨୪ (ଦୁଇଟି ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଫଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୭ ରନ କରିଥିଲା। ରାଜସ୍ଥାନ ପକ୍ଷରୁ ଥିକ୍ଷଣା ଓ ତୁଷାର ଦେଶପାଣ୍ଡେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ପ୍ରଥମ ୩ ଓଭରରେ ଯଶସ୍ୱି ଜୟସ୍ୱାଲ(୬) ଓ ନୀତିଶ ରାଣା (୧)ଙ୍କ ଉଇକେଟ ହରାଇଥିଲା। ରିୟାନ ପରାଗ ଓ ଅଧିନାୟକ ସଞ୍ଜୁ ସାମସନ ତୃତୀୟ ଉଇକେଟରେ ୪୮ ରନ ଯୋଡ଼ିଥିଲେ। ପରାଗ ୧୪ ବଲରେ ୧ ଚୌକା ଓ ୩ ଛକା ସହିତ ୨୬ ରନ କରିଥିଲେ। ଧ୍ରୁବ ଜୁରେଲ (୫) ଫେଲ ମାରିଥିଲେ। ତାଙ୍କ ପରେ ବ୍ୟାଟିଂ ଆସିଥିବା ଶିମରନ ହେଟମାୟାରଙ୍କ ସହ ସାମସନ ପଞ୍ଚମ ଉଇକେଟରେ ୪୮ ରନ ଯୋଡ଼ିଥିଲେ। ଏହିଠାରୁ କ୍ରମାଗତ ଉଇକେଟ ହରାଇବାରୁ ରାଜସ୍ଥାନ ୧୯.୨ ଓଭରରେ ୧୫୯ ରନରେ ଅଲଆଉଟ ହୋଇଯାଇଥିଲା। ହେଟମାୟର ୫୨ (୪ ଚୌକା ଓ ୩ ଛକା) ଓ ସାମସନ ୪୧ (୪ ଚୌକା ଓ ୨ ଛକା) ରନ କରିଥିଲେ। ଗୁଜରାଟ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ରଶିଦ ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୧୭/୬ (ସାଇ ସୁଦର୍ଶନ-୮୨, ଜୋସ ବଟଲର-୩୬, ଶାହରୁଖ ଖାନ-୩୬, ରାହୁଲ ତେୱଟିଆ-୨୪, ମହିଶ ଥିକ୍ଷଣା-୨/୫୩, ତୁଷାର ଦେଶପାଣ୍ଡେ-୨/୫୩)। ରାଜସ୍ଥାନ ରୟାଲ୍ସ: ୧୯.୨ ଓଭରରେ ୧୫୯/ଅଲଆଉଟ (ଶିମରନ ହେଟମାୟର-୫୨, ସଞ୍ଜୁ ସାମସନ-୪୧, ରିୟାନ ପରାଗ-୨୬, ପ୍ରସିଦ୍ଧ କ୍ରିଷ୍ଣା-୩/୨୪, ରଶିଦ ଖାନ-୨/୩୭ )।


ପ୍ଲେୟର ଅଫ୍ ଦି ମ୍ୟାଚ୍ ସାଇ ସୁଦର୍ଶନ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ବେଙ୍ଗାଲୁରୁ ବନାମ ଦିଲ୍ଲୀ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

# ସୁନ୍ଦରଗଡ଼ ଚାମ୍ପିୟନ

**କଳାହାଣ୍ଡି କପ୍**

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟ ଫାଇନାଲରେ କଟକ-ଏ'କୁ ୪ ଉଇକେଟରେ ହରାଇ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। କଟକ 'ଏ' ୪୫.୨ ଓଭରରେ ୧୩୨ ରନକରି ଅଲ୍‌ଆଉଟ ହୋଇଥିଲା। ସୁନ୍ଦରଗଡ଼ର ସାହିଲ ପ୍ରସାଦ ଚମତ୍କାର ବୋଲିଂ କରି ମାତ୍ର ୧୭ ରନରେ ୩ଟି ଉଇକେଟ ନେଇଥିଲେ। ୧୩୩ ରନର ବିଜୟ ଲକ୍ଷ୍ୟକୁ ସୁନ୍ଦରଗଡ଼ ୩୧.୪ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ସାହିଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ସୁନ୍ଦରଗଡ଼କୁ ଟ୍ରଫି ସହ ୨.୦୦.୦୦୦ ଓ କଟକ-ଏ'କୁ ୧,୦୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ଓ ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



କଳାହାଣ୍ଡି କପ୍ ଟ୍ରଫି ସହ ଚାମ୍ପିୟନ ସୁନ୍ଦରଗଡ଼ ଦଳ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ